

**୧୫ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ୍ ମିଡିଆ ବ୍ୟାନ ହେଉ**

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



**ସହସମ୍ପାଦକ ଆବଶ୍ୟକ**

ଦୈନିକ 'ସଂଚାର'' ପାଇଁ
ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର
ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ
୩ ବର୍ଷର ଅଭିଜ୍ଞତା ଥିବା। ଏଥିସହ
ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ
କରିଥିବେ। ଓଡ଼ିଆ ଟାଇପିଂ ସହ
କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା
ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ
ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ
ଠିକଣାରେ ଆବେଦନ କରିପାରିବେ।



ଯୋଗାଯୋଗ
Mail :- sancharodisha@gmail.com
Whatsapp :- +91 8093008776


Vol. 33 | ISSUE 328 ଭାଗ ୩୩ | ସଂଖ୍ୟା ୩୨୮ | Friday 20 February 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୨୦ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ନବୀନଙ୍କୁ ମୋହନଙ୍କ ଟାର୍ଗେଟ୍

# ଧାଡ଼ିଏ କହି ଖସିଯିବା ନେତା ମୁଁ ନୁହଁ



**ବିଜେଡି ଇକୋ ସିଷ୍ଟମକୁ ସୁଧୁରିଯିବାକୁ ଚେତାବନୀ**

**୨୪ ବର୍ଷ ସରକାରଙ୍କ ଇକୋ ସିଷ୍ଟମ ଏବେ ବି ସକ୍ରିୟ**

**ଚାଷୀଙ୍କ ପାଇଁ ସରକାର ଆକ୍ସନ ମୋଡ୍‌ରେ ଅଛନ୍ତି**

**ଅନ୍ନଦାତାଙ୍କୁ ହଇରାଣ କଲେ କାର୍ଯ୍ୟାନୁଷ୍ଠାନ: ମୁଖ୍ୟମନ୍ତ୍ରୀ**

**ଭୋଟ ବ୍ୟାଙ୍କ ସୃଷ୍ଟି ବିଜେଡିର ଏକମାତ୍ର ଉଦ୍ଦେଶ୍ୟ**

**ବିରୋଧୀଦଳ ନେତା ଦାୟିତ୍ୱହୀନତାର ପରିଚୟ ଦେଉଛନ୍ତି**

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଚାଷୀ ପ୍ରସଙ୍ଗରେ ଦୁଇ ଦିନ ଧରି ଗୃହକୁ ଅଚଳ କରୁଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଏହାକୁ ନେଇ ଆଜି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସିଧାସଳଖ ଭାବେ ରାଜନୈତିକ ଆକ୍ରମଣ କରି ସେ କହିଛନ୍ତି, 'ମୁଁ ପଳାୟନପନ୍ଥୀ ନୁହଁ, ଘରେ କି ସଚିବାଳୟ ପାହାଚରେ ଧାଡ଼ିକିଆ ଉତ୍ତର ଦେଇ ଖସିଯିବା ରାଜନେତା ବି ମୁଁ ନୁହେଁ। ମୁଁ ଦେଖିବାରେ ବିଗତ ୨୪ ବର୍ଷରେ ଗଣମାଧ୍ୟମ ପାଇଁ କେବେ ପୂର୍ବ ସରକାର ଖୋଲା ମଞ୍ଚରେ ଉତ୍ତର ଦେଇନାହାନ୍ତି। ମୁଁ ଖୋଲା ସାମ୍ବାଦିକ ସମ୍ମିଳନୀରେ ସବୁ ଉତ୍ତର ରଖିଥିଲି। ଏଠି ସରକାର ଉତ୍ତର ଦେବାକୁ ପ୍ରସ୍ତୁତ, ହେଲେ ବିରୋଧୀ ଛତ୍ରଭଙ୍ଗ ଦେଉଛନ୍ତି। କଂଗ୍ରେସ ବିଧାୟକଙ୍କ ଗୃହ ତ୍ୟାଗ କରିବା କ୍ଷଣି ତାଙ୍କ ପଛେ ପଛେ ବାହାରକୁ ଚାଲିଯିବା ପାଇଁ ବୋଧେ ବିଜେଡି ମୁଖିଆ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କୁ ନେଇ ବିରୋଧ କଲେ, ହେଲେ ପଳାୟନପନ୍ଥୀ ସାଜିଲେ, ଯେଉଁଥିପାଇଁ ପାଇଁ ଲୋକେ ତାଙ୍କୁ ଆଜି ବଙ୍ଗୋପସାଗରରେ ଫିଙ୍ଗିଦେଇଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଧାନକିଣାରେ ବିଭ୍ରାଟ ନେଇ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରୁଥିବା ସମୟରେ ମୁଖ୍ୟମନ୍ତ୍ରୀ ଏହି ବିଭ୍ରାଟ ପାଇଁ ୨୪ ବର୍ଷର ବିଜେଡି ସରକାରଙ୍କ ଇକୋ ସିଷ୍ଟମକୁ ଦାୟୀ କରିଛନ୍ତି। ସେ କହିଛନ୍ତି ଯେ ୨୪ ବର୍ଷ ସରକାରରେ ଇକୋ ସିଷ୍ଟମ ଏବେ ବି ଆକ୍ଟିଭ ଅଛି। ଧାନକିଣାରେ ବିଭ୍ରାଟ କରୁଛନ୍ତି। ସେମାନଙ୍କୁ ସୁଧୁରିଯିବାକୁ ଚେତାବନୀ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଏହା ମୋର ପରାମର୍ଶ, ନ ହେଲେ ଚେତାବନୀ ବୋଲି ଭାବିପାର ବୋଲି ସେ କହିଛନ୍ତି। ସରକାର ଚାଷୀଙ୍କୁ ନ୍ୟାୟ ଦେବାକୁ ଆକ୍ସନ ମୋଡ୍‌କୁ ଯିବାକୁ ପଛେଇବେ ନାହିଁ। ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ➪ପୃଷ୍ଠା-୬

### ବଜେଟ ପୂର୍ବରୁ ଅର୍ଥନୈତିକ ସର୍ଭେ ରିପୋର୍ଟ

# ଜାତୀୟ ହାରଠୁ ଆଗରେ ଓଡ଼ିଶା

**୨୦୨୫-୨୬ରେ ୭.୯% ଅଭିବୃଦ୍ଧି ଆକଳନ**

**ମୁଣ୍ଡପିଛା ଆୟ ୧.୮୬ ଲକ୍ଷ ଟଙ୍କା ଟପିବ**

**ଖାଦ୍ୟଶସ୍ୟ ଉତ୍ପାଦନରେ ରେକର୍ଡ ବୃଦ୍ଧି**

**ଜିଏସଡିପିକୁ ଶିଳ୍ପର ଅବଦାନ ୪୧.୩%**




**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ତାପୂର୍ବରୁ ଆଜି ଗୃହରେ ଉପସ୍ଥାପିତ ହୋଇଛି ଅର୍ଥନୈତିକ ସର୍ଭେ ରିପୋର୍ଟ। ଏଥିରେ ରାଜ୍ୟ ଅର୍ଥନୀତିରେ ନୂଆ ଶିଖର ଛୁଇଁବ ବୋଲି ଆକଳନ କରାଯାଇଛି। ୨୦୨୫-୨୬ରେ ରାଜ୍ୟର ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିବ ବୋଲି ଆକଳନ କରାଯାଉଛି।

୨୦୨୪-୨୫ରେ ରାଜ୍ୟର ଅଭିବୃଦ୍ଧି ହାର ଥିଲା ୭.୨ ପ୍ରତିଶତ। ଆସନ୍ତା ଆର୍ଥିକ ବର୍ଷରେ ଏହା ୭.୯ ପ୍ରତିଶତକୁ ଛୁଇଁବ, ଯାହା ଜାତୀୟ ହାର ୭.୪ ➪ପୃଷ୍ଠା-୬

# ରାତିସାରା ମେଲା, ସକାଳୁ ତାଲା

**ଫୁଙ୍ଗୁଳା ଦେହରେ ଉଡ଼ିଲା ଟଙ୍କା**

**ରାଜଧାନୀର ରଙ୍ଗିନ ରାତିରେ ରେଭ ପାର୍ଟି**

**ସିଲ ହେଲା 'ନୋ ଲିମିଟ ରିଭର' ବାର୍**



**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ରାତି ବଢୁଛି ଆଉ ତାକୁ ତାଳ ଦେଇ ରାଜଧାନୀରେ ତାତି ବି ବଢୁଛି। ଶୀତୁଆ ରାତିକୁ ଉଷ୍ମ କରୁଛି ନିଶା ସାଙ୍ଗକୁ ଯୌନ ଉଦ୍ଦୀପକ ନୃତ୍ୟ। ବାର ଗାର୍ଲଙ୍କ ଉପରେ ଉଡୁଛି ଲକ୍ଷ ଲକ୍ଷ ଟଙ୍କା। କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜମହଲ ଛକରେ ଥିବା 'ନୋ ଲିମିଟ ରିଭର' ନାମକ ବାର୍‌ରେ ଏଭଳି କିଛି ଦୃଶ୍ୟ ସାମ୍ନାକୁ ଆସିବା ପରେ ବାର୍‌କୁ ସିଲ କରିଛି ଅବକାରୀ ବିଭାଗ। ଏଥିସହ ସିସିଟିଭି ଗାଏବ ଥିବାରୁ ରାତିରେ ଏଭଳି ବେନିୟମ କାମ ଘଟିଥିବା ସ୍ପଷ୍ଟ କରିଛି ବିଭାଗ। ମିଳିଥିବା ସୂଚନା ଓ ଭାଇରାଲ ସିସିଟିଭିରେ ଉପଲବ୍ଧ ଦୃଶ୍ୟ ଅନୁସାରେ, ବାର୍‌ରେ ସବୁ ନିୟମର ଧଜ୍ଜିଆ ଉଡ଼ାଇ ବେଧଡ଼କ ଚାଲିଥିଲା ପ୍ରାଇଭେଟ ପାର୍ଟି। ଖୁଲମଖୁଲ୍ଲା ବାର ଗାର୍ଲଙ୍କୁ ଦେହବେପାର ପାଇଁ ବାଧ କରୁଥିଲେ ମଦୁଆଲା ଗରାଖ। ବେଶ୍ ସମ୍ଭ୍ରାନ୍ତ ଶ୍ରେଣୀର ତଥା ପ୍ରତିଷ୍ଠିତ ବ୍ୟବସାୟୀ ଗତକାଲି ରାତିରେ କରୁଥିଲେ କ୍ଲୋଜ ଡୋର୍ ପାର୍ଟି। ନିଶାସକ୍ତ ଅବସ୍ଥାରେ ବାର୍ ଗାର୍ଲଙ୍କ ଚେଞ୍ଜିଂ ରୁମ ଭିତକୁ ମଧ୍ୟ ପଶିଯାଉଥିଲେ କେତେକ ଗ୍ରାହକ। ଆଉ ଏନେଇ ନିଜେ ବାର ଗାର୍ଲମାନେ ଅବକାରୀ ବିଭାଗକୁ ଖବର ଦେବା ପରେ ହୋଇଥିଲା ଚଢ଼ାଉ।

ଅବକାରୀ ଟିମକୁ ଦେଖି ଚତୁରତାର ସହ ବାର୍ ବନ୍ଦ କରିଦେଇଥିଲେ କର୍ମଚାରୀ। କିନ୍ତୁ ଭିତରେ ପ୍ରକୃତରେ ଚାଲିଥିଲା କ'ଣ, ସେନେଇ ଗୁରୁବାର ହୋଇଛି ସିସିଟିଭିର ସର୍‌ଜମିନ ଯାଞ୍ଚ। ଗତ ଭାଲେଣ୍ଟାଇନ ଡେ' ରାତିରେ ମଧ ଦେଖିବାକୁ ମିଳିଥିଲା ସମାନ ଧରଣର ଘଟଣା। ପ୍ରାଇଭେଟ ପାର୍ଟିରେ ଚଢ଼ାଉ କରିବାରୁ ପୁଲିସ ଉପସ୍ଥିତିରେ ଅବକାରୀ ବିଭାଗର ଅଫିସରଙ୍କ ଉପରେ ହୋଇଥିଲା ଅତର୍କିତ ଆକ୍ରମଣ। ପରେ ଡ୍ୟାନ୍ସ ପବ୍ ମ୍ୟାନେଜରଙ୍କୁ ଗିରଫ କରିବା ସହ ପବ୍‌କୁ କରାଯାଇଥିଲା ସିଲ। ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କୁ ମଧ ଅବଗତ କରାଯାଇଥିଲା। ପୂର୍ବରୁ ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେଉଥିବା ବେଳେ ଏବେ ଆକ୍ସନ ମୋଡ୍‌କୁ ଆସିଛି ଅବକାରୀ ବିଭାଗ। ଅଫିସରମାନେ ଦେହରେ ଲଗାଇଛନ୍ତି ବଡି କ୍ୟାମେରା। ➪ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି

# ସମ୍ବଲପୁର ଓ ଅନୁଗୁଳ ପାଇଁ 'ସିଇଆର୍' ଦାବି



**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟର ସନ୍ତୁଳିତ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଆଜି ୬ଟି ଜିଲ୍ଲାକୁ ନେଇ ଦୁଇଟି ପୃଥକ୍ ସିଟି ଇକୋନୋମିକ୍ ରିଜିଅନ୍ (ସିଇଆର୍) ଭାବେ ବିକଶିତ କରିବା ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିବେଦନ କରିଛନ୍ତି। ଶ୍ରୀ ପ୍ରଧାନ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ କ୍ଲଷ୍ଟର ଓ ଅନୁଗୋଳ-ଢେଙ୍କାନାଳ କ୍ଲଷ୍ଟରକୁ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର) ମଡେଲରେ ସିଇଆର୍ ଗଠନ ପାଇଁ ପ୍ରସ୍ତାବ ଦେଇଛନ୍ତି।

ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଅଞ୍ଚଳ ହୀରାକୁଦ ବନ୍ଧ ସହ ମହାନଦୀ ଓ ବ୍ରାହ୍ମଣୀ କୂଳରେ ରହିଛି। ଏଠାରେ ପ୍ରଚୁର ଖଣିଜ ସମ୍ପଦ ସହ ଶିଳ୍ପ ଭିତ୍ତିଭୂମି ଉପଲବ୍ଧ। ବିବିଧ ପର୍ଯ୍ୟଟନ ସମ୍ଭାବନାରେ ପରିପୂର୍ଣ୍ଣ ଏହି କ୍ଲଷ୍ଟରରେ କୃଷି, ସେବା ଓ ଉତ୍ପାଦନ କ୍ଷେତ୍ରକୁ ସଡ଼କ, ରେଳ ଓ ବିମାନ ସଂଯୋଗୀକରଣ ମାଧ୍ୟମରେ ଅଭିବୃଦ୍ଧି କରିବାର କ୍ଷମତା ବି ରହିଛି। ଏଠାରେ ଇସ୍ପାତ, ଆଲୁମିନିୟମ, କୋଇଲା ଓ ଶକ୍ତି ଭଳି ବୃହତ ଶିଳ୍ପ ସହ କୃଷିଭିତ୍ତିକ ଶିଳ୍ପ ଓ ସମ୍ବଲପୁରୀ ହସ୍ତତନ୍ତର ସୁଦୃଢ଼ ଭିତ୍ତିଭୂମି ଉପଲବ୍ଧ ହେଉଛି। ଏହିସବୁ କ୍ଷେତ୍ର ମିଶି ଏଠାରେ ଏକ ସମନ୍ୱିତ ଆର୍ଥିକ ପରିବେଶ ସୃଷ୍ଟି କରୁଛନ୍ତି, ଯାହା ଆଗାମୀ ଦିନରେ ନୂତନ ନିଯୁକ୍ତି ଓ ବ୍ୟାବସାୟିକ ଅଭିବୃଦ୍ଧି ଦିଗରେ ଅନେକ ସୁଯୋଗ ଆଣିଦେବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଏନଆଇଟି ରାଉରକେଲା, ଆଇଆଇଏମ ସମ୍ବଲପୁର, ଭିସୁଟ ବୁର୍ଲା ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଯୋଗୁଁ ଏହା ଆଧୁନିକ ଜ୍ଞାନକୌଶଳ, ନବସୃଜନ ଓ ନୂଆ ନୂଆ ଷ୍ଟାର୍ଟଅପ୍ କ୍ଷେତ୍ରରେ 'ନ୍ୟୁ ଏଜ୍ ଇକୋନୋମୀ'ର ଏକ କେନ୍ଦ୍ରବିନ୍ଦୁ ହୋଇପାରିଛି। ଭୌଗୋଳିକ ଦୃଷ୍ଟିକୋଣରୁ ମଧ ଏହି ଅଞ୍ଚଳର ସ୍ଥିତି ବି ଗୁରୁତ୍ୱପୂର୍ଣ୍ଣ। ଏହା ଛତିଶଗଡ଼ ଓ ଝାଡ଼ଖଣ୍ଡ ସୀମାକୁ ଲାଗି ରହିଥିବା ବେଳେ ୩ଟି ରାଜ୍ୟର ରାଜଧାନୀ ଭୁବନେଶ୍ୱର, ରାୟପୁର, ରାଞ୍ଚି ଓ ବଡ଼ ବନ୍ଦର ସହର ବିଶାଖାପାଟଣାର ୩୦୦ କିମି ପରିଧି ମଧ୍ୟରେ ରହିଛି। ଏହି ➪ପୃଷ୍ଠା-୬

**ଆଜି ଆସିବ ୨୦୨୬-୨୭ ବଜେଟ**

# ୩.୨୦ ଲକ୍ଷ କୋଟି ଛୁଇଁବ ବ୍ୟୟବରାଦ

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଆସନ୍ତାକାଲି ବିଧାନସଭାରେ ଉପସ୍ଥାପିତ ହେବ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍। ଅପରାହ୍ଣ ୪ଟାରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପିତ କରିବେ। ଗତ ବର୍ଷ ରାଜ୍ୟ ସରକାର ମୂଳ ବଜେଟ୍ ଓ ଅତିରିକ୍ତ ବଜେଟକୁ ମିଶାଇ ମୋଟ ୩ ଲକ୍ଷ ୭ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଥିଲେ। ଆସନ୍ତା ଆର୍ଥିକ ବର୍ଷ ପାଇଁ ବଜେଟ ଆକାର ୩ ଲକ୍ଷ ୨୦ ହଜାର କୋଟି ଛୁଇଁବ ବୋଲି ଆକଳନ କରାଯାଉଛି।

ବଜେଟରେ ମୁଖ୍ୟମନ୍ତ୍ରୀ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ହାସଲ କରିବାକୁ ନୂଆ ଘୋଷଣା କରିବେ ବୋଲି ଚର୍ଚ୍ଚା ହେଉଛି। ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଓଡ଼ିଶା ଭାରତର ତୃତୀୟ ବୃହତ୍ତମ ଅର୍ଥନୀତି ହେବ ବୋଲି କହିଛନ୍ତି। ବିକଶିତ ଭାରତ ପାଇଁ ଓଡ଼ିଶା ସାଜିବ ଗ୍ରୋଥ୍ ଇଞ୍ଜିନ। ରାଜ୍ୟପାଳଙ୍କ ଏହି ଅଭିଭାଷଣକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ୨୦୨୬-୨୭ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟରେ ଚେଷ୍ଟା କରାଯିବ ବୋଲି ଆକଳନ କରାଯାଉଛି। ଏହାଦ୍ୱାରା ବିକଶିତ ଓଡ଼ିଶା ସ୍ୱପ୍ନ ଆହୁରି ବଳ ପାଇବ। ଆଗକୁ ପୌର ଓ ପଞ୍ଚାୟତ ନିର୍ବାଚନ ଥିବାରୁ କିଛି ନୂଆ ➪ପୃଷ୍ଠା-୬

### ମନ୍ତ୍ରୀଙ୍କ ଉତ୍ତରରୁ ବାହାରିଲା ସତ

# ବିନା ଫିଟନେସରେ ଗଡୁଛି ସ୍କୁଲ ବସ୍

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ରାଜ୍ୟରେ ସ୍କୁଲ ପିଲାଙ୍କୁ ନେବା ଆଣିବା କରୁଥିବା ୪୦୪୫ଟି ବସ୍ ମଧ୍ୟରୁ ୧୧୭୧ଟି ବସ୍‌ର ଫିଟନେସ୍ ନାହିଁ। ଏଥିରୁ ୧୭ଟି ବସ୍ ଖୋଦ୍ ରାଜଧାନୀରେ ଗଡୁଛି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା।

ଏହା ଉପରେ ମନ୍ତବ୍ୟ ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଗୃହ ବାହାରେ ଗଣମାଧ୍ୟମକୁ କହିଛନ୍ତି ଯେ ଫିଟନେସ ନଥିବା ବସ ବ୍ୟାନ କାହିଁକି ହେଉନି? କେବଳ ଫାଇନ ଆଦାୟ ହେଉ, ଟଙ୍କା ନିଆଯାଉଛି, ଟଙ୍କା ପୈଠ କଲେ କ'ଣ ବସ୍ ଫିଟ ହୋଇଯିବ? ଏହା ପିଲାଙ୍କ ଜୀବନ ସହ ଖେଳ, ଲୋକଙ୍କ ଜୀବନ ସହ ଖେଳ। ସରକାରଙ୍କର ଏହା କି ପ୍ରକାର ମାନସିକତା? ବିନା ଫିଟନେସରେ ବସ୍ ଗଡୁଛି. ହେଲେ ସରକାର ଟଙ୍କା ନେଇ ଫିଟ ଘୋଷଣା କରିଦେଉଛନ୍ତି।



**ପରିବହନ ବିଭାଗ ଗାଡ଼ିରେ ନାହିଁ ପିୟୁସିସି**

କଂଗ୍ରେସ ଦଳର ଉପନେତା ଅଶୋକ ଦାସ କହିଛନ୍ତି ଯେ ଗତ ବିଧାନସଭାରେ ପରିବହନ ମନ୍ତ୍ରୀ କହିଲେ ଯେ ବିନା ଫିଟନେସରେ ଗଡୁଛି ସ୍କୁଲ ବସ। ବର୍ଷ ଅତିକ୍ରମ କଲା ପରେ ପୁଣି କହୁଛନ୍ତି ସମାନ କଥା। ଫିଟନେସ ପାଇଁ ସରକାର ଅନେକ ନିୟମ କରୁଛନ୍ତି। ହେଲେ ବାସ୍ତବରେ ସେସବୁ କାର୍ଯ୍ୟକାରୀ ହେଉନି। ପିଲାମାନଙ୍କୁ ସୁରକ୍ଷା ଦେବା ଦାୟିତ୍ୱ ସରକାରଙ୍କର। କିନ୍ତୁ ସରକାର ଠିକ ଭାବେ କାମ ➪ପୃଷ୍ଠା-୬

## ପଳାଶୁଣୀରେ ହେବ ୬ଥାକିଆ ବ୍ରିଜ

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ଜାତୀୟ ରାଜପଥ-୧୬ରେ ଦୀର୍ଘକାଳୀନ ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ବ୍ୟସ୍ତବହୁଳ ପଳାଶୁଣୀ ବ୍ରିଜକୁ ୪ ଲେନରୁ ୬ ଲେନ୍ ବିଶିଷ୍ଟ କରିବା ପାଇଁ କାର୍ଯ୍ୟ ଚାଲିଛି। ବିକାଶକୁ ନିଶ୍ଚିତ କରି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚଏଆଇ)ର ମୁଖ୍ୟ ମହାପ୍ରବନ୍ଧକ ବୀରେନ୍ଦ୍ର ସିଂହ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ ୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି ଓ ଏହାର ସମୟ ସୀମା ଦେଢ଼ ବର୍ଷ ଧାର୍ଯ୍ୟ କରାଯାଇଛି।

୨୦୦୭ ଡିପିଆର ଅନୁଯାୟୀ ପଳାସୁଣୀ ସେତୁ ଚାରି ଲେନ୍ କରାଯାଇଥିଲା। ଆମେ ଏବେ ଚାରି ଲେନ୍ ସେତୁ ଏବଂ ଆପ୍ରୋଚ୍ ରୋଡକୁ ମିଶାଇ ଛଅ ଲେନ୍ କରିବା ପାଇଁ ୨୫ କୋଟି ଟଙ୍କାର ଏକ ନୂଆ ଚୁକ୍ତିନାମା ପ୍ରଦାନ କରିଛୁ। ଡିସେମ୍ବର ୨୦୨୫ରେ ଏନଏଚଏଆଇ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ସହିତ ପଳାସୁଣୀ ସେତୁ ତଳେ ଥିବା ବସ୍ତିକୁ ହଟାଇ ଗଙ୍ଗୁଆ ନାଳ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ତୃତୀୟ ସେତୁ ନିର୍ମାଣ ପାଇଁ ପଥ ପ୍ରଶସ୍ତ କରିଥିଲା। ଯାହା ପିକ୍ ଆୱାର ସମୟରେ ବାରମ୍ବାର ମାରାତ୍ମକ ଦୁର୍ଘଟଣା ଏବଂ ପ୍ରବଳ ଟ୍ରାଫିକ୍ ଭିଡ଼ର ସମ୍ମୁଖୀନ ହୁଏ।

### କ୍ୟାଫେ ଗଣ୍ଡଗୋଳ

## କର୍ପୋରେଟର ଗିରଫ

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ତମାଣ୍ଡୋ ଥାନା ଭଗବାନପୁରଠାରେ ଗତ ୧୭ ତାରିଖରେ ଏକ କ୍ୟାଫେ ସମ୍ମୁଖରେ ହୋଇଥିବା ହଣାକଟା ଘଟଣାରେ ଗିରଫ ହୋଇଛନ୍ତି ୬୫ ନମ୍ବର ୱାର୍ଡ଼ କର୍ପୋରେଟର ଶମ୍ଭୁ ପାଇଶାଣୀ। ତମାଣ୍ଡୋ ଥାନା ପୁଲିସ ବିଳମ୍ବିତ ରାତିରେ ତାଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କୁ ଉସୁକାଇ ସିଧାସଳଖ ଏହି ଘଟଣା ଭିଆଇଥିବା ନେଇ ପ୍ରମାଣ ପାଇବା ପରେ ପୁଲିସ ଶମ୍ଭୁଙ୍କୁ ଗିରଫ ସହ କୋର୍ଟଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ଥିଲେ। ଅଭିଯୁକ୍ତଙ୍କ ନିକଟରୁ ୨ଟି ଖଣ୍ଡା ଓ ୨ଟି ବାଇକ ମଧ ଜବତ କରାଯାଇଥିଲା। ଘଟଣା ଦିନ ରାତିରେ ୬ରୁ ୭ ଜଣ ଯୁବକ ମାରଣାସ୍ତ୍ର ଧରି ଗାଡ଼ିରୁ ଓହ୍ଲାଇବା ସହ କବିରାଜ ଲେଙ୍କାଙ୍କ ପୁଅ ଓ ତାଙ୍କ ସାଥୀଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଏପରିକି ସେମାନେ ୨ଟି କାର ମଧ ଭଙ୍ଗାରୁଜା କରିଥିଲେ।

# ବିଜେପି ରିମୋଟ୍‌ରେ ବିଜେଡି; ଲାଉ ହୋଇଛି କଂଗ୍ରେସ

**ଜୟନାରାୟଣ ଖୋଲିଦେଲେ ବିରୋଧୀ ଦଳ ପୋଲ୍**

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଧାନ ପ୍ରସଙ୍ଗରେ ଦୁଇ ଦିନ ଧରି ବିଧାନସଭାକୁ ଅଚଳ କରୁଛନ୍ତି ବିଜେଡି ଓ କଂଗ୍ରେସ। ତେବେ ବିଜେଡିର ଆରମ୍ଭ କରିଥିବା ଅଭିଯାନରେ କଂଗ୍ରେସ ସାମିଲ ହେବା ଓ ବିରୋଧୀ ଦଳର ପ୍ରଦର୍ଶନ ଆକ୍ରମଣାତ୍ମକ ନ ହେବା ଏବଂ ସର୍ବୋପରି ଗୃହରେ ଏହି ପ୍ରସଙ୍ଗରେ ଆଲୋଚନା ନ କରିବା କେଉଁଠି ନା କେଉଁଠି ବିଜେପି ରିମୋର୍ଟରେ ମୁଖ୍ୟ ବିରୋଧୀ ଦଳ ପରିଚାଳିତ ହେଉଥିବା ସଙ୍କେତ ଦେଉଛି। ଆଉ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ବିବୃତ୍ତି ମଧ ସେୟା ଇଙ୍ଗିତ କରୁଛି। ସବୁଠୁ ଆଶ୍ଚର୍ଯ୍ୟ କରୁଛି କଂଗ୍ରେସର ଆଭିମୁଖ୍ୟ। ବିଦ୍ୟୁତ ବିଲ୍‌କୁ ମୁଖ୍ୟ ପ୍ରସଙ୍ଗ କରିବ ବୋଲି ଘୋଷଣା କରିଥିବା ଦଳ ହଠାତ ଧାନ ପ୍ରସଙ୍ଗରେ ବିଜେଡି ସହ ମିଶିଯାଇଛି, ଯାହା ମଧ ରାଜନୈତିକ ସମୀକ୍ଷକଙ୍କୁ ଚକିତ କରିଛି।



ବିଜେଡି ବିଧାନସଭାରେ ଆରମ୍ଭ କରିଥିବା 'ଗୃହ ଅଚଳ ଅଭିଯାନ' ଅଭିଯାନ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। କାରଣ ସେହି ଦିନ ଧାନ ପ୍ରସଙ୍ଗରେ ବିଜେଡି ରାଜଧାନୀରେ ବିଶାଳ ବିକ୍ଷୋଭ ସମାବେଶ କରୁଛି। ଏବେ ବିଭିନ୍ନ ଜିଲ୍ଲାରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଜିଲ୍ଲାପାଳ କିମ୍ବା ଆରଡିସିଙ୍କୁ ଦାବିପତ୍ର ଦିଆଯାଉଛି। ତେଣୁ ଏକଥା ନିଶ୍ଚିତ ଯେ ବିଜେଡିର ରାଜନୈତିକ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଗୃହ ସ୍ୱାଭାବିକ ସ୍ଥିତିକୁ ଆସିପାରିବ ନାହିଁ।

ବିଜେପିର ବରିଷ୍ଠ ବିଧାୟକ ଜୟନାରାଣ ମିଶ୍ର ଆଜି ଗୃହ ବାହାରେ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ବିଜେଡିର ଚରିତ୍ରକୁ ପଦାରେ ପକାଇ ଦେଇଛି। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ସରକାରୀ ଦଳର ଏଜେଣ୍ଟ ଭାବେ କାମ କରୁଛି ବିରୋଧୀ ଦଳ। ବିଧାନସଭା ନ ଚାଲିଲେ ସରକାରୀ ଦଳର ଲାଭ। ସରକାରଙ୍କୁ ଉତ୍ତର ଦେବାକୁ ପଡ଼ିବନି। ମୁଁ ବିରୋଧୀ ଦଳ ନେତା ଥିବା ବେଳେ ସବୁବେଳେ ଆଲୋଚନା କରୁଥିଲି। ସରକାରୀ ଦଳକୁ ସମାଲୋଚନା କରୁଥିଲି। ବିରୋଧୀଙ୍କୁ କିଏ ବୁଦ୍ଧି ଦେଉଛି ଜାଣିନାହିଁ, ଯାହା କହିବା କଥା ସେମାନେ ବିଧାନସଭାରେ କହି ସରକାରକୁ ଘେରିପାରନ୍ତେ। କିନ୍ତୁ ସେମାନେ ଗୃହ ଚଳେଇ ➪ପୃଷ୍ଠା-୬

### ଟି-୨୦ ବିଶ୍ୱକପ ବେଟିଂ ସିଣ୍ଡିକେଟର ପର୍ଦ୍ଦାଫାସ

## ୬ ଗିରଫ, ୩୦ ଲକ୍ଷ ଜବତ

**ରାଉରକେଲା,୧୯।୨(ସଂଚାର ବ୍ୟୁରୋ):** ରାଉରକେଲାରେ ଠାବ ହୋଇଛି ଚଳିତ ଟି-୨୦ ବିଶ୍ୱକପ ବେଟିଂ ସିଣ୍ଡିକେଟ୍। 'ସିଲ୍‌ଭର୍ ଏକ୍ସଚେଞ୍ଜ୍' ନାମକ ଅନଲାଇନ୍ ଗେମିଂ ଆପ୍‌ରେ ଲକ୍ଷ ଲକ୍ଷ ଟଙ୍କାର କାରବାର ହେଉଥିଲା। ଏହି ସିଣ୍ଡିକେଟ୍ ଉପରେ ଚଢ଼ାଉ କରି ସ୍ଥାନୀୟ ପୁଲିସ୍ ୩୦ ଲକ୍ଷରୁ ଅଧିକ ନଗଦ ଟଙ୍କା ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। 'ଅପରେସନ ସାଇବର କବଚ' ମାଧ୍ୟମରେ ବେଆଇନ କ୍ରିକେଟ ବେଟିଂ ସିଣ୍ଡିକେଟକୁ ପୁଲିସ୍ ଧରିବାରେ ସକ୍ଷମ ହୋଇଛି। ଆଇସିସି ଟି-୨୦ ବିଶ୍ୱକପ ମ୍ୟାଚ୍‌କୁ ନେଇ ବନ୍ଧମୁଣ୍ଡା ଅଞ୍ଚଳରେ ବେଆଇନ କାରବାର ଚାଲିଥିଲା। ରାଉରକେଲା ବନ୍ଧମୁଣ୍ଡା ସେକ୍ଟର-ବି ଅଞ୍ଚଳରୁ ଏହି ସିଣ୍ଡିକେଟ୍ ପରିଚାଳିତ ହେଉଥିବା ବେଳେ ପୁଲିସ ନଗଦ ୩୦ ଲକ୍ଷ ୬୫ ହଜାର ଟଙ୍କା ଜବତ କରିଛି। ଏହାଛଡ଼ା ସେମାନଙ୍କଠାରୁ ଗୋଟିଏ ଥାର୍ ଗାଡ଼ି, ଦୁଇଟି ଲ୍ୟାପଟପ୍, ୭ଟି ମୋବାଇଲ ଫୋନ ବି ଜବତ କରାଯାଇଛି। ଗିରଫ ହୋଇଥିବା ୬ ଜଣ ଅଭିଯୁକ୍ତ ହେଲେ ରୋହିତ ଭଗତ, ପଙ୍କଜ କୁମାର ଭଗତ, ସୋନୁ ରାଓ, ମୁକେଶ ସାହୁ, ଜିତେନ୍ଦ୍ର ➪ପୃଷ୍ଠା-୬

### କେନ୍ଦ୍ରାପଡ଼ାରେ ସରକାରୀ ବିଶ୍ୱବିଦ୍ୟାଳୟ ଜରୁରୀ

## ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ମହାକାଳପଡ଼ା ବିଧାୟକ



**ମହାକାଳପଡ଼ା,୧୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଏକ ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ ନାୟକ। କେନ୍ଦ୍ରାପଡ଼ା ଜିଲ୍ଲା ଏକ କଳା, ସାହିତ୍ୟ, ସଂସ୍କୃତି, ଗ୍ରାମ ବହୁଳ, ଶିଳ୍ପ ବିହିନ, କୃଷି ପ୍ରଧାନ ଓ ବୌଦ୍ଧିକତାର ଜିଲ୍ଲା। ନଦୀ ନାଳ ଘେରା କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ଶତାୟୁ ବିଦ୍ୟାଳୟ, ମହାବିଦ୍ୟାଳୟ ରହିଛି। କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ବାଦ୍ ଦେଲେ ଏହି ଜିଲ୍ଲାରେ କୌଣସି ଉଚ୍ଚଶିକ୍ଷା ପାଇଁ ବିଶ୍ୱ ବିଦ୍ୟାଳୟ ନାହିଁ। ଷୋହଳ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଜିଲ୍ଲା ଆଜି ମାନବ ସମ୍ବଳ ବିକାଶ କ୍ଷେତ୍ରରେ ବହୁ ପଛରେ ପଡ଼ି ରହିଛି। ଏଠାକାର ଯୁବ ମାନବ ସମ୍ବଳ ଆଧୁନିକ ବୈଷୟିକ ଶିକ୍ଷା କ୍ଷେତ୍ରରେ ଆଜି ଆଗକୁ ବଢ଼ିବାର ସୁଯୋଗ କମ୍ ରହିଛି। କାରଣ ଏହି ଜିଲ୍ଲାରେ କୌଣସି ବିଶ୍ୱ ବିଦ୍ୟାଳୟ ନାହିଁ। ଷୋହଳ ଲକ୍ଷ ଜନସଂଖ୍ୟା ଓ ଏକବିଂଶ ଶତାବ୍ଦୀରେ ଉଚ୍ଚଶିକ୍ଷା ର ଗୁରୁତ୍ୱ କୁ ଉପଲବ୍ଧି କରି କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ଶ୍ରୀ ନାୟକ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସୂଚନା ଥାଉକି କେନ୍ଦ୍ରାପଡା ଜିଲ୍ଲାର ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷା ପାଇଁ ଦୂରଦୂରାନ୍ତକୁ ଯିବାକୁ ବାଧ ହେଉଛନ୍ତି। ଏଠାରେ ଏକ ସ୍ୱତନ୍ତ୍ର ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲେ ଜିଲ୍ଲାର ଶିକ୍ଷା ମାନଙ୍କର ଉନ୍ନତି ସହିତ ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ବହୁ ପରିମାଣରେ ଲାଭ ମିଳିବ। ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ମନ୍ତ୍ରୀ ଦାବିପତ୍ରକୁ ସକାରାତ୍ମକ ଭାବେ ବିଚାର କରିବେ ବୋଲି ଆଶ୍ୱାସନା ଦେଇଥିବା ସୂଚନା ମିଳିଛି।

# କିଣିଲୋର ବହୁ ପୁରାତନ ହରିହାଟ ଉତ୍ସବ

## ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କଲା କଳାକାରଙ୍କ ଛଦ୍ମବେଶ

### ଘଣ୍ଟ, ଲଉଡ଼ି, ସଙ୍କୀର୍ତ୍ତନ ସହ ବିଭିନ୍ନ ବାଦ୍ୟରେ ପ୍ରକମ୍ପିତ ହେଲା ପୂରା ଅଞ୍ଚଳ



**ଗରଦପୁର,୧୯।୨(ସଂଚାର ବ୍ୟୁରୋ):** ସର୍ବପୁରାତନ ପରମ୍ପରା ତଥା ଆଧାତ୍ମିକ ପରିବେଶରେ ପ୍ରତିବର୍ଷ ଆୟୋଜିତ ହେଉଥିବା ହରିହାଟ ଉତ୍ସବ କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ କିଣିଲୋ ଗ୍ରାମରେ ଏକ ସୋତନ୍ତ୍ର ପରିଚୟ ସୃଷ୍ଟି କରିଛି। ଭକ୍ତିମୟ ପରିବେଶରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ କୁ ପ୍ରତିବର୍ଷ ଶ୍ରଦ୍ଧାଳୁ ହଜାର ହଜାର ସଂଖ୍ୟାରେ ଭିଡ଼ ଜମାଇଥିବା ବେଳେ ଚଳିତ ବର୍ଷ ମଧ ଗ୍ରାମବାସୀ ଙ୍କ ଦ୍ୱାରା ଆୟୋଜିତ ହୋଇଥିବା ଏହି ହରିହାଟ ଉତ୍ସବ ଦେଖିବାକୁ ଭିଡ଼ ଜମିଥିଲା। ଏଥିରେ କୁନି କୁନି ପିଲା ମାନଙ୍କଠୁ ଆରମ୍ଭ କରି ବରିଷ୍ଠ କଳାକାର ମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ। ଏହି ଛଦ୍ମବେଶୀ ମାଧମରେ ବସୁଦେବ, ଜମ ରାଜା, କାଳୀ, ଶିବ, ଚକୁଳିଆ ପଣ୍ଡା, ଫୁଲବାଲି, ଶ୍ରୀକୃଷ୍ଣ, ବାଘ ବାଘୁଣୀ, ଭାଲୁ, ଯୋକର, ଷଣ୍ଢ ଭଳି ଭୂମିକାରେ ନିଜକୁ ସଜାଇଥିଲେ। ଏହା ସହ ଏହି କାର୍ଯ୍ୟକ୍ରମ କୁ ଅଧିକ ସୁନ୍ଦର ଓ ଭକ୍ତିମୟ ପରିବେଶ କରିଥିଲା ଘଣ୍ଟ, ଲଉଡ଼ି, ନାମ ସଙ୍କୀର୍ତ୍ତନ ସହ ବିଭିନ୍ନ ବାଦ୍ୟ ଯନ୍ତ୍ର। ଗ୍ରାମରେ ସାତଦିନ ବ୍ୟାପୀ ଆଧାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା। ପ୍ରଥମେ ବାସୁଦେବ ଗୋସେଇଁ ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ତିନିଦିନ ବ୍ୟାପି ପଞ୍ଚମୁଖୀ ହନୁମାନ ଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ ବୃଷବ ଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଶେଷରେ ଅଷ୍ଟପ୍ରହରୀ ନାମ ଯଜ୍ଞ ଓ ହରିହାଟ ଉତ୍ସବ। ହରିହାଟ ଉତ୍ସବ ରେ ଛଦ୍ମବେଶୀ ଭାବେ ଅଭିନୟ କରିଥିବା ପ୍ରତିଯୋଗୀ ଙ୍କୁ ତିନିଜଣ ବିଚାରକ ମଣ୍ଡଳୀ ନିରୀକ୍ଷଣ କରିଥିଲେ। ଭାଗନେଇଥିବା ପ୍ରତିଯୋଗୀ ଙ୍କ ମଧରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କଳାକାର ଙ୍କ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ବିଚାରକ ମଣ୍ଡଳୀଙ୍କ ମଧରେ ପ୍ରବଚକ ତଥା ଶିକ୍ଷାବିତ୍ ସିଦ୍ଧାର୍ଥ ଶେଖର ରାୟ ନାଟ୍ୟକାର ଶ୍ରୀପତି ଲେଙ୍କା ସମାଜ ସେବୀ ରଶ୍ମିରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ସାତଦିନ ବ୍ୟାପୀ ଆୟୋଜିତ ହୋଇଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ଦିବା ରାତ୍ର ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ମଧ ଯୋଗଦେଇଥିଲେ। ସେମାନଙ୍କ ମଧରେ ପାଟକୁରା ବିଧାୟକ ଶ୍ରୀ ଅରବିନ୍ଦ ମହାପାତ୍ର ଗରଦପୁର ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜ, ଯୁବ ସମାଜ ସେବୀ ତଥା ଜିଲ୍ଲା ବିଜେପି ସମ୍ପାଦକ ମିହିର କୁମାର ସାମଲ, ଯୁବନେତା କ୍ଷୀତିସ ଚନ୍ଦ୍ର ଦାସ, ସମିତି ସଭ୍ୟ ଦିଲ୍ଲୀପ ସାହୁ, ବରିଷ୍ଠ ବିଜେଡ଼ି ନେତା ରବୀନ୍ଦ୍ର ସାମଲ, ପଦ୍ମପୁର ପଞ୍ଚାୟତ ସରପଞ୍ଚ ଅନୁଷୟା ବେହେରା, ଶିକ୍ଷାବିତ୍ ନିମାଇଁ ଚନ୍ଦ୍ର ବେହେରା, ସୈଳେନ୍ଦ୍ର ମହାନ୍ତି, ଦିଲ୍ଲୀପ କୁମାର ସେଠୀ, ପ୍ରଫୁଲ୍ଲ କୁମାର ମହାନ୍ତି, ମୋହନ ଶୁକ୍ଳା, ବିଜେପି ନେତା ଇ ପ୍ରକାଶ ଚନ୍ଦ୍ର ଦାସ, ବିଭୂତି ଭୂଷଣ ମହାନ୍ତି, ଅମୂଲ୍ୟ ଦାସ, ଭଜହରି ସେନାପତି, ଜୟପ୍ରକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ରେ ଯୋଗଦେଇଥିବା ବେଳେ କିଣିଲୋ ର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଜଳସେଚନ ବିଭାଗର ନୂତନ ଅଧୀକ୍ଷଣ ଯନ୍ତ୍ରୀଙ୍କ ଯୋଗଦାନ



**କେନ୍ଦ୍ରାପଡା, ୧୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଜଳ ସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ଜିଲ୍ଲାରେ ବିଭିନ୍ନ ବଡବଡ ପ୍ରକଳ୍ପ ଗୁଡିକୁ ସୁରୁଖୁରୁରେ କାର୍ଯ୍ୟ ତୁଲାଇ ଥିବାବେଳେ ତାଙ୍କର ବଦଳି ପରେ ନୂତନ ଅଧିକ୍ଷଣ ଯନ୍ତ୍ରୀ ଭାବେ ରାକେଶ ମଳିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମଳିକ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦକ୍ଷତାର ସହ କାମ କରିଥିବା ଜଣାପଡ଼ିଛି। ଶ୍ରୀ ମଳିକ କାର୍ଯ୍ୟରେ ଯୋଗ ଦେଲା ବେଳେ ଅଫିସର ସମସ୍ତ କର୍ମଚାରୀ ମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ।

## ବେଆଇନ ନାଲି ଇଟା ଭାଟି ଭାଙ୍ଗିଲେ ଉପଜିଲ୍ଲପାଳ

**କେନ୍ଦ୍ରାପଡା,୧୯।୨(ସଂଚାର ବ୍ୟୁରୋ):** ପରିବେଶ ପ୍ରଦୂଷଣ କରୁଥିବା ଓ ଉତାପ ବଢାଉଥିବା ନାଲି ଇଟାଭାଟି କରିବା ବେଆଇନ କାର୍ଯ୍ୟ ହୋଇଥିବା ବେଳେ ବିଭିନ୍ନ ଅଞ୍ଚଳରେ ଇଟା ମାଫିଆ ମାନେ ପ୍ରଚୁର ପରିମାଣ ର ନାଲି ଇଟାଭାଟି କରି ରାଜସ୍ୱ ଫାଙ୍କି ଚାଲିଛନ୍ତି। ଖବରପାଇ ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ ଡେରାବିଶ ବ୍ଲକ ଅଧିନ ଲକ୍ଷ୍ମୀନାରାୟଣପୁର, ଛତା, ଚାଟରାଚକଡା ଓ କେନ୍ଦ୍ରାପଡା ସହର ଉପକଣ୍ଠ କାଳୀ ମନ୍ଦିର ପଛପଟେ ଥିବା କପଳେଶ୍ୱର ପଞ୍ଚାୟତର ସରକାରୀ ଓ ବେସରକାରୀ ଜାଗାରେ ହୋଇଥିବା ଖୋଲା ନାଲି ଇଟାଭାଟି ଉପରେ ଚଢ଼ାଉ କରି ଭାଙ୍ଗିଥିବା ଜଣାପଡ଼ିଛି।

## ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

**କେନ୍ଦ୍ରାପଡା, ୧୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍.ଆୟାର୍‌ଙ୍କ ଅଧକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲାର ସମସ୍ତ ତହସିଲ୍‌ଦାର, ଅତିରିକ୍ତ ତହସିଲ୍‌ଦାର, ଜିଲ୍ଲାରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ରାଜସ୍ୱ ଆଦାୟ, ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଘରଡିହ ପ୍ରଦାନ, ପଟ୍ଟା ସଂଶୋଧନ, ଦାଖିଲ ଖାରଜ ମାମଲା ଫଏସଲା, ସରକାରୀ ଜମି ଜବରଦଖଲ ଉଚ୍ଛେଦ, ଜମି ଚିହ୍ନଟ କରଣ ଓ ମାପ, ଉଚ୍ଛେଦ କରିବା, ବାଲି, ମାଟି ଚୋରା ଚାଲାଣ ବନ୍ଦ କରିବା ସହିତ ଗାଡି ଜବତ କରି ଜୋରିମାନା ଆଦାୟ କରିବା, ବେଆଇନ୍ ଇଟାଭାଟି ଉପରେ ଚଢ଼ାଉ କରିବା ଆଦି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ଆଇ.ଆର୍ ମାର୍ଚ୍ଚ ମାସ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ରାଜସ୍ୱ ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ

**କେନ୍ଦ୍ରାପଡା, ୧୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ରେ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଖଣି ଅଧିକାରୀ ସମ୍ବିତ୍ ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାରେ ଥିବା ନଦୀ ମାନଙ୍କର ବାଲି ସୈରାତ ରୁ ଚୋରା ବାଲି ଉତୋଳନ କରି ଓ ସରକାରୀ ଜାଗାରୁ ମାଟି ଉଠାଇ ମାଫିଆ ମାନେ ବିକ୍ରି କରି ପ୍ରଚୁର ଲାଭ କରୁଥିବା ବେଳେ ରାଜସ୍ୱ ହାନୀ ଘଟି ଚାଲୁଥିବାକୁ ନେଇ ଉଦବେଗ ପ୍ରକାଶ କରା ଯାଇଥିଲା। ଜିଲ୍ଲାର ନିଲାମ କରା ଯାଇଥିବା ୫ଟି ବାଲି ସୈରାତ ବ୍ୟତୀତ ଅନ୍ୟ ୨୪ ଗୋଟି ବାଲି ସୈରାତ ନିଲାମ ହୋଇ ନଥିବାରୁ ଏହାର ସୁଯୋଗ ନେଇ ବାଲି ମାଫିଆ ମାନେ ପ୍ରଚୁର ପରିମାଣ ର ବାଲି ଚୋରା ରେ ଉଠାଉଥିବା ବାରମ୍ବାର ଅଭିଯୋଗ ହେଉଛି। ଏହାକୁ ରୋକିବା ପାଇଁ ଟାସ୍କ ଫୋର୍ସ କମିଟିରେ ନିଷ୍ପତି ନିଆଯିବା ସହ ବାରମ୍ବାର ଚଢ଼ାଉ କରିବା ଓ ଚୋରାରେ ଗଚ୍ଛିତ ଥିବା ବାଲି ଜବତ କରିବାକୁ ନେଇ ଆଲେଚନା କରା ଯାଇଥିଲା। ରାଜସ୍ୱ ହାନୀ ରୋକିବା ପାଇଁ ଓ ଚଢ଼ାଉ କରି ଜରିମାନା ଅଦାୟ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି।

## ଶ୍ରୀରାମ ସେନା ପକ୍ଷରୁ ଶିବାଜୀ ଜୟନ୍ତୀ ପାଳନ

**ରାଜନଗର,୧୯।୨(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ଦାଣ୍ଡିସ୍ଥିତ ହନୁମାନ ମନ୍ଦିର ପରିସରରେ ଶକ୍ତିଶାଳୀ, ଚମତ୍କାର ସାହସ ଏବଂ ବୀରତ୍ୱର ପ୍ରତୀକ, କୁଶଳୀ ପ୍ରଶାସକ ତଥା ଧର୍ମ ପ୍ରତି ସମର୍ପିତ ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ଶ୍ରୀରାମ ସେନା କେନ୍ଦ୍ରାପଡା ତରଫରୁ ପାଳନ କରାଯାଇଛି। ପ୍ରଥମେ ଶ୍ରୀରାମ ସେନା ପକ୍ଷରୁ ଶିବାଜୀଙ୍କ ଫୋଟରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ବିରତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ମନ୍ଦିର ପରିସରରେ ବୃକ୍ଷ୍ୟ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଶ୍ରୀରାମ ସେନା ରାଜନଗର ନିର୍ବାଚନ ମଣ୍ଡଳୀର ସଭାପତି ସାରଦା ପ୍ରସାଦ ରାଉତ ଯୋଗଦେଇ ଆମେ ସମସ୍ତେ ଛତ୍ରପତି ଶିବାଜୀ ମହାରାଜା ଭଳି ହେବା ସହିତ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ।ଏହି କାର୍ଯ୍ୟକ୍ରମ ରେ ଶ୍ରୀରାମ ସେନାର ମୋତି ଲାଲ ସାହୁ, ଆଶିଷ ମଲ୍ଲିକ, ଶୁଭକାନ୍ତ ପାତ୍ର, ଗଣେଷ ସାମଲ, ନଳିନୀ କାନ୍ତ ମହାନ୍ତି, ବାଦଲ ନାୟକ, ଅବକାଶ ମହାନ୍ତି, ଅର୍ଜିତ ପାତ୍ର, ସଞ୍ଜିତ ପାତ୍ର ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଗ୍ୟାସ ଲିକ ହୋଇ ଜଳିଗଲା ଘର



**କେନ୍ଦ୍ରାପଡ଼ା,୧୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ମହିପାଳରେ ଜଣେ ବ୍ୟକ୍ତିଙ୍କ ଘରେ ଗ୍ୟାସ ଟାଙ୍କି ଲିକ ହୋଇ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ସଂଖ୍ୟାଲଘୁ ସଂପ୍ରଦାୟର ଦୁଇ ମହିଳା ଆହତ ହୋଇଛନ୍ତି। ଆହତଦ୍ୱୟ ହେଉଛନ୍ତି ଜମାଲା ଫିର୍ଦ୍ଦୋଶ ଓ ତାଙ୍କୁ ଉଦ୍ଧାର କରିବା ପାଇଁ ଯାଇଥିବା ମହିଳା ଅଫସନା ବିବି। ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜମାଲାଙ୍କ ସ୍ୱାସ୍ଥାବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଖବର ନେବାରୁ ଜଣାପଡ଼ିଛି ଯେ ଜମାଲା ଫିର୍ଦ୍ଦୋଶଙ୍କ ଘରେ ରୋଷେଇ ଚାଲିଥିବା ବେଳେ ହଠାତ ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ ହୋଇ ଘରର ଆସବାବପତ୍ରକୁ ନିଆଁ ଧରିଥିଲା। ଜମାଲା ଘରେ ରହି ଯାଇଥିଲେ। ଅଗ୍ନିକାଣ୍ଡରେ ଗୁରୁତର ହୋଇ ସେ ଚିତ୍କାର କରିଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ପଡୋଶୀ ଅଫସନା ବିବି ଉଦ୍ୟମ କରିଥିଲେ। ଫଳରେ ସେ ମଧ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଏହାସହ ପାଣି ପକାଇ ନଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହି ନିଆଁକୁ ଆୟତ କରିଥିଲା।

● ଲୋକାଲ ପ୍ରିମିୟମ ଲିଗ ଧନେଶ୍ୱରପୁର ଉଦଯାପିତ

## ଗେମ ଚେଞ୍ଜେରକୁ ହରାଇ ରୟାଲ ଇଲେଭନ୍ ଚମ୍ପିୟନ



**ଆଳି,୧୯।୨(ସଂଚାର ବ୍ୟୁରୋ):** ଆଳି ଧନେଶ୍ୱରପୁର ଖେଳ ପଡ଼ିଆରେ ଲୋକାଲ ପ୍ରିମିୟମ ଲିଗ ତୃତୀୟ ସଂସ୍କରଣ ଧନେଶ୍ୱରପୁର ଠାରେ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଗେମ ଚେଞ୍ଜେରକୁ ହରାଇ ରୟାଲ ଇଲେଭେନ ଚମ୍ପିୟନ ହୋଇଛି।ଉଦଯାପନୀ ଦିବସରେ ଗେମ ଚେଞ୍ଜେର ଓ ରୟାଲ ଇଲେଭେନ କ୍ରିକେଟ ଟିମ ମଧରେ ଖେଳ ଅନୁଷ୍ଠିତ ହୋଇଥିଲା। ଗେମ ଚେଞ୍ଜେର ଟିମ ପ୍ରଥମେ ବ୍ୟାଟିଙ୍ଗ କରି ୧୦ ଓଭରରେ ୧୧୦ ରନ କରିଥିବା ବେଳେ ରୟାଲ ଇଲେଭେନ କ୍ରିକେଟ ଟିମ ୧୧୨ ରନ କରି ବିଜୟ ଲାଭ କରିଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ବିଜେପି ବିଧାୟକ ପାର୍ଥୀ କୃଷ୍ଣ ପଣ୍ଡା, ସମ୍ମାନିୟ ଅତିଥି ସୁରେଶ ପାତ୍ର, ଦିଲ୍ଲୀପ ପଳାଇ, ତପନ ପରିଡ଼ା। ଅତିଥି ମାନେ ଚାମ୍ପିୟନ ଟିମ ରୟାଲ ଇଲେଭନ୍ ଟିମକୁ ଚମ୍ପିୟାନ ଟ୍ରଫି ଓ ଗେମ ଚେଞ୍ଜେର ଟିମକୁ ରନର୍ସଅପ ଟ୍ରଫି ପ୍ରଦାନ କରିଥିଲେ।

### କେନ୍ଦ୍ରାପଡାରେ ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ

## ପରୀକ୍ଷା ଦେଲେ ୧୯ହଜାର ୪୭୨ ଛାତ୍ରଛାତ୍ରୀ



**କେନ୍ଦ୍ରାପଡ଼ା, ୧୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ୧୦୭ଟି ପରୀକ୍ଷା କେନ୍ଦ୍ରରେ ଆଜି ଓଡିଆ ବିଷୟରେ ପରୀକ୍ଷା ଦେଇଛନ୍ତି ୧୯ହଜାର ୪୭୨ଜଣ ଛାତ୍ରଛାତ୍ରୀ। ୧୯ହଜାର ୩୦୧ଜଣ ଆଜି ବାର୍ଷିକ ମାଟ୍ରିକ ପରୀକ୍ଷାର ମାତୃଭାଷା ଓଡିଆ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧରୁ ୧୯୦୨୯ଜଣ ପରୀକ୍ଷା ଦେଇଥିବା ବେଳେ ୨୭୨ଜଣ ଅନୁପସ୍ଥିତ ଥିଲେ। ୨୬୩ଜଣ ମଧମା ଛାତ୍ରଛାତ୍ରୀ ଓଡ଼ିଆ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧରୁ ୨୨୭ଜଣ ପରୀକ୍ଷା ଦେଇଥିବା ବେଳେ ୩୬ଜଣ ଅନୁପସ୍ଥିତ ଥିଲେ। ସେହିପରି ଓପନସ୍କୁଲର ୨୪୯ଜଣ ଛାତ୍ରଛାତ୍ରୀ ଓଡିଆ ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧରୁ ୨୧୬ଜଣ ପରୀକ୍ଷା ଦେଇଥିବା ବେଳେ ୩୩ଜଣ ଅନୁପସ୍ଥିତ ଥିଲେ। ଆଜି ଜିଲ୍ଲାର କୌଣସି ପରୀକ୍ଷା କେନ୍ଦ୍ରରେ କପି କରି କେହି ଧରାପଡ଼ିନଥିବା ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକଙ୍କ ଠାରୁ ସୂଚନା ମିଳିଛି। ସେହିପରି ପାଟକୁରା ସରକାରୀ ଉଚ୍ଚବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷାର ପ୍ରଥମ ଭାଷା ବିଷୟର ପରୀକ୍ଷା ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ପରିବେଶରେ ସମ୍ପନ୍ନ ହୋଇଛି। ଏହି କେନ୍ଦ୍ରରେ ମୋଟ ୧୭୭ ଜଣ ପରୀକ୍ଷାର୍ଥୀ ନାମଭର୍ତ୍ତି ହୋଇଥିବା ବେଳେ ୧୭୬ ଜଣ ପରୀକ୍ଷା ଦେଇଥିଲେ ଓ ମାତ୍ର ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ଏହି କେନ୍ଦ୍ରରେ ଆଖୁଆଓଡ଼ଙ୍ଗ ଉଚ୍ଚ ବିଦ୍ୟାଳୟ, ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ନାଗମଣୀ ଉଚ୍ଚ ବିଦ୍ୟାଳୟ (ହରିଦାସହପୁର), କାଳିଆଘାଇ ନଟବର ଉଚ୍ଚ ବିଦ୍ୟାଳୟ ଏବଂ ପାଖଡ଼ ଉଚ୍ଚ ବିଦ୍ୟାଳୟର ପରୀକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ। ପାଟକୁରା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରୀନାବାଳା ମହାନ୍ତି ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ନିଭାଇଥିବା ବେଳେ ଶିକ୍ଷୟିତ୍ରୀ ମାମୁନି ସାହୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ କାର୍ଯ୍ୟରତ ଥିଲେ। ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ବେହେରା ନୋଡାଲ ଅଫିସର ଓ ଶିକ୍ଷକ ସୁଧାଂଶୁ ଶେଖର ସାହୁ ଡେପୁଟି ନୋଡାଲ ଭାବେ ଦାୟିତ୍ୱ ପାଳନ କରିଥିଲେ।

## ଷ୍ଟ୍ରିଟ ଲାଇଟ୍ ମରାମତି ପାଇଁ ଯୁବ କଂଗ୍ରେସର ଦାବି



**କେନ୍ଦ୍ରାପଡ଼ା,୧୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ର କଟକ ଚାନ୍ଦବାଲି ମୁଖ୍ୟ ରାସ୍ତା ର ଗୁଲନଗର ଛକ ରୁ କପାଳେଶ୍ୱର ପଞ୍ଚାୟତ ମୁଖ୍ୟ ଆର୍ଥିକ ବର୍ଷ ୨୦୨୦-୨୧ ରେ ବିଧାୟକ ଓ ସାଂସଦ ଙ୍କ ଉନ୍ନୟନ ମୂଳକ ପାଣ୍ଠିରୁ ଖର୍ଚ୍ଚ ହୋଇ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ବହୁ ଦିନ ହେବ ଅଚଳ ହୋଇ ପଡ଼ିଛି। ପ୍ରଥମେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ପାଇଁ ରାସ୍ତା ଓ ଗୃହନିର୍ମାଣ ବିଭାଜନ ୧ କୁ ଦାୟୀତ୍ୱ ଦିଆଯାଇ ଥିଲା ପରବର୍ତ୍ତୀ ସମୟରେ ଦୁଇଟି ପଞ୍ଚାୟତ ତଥା ଗୁଲନଗର ଓ କପାଳେଶ୍ୱର ପଞ୍ଚାୟତ କୁ ରକ୍ଷଣ ବେକ୍ଷଣ ପାଇଁ ସଂପୂର୍ଣ୍ଣ ଦାୟୀତ୍ୱ ଦିଆଯାଇ ଥିଲା। କିଛି ମାସ ଠିକ ଠାକ୍ ଚାଲିବା ପରେ ଲାଇଟ୍ ଜଳିବା ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥିଲା ପରେ ମରାମତି କରାଯାଇ ସଠିକ ରୂପେ ଲାଇଟ୍ ଗୁଡ଼ିକ ଜଳୁଥିବା ଦେଖା ଯାଇଥିଲା। ହେଲେ ଗତ କିଛି ମାସ ତଳେ ଲାଇଟ୍ ଗୁଡ଼ିକ ଧପ୍ ଧପ୍ ହୋଇ ଜଳି ମାସ ମାସ ହେବ ବନ୍ଦ ହୋଇପଡ଼ିଛି। ସେହିପରି ଗରାପୁର୍ କୋଠୀ ଛକ ଠାରୁ କାଳୀ ମନ୍ଦିର ଛକ ପର୍ଯ୍ୟନ୍ତ ଲାଗିଥିବା ଲାଇଟ ଗୁଡ଼ିକ ମଧ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇ ପଡ଼ିଛି। ଏହି ଲାଇଟ୍ ଗୁଡ଼ିକ ଅନେକ ଦିନରୁ ଅଚଳ ହୋଇପଡ଼ିଥିବା ବେଳେ ଅପରାଧିକ କାର୍ଯ୍ୟ କଳାପ ଯଥା ଚୋରୀ ରାହାଜାନୀ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ଏହି ରାସ୍ତା ଉପରେ ପଥଚାରି, ସାଇକେଲ ଏବଂ ମଟର ସାଇକେଲ ଆରୋହୀ ମାନେ ନିର୍ଭର ଶିଳା ପ୍ରତ୍ୟେଦିନ ହଜାର ହଜାର ସଂଖ୍ୟାରେ ଲୋକ ଯାତାୟତ କରିଥାଆନ୍ତି ଲାଇଟ୍ ଅଚଳ ହୋଇଯିବା ଫଳରେ ଦୁଘଟଣା ମାନ ବଢ଼ି ଚାଲିଛି। ତେଣୁ ଏହି ସମସ୍ୟା ର ସମାଧାନ ସହ ତୁରନ୍ତ ନୂତନ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାକୁ କେନ୍ଦ୍ରାପଡ଼ା ଯୁବ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କୁ ଏକ ଲିଖିତ ଦାବି ପତ୍ର ପ୍ରଦାନ କରିଛନ୍ତି। ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀ ଙ୍କ ନେତୃତ୍ୱ ରେ ଏକ ପ୍ରତନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଭେଟି ସମସ୍ୟା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣା ଜେନା ତୁରନ୍ତ ଏ ଦିଗରେ ବିଡିଓ ଏବଂ ପଞ୍ଚାୟତ ପ୍ରତିନିଧି ମାନଙ୍କ ସହ ଆଲୋଚନା କରି ଲାଇଟ୍ ଲଗାଇବା ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଜମ୍ବୁ-ମାର୍ଶାଘାଇ ରାସ୍ତା ହେବ ଦୋହରୀକରଣ



**ମହାକାଳପଡ଼ା,୧୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ-ଜମ୍ବୁ ରାସ୍ତାର ଉନ୍ନତି ଓ ପ୍ରଶସ୍ତୀକରଣ ପ୍ରକଳ୍ପ ନିମନ୍ତେ ମହାକାଳପଡ଼ା ତହସିଲ ଅନ୍ତର୍ଗତ ଦୁଇଟି ଗ୍ରାମ ତଥା ଚଡେଇଗୁଆଁ ଓ ମହାକାଳପଡା ରାଜସ୍ୱ ଗ୍ରାମର ପ୍ରସ୍ତାବିତ ୦. ୯୮୯୦ ଏକର ଘରୋଇ ଜମି ଅଧିଗ୍ରହଣର ଏକ ଜନ ଶୁଣାଣି ମହାକାଳପଡ଼ା ପଞ୍ଚାୟତ ଅଫିସ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ଦୁଇଟି ଗ୍ରାମରେ ଜମି ହରାଇବାକୁ ଥିବା ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇ ନିଜ ନିଜର ମତ ରଖିଥିଲେ। ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣ ଆଇନ ୨୦୧୩ ଓ ନିର୍ଦ୍ଧାରିତ ନିୟମ ଅନୁସାରେ କ୍ଷତିଗ୍ରସ୍ତ ଘରୋଇ ଜମି ମାଲିକମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ତେଣେ ରାସ୍ତା ପାଇଁ ଆଗାମୀ ଦିନରେ ୧୧ ଗ୍ରାମର ଘରୋଇ ଜମି ଅଧିଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅଦ୍ୟାବଧି ଜମ୍ବୁ-ମାର୍ଶାଘାଇ ନୂତନ ରାସ୍ତା ନିର୍ମାଣ ଦ୍ରୁତଗତିରେ ଚାଲିଛି। ଏହାର ଦକ୍ଷିଣ ପାର୍ଶ୍ୱରେ ଆଉ ଏକ ନୂଆ ଦୋହରୀକରଣ ରାସ୍ତା ତିଆରି ପାଇଁ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ମହାକାଳପଡ଼ା ଉପକୂଳ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ନୂଆ ସମୀକରଣ ସୃଷ୍ଟି ହୋଇପାରିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଅପର ପକ୍ଷରେ ଏହି ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି।

## ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ୬୩ ପରୀକ୍ଷାର୍ଥୀ ଅନୁପସ୍ଥିତ

**ମହାକାଳପଡ଼ା,୧୯।୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ଶିକ୍ଷା ମଣ୍ଡଳ ଅଧୀନରେ ଆରମ୍ଭ ହୋଇଥିବା ଚଳିତ ବର୍ଷର ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ ମହାକାଳପଡ଼ା ବ୍ଲକ ରେ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଜିଲ୍ଲାରେ ମୋଟ ୩୪୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ମହାକାଳପଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ସର୍ବାଧିକ ୬୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି।ସେଥି ମଧ୍ୟରୁ ବିଣାପାଣୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସର୍ବାଧିକ ୨୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ଏତେ ସଂଖ୍ୟାରେ ପରୀକ୍ଷାର୍ଥୀ ଅନୁପସ୍ଥିତ ହେବାର କାରଣ ନେଇ ତଦନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଢୋଲରେ ବିଶ୍ୱଶାନ୍ତି ମହାଯଜ୍ଞ

**କେନ୍ଦ୍ରାପଡ଼ା,୧୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ଢୋଲ ପାୟତର ଢୋଲ ଗ୍ରାମରେ ସପ୍ତଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞଙ୍କୁ ଗରାପୁର ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦଘାଟନ କରିଥିଲେ । ଏହି ଅବସରରେ ଶ୍ରୀମା ଯଜ୍ଞର ଉପକାରିତା ଓ ସମାଜପ୍ରତି ଥିବା ଅବଦାନ ସମ୍ପର୍କରେ ଆଲୋଚନା କରି କହିଲେ ଯଜ୍ଞ କଲେ ବର୍ଷା ହେବ । ଫଳରେ ପୃଥିବୀ ସଶ୍ୟଶାମଳା ହୋଇପାରିବା ସହ ଭଲ ଫଳ ଫଳିବ ଓ ପୃଥିବୀ ଶାନ୍ତ ରହିବା ସହ ମାନବସମାଜ ମଧ ଶାନ୍ତିରେ ବସବାସ କରିବ। ଯଜ୍ଞଦ୍ୱାରା ପଭୁତ ସ୍ୱଧନ ହେବା ସହ ପବିତ୍ର ହୋଇଥାଏ । ଯଜ୍ଞ ସନାତନ ଧର୍ମର ବିଭିନ୍ନ କର୍ମରୁ ଅନ୍ୟତମ ଅଟେ । ଏହା କରାଯିବା ଦ୍ୱାରା ଅନ୍ୟର ଉପକାର ହୋଇଥାଏ । ପୃଥିବୀରେ ଥିବା ମାନବ ସମାଜ ସମେତ ବୃକ୍ଷ, ଲତା ଓ ପ୍ରାଣୀମାନଙ୍କର ମଧ ଉପକାର ହୋଇଥାଏ । ଯଜ୍ଞଦ୍ୱାରା ଇନ୍ଦ୍ରାଦି ଦେବଗଣ ସନ୍ତୁଷ୍ଟ ହେଉଥିବାରୁ ପୃଥିବୀକୁ ଅନ୍ନଦାନ କରିଥାନ୍ତି ।

## ପ୍ରେମିକାକୁ ଦେହ ବ୍ୟବସାୟରେ ଲଗାଇଲା ପ୍ରେମିକ



**କେନ୍ଦ୍ରାପଡ଼ା, ୧୯।୨(ସଂଚାର ବ୍ୟୁରୋ):** ପ୍ରେମିକାକୁ ଦେହ ବ୍ୟବସାୟରେ ଲଗାଇବା ମାମଲାରେ ପୋଲିସ ଆଜି ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନ ଅରୁଆକଦଳୀବଣ ଗ୍ରାମର ଅଭୟ ମଳିକଙ୍କ ପୁଅ ତଥା ଯୁବତୀଙ୍କ ପ୍ରେମିକ ବାପି ରାହୁଲ ମଳିକ(୩୦), ମାର୍ଶାଘାଇ ଥାନା ଅଧିନ କରଞ୍ଜ ଗ୍ରାମର ଭୀମସେନ ମଳିକଙ୍କ ପୁଅ ହିରଣ୍ୟ ମଳିକ(୩୬), ସେହି ଥାନା ଅଧିନ ଆଇତିପୁର ଗ୍ରାମର ଅମର ମଳିକଙ୍କ ପୁଅ ଅମିତ ମଳିକ(୧୯) ଓ କରମକୂଳ ଗ୍ରାମର ପ୍ରଶାନ୍ତ କୁମାର ମଳିକଙ୍କ ପୁଅ ଗଙ୍ଗାଧର ମଳିକ(୧୯)। ପୋଲିସର ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ସଦର ଥାନା ଅଧିନ ଶ୍ୟାମଗୁଡିଆ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଏକ ଲଜରେ ରାହୁଲ ନିଜ ପ୍ରେମିକାକୁ ଦେହ ବ୍ୟବସାୟରେ ଲଗାଇଥିଲା। ଏଥିସହ ସେ ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ପ୍ରଭୃତି ସ୍ଥାନରୁ ଯୁବତୀମାନଙ୍କୁ ମଧ ଆଣି ଦେହ ବ୍ୟବସାୟରେ ଲଗାଇଥିଲା। ଏହି କାର୍ଯ୍ୟରେ ରାହୁଲକୁ ଉପରୋକ୍ତ ଅନ୍ୟ ୩ ଅଭିଯୁକ୍ତ ସହୟତା କରୁଥିଲେ। ଏହାମଧରେ ପ୍ରେମିକା ଗର୍ଭବତୀ ହେବା ସହ ଅସୁସ୍ଥ ହୋଇପଡ଼ିଲା। ଫଳରେ ପ୍ରେମିକ ଜଣଙ୍କ ତାଙ୍କୁ କେନ୍ଦ୍ରାପଡ଼ା ନୂଆ ବସଷ୍ଟାଣ୍ଡରେ ଛାଡି ଫେରାର ହୋଇ ଯାଇଥିଲା। ପୋଲିସ ଯୁବତୀଙ୍କୁ ସେଠାରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏଥିସହିତ ପୋଲିସ ପ୍ରେମିକ ବାପି ରାହୁଲ କୁମାରଙ୍କୁ ଗିରଫ କରିଥିଲା। ତାକୁ ଗିରଫ କରିବା ପରେ ସେ ତାଙ୍କ ସହଯୋଗୀମାନଙ୍କ ନାଁ କହିଥିଲା। ଫଳରେ ପୋଲିସ ସେମାନଙ୍କୁ ମଧ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କୁ ପୋଲିସ ଜେରା କରିବା ପରେ ଦେହ ବ୍ୟବସାୟରେ ସେମାନେ ଲିପ୍ତ ଥିବା କଥା ପୋଲିସ ପାଖରେ ସ୍ୱୀକାର କରିଥିଲେ ବୋଲି ସଦର ଥାନାଧିକାରୀ କାଦମ୍ବିନୀ ପ୍ରଧାନ ସୂଚନା ଦେଇଛନ୍ତି।

ଘୁଞ୍ଚିଲା ଏଟିଏସ୍ କାର୍ଯ୍ୟକ୍ଷମ ସମୟ ସୀମା

# ଗାଡ଼ି ଚାଳକଙ୍କୁ ଆଶ୍ୱସ୍ତି, ପଡ଼ୋଶୀ ରାଜ୍ୟକୁ ଯିବାକୁ ପଡ଼ିବନି



**ଭୁବନେଶ୍ୱର,୧୯।୨ (ସଂଚାର ବ୍ୟୁରୋ) :** ଗାଡ଼ି ଫିଟନେସ୍ ସାର୍ଟିଫିକେଟ୍ ପାଇଁ ସୀମାନ୍ତ ଜିଲ୍ଲାର ଗାଡ଼ି ମାଲିକ ପଡ଼ୋଶୀ ରାଜ୍ୟକୁ ଧାଇଁବେ। କେନ୍ଦ୍ର ସଡ଼କ ପରିବହନ ରାଜପଥ ମନ୍ତ୍ରାଳୟ ଏଭଳି ନିର୍ଦ୍ଦେଶନାମା ପରେ ରାଜ୍ୟର ଗାଡ଼ି ମାଲିକମାନେ ବ୍ୟସ୍ତବିବ୍ରତ ହୋଇପଡ଼ିଥିଲେ। କିନ୍ତୁ ଆଜି ଏହି ସାର୍ଟିଫିକେଟ୍ କେଁରେ ଗାଡ଼ି ଚାଳକମାନଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି। ରାଜ୍ୟରେ ନିର୍ମାଣାଧୀନ ସ୍ୱୟଂଚାଳିତ ଫିଟନେସ୍ କେନ୍ଦ୍ର (ଏଟିଏସ୍)କୁ କାର୍ଯ୍ୟକ୍ଷମ ପାଇଁ ସମୟ ଅବଧିକୁ ବୃଦ୍ଧି କରାଯାଇଛି। ମାନବକୃତ ଫିଟ୍‌ନେସ୍ ପରୀକ୍ଷା ବନ୍ଦ କରାଯିବା ନିଷ୍ପତ୍ତିକୁ ସ୍ଥଗିତ ରଖିବା ପାଇଁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ କେନ୍ଦ୍ର ମନ୍ତ୍ରଣାଳୟ ନିକଟରେ ଆବେଦନ କରାଯାଇଥିଲା। ଏହି ଅନୁରୋଧକୁ ମନ୍ତ୍ରଣାଳୟ ଗ୍ରହଣ କରିବା ସହ ପରିବହନ କର୍ତ୍ତୃପକ୍ଷଙ୍କୁ ଚିଠି କରିଛି। ସେଥିରେ ବିଭିନ୍ନ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଅଫିସ ଅଧୀନରେ ଖୋଲିବାକୁ ଥିବା ଏଟିଏସ୍ ପାଇଁ ଭିନ୍ନ ଭିନ୍ନ ସମୟ ସୀମା ଧାର୍ଯ୍ୟ କରାଯାଇଛି।

ଭୁବନେଶ୍ୱର ଆର୍‌ଟିଓ-୨ ସମେତ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ବୌଦ୍ଧ, କେନ୍ଦୁଝରର ଏଟିଏସ୍ ଖୋଲିବା ପାଇଁ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ରାଉରକେଲା, ନୟାଗଡ଼, ସମ୍ବଲପୁର, ନବରଙ୍ଗପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ସହ କଟକର ଦ୍ୱିତୀୟ ଏଟିଏସ୍ ଆସନ୍ତା ଏପ୍ରିଲ ପହିଲା ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ପଡ଼ିବ। ଗଞ୍ଜାମ ପାଇଁ ଆସନ୍ତା ମେ' ପହିଲା ସମୟ ସୀମା ଥିବା ବେଳେ ବରଗଡ଼, ଅନୁଗୁଳ, କୋରାପୁଟ, ଜଗତସିଂହପୁର ପାଇଁ ଜୁନ୍ ପହିଲା ପର୍ଯ୍ୟନ୍ତ ସମୟ ମିଳିଛି। ତା'ଛଡ଼ା ନୂଆପଡ଼ା, କଳାହାଣ୍ଡି ଓ ଚଣ୍ଡିଖୋଲରେ ଆସନ୍ତା ଜୁଲାଇ ପହିଲା ସୁଦ୍ଧା ଏଟିଏସ୍ ଖୋଲିବାକୁ ପଡ଼ିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ମନ୍ତ୍ରାଳୟର ସୂଚନାନୁସାରେ, ଉପରୋକ୍ତ ସମୟସୀମା ଭିତରେ ନିର୍ଦ୍ଦିଷ୍ଟ ଆରଟିଓରେ ମାନବକୃତ ଫିଟ୍‌ନେସ୍ ପରୀକ୍ଷା କରାଯାଇପାରିବ। ସମୟ ସରିବା ପରେ ସ୍ୱୟଂକ୍ରିୟ ମାଧ୍ୟମରେ ହିଁ ଫିଟ୍‌ନେସ୍ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ତେବେ ଏତେ କମ୍ ଅବଧି ଭିତରେ ଏଟିଏସ୍ ନିର୍ମାଣ କାର୍ଯ୍ୟ ସାରିବା ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ଓଡ଼ିଶାରେ କେବଳ କଟକରେ ଗୋଟିଏ ଏଟିଏସ୍ ରହିଛି। କିନ୍ତୁ ଏଠାରେ ଗାଡ଼ି ଫିଟ୍‌ନେସ୍ ପାଇଁ ଉଦ୍ଦିଷ୍ଟ ୩୯ଟି ମାପଦଣ୍ଡରୁ ମାତ୍ର ୭ଟି ସ୍ୱୟଂକ୍ରିୟ ପଦ୍ଧତିରେ ଯାଞ୍ଚ ହେଉଛି। ବାକି ୩୨ଟି ପୂର୍ବଭଳି ଏମ୍‌ଭିଆଇମାନେ ମାନବକୃତ ଭାବେ ଯାଞ୍ଚ ଚାଲିଛି। ସେଥିପାଇଁ ଏଟିଏସ୍‌ରେ ଫିଟ୍‌ନେସ୍ ଯାଞ୍ଚ ନେଇ କେଁ ଲାଗି ରହିଛି। ଏହାଛଡ଼ା ପିପିପି ମୋଡ୍‌ରେ ଏଟିଏସ୍‌କୁ ଟେକିଦେବାକୁ ବିଭିନ୍ନ ଗାଡ଼ି ମାଲିକ ସଂଘ କର୍ମକର୍ତ୍ତା ଆପତ୍ତି ଉଠାଉଛନ୍ତି। ସୂଚନାଯୋଗ୍ୟ ଯେ ମାସେ ତଳେ କେନ୍ଦ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ଫତୁଆ ଜାରି ହୋଇଥିଲା। ନିଜ ଆରଟିଓରେ ଏଟିଏସ୍ ନ ଥିଲେ, ନିକଟସ୍ଥ ଜିଲ୍ଲା କିମ୍ବା ପଡ଼ୋଶୀ ରାଜ୍ୟର ଏଟିଏସ୍‌ରେ ଫିଟ୍‌ନେସ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଥିଲା। ଏହି କ୍ରମରେ ଓଡ଼ିଶାର ସୀମାବର୍ତ୍ତୀ ଜିଲ୍ଲାର ଗାଡ଼ି ମାଲିକ ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼କୁ ଧାଇଁଥାନ୍ତେ।

ମହାପ୍ରଭୁଙ୍କ ଜମିର ସୁରକ୍ଷା ଆମର ନୈତିକ ଦାୟିତ୍ୱ: ଏସିଏସ୍

# ଅବୈଧ ଦଖଲ ମୁକ୍ତ ହେବ ମହାପ୍ରଭୁଙ୍କ ସମ୍ପତ୍ତି



**ଭୁବନେଶ୍ୱର,୧୯।୨ (ସଂଚାର ବ୍ୟୁରୋ) :** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସବୁ ସମ୍ପତ୍ତି ଅବୈଧ ଦଖଲରୁ ମୁକ୍ତ କରିବାକୁ ଅଣ୍ଟା ଭିଡିଲା ରାଜସ୍ୱ ବିଭାଗ। ଏଥିପାଇଁ ରାଜସ୍ୱ ବିଭାଗରେ ଖୋଲିବ ଶ୍ରୀଜଗନ୍ନାଥ ମହାପ୍ରଭୁ ଜମି ଉପବିଭାଗ। ଆଜି ଏ ସମ୍ପର୍କରେ ସମୀକ୍ଷା କରି ରାଜ୍ୟସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ଓଡ଼ିଆ ଜାତିର ଜମିଦାର। ତାଙ୍କର ସମସ୍ତ ଜମିଜମାର ସୁରକ୍ଷା ଆମର ନୈତିକ ଦାୟିତ୍ୱ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମା ସମ୍ବନ୍ଧୀୟ ସୁରକ୍ଷା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଲୋକସେବା ଭବନରେ ରାଜସ୍ୱ ବିଭାଗ ସମ୍ମିଳନୀ କକ୍ଷରେ ରାଜସ୍ୱ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା ଏବଂ ପୁନରୁଦ୍ଧାର ସମ୍ବନ୍ଧରେ ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସମସ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ଥିବା ସମସ୍ତ ଭୂ-ସମ୍ପତ୍ତିର ଖତିୟାନ ସଂଶୋଧନ ସହ ବିଭିନ୍ନ ଅପେକ୍ଷିତ ମାମଲାର ତୁରନ୍ତ ସମାଧାନ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି।

**ଖୋଲିବ ଶ୍ରୀଜଗନ୍ନାଥ ମହାପ୍ରଭୁ ଜମି ଉପବିଭାଗ**

ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ତହସିଲ ତଥା ଜାତୀୟ ଏବଂ ରାଜ୍ୟ ରାଜପଥ ନିକଟରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧୀନରେ ଥିବା ଜମିଜମାକୁ ଅବୈଧ ଦଖଲରୁ ମୁକ୍ତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ପ୍ରତ୍ୟେକ ମାସର ପ୍ରଥମ ବୁଧବାର ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିଜମାର ସୁରକ୍ଷା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ମହାପ୍ରଭୁଙ୍କ ଜମିଜମା ସୁରକ୍ଷା ତଥା ପରିଚାଳନାକୁ ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ବିଭାଗରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଜମି ଉପବିଭାଗ ବା ଲ୍ୟାଣ୍ଡ୍ ସେଲ୍ ଗଠନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଗକୁ ମଧ୍ୟ ବିଭିନ୍ନ ସମୟରେ ରାଜସ୍ୱ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ବୈଠକ ସହିତ ଅନ୍ୟ ଜିଲ୍ଲାରେ ସମୀକ୍ଷା ବୈଠକ କରାଯିବ ବୋଲି ଡ. ପାଢ଼ୀ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ୍ ଋତୁରାଜ, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଦେବବ୍ରତ ସାହୁ, ରାଜସ୍ୱ ବିଭାଗର ଭୂସଂସ୍କାର ଶାଖାର ବରିଷ୍ଠ ଅଧିକାରୀବୃନ୍ଦ, ଖୋର୍ଦ୍ଧା ଜିଲ୍ଲାର ଉପଜିଲ୍ଲାପାଳ ଏବଂ ତହସିଲଦାରମାନେ ଉପସ୍ଥିତ ଥିଲେ।

## ଜିରୋ କମିଶନ ସତ୍ତ୍ୱେ ବଢୁଛି 'ଓଡ଼ିଶା ଯାତ୍ରୀ'

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପ୍ରମୁଖ ଜନକୈନ୍ଦ୍ରିକ ପରିବହନ ସେବା 'ଓଡ଼ିଶା ଯାତ୍ରୀ' ରାଜ୍ୟରେ ନିଜର ସେବା ସମ୍ପ୍ରସାରଣ ସହ ନାଗରିକ ସୁରକ୍ଷା, ଡିଜିଟାଲ୍ ନବସୃଜନ ଓ ଚାଳକଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏହି ପ୍ଲାଟଫର୍ମକୁ ଏକ ସୁଦୃଢ଼ ସୁରକ୍ଷା ବ୍ୟବସ୍ଥାରେ ପରିଣତ କରାଯାଇଛି, ଯେଉଁଥିରେ ଅତ୍ୟାଧୁନିକ ଜରୁରୀକାଳୀନ ପ୍ରତିକ୍ରିୟା ସୁବିଧା ଅନ୍ତର୍ଭୁକ୍ତ କରାଯାଇଛି। ଏହି ନୂତନ ବ୍ୟବସ୍ଥା ଅଧୀନରେ ବର୍ତ୍ତମାନ ପୁଲିସ ସହ ସିଧାସଳଖ ଏସ୍‌ଓଏସ୍ ସଂଯୋଗ, ଆପ୍ଲିକେସନ୍ ନ ଖୋଲି ଜରୁରୀକାଳୀନ ସଙ୍କେତ ପ୍ରଦାନ, ଲାଇଭ୍ ଲୋକେସନ ଶେୟାରିଂ ଓ ନିର୍ଦ୍ଧାରିତ ସମ୍ପର୍କୀୟଙ୍କ ନିକଟକୁ ତୁରନ୍ତ ସୂଚନା ପହଞ୍ଚାଇବା ଭଳି ସୁବିଧା ଉପଲବ୍ଧ ହେବ। ଏହି ବୈପ୍ଳବିକ ହସ୍ତକ୍ଷେପ ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ପାଇଁ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି। ପରିବହନ କ୍ଷେତ୍ରରେ ଆର୍ଥିକ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହୋଇଥିବା 'ଜିରୋ କମିଶନ' ମଡେଲ ମାଧ୍ୟମରେ 'ଓଡ଼ିଶା ଯାତ୍ରୀ' ଏକ ବଡ଼ ସଫଳତା ହାସଲ କରିଛି। ସମ୍ପ୍ରତି ଭୁବନେଶ୍ୱର ଓ କଟକ ପରେ ସମ୍ବଲପୁର ଓ ରାଉରକେଲା ଭଳି ସହରକୁ ସେବା ସମ୍ପ୍ରସାରଣ କରିବା ଦିଗରେ ପ୍ରସ୍ତୁତି ଚାଲିଛି। ସୁରକ୍ଷା, ସଶକ୍ତିକରଣ ଓ ଡିଜିଟାଲ ବିପ୍ଳବକୁ ଏକାଠି କରି 'ଓଡ଼ିଶା ଯାତ୍ରୀ' ସମଗ୍ର ରାଜ୍ୟରେ ଏକ ସମନ୍ୱିତ ଓ ବିଶ୍ୱାସଯୋଗ୍ୟ ପରିବହନ ବ୍ୟବସ୍ଥା ଗଠନ କରିବା ଦିଗରେ ଉଦ୍ୟମ ଚଳାଇଛି।




# ଶିଳ୍ପ ସଂସ୍ଥା ଲୁଟୁଛନ୍ତି, ଆଉ ସରକାର ନୀରବ



**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ଆଜି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଢେଙ୍କାନାଳ ଜିଲ୍ଲାର କାଶୀପୁର ଅନ୍ତର୍ଗତ ଲହଡା ଗ୍ରାମଠାରେ ଜନଜାତି ଜାଗରଣ ସମାବେଶରେ ଯୋଗ ଦେଇଥିଲେ। ଏହି ଅଞ୍ଚଳରେ ବିକାଶ ପହଞ୍ଚିନପାରିବା ନେଇ ସେ ବର୍ତ୍ତମାନର ଓ ପୂର୍ବତନ ସରକାରଙ୍କୁ ଦାୟୀ କରିଛନ୍ତି। ସେ କହିଥିଲେ ଯେ ୮୦ ଦଶକରେ କଳାହାଣ୍ଡି ଅଞ୍ଚଳରେ ଲୋକେ ଯେଉଁଭଳି ଦୁର୍ଦ୍ଦଶାଗ୍ରସ୍ତ ଅବସ୍ଥାରେ ରହୁଥିଲେ ଏହି ଆଧୁନିକ ଯୁଗରେ ମଧ୍ୟ ଢେଙ୍କାନାଳର ଲହଡ଼ା ଅଞ୍ଚଳରେ ଆଦିବାସୀ, ଦଳିତ ସେଭଳି ଜୀବନଯାପନ କରୁଛନ୍ତି। ଯାହା ଅତି କ୍ଷୋଭର ବିଷୟ। ଆଦିବାସୀ ଘର ଖଣ୍ଡିଏ ପାଇଁ ଅଫିସ ଅଫିସ ଦୌଡ଼ି ନୟାନ୍ତ। ତାଙ୍କୁ ସରକାର ଜମି ପଟ୍ଟା ଦେଉନାହାଁନ୍ତି। ଫଳରେ ସରକାରଙ୍କ କୌଣସି ଯୋଜନାରେ ଘର ଖଣ୍ଡିଏ ତିଆରି କରିପାରୁନାହାନ୍ତି।

ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଶୁଦ୍ଧ ପିଇବା ପାଣି ମୁନ୍ଦିଏ ପିଇବାକୁ ମିଳୁନି। ହଜାର ହଜାର କୋଟି ଟଙ୍କା ଜଳ ଯୋଗାଣ ପାଇଁ ସରକାର ଖର୍ଚ୍ଚ କରୁଛନ୍ତି, କିନ୍ତୁ ପାଇପ ସଂଯୋଗ ହୋଇପାରୁନାହିଁ। ଦୂଷିତ ପାଣି ଯୋଗୁଁ ଯାଜପୁର ଜିଲ୍ଲାର ପାଲଟପୁର ପଞ୍ଚାୟତର ୧୨୦ ଜଣ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମରଣ ସହ ସଂଗ୍ରାମ କରୁଛନ୍ତି। ଅଫିସର, ଅମଲା, ନେତା, ମନ୍ତ୍ରୀ ସରଳ ଲୋକଙ୍କୁ ବିପଥଗାମୀ କରୁଛନ୍ତି। ସେଥିପାଇଁ ସେ ସାରା ଓଡ଼ିଶା ପାଦରେ ପରିଭ୍ରମଣ କରିବାକୁ ଚାହୁଁଥିବା ଶ୍ରୀ ଦାସ କହିଛନ୍ତି।

ରାଜ୍ୟରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଖଣିଜ ଦ୍ରବ୍ୟ ଲୁଟ ଚାଲିଛି। ଖଣି କମ୍ପାନୀମାନଙ୍କ ଉପରେ ଦେଢ଼ଲକ୍ଷ କୋଟି ଟଙ୍କା ବକେୟା ପଡ଼ିଛି। ସରକାର ସେ ଅର୍ଥ ଆଦାୟ କରୁନାହାଁନ୍ତି। ଏତେ ଟଙ୍କାରେ ସ୍କୁଲ, ଘର, ପାଣି, ବିଜୁଳି ସମସ୍ତ ଆବଶ୍ୟକ ପୂରଣ ହୋଇପାରିବ ବୋଲି ସେ କହିଛନ୍ତି। ଶିଳ୍ପପତି ରାଜ୍ୟକୁ ଲୁଟ କରୁଥିବା ବେଳେ ସାଧାରଣ ଜନତା ଗରିବରୁ ଗରିବ ହେବାରେ ଲାଗିଛନ୍ତି। ସରକାରଙ୍କୁ ଚେତାବନୀ ଦେବାକୁ ଯାଇ ସେ କହିଛନ୍ତି ଯେ, ଏହି ଅଞ୍ଚଳର ଜନଜାତିଙ୍କୁ ତାଙ୍କ ଅଧିକାର ଅନୁଯାୟୀ ସମସ୍ତ ପ୍ରକାର ସହଯୋଗ ଏବଂ ବ୍ୟବସ୍ଥା କରାନଗଲେ ଆଗାମୀ ଦିନରେ କ୍ରାନ୍ତି ହେବ ଏବଂ ସେଥିପାଇଁ ସରକାର ଦାୟୀ ରହିବେ।



# ବିଧାନସଭା ଖବର

## ରାଜ୍ୟରେ ମାଲ ମାଲ ସୁନା ଖଣି

**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** ସୁନା ଦର ହୁ ହୁ ହୋଇ ବଢୁଥିବା ବେଳେ ଓଡ଼ିଶାବାସୀଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତିର ଖବର ଆସିଛି। ମୟୁରଭଞ୍ଜ ମଦନସାହି କାଞ୍ଜିଆ ସୁନା ଖଣିରେ ରହିଛି ୧ ହଜାର ୪୬୨ କେଜି ୭୩୦ ଗ୍ରାମ ସୁନା। ଜିଏସଆଇ ଦ୍ୱାରା ଜି-୨ ସର୍ଭେ ପରେ ଏହା ଜଣାପଡ଼ିଛି। ଗୁରୁବାର ବିଧାନସଭାରେ ବିଧାୟକ ବିଜୟ ଦଳବେହେରାଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ପରିବହନ ମନ୍ତ୍ରୀ ବିଭୁତି ଜେନା। ଏହାବାଦ ରାଜ୍ୟରେ ଦେବଗଡ଼ ଜିଲ୍ଲାର ଆଡାସ-ରାମପାଲି ଅଞ୍ଚଳ, କେଉଁଝର ଜିଲ୍ଲାର ଗୋପୁର- ଜଳଡ଼ିହି ଅଞ୍ଚଳ ଅଞ୍ଚଳରେ ସୁନାପଥର ଥିବା ସନ୍ଧାନ ମିଳିଛି। ଏଠାରେ ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି। ଏହା ବାଦ ଓଡ଼ିଶା ଖଣି ନିଗମ ଦ୍ୱାରା ବିଭିନ୍ନ ପର୍ଯ୍ୟାୟରେ ପ୍ରାରମ୍ଭିକ ଅନୁସନ୍ଧାନ ପରେ କେନ୍ଦୁଝର ଜିଲ୍ଲାର ଗାଜିପୁର, ସଲେଇକଣା, ଡିମିରିମୁଣ୍ଡା। ମୟୂରଭଞ୍ଜ ଜିଲ୍ଲାର ଯଶିପୁର, ସୁରିଆଗୁଡ଼ା, ରୁଆଁସି, ଇଡେଲକୁଚା, ମରେଡ଼ିହି ଓ ସୁଲେଇପାଟ (ଧୂସୁରା ପାହାଡ଼) ଓ ବାଦାମ ପାହାଡ଼ ଅଞ୍ଚଳରେ ବି ସୁନାଖଣି ଥିବା ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲାର ଦିଗଝରଣ, ମାଲଡ଼ିହି, ଘୋଗର ଓ ଗିରିଙ୍ଗିକେଲା; କୋରାପୁଟ ଜିଲ୍ଲାର ରୋଙ୍ଗପନ୍ତ, ଗାରିଆ ଓ ଦଶମନ୍ତପୁର; ମାଲକାନଗିରି ଜିଲ୍ଲାର ସୁନାପଦର, କ୍ୟାଙ୍ଗ ଓ ଗୋବିନ୍ଦପଲ୍ଲୀ; ଅନୁଗୁଳ ଜିଲ୍ଲାର ମାଙ୍କଡ଼ଚୁଆଁ, ଟିକିର, ସୋମାକୋଇ; ବୌଦ୍ଧ ଜିଲ୍ଲାର କୁଦଗାଁ, ଜମ୍ବପଙ୍କ ଓ ରାମଗଡ ଅଞ୍ଚଳ; ସମ୍ବଲପୁର ଜିଲ୍ଲାର କେନ୍ଦୁଖୁଣ୍ଟି ଓ କୁନ୍ତରବାହଲ। ଦେବଗଡ଼ ଜିଲ୍ଲାର ସୁନାକେନି, ନିକିତାମାଲ ଓ ଗାଇଲୋ ଅଞ୍ଚଳରେ ସୁନାପଥର ବିକ୍ଷିପ୍ତ ଭାବେ ଥିବା ଅନୁମାନ କରାଯାଉଛି।

## ରାଜଧାନୀରେ ୧୫ ଲକ୍ଷରୁ ଅଧିକ ଯାନବାହାନ ପଞ୍ଜିକୃତ

ରାଜଧାନୀ ଭୁବନେଶ୍ୱରରେ ଦୁଇଟି ଆଞ୍ଚଳିକ କାର୍ଯ୍ୟାଳୟ ଥିବାବେଳେ ଏଠାରେ ମୋଟ୍ ୧୫,୨୦,୩୪୬ ଗୋଟି ବିଭିନ୍ନ କିସମର ଯାନବାହାନ ପଞ୍ଜିକୃତ ହୋଇଛି। ଏହାଛଡା ଅନ୍ୟ ରାଜ୍ୟ ଓ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଯାନବାହନ ମଧ୍ୟ ଏଠାରେ ଚଳାଚଳ କରୁଛି। ରାଜଧାନୀର ଚଳାଚଳ କରୁଥିବା ଯାନବାହନ ଓ ଏଗୁଡ଼ିକୁ ରଖିବାପାଇଁ ସ୍ଥାନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜଧାନୀରେ ପଞ୍ଜିକୃତ ୧୫ଲକ୍ଷରୁ ଅଧିକ ଯାନବାହାନ ସହିତ ଅନ୍ୟ ରାଜ୍ୟ ଓ ଜିଲ୍ଲାରେ ପଞ୍ଜିକୃତ ଯାନ ବାହାନ ଏଠାରେ ଚଳାଚଳ କରୁଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ପାର୍କିଂ ସ୍ଥଳ ନିର୍ମାଣ କରୁଛନ୍ତି।

## ପାର୍ଟ ଫାଇଲ୍ ଜମି ପଞ୍ଜିକରଣରେ ଗଞ୍ଜାମ ଆଗୁଆ

ରାଜ୍ୟ ସରକାର ଜମିକୁ ଭାଗ (ପାର୍ଟ ଫାଇଲ୍) କରି ବିକ୍ରି ଲାଗି ଅନୁମତି ଦେବାପରେ ସମଗ୍ର ରାଜ୍ୟରେ ଲୋକେ ଆବଶ୍ୟକତା ମୁତାବକ ନିଜ ନିଜ ଜମିକୁ ଭାଗ କରି ବିକ୍ରି କରୁଛନ୍ତି। ଗଞ୍ଜାମ ଜିଲ୍ଲାରେ ଏଭଳି ଭାଗ ଜମି ସର୍ବାଧିକ ୧୧ ହଜାରରୁ ଅଧିକ ପଞ୍ଜିକୃତ ହୋଇ ସାରିଲାଣି। ଜମି ଭାଗ କରି ବିକ୍ରି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଲୋକେ ନିଜର ଜମିକୁ ଭାଗ କରି ବିକ୍ରି କରିବାପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତିକୁ ଗତ ବର୍ଷ ଜୁନ୍ ମାସରେ ସରଳୀକରଣ କରାଯାଇଥିଲା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଏ ନେଇ ଗତବର୍ଷ ଅକ୍ଟୋବରରେ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ପାଳନ କରିବା ପାଇଁ ସମସ୍ତ ପଞ୍ଜିକରଣ ଅଧିକାରୀଙ୍କ ସ୍ପଷ୍ଟୀକରଣ ମଧ୍ୟ ପ୍ରଦାନ କରାଯାଇଛି। ଅଦ୍ୟାବଧି ଏହି ନିୟମ ବଳରେ ସମଗ୍ର ରାଜ୍ୟରେ ପାର୍ଟ ଫାଇଲ୍ ପଞ୍ଜିକରଣ ଚାଲିଥିବାବେଳେ ଗଞ୍ଜାମରେ ସର୍ବାଧିକ ୧୧ହଜାର ପଞ୍ଜିକରଣ ହୋଇଛି। କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ୫ ହଜାରରୁ ଅଧିକ କରି ଏଭଳି ପଞ୍ଜିକରଣ ହୋଇଥିବା ବେଳେ ଯାଜପୁର ଓ ପୁରୀ ଜିଲ୍ଲାରେ ୩ ହଜାରରୁ ଊର୍ଦ୍ଧ୍ୱ ଲେଖାଏଁ ପଞ୍ଜିକରଣ ହୋଇଛି। ବାଲେଶ୍ୱରରେ ଏଭଳି ପଞ୍ଜିକରଣ ସଂଖ୍ୟା ୨୮୫୭ ରହିଥିବା ବେଳେ ଭଦ୍ରକରେ ୨୫୭୭, କେନ୍ଦ୍ରାପଡ଼ାରେ ୨୩୪୮ ଓ ମୟୂରଭଞ୍ଜରେ ଏହା ୧୩୬୫ ରହିଛି। ସବୁଠାରୁ କମ୍ ଅର୍ଥାତ୍ ମାତ୍ର ୨ଟି ପଞ୍ଜିକରଣ ଦେବଗଡ଼ ଜିଲ୍ଲାରେ ହୋଇଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡ଼ିଛି।

## ୯ ବ୍ଲକରେ ନିୟମିତ ହ୍ରାସ ପାଉଛି ଭୂତଳ ଜଳ ସ୍ତର

ରାଜ୍ୟର ନଅଟି ବ୍ଲକରେ ନିୟମିତ ଭାବେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏହିସବୁ ବ୍ଲକ ମଧ୍ୟରେ ଭୁବନେଶ୍ୱର ଓ ଖୋରଧା ରହିଥିବା ଜଣାଯାଇଛି। ରାଜ୍ୟରେ ଭୂତଳ ଜଳସ୍ତର ହ୍ରାସ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ନିୟମିତ ଭାବେ ଭୂତଳ ଜଳ ସ୍ତର ହ୍ରାସ ପାଉଥିବା ୯ଟି ବ୍ଲକ ହେଉଛି ତାଳଚେର, ବାଲିଆପାଳ, କୋରେଇ, ଝାରସୁଗୁଡା, ଭୁବନେଶ୍ୱର, ବୋଲଗଡ, ଖୋରଧା, ନୟାଗଡ ଓ ନୂଆପଡା। ଏହିସବୁ ଜିଲ୍ଲାଗୁଡିକରେ ଭୂତଳ ଜଳସ୍ତର ହ୍ରାସ ମଧ୍ୟମ ଧରଣର ବିପଦରେ ଥିବା କୁହାଯାଇଛି। ଉତ୍ତରରେ ଆହୁରି ଦର୍ଶାଯାଇଛି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ସକାଶେ ୨୦୨୨-୨୩ରୁ ୨୦୨୬-୨୭ ପର୍ଯ୍ୟନ୍ତ ଛତା ଓ ଅରୁଆ ନାମରେ ଦୁଇ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାଛଡ଼ା ରାଜ୍ୟ ସରକାର ଭୂତଳ ଜଳ ସ୍ତରକୁ ବୃଦ୍ଧି କରିବା ଓ ଏହାକୁ ରିଚାର୍ଜ କରିବା ପାଇଁ ବିଭିନ୍ନ ବନ୍ଧ, ବ୍ୟାରେଜ ଓ ନଦୀ ମଧ୍ୟରେ ଜଳଧାରଣ ଭିତ୍ତିଭୂମି ଆଦି ଯୋଜନା କାର୍ଯ୍ୟକାରୀ କରିଛନ୍ତି।

## ଝାରସୁଗୁଡ଼ାରେ ୨୨୫ ପଦ ଖାଲି

ଝାରଗୁସୁଡା ଜିଲ୍ଲାରେ ଥିବା ବିଭନ୍ନ ସରକାରୀ ପଦ ପଦବୀ ମଧ୍ୟରୁ ୨୨୫ଟି ପଦବୀ ଖାଲି ପଡିଛି। ଏଥି ମଧ୍ୟରେ ତୃତୀୟ ଶ୍ରେଣୀ ପାହ୍ୟାରେ ସର୍ବାଧିକ ୧୦୩ ପଦବୀ ଖାଲି ପଡିଥିବା ରାଜସ୍ୱ ଓ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଝାରସୁଗୁଡା ଜିଲ୍ଲାରେ ପଦ ପଦବୀ ଖାଲି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଜିଲ୍ଲାପାଇଁ ପ୍ରଥମଶ୍ରେଣୀ ପାହ୍ୟାରେ ଥିବା ସମସ୍ତ ୨୨ ମଞ୍ଜୁରୀପ୍ରାପ୍ତ ପଦବୀରେ ଅଧିକାରୀମାନେ ରହିଥିବା ବେଳେ ଦ୍ୱିତୀୟ ଶ୍ରେଣୀ ପାହ୍ୟାରେ ୯୬ଟି ପଦବୀ ମଧ୍ୟରୁ ୨୧ଟି ଖାଲି ପଡ଼ିଛି। ଖାଲି ପଡ଼ିଥିବା ପଦବୀ ମଧ୍ୟରେ ୨ଟି ସହକାରୀ ଜିଲ୍ଲାପାଳ, ୬ଟି ସେକ୍ସନ ଅଫିସର ଓ ୧୩ଟି ରାଜସ୍ୱ ନିରୀକ୍ଷକ ପଦବୀ ରହିଛି। ସେହିଭଳି ତୃତୀୟ ଶ୍ରେଣୀ ପାହ୍ୟାରେ ଥିବା ୨୬୮ଟି ପଦବୀ ମଧ୍ୟରୁ ୧୦୩ଟି ଖାଲି ପଡିଛି। ଏଥି ମଧ୍ୟରେ ସର୍ବାଧିକ ୫୨ଟି ଜେଆରଏ ପଦବୀ ଥିବାବେଳେ ୨୦ଟି ସହକାରୀ ରାଜସ୍ୱ ନିରୀକ୍ଷକ ପଦବୀ ରହିଛି। ଚତୁର୍ଥ ଶ୍ରେଣୀ ପାହ୍ୟାରେ ଜିଲ୍ଲାରେ ୧୦୮ଟି ପଦବୀ ଥିବାବେଳେ ଏଥିରୁ ୧୦୧ଟି ଖାଲି ପଡ଼ିଛି। ୭୪ଟି ପିଅନ ପଦବୀ ମଧ୍ୟରୁ ମାତ୍ର ୫ଟି ପୂରଣ ହୋଇଥିବା ବେଳେ ୧୩ଟି ଜଗୁଆଳି-ଝାଡୁଦାର ପଦବୀରେ ମାତ୍ର ୨ ଜଣ ଅଛନ୍ତି। କିନ୍ତୁ ଚେନ୍‌ମ୍ୟାନ, ପ୍ରୋସେସ ସର୍ଭେୟର ଆଦି ସମସ୍ତ ପଦବୀ ଖାଲି ପଡିଛି।

## ୩୧ ରୁଟ୍‌ରେ ଚାଲିଛି ଓଏସ୍‌ଆର୍‌ଟିସି ବସ୍

ରାଜ୍ୟରେ ବର୍ତ୍ତମାନ ୨୩୧ଟି ରୁଟ୍‌ରେ ୫୧୯ଟି ଓଏସଆରଟିସି ବସ୍ ଚଳାଚଳ କରୁଛି। ରାଜ୍ୟରେ ଥିବା ସମସ୍ତ ରୁଟ୍ ମଧ୍ୟରୁ ସର୍ବାଧିକ ରୁଟ୍‌ରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସଆରଟିସି)ର ବସ୍ ଚଳାଚଳ କରୁଥିବା ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ବିଧାୟକ ଚନ୍ଦ୍ରମଣି କହଁର ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ୫୧୯ଟି ଓଏସ୍‌ଆରଟିସି ବସ୍ ୨୩୧ଟି ରୁଟ୍‌ରେ ଚାଲିଥିବାବେଳେ ୭୪୬୬ଟି ଘରୋଇ ବସ୍ ୩୫୫୬ଟି ରୁଟ୍‌ରେ ଚଳାଚଳ କରୁଛି। ଏହାଛଡା ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ୧୪୨୨ଟି ବସ୍ ଚଳାଚଳ କରୁଛି। ମନ୍ତ୍ରୀ ଆହୁରି ଦର୍ଶାଇଛନ୍ତି ଯେ ସରକାରୀ ବସ୍‌କୁ ବ୍ଲକରୁ ଜିଲ୍ଲାକୁ ଆସିବାପାଇଁ ଓ ଘରୋଇ ବସ୍ ମାଲିକମାନଙ୍କଦାବି ଶୁଣିବା ପ୍ରସଙ୍ଗରେ ଗତ ୨୨ ତାରିଖରେ ପରିବହନ କମିଶନରଙ୍କ ଅଧ୍ୟକ୍ଷତାରେ ବସ୍ ମାଲିକ ସଂଘ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

# ବିଜେପିରେ ମିଶିଲେ ଶତାଧିକ ବିଜେଡି କର୍ମୀ



**ଲାଞ୍ଜିଗଡ଼,୧୯।୨(ସଂଚାର ବ୍ୟୁରୋ):** ବିକାଶର ଅନ୍ୟ ନାମ ବିଜେପି। ଓଡ଼ିଶା ପ୍ରଦେଶର ୭୮ ବର୍ଷର ଶାସନ ବ୍ୟବସ୍ଥା ପରିବର୍ତ୍ତନ ପରେ ବିଜେପି ଏକାକୀ ସରକାର ଗଠନ କରି ଗତ ୧୮ ମାସ ମଧ୍ୟରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିଛି। ବିଜେପି ବିଚାର ଧାରାରେ ଅନୁପ୍ରାଣିତ ହୋଇ ତଥା ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଜନହିତକାରୀ, ଗରିବ କଲ୍ୟାଣକାରୀ, ଜନକଲ୍ୟାଣକାରୀ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି କଳାହାଣ୍ଡି ଜିଲ୍ଲାର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଆଜି ଏହି ମିଶ୍ରଣ ଦ୍ୱାରା କଳାହାଣ୍ଡି ଜିଲ୍ଲାରେ ଦଳୀୟ ସଂଗଠନ ବୃଦ୍ଧି ପାଇଛି। ସମସ୍ତେ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବ ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

- **ଲାଞ୍ଜିଗଡ଼ ବ୍ଲକ୍ ଅଧ୍ୟକ୍ଷା କମଳା ପାତ୍ର ବି ସାମିଲ୍**
- **ସ୍ୱାଗତ କଲେ ରାଜ୍ୟ ସଭାପତି ମନମୋହନ ସାମଲ**

ଆଜି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ବିଜେଡି ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଶ୍ରୀମତୀ ପାତ୍ରଙ୍କ ସମେତ ଲାଞ୍ଜିଗଡ଼ ରୋଡ ଗ୍ରାମ ପଞ୍ଚାୟତର ପଞ୍ଚାୟତ ସମିତି ସଦସ୍ୟା ମୁକ୍ତା ଭୋଇ, ବେନଗାଁ ପଞ୍ଚାୟତର ସମିତି ସଦସ୍ୟ ଯଶବନ୍ତୀ ନାଏକ, ବେଡ଼ଗାଁ ସମିତି ସଦସ୍ୟ ତ୍ରିନାଥ ମାଝୀ, ବସନ୍ତପଡ଼ା ସମିତି ସଦସ୍ୟ ପୁଙ୍ଗରି ମାଝୀ, ଛତ୍ରପୁର ସମିତି ସଦସ୍ୟ ସନ୍ୟାସୀ ମାଝୀ, ଭଟାଙ୍ଗପଦର ସମିତି ସଦସ୍ୟ ରୂପେନ୍ଦ୍ର ଛତ୍ରିଆ, ଭୁତିଗଡ଼ର ସମାଜସେବୀ ହରିଶଙ୍କର ପାତ୍ର, ଦିଲୀପ କୁମାର ନାଏକ, ସାନ ବାଗ୍ ମଧ୍ୟ ନିଜ ନିଜ ସମର୍ଥକଙ୍କ ସହ ପଦ୍ମ ଧରିଛନ୍ତି।

ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ତଥା କଳାହାଣ୍ଡି ଜିଲ୍ଲା ପ୍ରଭାରୀ ଶିବାଜୀ ମହାନ୍ତି, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ରାଜ୍ୟ ସମ୍ପାଦକ ସରୋଜ କର, କଳାହାଣ୍ଡି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ଜିଲ୍ଲା ଉପସଭାପତି ରୂପେଶ ଜୈନ, ଜିଲ୍ଲା ସାଧାରଣ ସମ୍ପାଦକ ଲୋକନାଥ ଦୁର୍ଗା, ସତ୍ୟ ବେହେରା, ଜିଲ୍ଲା ସମ୍ପାଦକ ବିଭୀଷଣ ସାହୁ, ଭବାନୀଶଙ୍କର ନିଆଲ, ବରିଷ୍ଠ ନେତା ବର୍ଣ୍ଣି ଜୈନ ଉପସ୍ଥିତ ଥିଲେ।

## କଟକ ଗୁଳିକାଣ୍ଡରେ ଜଣେ ଗିରଫ

**କଟକ, ୧୯।୨ (ସଂଚାର ବ୍ୟୁରୋ) :** କଟକରେ ଗତକାଲି ଜନୈକ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଥିବା ବେଳେ ଆଜି ଏହା ପ୍ରତିବାଦରେ ମଧୁପାଟଣା ଥାନା ଆଗରେ ଧାରଣା ଦିଆଯାଇଛି। ଥାନା ଆଗରେ ମୃତଦେହ ରଖି ନ୍ୟାୟ ଦାବି କରିଛନ୍ତି ସୌମ୍ୟରଞ୍ଜନ ଜେନାଙ୍କ ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା। ଗୁଳିକାଣ୍ଡ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଏବେ ବି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ମୃତଦେହକୁ ରାସ୍ତାରେ ରଖି ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ତାଙ୍କ ପରିବାର। ଏହି ଘଟଣାକୁ ନେଇ ଥାନାରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ସେପଟେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ମୃତ ସୌମ୍ୟରଞ୍ଜନଙ୍କ ଭାଇ ଅଭିଯୋଗ କରିଛନ୍ତି। ଗତକାଲି ଅପରାହ୍ଣ ରେ ପ୍ରିଣ୍ଟିଂ ପ୍ରେସ୍ କଲୋନି କ୍ୱାର୍ଟର୍ସରେ ଘଟିଥିଲା ଏହି ହତ୍ୟାକାଣ୍ଡ। କ୍ୱାର୍ଟଓର୍ରେ ଭୋଜିଭାତ ଚାଲିଥିବା ସମୟରେ ହଠାତ୍ ଗୁଳି ଫୁଟିଥିଲା। ସରକାରୀ ପ୍ରିଣ୍ଟିଂ ପ୍ରେସ୍ କ୍ୱାର୍ଟର୍ସରେ କେମିତି ଘଟିଲା ହତ୍ୟାକାଣ୍ଡ, ସେ ନେଇ ଉଠିଛି ପ୍ରଶ୍ନ। ଖାଲି ସେତିକି ନୁହେଁ, କିଛି ସରକାରୀ କ୍ୱାର୍ଟର୍ସ ଜବରଦଖଲରେ ଥିବା ବେଳେ ନିଶା ମାଫିଆଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଛି।

ଶୈଳବାଳା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ସିଏମ୍‌ସି ମେୟର୍‌ଙ୍କ ଚିଠି

# ଏକକ ଐତିହାସିକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି



**ଭୁବନେଶ୍ୱର,୧୯।୨(ସଂଚାର ବ୍ୟୁରୋ):** କଟକ ମେୟର ସୁବାସ ସିଂହ ଆଜି କଟକର ଅନ୍ୟତମ ମର୍ଯ୍ୟାଦାଜନକ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଆନ୍ଦୋଳନରତ ଛାତ୍ରୀମାନଙ୍କୁ ନିଜର ସମର୍ଥନ ଜଣାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖିଛନ୍ତି। ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ କଟକ ତଥା ଓଡ଼ିଶାର ସର୍ବପୁରାତନ ହୋଇଥିବା ବେଳେ ଗତ ୨୦୦୬ ଓ ୨୦୧୭ରେ ଏହା ୟୁଜିସି ନାକ୍ ଟିମ ଦ୍ୱାରା 'ଏ' ଗ୍ରେଡ ମାନ୍ୟତା ପାଇଛି। ମହାବିଦ୍ୟାଳୟ ଦୀର୍ଘ ୧୧୩ ବର୍ଷ ଧରି ଉତ୍ସର୍ଗୀକୃତ ସେବା ଯୋଗାଇ ଆସୁଛି। ଉଚ୍ଚଶିକ୍ଷା ପ୍ରତି ଅନୁଷ୍ଠାନର ସ୍ଥାୟୀ ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ଏହି ମହାବିଦ୍ୟାଳୟକୁ ଏକକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାକୁ ଶ୍ରୀ ସିଂ ତାଙ୍କ ଚିଠିରେ ନିବେଦନ କରିଛନ୍ତି। ମହାବିଦ୍ୟାଳୟଟି ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବା ପରେ ବିସ୍ତାରିତ କାର୍ଯ୍ୟକ୍ରମ, ସ୍ୱାୟତ୍ତ ଶାସନ, ବର୍ଦ୍ଧିତ ମାନ୍ୟତା ସମ୍ଭାବନା ଓ ବ୍ୟାପକ ବିଷୟଗୁଡ଼ିକରେ ଡିଗ୍ରୀ ପ୍ରଦାନ କରିବାର କ୍ଷମତା ସକ୍ଷମ ହେବ। ଏହାଛଡ଼ା ଦ୍ୱିତୀୟ କ୍ୟାମ୍ପସ୍ ପ୍ରଦାନ କରିବା ଦ୍ୱାରା ବର୍ଦ୍ଧିତ ଚାହିଦା ପୂରଣ ହେବ, ଭିଡ଼ ହ୍ରାସ ହେବ ଓ ଉପେକ୍ଷିତ ସମ୍ପ୍ରଦାୟ ପାଇଁ ଅତ୍ୟାଧୁନିକ ସୁବିଧା, ଗବେଷଣା କେନ୍ଦ୍ର ଓ ଅନ୍ତର୍ଭୁକ୍ତ ଶିକ୍ଷା ସୁବିଧା ଯୋଗାଇ ଦିଆଯିବ ବୋଲି ଶ୍ରୀ ସିଂ କହିଛନ୍ତି।




# ଅନ୍ତଃ ଜଳାଶୟ ପ୍ରକଳ୍ପ, ୫ ବର୍ଷରେ ୫ଟି ସମ୍ପୂର୍ଣ୍ଣ

**ଭୁବନେଶ୍ୱର,୧୯।୨:** ୫ ବର୍ଷ ମଧ୍ୟରେ ଅନ୍ତଃନଦୀ ଜଳାଶୟ ନିର୍ମାଣ ପ୍ରକଳ୍ପ ଯୋଜନାରେ ମାତ୍ର ୫ଟି ଜଳାଶୟର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଅଧିକାଂଶର ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ପ୍ରକଳ୍ପ ପ୍ରାରମ୍ଭ ସ୍ତରରେ ରହିଛି।

ଅନ୍ତଃନଦୀ ଜଳାଶୟ ନିର୍ମାଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ନଦୀଗର୍ଭରେ ଜଳାଶୟ ସୃଷ୍ଟି ପାଇଁ ଅନ୍ତଃନଦୀ ଜଳାଶୟ ନିର୍ମାଣ ପ୍ରକଳ୍ପ ଯୋଜନାକୁ ରାଜ୍ୟ ସରକାର ୨୦୨୦ ମସିହାରେ ଆରମ୍ଭ କରିଥିଲେ। ଏଥିପାଇଁ ୨୦୧୯-୨୦ରୁ ୨୦୨୪-୨୫ ଅବଧି ପାଇଁ ୧୧,୭୦୦ କୋଟି ଟଙ୍କାର ବ୍ୟୟ ଅଟକଳ ନିର୍ଦ୍ଧାରଣ କରାଯାଇଥିଲା।

ପ୍ରଥମ ପର୍ଯ୍ୟାୟରେ ୩୦ଟି ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ଏଥିରୁ ମାତ୍ର ୩ଟିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଗୁଡିକ ମଧ୍ୟରେ ରହିଛି ବୈତରଣୀ ନଦୀରେ ସପ୍ତମାତୃକା-୨ ପ୍ରକଳ୍ପ, ମହାନଦୀର ରେତ ନଦୀରେ ଲଇତରା ପ୍ରକଳ୍ପ, ସୁକତେଲ ନଦୀରେ ଛତାମଖଣା, ଋଷିକୂଲ୍ୟା ଘୋଡାହାଡରେ ଜାକମରିପଲ୍ଲୀ, ଋଷିକୂଲ୍ୟାର ବଡନଦୀରେ ଢୋଲପିଟା ପ୍ରକଳ୍ପ ରହିଛି।



ସପ୍ତମାତୃକା-୨ ପ୍ରକଳ୍ପର ବ୍ୟୟ ଅଟକଳ ୧୭୨ କୋଟି ଟଙ୍କା ଥିବାବେଳେ ଏହି ପ୍ରକଳପର ଜଳ ମତ୍ସ୍ୟଚାଷ, ମେଗା ଲିଫ୍ଟ ଓ ପାନୀୟଜଳ ପାଇଁ ଉପଯୋଗ ହେବ। ଲଇତରା ପ୍ରକଳ୍ପର ବ୍ୟୟଭାର ୮୮.୬୮ କୋଟି ଟଙ୍କା ରହିଥିବାବେଳେ ଏହା ପାନୀୟଜଳ ଓ ଉଠାଜଳସେଚନ କାମରେ ଆସିବ। ଛତାମଖଣା ପ୍ରକଳପର ବ୍ୟୟଭାର ୧୩୯.୪୬ କୋଟି ଟଙ୍କା ଥିବାବେଳେ ଡାକମରିପଲ୍ଲୀର ବ୍ୟୟ ଅଟକଳ ୫୫.୮୮ କୋଟି ଓ ଢୋଲପିଟା ପ୍ରକଳ୍ପର ବ୍ୟୟ ଅଟକଳ ୨୦.୦୮ କୋଟି ଟଙ୍କା ରହିଛି। ଏହି ସମସ୍ତ ପ୍ରକଳ୍ପର ପାନୀୟ ଓ ଉଠାଜଳସେଚନ କାର୍ଯ୍ୟରେ ଲାଗିବ।

ସେହିଭଳି ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୨୦୨୫-୨୬ ରୁ ୨୦୨୯-୩୦ ବର୍ଷ ସମୟ ଧାର୍ଯ୍ୟ ହୋଇଥିବାବେଳେ ୧୯,୯୪୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୧୯ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ରହିଛି। ଏଥିରେ ସବୁଠାରୁ ବଡ ପ୍ରକଳ୍ପ ରହିଛି ମହାନଦୀ ଉପରେ କିଆକଟା ଠାରେ ଜଳାଶୟ ପ୍ରକଳ୍ପ। ଏହାର ବ୍ୟୟଭାର ୧୩୫୦ କୋଟି ଟଙ୍କା ଥିବାବେଳେ ଏହା କେନ୍ଦ୍ରାପଡା ଜିଲ୍ଲାର ପାନୀୟଜଳ ଆବଶ୍ୟକତା ପୂରଣ ସହିତ ଚାଷ କ୍ଷେତକୁ ପାଣି ଯୋଗାଇବ। ବର୍ତ୍ତମାନ ଏହି ପ୍ରକଳ୍ପର ଅଧ୍ୟୟନ କରାଯାଉଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। (ତଥ୍ୟ)

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

## ସମ୍ପାଦକୀୟ

# ଇରାନ୍ ଉପରେ ଆକ୍ରମଣ ଯୋଜନା

ବର୍ତ୍ତମାନର ଆନ୍ତର୍ଜାତିକ ରାଜନୀତିରେ ଆମେରିକା ଏବଂ ଇରାନ୍ ମଧ୍ୟରେ ଉତ୍ତେଜନା ଏକ ନୂତନ ଉଚ୍ଚତାରେ ପହଞ୍ଚିଛି। ଫେବୃଆରୀ ୧୯, ୨୦୨୬ ସୁଦ୍ଧା, ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଯୁକ୍ତରାଷ୍ଟ୍ର ଇରାନ୍ ଉପରେ ସାମରିକ ଆକ୍ରମଣର ଯୋଜନା କରୁଥିବା ଖବର ବିଭିନ୍ନ ଆନ୍ତର୍ଜାତିକ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏହି ଯୋଜନା କେବଳ ମଧ୍ୟପ୍ରାଚ୍ୟର ଶାନ୍ତିକୁ ବିପନ୍ନ କରିବ ନାହିଁ, ବରଂ ସମଗ୍ର ବିଶ୍ୱର ଅର୍ଥନୀତି ଏବଂ ସୁରକ୍ଷାକୁ ପ୍ରଭାବିତ କରିବ। ଏହି ପ୍ରସଙ୍ଗକୁ ଏକ ବିସ୍ତୃତ ବିଶ୍ଳେଷଣ ଆବଶ୍ୟକ, ଯାହା ଭାରତ ଭଳି ଦେଶଗୁଡ଼ିକର ଦୃଷ୍ଟିକୋଣରୁ ମଧ୍ୟ ପର୍ଯ୍ୟାଲୋଚନା କରିବା।

ପୃଷ୍ଠଭୂମି ଦେଖିଲେ, ଆମେରିକା ଏବଂ ଇରାନ୍ ମଧ୍ୟରେ ବିବାଦର ମୂଳ ଇରାନର ପରମାଣୁ କାର୍ଯ୍ୟକ୍ରମରେ ରହିଛି। ଟ୍ରମ୍ପ ପ୍ରଶାସନ ଇରାନକୁ ପରମାଣୁ ଉନ୍ନତିକରଣ ବନ୍ଦ କରିବାକୁ ଏବଂ ବାଲିଷ୍ଟିକ୍ ମିସାଇଲ୍ କାର୍ଯ୍ୟକ୍ରମ ସୀମିତ କରିବାକୁ ଦାବି କରୁଛି। ଜେନେଭାରେ ଚାଲିଥିବା କୂଟନୈତିକ ଆଲୋଚନା ସତ୍ତ୍ୱେ, ଇରାନର ସର୍ବୋଚ୍ଚ ନେତା ଆଲି ଖାମେନେଇ ଏହି ଦାବିଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ଯାହା ପରମାଣୁ ଶିଳ୍ପକୁ ଇରାନର ଅଧିକାର ବୋଲି କହିଛନ୍ତି। ଏହି ଆଲୋଚନାରେ କୌଣସି ସଫଳତା ନ ମିଳିବାରୁ ଆମେରିକା ମଧ୍ୟପ୍ରାଚ୍ୟରେ ସାମରିକ ବଳ ବଢ଼ାଉଛି। ସିଏନ୍ଏନ୍ ଏବଂ ନ୍ୟୁୟର୍କ ଟାଇମ୍ସ ଭଳି ଗଣମାଧ୍ୟମ ଅନୁସାରେ, ଆମେରିକୀୟ ବାୟୁ ଏବଂ ନୌସେନା ବଳ ଏହି ସପ୍ତାହାନ୍ତରେ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇଛି, ଯଦିଓ ଟ୍ରମ୍ପ ଅନ୍ତିମ ନିଷ୍ପତ୍ତି ନେଇନାହାନ୍ତି।

ଏହି ଯୋଜନାର କାରଣ କେବଳ ପରମାଣୁ ବିବାଦ ନୁହେଁ। ଆଲ୍ ଜଜିରା ରିପୋର୍ଟ ଅନୁସାରେ, ଇରାନ୍ ଏବଂ ରୁଷିଆର ଯୁଗ୍ମ ନୌସେନା ଅଭ୍ୟାସ ଆମେରିକାକୁ ଆହୁରି ଉତ୍ତେଜିତ କରିଛି। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଚେତାବନୀ ଦେଇଛନ୍ତି ଯେ ଯଦି ଇରାନ୍ ଚୁକ୍ତି ନକରେ, ତେବେ ଆକ୍ରମଣ ଅବଶ୍ୟମ୍ଭାବୀ। ରଏଟର୍ସ ଏବଂ ଗାର୍ଡିଆନ୍ ରିପୋର୍ଟରୁ ଜଣାପଡ଼ୁଛି ଯେ ଆମେରିକୀୟ ସେନା ସପ୍ତାହ ଧରି ଚାଲିପାରୁଥିବା ଦୀର୍ଘକାଳୀନ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି। ଏହି ପ୍ରସ୍ତୁତିରେ ମଧ୍ୟପ୍ରାଚ୍ୟରେ ଏଫ୍-୨୨



ଏବଂ ଏଫ୍-୩୫ ଭଳି ଉନ୍ନତ ଯୁଦ୍ଧବିମାନ ଏବଂ ବିମାନବାହକ ନୌକାଗୁଡ଼ିକର ସମାବେଶ ହୋଇଛି।

ଏହି ସଙ୍କଟର ପ୍ରଭାବ ବିଶ୍ୱବ୍ୟାପୀ ଅନୁଭୂତ ହେବ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ହେଲେ ତୈଳ ମୂଲ୍ୟ ବଢ଼ିବ, ଯାହା ଭାରତର ଅର୍ଥନୀତିକୁ ପ୍ରଭାବିତ କରିବ। ଭାରତ ଇରାନରୁ ତୈଳ ଆମଦାନୀ କରୁଥିବାରୁ ଏହି ବିବାଦ ଆମର ଶକ୍ତି ସୁରକ୍ଷାକୁ ବିପନ୍ନ କରିବ। ଏଥିସହିତ, ରୁଷିଆ ଏବଂ ଚୀନ୍ ଭଳି ଦେଶଗୁଡ଼ିକ ଇରାନକୁ ସମର୍ଥନ କରୁଥିବାରୁ ଏହା ଏକ ବିଶ୍ୱ ଯୁଦ୍ଧର ରୂପ ନେଇପାରେ। ଏକ ଅନ୍ତର୍ଜାତିକ ରିପୋର୍ଟ ଅନୁସାରେ, ଇରାନ୍ ହର୍ମୁଜ୍ ଜଳସନ୍ଧିରେ ନୌସେନା ଅଭ୍ୟାସ କରି ଆକ୍ରମଣକୁ ପ୍ରତିରୋଧ କରିବାକୁ ପ୍ରସ୍ତୁତ ହେଉଛି। ଏହା ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରିବ।

ଭାରତର ଦୃଷ୍ଟିକୋଣରୁ, ଏହି ସଙ୍କଟ ଚିନ୍ତାଜନକ। ଭାରତ ଆମେରିକା ଏବଂ ଇରାନ୍ ଉଭୟଙ୍କ ସହ ବାଣିଜ୍ୟିକ ସମ୍ପର୍କ ରଖିଛି। ଆମେରିକାର ନିକଟତର ସହଯୋଗୀ ହୋଇଥିବା ସତ୍ତ୍ୱେ, ଭାରତ ଇରାନ୍ ସହ ଚାବାହାର ବନ୍ଦର ଭଳି ପ୍ରକଳ୍ପରେ ଜଡ଼ିତ। ଏହି ଆକ୍ରମଣ ହେଲେ ମଧ୍ୟପ୍ରାଚ୍ୟରେ ରହୁଥିବା ଭାରତୀୟ ପ୍ରବାସୀମାନଙ୍କର ସୁରକ୍ଷା ବିପନ୍ନ ହେବ। ଭାରତ ସରକାରକୁ କୂଟନୈତିକ ସ୍ତରରେ ହସ୍ତକ୍ଷେପ କରି ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଚେଷ୍ଟା କରିବାକୁ ପଡ଼ିବ।

ଆମେରିକାର ଏହି ଯୋଜନା ଏକ ବିପଜ୍ଜନକ ପଦକ୍ଷେପ। ପୂର୍ବରୁ ୨୦୨୫ରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ଆମେରିକାର ହସ୍ତକ୍ଷେପ ପରେ ପୁନର୍ବାର ଆକ୍ରମଣ କରିବା ମଧ୍ୟପ୍ରାଚ୍ୟକୁ ଅସ୍ଥିର କରିବ। ସିବିଏସ୍ ଏବଂ ନ୍ୟୁୟର୍କ ପୋଷ୍ଟ ରିପୋର୍ଟରୁ ଜଣାପଡ଼ୁଛି ଯେ ଏହି ଆକ୍ରମଣ ଦୀର୍ଘକାଳୀନ ହୋଇପାରେ, ଯାହା ଇରାନର ପ୍ରତିଶୋଧକୁ ଆମନ୍ତ୍ରଣ କରିବ। ଏହା ବଦଳରେ କୂଟନୈତିକ ଆଲୋଚନାକୁ ବଳବତ୍ତର କରିବା ଉଚିତ୍। ରାଷ୍ଟ୍ରସଂଘ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକୁ ହସ୍ତକ୍ଷେପ କରି ଏହି ସଙ୍କଟର ସମାଧାନ କରିବାକୁ ପଡ଼ିବ।

ଆମେରିକାର ଇରାନ୍ ଉପରେ ଆକ୍ରମଣ ଯୋଜନା ଏକ ଗମ୍ଭୀର ବିଷୟ, ଯାହା ବିଶ୍ୱ ଶାନ୍ତିକୁ ବିପନ୍ନ କରୁଛି। କୂଟନୀତିର ମାର୍ଗ ଅନୁସରଣ କରି ଏହି ବିବାଦର ସମାଧାନ କରିବା ସମସ୍ତଙ୍କ ସ୍ୱାର୍ଥରେ ରହିଛି। ଭାରତ ଭଳି ଦେଶଗୁଡ଼ିକ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରି ଶାନ୍ତି ପ୍ରତିଷ୍ଠା କରିବାକୁ ଚେଷ୍ଟା କରିବା ଉଚିତ୍। ଏହି ସଙ୍କଟ ଆମକୁ ସ୍ମରଣ କରାଉଛି ଯେ ଯୁଦ୍ଧ କେବେବି ସମାଧାନ ନୁହେଁ, ବରଂ ଆହୁରି ସମସ୍ୟା ସୃଷ୍ଟି କରେ।

# କର୍ଣ୍ଣଧାର

### ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଏହାକୁ ଭିନ୍ନ ଭାବରେ ବ୍ୟାକରଣ ଆଶ୍ରୟ ନେଇ ଲେଖିଲେ କର୍ଣ୍ଣ + ଆଧାର, ହେବା ଚାଲନ୍ତୁ କର୍ଣ୍ଣ ଅନୁସନ୍ଧାନ କରିବା। ଜ୍ୟାମିତି ଶାସ୍ତ୍ରରେ ତ୍ରିଭୁଜରେ, ଚତୁର୍ଭୁଜରେ ଏହାର ବୟାନ ଅଛି। ପୁଣି ଅଭିଧାନିକ ଶବ୍ଦ ନିର୍ଘଣ୍ଟରେ କର୍ଣ୍ଣର ବୟାନରେ ମିଳିବ ଶ୍ରବଣ ଇନ୍ଦ୍ରିୟ, ଯାହାଦ୍ୱାରା ଜୀବ ଶୁଣିପାରେ। କର୍ଣ୍ଣର ପ୍ଲଟ ଅର୍ଥ ଏକ ବଡ଼ କ୍ଷେତ୍ରର ଚାରି କୋଣରେ ବିଦ୍ୟମାନ ଆଂଶିକ ସ୍ତରରେ ଇତିଭୂମି ଯେଉଁଠି କର୍ଣ୍ଣର ଏକ ମୁଣ୍ଡ ଦୁଇପଟ ବାହୁର ଯୋଡ଼ାଇ ଜାଗା ଯାହାର ଦୃଶ୍ୟ ତୀରର ଫଳା ବା ବର୍ଚ୍ଛାର ଅଗ୍ର ସଦୃଶ। ବିଚାରାଳୟରେ ବିଚାରପତି ଶୁଣାଣି କରନ୍ତି, ରାୟ ପାଇଁ ଦୁଇପକ୍ଷର ବୟାନ ଶୁଣନ୍ତି, କେଉଁଠି କାର ଭୁଲ ତାହା ସ୍ଥିରକରି ଶେଷ ଶୁଣାଣି କରନ୍ତି। ଯଦି ଏକାଧିକ ଅଭିଯୋଗ ଥାଏ ତେବେ ଏକ ଏକ ଆଂଶିକ ଶୁଣାଣି କରି ଶେଷରେ ଚୁଡ଼ାନ୍ତ ଶୁଣାଣି କରନ୍ତି ଯାହା ଆଦେଶ। ଏହା ଲେଖା ଆକାରରେ ପକ୍ଷ ଦ୍ୱୟଙ୍କୁ ମିଳିଥାଏ। ତ୍ରିଭୁଜ ପରି ବାଦୀ, ପ୍ରତିବାଦୀଙ୍କ ଆଇନ ଏହା ହେଉଛି ସମତାର ଯୋଗ୍ୟ ବିଶ୍ୱାସନୀୟ କ୍ଷେତ୍ର। ବାଦୀ ପ୍ରତିବାଦୀଙ୍କ କର୍ଣ୍ଣଧାର କାନୁନ୍, ଆଇନ, ଦଣ୍ଡ ସଂହିତା। ବାଘ, ବକ୍ରୀଙ୍କୁ ଏକଘାଟରେ ପାଣି ପିଆଏ ରାଜା କାନୁନ। ପରିସର, ପରିସୀମା ନେଇ ନେଇ ଜଙ୍ଗଲ ବାସ ସବୁ ଜଙ୍ଗଲୀ ପଶୁଙ୍କ ଜୀବନ ଚର୍ଯ୍ୟା, ମାତ୍ର ପଥ ହୁଡ଼ା ହିଁ ଅନ୍ତ ହୁଅନ୍ତୁ। ଜଙ୍ଗଲ ଆଧାର, ଜଳବାୟୁ, ଋତୁ ପରିବର୍ତ୍ତନ, ଜଙ୍ଗଲୀ ପଶୁଙ୍କ କର୍ଣ୍ଣଧାର। ପଶୁଙ୍କ ଶରୀରର ଗନ୍ଧକୁ, ବହୁଥିବା ଦିକ ପବନର ଅନୁକୂଳ ପ୍ରତିକୂଳ ସ୍ତରରେ ଅଭିଜ୍ଞତା ଜୀବ ଉର୍ଦ୍ଧ୍ୱେଇ ପାରନ୍ତି। ଏହି ଅଭିଜ୍ଞତା ହିଁ ମାଂସାହାରୀ ତୃଣାହାରୀ ଜୀବନ ଚକ୍ରର କର୍ଣ୍ଣଧାର। ଜଳଜୀବମାନେ ଠିକ ଏପରି ବଡ଼ ଜଳ ଜୀବ ଛୋଟ ଜଳଜୀବଙ୍କୁ ଭୋଜନ କରନ୍ତି। ହେଲେ ସୃଷ୍ଟିରୁ ଏ ପର୍ଯ୍ୟନ୍ତ ଜଳଜୀବ ମଧ୍ୟରେ ସାନମାନଙ୍କର ବଂଶ ବିଲୁପ୍ତ ହୋଇନାହିଁ କି କେବଳ ବଡ଼ ସଂଖ୍ୟା ଆଶାତୀତ ବୃଦ୍ଧି ହୋଇନାହିଁ। ଏହାର କାରଣ ଖୋଜ କଲେ ମିଳିବ ପ୍ରକୃତ ହିଁ ଏଠାରେ କର୍ଣ୍ଣଧାର ଛୋଟ ଜୀବଙ୍କ ଦ୍ରୁତ ବଂଶ ବୃଦ୍ଧିକୁ ବଡ଼ ଜୀବଙ୍କ ସମୟାଧିକରେ ମନ୍ଥର ସଂଖ୍ୟା, ବୃଦ୍ଧିର ନିୟନ୍ତ୍ରକ। ମାନବ ଗଣରେ ଏପରି ଧନୀ, ଦରିଦ୍ର, ଶାସକ, ଶାସିତ ରାଜା ପ୍ରଜା ଏସବୁରେ ବି କର୍ଣ୍ଣଧାର ଆଜିର ଭୋଜନ ଚିନ୍ତା ବହୁ ଆଗକୁ ଭୋଜନ ଚିନ୍ତା, କିଏ ନିଜ ପେଟ ପାଇଁ ତ କିଏ ଅନେକ ପେଟ ପାଇଁ ଭାବନାରେ ସଦା ରହିଛି। କର୍ଣ୍ଣ ହେଉଛି ଏକ ବିଶେଷ ଇନ୍ଦ୍ରିୟ ଯାହା ଜୀବକୁ ଭଗବାନଙ୍କ ଅପୂର୍ବ ଦାନ। ହେଲେ ସଂସାରରେ ଏକ କର୍ଣ୍ଣ ଚୁଗୁଲି ଖୋରଙ୍କ ଯୋଗୁଁ ପ୍ରେମୀ ଯୁଗଳଙ୍କ ନିବିଡ଼ ସମ୍ପର୍କ ଭାଙ୍ଗୁଛି, ଭାଇଭଉଣୀ, ଭାଇ ଭାଇ ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କ ପରର କଥା ଶୁଣି ତିକ୍ତ ହେଉଛି ଭାଙ୍ଗି ଯାଉଛି, ପ୍ରତିବେଶି ବା ପଡ଼ୋଶୀଙ୍କ ସହ କଳି ମନୋମାଳିନ୍ୟ। ଏଇ କର୍ଣ୍ଣ କୁହା ଖଳଙ୍କ ଆଧାରରେ ହେଉଛି। ଦୁରାଗତକୁ ଚିହ୍ନଟ, ଚକ୍ଷୁ ହୀନମାନେ କଣ୍ଠ ସ୍ୱରରୁ ଲୋକ ପରିଚିତ, ଏଇ କର୍ଣ୍ଣ ଆଧାରରେ ହେଉଛି। ଗୁରୁ, ଶିଷ୍ୟଙ୍କୁ ଏଇ କର୍ଣ୍ଣଆଧାର ରେମନ୍ତ୍ରଦାନ କରୁଛନ୍ତି। ବିପ୍ର ବାଳକଙ୍କ ଉପନୟନ କର୍ମସହ ନୟନ ଶବ୍ଦ ଯୋଡ଼ି ହେଲେ ବି ସାବିତ୍ରୀ ମନ୍ତ୍ର କର୍ଣ୍ଣର ଆଧାର। ସେହି ସମୟରୁ ମୂତ୍ରମଳ ବର୍ଜନ ବେଳେ ପଇତା ଧାରଣ କର୍ଣ୍ଣଧାର। ଗାନ ବାଜଣା ମସ୍ତିଷ୍କରେ ତରଙ୍ଗ ଖେଳାଇ ବ୍ୟକ୍ତିକୁ ଆନନ୍ଦ ଦେଉଛି ଏହାର ଆଧାର କର୍ଣ୍ଣ। ଦୂର ଶବ୍ଦ ଶ୍ରବଣ ପାଇଁ ସାଧନା ରହିଛି, ଦୂର ଶ୍ରବଣ ଏକ ସିଦ୍ଧି, ମାତ୍ର ଆଧୁନିକ ଯୁଗ ରେଡ଼ିଓ ଦ୍ୱାରା ଟେଲିଫୋନ, ସମ୍ପୂର୍ଣ୍ଣ କର୍ଣ୍ଣ ପାଇଁ ଆବଶ୍ୟକ ଆଧାର। ଉଡ଼ାଖବରରେ କୋକୁଆ ଭୟ ଯହିଁରେ ବଳବାନ ଶିକ୍ଷିତ ଏକ ଗୋଷ୍ଠୀର ପୁରୁଷମାନେ ଏଇ କର୍ଣ୍ଣ ଆଧାରରେ ପରସ୍ପରକୁ ଅବିଶ୍ୱାସ କରି, ମରାମରି ହୋଇ ଶେଷ ହେବା ଆମ ପୁରୁଣା ପ୍ରମାଣ। ଅଡ଼ିଓ ଭିଜୁଆଲ କର୍ଣ୍ଣ, ଚକ୍ଷୁ ସମ୍ବନ୍ଧ। ବିଦ୍ୟା ଅର୍ଜନ କାଳରେ ପାଠପଢ଼ା ଶିକ୍ଷକଙ୍କ ଦ୍ୱାରା କଳାପଟାର ଲେଖା ଛାତ୍ରଛାତ୍ରୀଙ୍କ ଖାତା ଟିପଣି ସହ କର୍ଣ୍ଣ ଆଧାର ଶିକ୍ଷକ ମୁଖର ବାଣୀ ସହାୟକ ହୋଇଥାଏ। ଟିଭି ମୋବାଇଲ ଫୋନ କର୍ଣ୍ଣ ଓ ଚକ୍ଷୁର ଆଧାର ଯନ୍ତ୍ର।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ବାୟୁ ପ୍ରଦୂଷଣ: ଝାଡୁମରା ସଫେଇ ଅନ୍ୟତମ କାରଣ

### ଯୁଧିଷ୍ଠିର ମହାରଣା



କୁହୁଡ଼ି ସହିତ ବାୟୁ ପ୍ରଦୂଷଣ ଦିନକୁ ଦିନ ଉଦବେଗଜନକ ଭାବେ ବଢୁଛି। ବିଶେଷକରି ଦ୍ୱୈତନଗରୀ କଟକ-ଭୁବନେଶ୍ୱର ରାଜଧାନୀରେ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାବେଳେ ସହର ସଫେଇରୁ ଉଡୁଥିବା ଧୂଳିକଣା ଏବେ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ହୋଇଛି। ସହରର ପ୍ରମୁଖ ରାସ୍ତା ଠାରୁ ଆରମ୍ଭ କରି ଗଳି କନ୍ଦି ପର୍ଯ୍ୟନ୍ତ ରାତି ପାହିଲେ ଝାଡୁମରା ହେଉଥିବାରୁ ଏହା ପରିବେଶକୁ ଅଧିକ ବିଗାଡ଼ିବାରେ ଲାଗିଛି। ସହରର କେତେକ ପ୍ରମୁଖ ରାସ୍ତାରେ ସିଏମସି ଓ ବିଏମସି ପକ୍ଷରୁ ଯାନ୍ତ୍ରିକ ସଫେଇ ହେଉଥିବାବେଳେ ଅନ୍ୟ ସମସ୍ତ ସ୍ଥାନରେ ସଫେଇ କର୍ମଚାରୀମାନେ ଝାଡୁ ମାରି ରାସ୍ତାଘାଟ ସଫା କରୁଛନ୍ତି। ରାତି ପାହିଲେ ଏମାନେ ହାତରେ ଝାଡୁଧରି ରାସ୍ତା ସଫା କରିବା ସମୟରେ ବ୍ୟାପକ ଧୂଳି ଉଡୁଛି। ଯଦିଓ କେତେକ ସ୍ଥାନରେ ରାତି ବେଳା ଝାଡୁ ମରାଯାଉଛି ତାହା କିନ୍ତୁ କିଛି ହାଟ ବଜାରରେ ସୀମିତ ରହୁଛି। ଶୀତ ଦିନେ ରାସ୍ତାରେ ଝାଡୁ ମରାଯିବା ସମୟରେ ସମ୍ପୃକ୍ତ ଅଞ୍ଚଳ ଧୂଳିମୟ ହୋଇ ଯାଉଛି। ଏପରିକି ସେହି ରାସ୍ତା ଦେଇ ଲୋକେ ଯିବାକୁ ଭୟ କରୁଛନ୍ତି। ଏହାଛଡ଼ା ସକାଳୁ ଗହଳି ହେଉଥିବା ବ୍ୟବସାୟ ପ୍ରତିଷ୍ଠାନ, ମଲ ଆଦି ସମ୍ମୁଖରେ ଝାଡୁ ମରାଯିବା ଫଳରେ ସେହି ସବୁ ଅଞ୍ଚଳରେ କେବଳ ଲୋକେ ଧୂଳିମୟ ହେଉ ନାହାନ୍ତି ଗଛର ପତ୍ର ସବୁ ମଧ୍ୟ ଧୂଳିରେ ନିଜର ସବୁଜିମା ହରାଇଲେଣି। ଯେଉଁସବୁ ସ୍ଥାନରେ ସମ୍ଭବ ସେଠାରେ ଝାଡୁ ମାରିବା ପୂର୍ବରୁ ଯଦି ଜଳ ସିଞ୍ଚନ କରାଯାଇ ପାରନ୍ତା ତେବେ ଏଭଳି ଅବସ୍ଥା ସୃଷ୍ଟି ହୁଅନ୍ତା ନାହିଁ। ଏଥିରେ ବ୍ୟବସାୟିକ ପ୍ରତିଷ୍ଠାନ, ମଲ ଗୁଡ଼ିକ ସାମିଲ କରି ସେମାନଙ୍କ ଦ୍ୱାରା ଜଳ ସିଞ୍ଚନ କରାଯାଇ ପାରିଲେ ସହରର ବାୟୁ ପ୍ରଦୂଷଣକୁ କିଛି ମାତ୍ରାରେ ରୋକାଯାଇ ପାରନ୍ତା ବୋଲି ମତପ୍ରକାଶ ପାଉଛି। ସେହିଭଳି ଶୀତଦିନ ହୋଇଥିବାରୁ ଓ ଚଳିତବର୍ଷ ରାଧାନୀରେ ଶୀତର ପ୍ରକୋପ ରେକର୍ଡ଼ ଅତିକ୍ରମ କରିଥିବାରୁ ଲୋକେ ରାସ୍ତାଘାଟ, ଗଳିକନ୍ଦିରେ ପଡ଼ିଥିବା ଅଳିଆରେ ନିଆଁ ଲଗାଇ ସେଠାରେ ନିଆଁ ପୁଇଁବାରେ ଲାଗୁଛନ୍ତି। ଏମାନଙ୍କୁ ସଚେତନ କରିବା ସହିତ ଶୁଖିଲା ପତ୍ର, କାଠି ଆଦିକୁ ଉଠାଇ ନିଆଗଲେ ବାୟୁ ପ୍ରଦୂଷଣକୁ କିଛି ମାତ୍ରାରେ ରୋକାଯାଇ ପାରନ୍ତା। ସେହିଭଳି ସହରର ଯେଉଁସବୁ ସ୍ଥାନରେ ରାସ୍ତା ଉପରେ ନିର୍ମାଣ କାର୍ଯ୍ୟ ଜାରି ରହିଛି ସେଠାରେ ଦିନରେ ଅତି କମରେ ଦୁଇ ତିନିଥର ଜଳ ସିଞ୍ଚନ କରାଗଲେ ବାୟୁ ମଣ୍ଡଳରେ ଧୂଳିକଣା ମିଶିବାକୁ ରୋକାଯାଇ ପାରନ୍ତା ବୋଲି ମତପ୍ରକାଶ ପାଉଛି। ଅନ୍ୟ ପକ୍ଷରେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ବାୟୁ ପ୍ରଦୂଷଣରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଥିବାରୁ ସେମାନଙ୍କୁ ନିୟୋଜିତ କରୁଥିବା ସଂସ୍ଥାମାନେ ମାସ୍କ ଯୋଗାଇ ଦେବାକୁ ଦାବି ହେଉଛି। ଠିକା ସଂସ୍ଥାମାନେ ଏ ଦିଗରେ ଦୃଷ୍ଟି ନଦେଲେ ବହୁ ସଫେଇ କର୍ମଚାରୀ ବାୟୁ ପ୍ରଦୂଷଣରେ ଖୁବଶୀଘ୍ର ଆକ୍ରାନ୍ତ ହୋଇଯିବେ ବୋଲି ମତ ଦେଉଛନ୍ତି। ସହରରେ ଏବେ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ ଗାଡ଼ିମଟର ଧୂଆଁ ହୋଇଥିବାବେଳେ ସରକାର ପ୍ରଦୂଷଣ ପ୍ରମାଣ ପତ୍ର ଯାଞ୍ଚ କଡ଼ାକଡ଼ି କରିଛନ୍ତି। କାରଣ ପ୍ରଦୂଷଣ ଯାଞ୍ଚ କେନ୍ଦ୍ରରେ ପ୍ରାୟତଃ ସବୁ ଯାନ ପାସ୍ କରିଯାଉଥିବାରୁ ଓ କିଛି ଯାନ ବାହାନ ଜାଲ ସାର୍ଟିଫିକେଟ ହାସଲ କରୁଥିବାରୁ ସେମାନଙ୍କୁ ଜବତ କରାଯାଇ ପାରିଲେ ବାୟୁ ପ୍ରଦୂଷଣ ସମସ୍ୟାର କିଛିଟା ସମାଧାନ ହୋଇ ପାରନ୍ତା। ଉଲ୍ଲେଖନୀୟ ଯେ ରାଜଧାନୀର ବାୟୁ ପ୍ରଦୂଷଣ ଚଳିତ ମାସରେ ୩୮୦ ଏକ୍ୟୁଆଇ ଛୁଇଁଥିବାବେଳେ ସ୍ଥିତିରେ ସାମାନ୍ୟ ଉନ୍ନତି ଆସିଛି। ତଥାପି ଏବେ ବି ବାୟୁର ମାନ କ୍ଷତିକାରକ ସ୍ଥିତିରେ ରହିଥିବାନେଇ ଲୋକଙ୍କୁ ସତର୍କ କରାଯାଉଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋବାଇଲ୍: ୯୪୩୭୧୬୩୫୨୮**

# ଡିଗ୍ରୀ ସହ ଆବଶ୍ୟକ କୌଶଳ



### ଡକ୍ଟର ଲକ୍ଷ୍ମଣ ସାହୁ

ଏବେ ଲାଗୋସ ବିଶ୍ୱବିଦ୍ୟାଳୟରେ ଏକ ରୋବୋଡଗ୍ ପ୍ରଦର୍ଶନକୁ ନେଇ ସାମାଜିକ ବିବାଦ ଗଣମାଧ୍ୟମ ଏବଂ ସାମ୍ପ୍ରତିକ ମୁଖ୍ୟଧାରାର ଗଣମାଧ୍ୟମରେ ବ୍ୟାପକ ଆଲୋଚନା ସୃଷ୍ଟି କରିଛି। ପୃଷ୍ଠରେ, ଏହି ପ୍ରସଙ୍ଗ ଉପଯୁକ୍ତତା, ପ୍ରାଥମିକତା କିମ୍ବା କ୍ୟାମ୍ପସ୍ ସଂସ୍କୃତି ବିଷୟରେ ମନେହୁଏ, କିନ୍ତୁ ବାସ୍ତବରେ, ଏହା କେବଳ ଏକ ଗଭୀର, ସାଂରଚନିକ ସଙ୍କଟର ଏକ ଲକ୍ଷଣ ଯାହା ବର୍ଷ ବର୍ଷ ଧରି ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ସୃଷ୍ଟି ହୋଇଛି। ସମସ୍ୟା ରୋବୋଡଗ୍ ନୁହେଁ। ସମସ୍ୟା ହେଉଛି ଆମର ବିଶ୍ୱବିଦ୍ୟାଳୟଗୁଡ଼ିକ ଧୀରେ ଧୀରେ କ'ଣ ହୋଇଗଲାଣି।

ଦେଖିବାକୁ ଗଲେ, ଦେଶର ଅଧିକାଂଶ ଘରୋଇ ବିଶ୍ୱବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟ (ଡିଗ୍ରୀ କଲେଜ) ଗୁଡ଼ିକ ଶିକ୍ଷାର ଡିଗ୍ରୀ ସାର୍ଟିଫିକେଟ ବଣ୍ଟନର କେନ୍ଦ୍ର ହୋଇଗଲାଣି। ଶିକ୍ଷା ଏକ ବୌଦ୍ଧିକ ପ୍ରକ୍ରିୟା ନହୋଇ , ବରଂ ଏକ କାରବାର ହୋଇଗଲାଣି - ଟଙ୍କା ବିନିମୟରେ ଡିଗ୍ରୀ ବିକ୍ରି ହେଉଛି। ଏବେ ଯେମିତି ଉପସ୍ଥାନ, ଶୈକ୍ଷିକ ଅଂଶଗ୍ରହଣ, ପରୀକ୍ଷାଗାର କାର୍ଯ୍ୟ ଓ ବୌଦ୍ଧିକ ଶୃଙ୍ଖଳା ଆଉ ବାଧ୍ୟତାମୂଳକ ନୁହେଁ ବରଂ ଆପତ୍ତିଜନକ ପାଲଟି ଯାଇଛି। ଉଚ୍ଚଶିକ୍ଷାରେ ଯାହା ପୂର୍ବରୁ ଆପୋଷ ନ ଥିଲା ତାହା ଏବେ ନମନୀୟ, ଦୁର୍ବଳ ଓ ବିକୃତ ହୋଇଗଲାଣି। ଏହି ମାନହ୍ରାସ ବିଶେଷ ଭାବରେ ଚିନ୍ତାଜନକ ଯେଉଁଠାରେ କଠୋରତା ଜରୁରୀ ଅଟେ। ତାତ୍ତ୍ୱିକ ଅଧ୍ୟୟନର ଦୁର୍ବଳତା ଗୋଟିଏ କଥା, କିନ୍ତୁ ବିଜ୍ଞାନ ଶିକ୍ଷାର ଚିତ୍ର ଆହୁରି ଗମ୍ଭୀର। ପରିତାପର ବିଷୟ ଛାତ୍ରଛାତ୍ରୀମାନେ ନିୟମିତ ଶ୍ରେଣୀରେ ଯୋଗଦାନ ନକରି କିମ୍ବା ବ୍ୟବହାରିକ ପରୀକ୍ଷାଗାର ତାଲିମ ଗ୍ରହଣ ନକରି ବିଜ୍ଞାନ ବିଷୟଗୁଡ଼ିକରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଗ୍ରହଣ କରୁଛନ୍ତି। ଏକଦା ବୈଜ୍ଞାନିକ ତାଲିମର ପରୀକ୍ଷଣ କାର୍ଯ୍ୟ ମେରୁଦଣ୍ଡ ଥିବା ବେଳେ, ତାହା କେବଳ ଔପଚାରିକତାରେ ଦୃଷ୍ଟିରେ ଏବେ ପରିଣତ ହୋଇଛି। ଏକଥା ସତ ଡିଗ୍ରୀ ପ୍ରଦାନ କରାଯାଉଛି, କିନ୍ତୁ ଦକ୍ଷତା ସୁନିଶ୍ଚିତ ନୁହେଁ।

ଏହି ଶୂନ୍ୟତାର ପରିଣାମ ଛାତ୍ରମାନେ ଚାକିରି ପାଇଁ ଆବେଦନ କଲେ ସ୍ପଷ୍ଟ ହୋଇଯାଏ। ଦୃଷ୍ଟାନ୍ତମୂଳକ ରସାୟନ ବିଜ୍ଞାନରେ ମାଷ୍ଟର ଡିଗ୍ରୀ ମୌଳିକ ବୈଜ୍ଞାନିକ ଧାରଣା ବ୍ୟାଖ୍ୟା କରିପାରେ ନାହିଁ। ଜଣେ ବାଣିଜ୍ୟ ସ୍ନାତକ ଡେବିଟ୍ ଓ କ୍ରେଡିଟ୍ ର ମୌଳିକ ଧାରଣା ବ୍ୟାଖ୍ୟା କରିପାରିବେ ନାହିଁ। ଜଣେ ଭାଷା ଡିଗ୍ରୀଧାରୀ ଛାତ୍ର ସମସ୍ୟା ସମାଧାନ ଓ ସମାଲୋଚନାମୂଳକ ଚିନ୍ତାଧାରାରେ ଦୁର୍ବଳ ଦେଖାଯାଏ। ଏଗୁଡ଼ିକ ପୃଥକ ଉଦାହରଣ ନୁହେଁ, ବରଂ ଶିଳ୍ପ ଦ୍ୱାରା ବାରମ୍ବାର ପରିଲକ୍ଷିତ ସାଧାରଣ ଧାରା।

ସ୍ୱାଭାବିକ ଭାବରେ, ଏହା ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ହତାଶା ସୃଷ୍ଟି କରେ। ବର୍ଷ ବର୍ଷ ଧରି ପାଠପଢ଼ା ଓ ଯଥେଷ୍ଟ ଆର୍ଥିକ ନିବେଶ ସତ୍ତ୍ୱେ ଯେତେବେଳେ ନିଯୁକ୍ତି ବିଫଳ ହୁଏ, ସେତେବେଳେ ପ୍ରଶ୍ନ ଉଠେ। ପିତାମାତାମାନେ ପଚାରିବା ଠିକ୍ ଯେ ସେମାନଙ୍କ ପିଲାମାନେ ଶିକ୍ଷା ସତ୍ତ୍ୱେ କାହିଁକି ବେକାର ରୁହନ୍ତି। ଏହି ଅସନ୍ତୋଷ ପ୍ରାୟତଃ ସରକାରଙ୍କୁ ଟାର୍ଗେଟ କରେ, ଯାହା ନିଯୁକ୍ତି ସୃଷ୍ଟି କରିବାରେ ବିଫଳ ହେବାର ଅଭିଯୋଗ ରହିଛି। ନିଯୁକ୍ତି ସୃଷ୍ଟି ଏକ ନୀତିଗତ ଚ୍ୟାଲେଞ୍ଜ ହୋଇଥିଲେ ମଧ୍ୟ, ଏହି ଆଲୋଚନା ଏକ ଅସହଜ ସତ୍ୟକୁ ଅଣଦେଖା କରେ। କାରଣ ଏକ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟକ ସ୍ନାତକ ପ୍ରକୃତରେ ବେକାର ଅଛନ୍ତି। ସେମାନେ ନିଯୁକ୍ତି ଯୋଗ୍ୟ ନୁହଁନ୍ତି। ଏଠାରେ ସ୍ୱତଃ କିଛି ମୌଳିକ ପ୍ରଶ୍ନବାଚୀ ଉଠେ। ଯଦି ଛାତ୍ରଛାତ୍ରୀମାନଙ୍କର ଆବଶ୍ୟକୀୟ ଜ୍ଞାନ ଓ ଦକ୍ଷତାର ଅଭାବ ଥାଏ। ଯଦି ଏହା ସତ, ତେବେ ସେମାନଙ୍କୁ ଯୋଗ୍ୟ ଘୋଷଣା କରାଗଲା କିପରି ଓ ସେମାନେ ଡିଗ୍ରୀ ସାର୍ଟିଫିକେଟ କିପରି ପାଇଲେ ? ଶିକ୍ଷାଗତ ଗୁଣବତ୍ତା ସୁନିଶ୍ଚିତ ନକରି ଏଭଳି ପ୍ରତିଷ୍ଠାନଗୁଡ଼ିକୁ ପ୍ରମାଣପତ୍ର ପ୍ରଦାନ କରିବାକୁ କିଏ ଅନୁମତି ଦେଇଥିଲା ? ଏହାର ଉତ୍ତର ଉଚ୍ଚଶିକ୍ଷାର ନିୟାମକ ଢାଞ୍ଚାରେ ରହିଛି। ଭାରତରେ ଉଚ୍ଚଶିକ୍ଷା ଅନେକ ମନ୍ତ୍ରଣାଳୟ, ବିଭାଗ ଓ ନିୟାମକ ସଂସ୍ଥା ଦ୍ୱାରା ତଦାରଖ କରାଯାଏ ଯାହାର ଉଲ୍ଲେଖିତ ଉଦ୍ଦେଶ୍ୟ ହେଉଛି ମାନଦଣ୍ଡକୁ ସୁରକ୍ଷା ଦେବା, ଗୁଣବତ୍ତା ସୁନିଶ୍ଚିତ କରିବା ଓ ଶିକ୍ଷାଗତ ଅଖଣ୍ଡତା ବଜାୟ ରଖିବା। ଏହି ଉଦ୍ଦେଶ୍ୟରେ ମାନ୍ୟତା ପ୍ରଣାଳୀ, ଯାଞ୍ଚ, ମୂଲ୍ୟାଙ୍କନ ଓ ଶିକ୍ଷାଗତ ଅଡିଟ୍ ସୃଷ୍ଟି କରାଯାଇଥିଲା। କିନ୍ତୁ ବାସ୍ତବରେ ଏହି ପ୍ରକ୍ରିୟାଗୁଡ଼ିକ ପ୍ରାୟତଃ ପ୍ରକୃତ ମୂଲ୍ୟାଙ୍କନ ବଦଳରେ କେବଳ ଔପଚାରିକତା ହୋଇଯାଏ।



ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି, ଶିଳ୍ପଗୁଡ଼ିକ ଯୋଗ୍ୟ ମାନବ ସମ୍ବଳର ଅଭାବ ଅଭିଯୋଗ କରୁଥିବା ବେଳେ, ଦେଶ ଶିକ୍ଷିତ ବେକାରୀର ଏକ ଗମ୍ଭୀର ସଙ୍କଟ ସହିତ ସଂଘର୍ଷ କରୁଛି। ଏହା କୌଣସି ବିରୋଧାଭାସ ନୁହେଁ, ବରଂ ଦକ୍ଷତା ଅପେକ୍ଷା ପ୍ରମାଣପତ୍ରକୁ ପ୍ରାଥମିକତା ଦେଉଥିବା ଏକ ବ୍ୟବସ୍ଥାର ଏକ ସ୍ୱାଭାବିକ ପରିଣାମ। କମ୍ପାନୀଗୁଡ଼ିକ ନୂତନ କର୍ମଚାରୀମାନଙ୍କୁ ପୁନଃପ୍ରଶିକ୍ଷିତ କରିବା ପାଇଁ ପ୍ରଚୁର ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି, ଯେତେବେଳେ ଯୁବ ବୃତ୍ତିଗତମାନେ ଆତ୍ମବିଶ୍ୱାସର ଅଭାବ ଓ କ୍ୟାରିୟର ସ୍ଥିରତାରୁ କ୍ଷତିଗ୍ରସ୍ତ ହେଉଛନ୍ତି।

ସେମାନେ ଏହା ସହିତ ସଂଘର୍ଷ କରନ୍ତି। ଏହି ବ୍ୟବସ୍ଥାର ସବୁଠାରୁ ବଡ଼ ଶିକାର ହେଉଛନ୍ତି ସଚ୍ଚୋଟ ଓ ପ୍ରତିଭାବାନ ଛାତ୍ର ଯେଉଁମାନେ ବିକଳ୍ପ ଅଭାବ କିମ୍ବା ଭ୍ରାମକ ବ୍ରାଣ୍ଡିଂ ଯୋଗୁଁ ପ୍ରାୟତଃ ମଧ୍ୟମ ଶିକ୍ଷାନୁଷ୍ଠାନରେ ପଢ଼ନ୍ତି। ସେମାନେ କଠିନ ପରିଶ୍ରମ କରନ୍ତି ଓ ଶିଖିବାକୁ ଚାହାଁନ୍ତି। କିନ୍ତୁ ଶେଷରେ, ସେମାନଙ୍କ ଉପରେ ସେମାନଙ୍କର ନିଜସ୍ୱ ଦକ୍ଷତା ଅପେକ୍ଷା ମାର୍କସିଟରେ ଅନୁଷ୍ଠାନର ନାମ ଅଧିକ ଭାରାକ୍ରାନ୍ତ ହୁଏ। ସେମାନଙ୍କର ବ୍ୟକ୍ତିଗତ ଯୋଗ୍ୟତା ସଂସ୍ଥାଗତ ବିଶ୍ୱସନୀୟତାର ଅଭାବ ଦ୍ୱାରା ଛାଇ ପଡ଼ିଯାଏ। ଏହା କେବଳ ଅନ୍ୟାୟ ନୁହେଁ, ବରଂ ଜାତୀୟ ସ୍ତରରେ ପ୍ରତିଭାର ଅପଚୟ କୁହାଯାଇପାରେ।

ଯଦି ଏହି ଧାରା ସମୟ ମଧ୍ୟରେ ବନ୍ଦ ନହୁଏ, ତେବେ ଏହାର ଦୀର୍ଘକାଳୀନ ପରିଣାମ ଭୟଙ୍କର ହେବ। ଡିଗ୍ରୀର ସାମାଜିକ ଓ ଆର୍ଥିକ ମୂଲ୍ୟ ହ୍ରାସ ପାଇବ। ଉଚ୍ଚଶିକ୍ଷା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଦୁର୍ବଳ ହେବ। ଯୋଗ୍ୟତା ଓ ମଧ୍ୟମତା ମଧ୍ୟରେ ପାର୍ଥକ୍ୟ ଆହୁରି ଅସ୍ପଷ୍ଟ ହୋଇଯିବ। "ପ୍ରତ୍ୟେକ ରାସ୍ତାରେ ବିଶ୍ୱବିଦ୍ୟାଳୟ" ପରି ବାକ୍ୟଗୁଡ଼ିକ ବ୍ୟଙ୍ଗ ନୁହେଁ ବରଂ ବାସ୍ତବତାର ବର୍ଣ୍ଣନା ହୋଇଯିବ, ଯେଉଁଠାରେ ବିଶ୍ୱବିଦ୍ୟାଳୟଗୁଡ଼ିକ ସବୁଠି ଅଛନ୍ତି, କିନ୍ତୁ ଶିକ୍ଷା ନାହିଁ। ଏବେ ସଂସ୍କାରର ସମୟ। ସେହି ସଂସ୍କାର ସଚ୍ଚୋଟ ଓ କଠୋର ହେବା ଉଚିତ୍। ନିୟାମକ ସଂସ୍ଥାଗୁଡ଼ିକୁ ବାକ୍ସ-ଟିକ୍ ଠାରୁ ଆଗକୁ ବଢ଼ି ଫଳାଫଳ-ଭିତ୍ତିକ, ସ୍ୱଚ୍ଛ ଓ ନିରପେକ୍ଷ ମୂଲ୍ୟାଙ୍କନ ଗ୍ରହଣ କରିବାକୁ ପଡିବ। ଶିକ୍ଷାଦାନର ଗୁଣବତ୍ତା, ଶିକ୍ଷଣ ଫଳାଫଳ, ଛାତ୍ର ସମ୍ପର୍କ ଓ ମୂଲ୍ୟାଙ୍କନକୁ ସମ୍ମାନ କରାଯିବା ଉଚିତ୍।

ସଚ୍ଚୋଟତାକୁ ବିଜ୍ଞାପନ ଠାରୁ ଉପରେ ସ୍ଥାନିତ କରାଯିବା ଉଚିତ। ଶିକ୍ଷାନୁଷ୍ଠାନଗୁଡ଼ିକୁ ଦାୟୀ କରାଯିବା ଉଚିତ୍। ଯେଉଁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ କ୍ରମାଗତ ଭାବରେ ଶିକ୍ଷାଗତ ଭାବରେ ବିଫଳ ହୁଅନ୍ତି ସେମାନଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିବ। ଯେଉଁଥିରେ ସିଟ୍ ହ୍ରାସ, ପାଠ୍ୟକ୍ରମ ସ୍ଥଗିତ ରଖିବା, କିମ୍ବା ମହାବିଦ୍ୟାଳୟ ପାଇଥିବା ମାନ୍ୟତା ରଦ୍ଦ କରିବା ଅନ୍ତର୍ଭୁକ୍ତ। ଉଚ୍ଚଶିକ୍ଷାକୁ ନେଇ ଏପରି ଏକ ବ୍ୟବସାୟ ହୋଇପାରିବ ନାହିଁ , ଯେଉଁଠାରେ ବିଫଳତା ବିନା ମୂଲ୍ୟରେ ଆସିଥାଏ। ଛାତ୍ର ଓ ଅଭିଭାବକମାନଙ୍କୁ ମଧ୍ୟ ଅଧିକ ସତର୍କ ରହିବାକୁ ପଡିବ। କେବଳ ମାର୍କେଟିଂ, ଭିତ୍ତିଭୂମି ଓ ବ୍ରାଣ୍ଡିଂ ଉପରେ ଆଧାରିତ ନିଷ୍ପତ୍ତି ନେବା ଭବିଷ୍ୟତକୁ ବିପଦରେ ପକାଇଥାଏ। ଶିକ୍ଷା ଏକ ସରଳ କ୍ରୟ ନୁହେଁ, ବରଂ ବୌଦ୍ଧିକ ଓ ବୃତ୍ତିଗତ ବିକାଶରେ ଏକ ନିବେଶ ଓ ଭୁଲ ନିଷ୍ପତ୍ତିର ସୁଦୂରପ୍ରସାରୀ ପରିଣାମ ଥାଏ।

ଶେଷରେ କହିବାକୁ ଉଚ୍ଚଶିକ୍ଷାର ଉଦ୍ଦେଶ୍ୟ ଡିଗ୍ରୀ ସାର୍ଟିଫିକେଟ ବଣ୍ଟନ କରିବା ନୁହେଁ, ବରଂ ଚିନ୍ତାଶୀଳ, ସକ୍ଷମ ଓ ଦାୟିତ୍ୱବାନ ନାଗରିକ ସୃଷ୍ଟି କରିବା। ଯେପର୍ଯ୍ୟନ୍ତ ଏହି ମୂଳ ଉଦ୍ଦେଶ୍ୟ ପୁନଃସ୍ଥାପିତ ନହୁଏ, ରୋବୋଡଗ୍ ଭଳି ବିବାଦ ଉଠିବ, କିଛି ସମୟ ପାଇଁ ଏକ ଗୁଞ୍ଜରଣ ସୃଷ୍ଟି କରିବ ଓ ତା'ପରେ କମିଯିବ। କିନ୍ତୁ ପ୍ରକୃତ ସଙ୍କଟ ସେମିତି ରହିବ। ଏବେ ଆମକୁ ପ୍ରସାଧନ ସଂସ୍କାର ନୁହେଁ, ବରଂ ବ୍ୟବସ୍ଥାଗତ ଆତ୍ମନିରୀକ୍ଷଣ ଆବଶ୍ୟକ। କାରଣ ଶିକ୍ଷାର ସଙ୍କଟ କେବେବି ଶ୍ରେଣୀଗୃହରେ ସୀମିତ ନୁହେଁ - ଏହା ନୀରବରେ ଜାତିର ଭବିଷ୍ୟତକୁ ଆକାର ଦିଏ...!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ- ୪**
**ମୋବାଇଲ: ୯୦୪୦ ୧୫୧୪୭୫**

# ପଞ୍ଜୁରୀ ପ୍ରେମ

### ଡ. ମନୋଜ କୁମାର ମହାନ୍ତି



କର୍ମନିଯୁକ୍ତି କ୍ଷେତ୍ରରେ ବାସସ୍ଥଳୀର ଆବଶ୍ୟକତା ରହିଛି। କର୍ମରେ ନିଯୁକ୍ତ ପ୍ରତ୍ୟେକ ବ୍ୟକ୍ତି ମୁଣ୍ଡ ଗେଞ୍ଜିବା ପାଇଁ ଅନେକ ଆବଶ୍ୟକତା ମଧ୍ୟରୁ ପ୍ରାଥମିକ ଆବଶ୍ୟକତାରୂପେ ଖଣ୍ଡେ ଘର ଖୋଜେ। ଆଜିର ସମୟରେ ଦୂରଦୁରାନ୍ତରୁ କର୍ମନିଯୁକ୍ତ ବ୍ୟକ୍ତିଟିଏ ପାଇଁ ଭଡାଘର ଛଡ଼ା ଅନ୍ୟକିଛି ଉପାୟନାହିଁ। ଓଡ଼ିଶାର ଅବସ୍ଥିତ ବିଭିନ୍ନ ସହରରେ ଭଡାଘରଟେ ଖୋଜିପାଇବା ବଡ଼ କଷ୍ଟସାଧ୍ୟ। କାରଣ ନିଜ ବଜେଟ୍ ସହ ଉପଯୁକ୍ତ ଘର ମିଳିବା ଓ ମନଖୋଲି ଚଳୀବାର ସ୍ୱାଧୀନତା ସବୁଠୁ ପ୍ରମୁଖ ବିଷୟ। ତାଠାରୁ ଅଧିକ ଯନ୍ତ୍ରଣାପୂର୍ଣ୍ଣ ଘରମାଲିକମାନଙ୍କର ବ୍ୟବହାର। କାରଣ ଗୁଡ଼ାଏ କଟକଣା ଓ ନୀତିନିୟମ ଭିତରେ ଘରଖଣ୍ଡେ ଭଡ଼ାସୂତ୍ରରେ ମିଳେ। ଘରମାଲିକ ରହୁଥିବା ଘରେ ରହିବା ଏକପ୍ରକାର ଅନୁଶାସନପୂର୍ଣ୍ଣ। ସେଥିରେ ଅନ୍ତର୍ଭୁକ୍ତ ବିଜୁଳି, ପାଣି ଓ ଲୋକ ଗହଳିର ସତର୍କ ଘଣ୍ଟି। ଏହା ସହ ପାରିପାର୍ଶ୍ୱିକ ଅବସ୍ଥିତି ମଧ୍ୟ ଅନ୍ୟ ଏକ ସମସ୍ୟା। ଏସବୁ ସତ୍ତ୍ୱେ ଦୁଇ ମହଲା ଭଡାଘର ଖୋଜିପାଇଲି। ଉପରେ ମହଲାରେ ଘର ମାଲିକଙ୍କ ପରିବାର। ଏକ ସୁନ୍ଦର ସବୁଜିମା ତଥା ଶାନ୍ତ ପରିବେଶ ମଧ୍ୟରେ ଅବସ୍ଥିତ ଆମର ଭଡା ବାସସ୍ଥଳୀଟି। ସେଥିରେ ଅନ୍ୟ ଏକ ସଦସ୍ୟରୂପେ ମାଉସୀଙ୍କ ଅତିପ୍ରିୟ ଗେହ୍ଲା ମିଟୁ ଯିଏ ବିଗତ ଦୁଇ ଦଶନ୍ଧି ହେବ ତାଙ୍କ ସହ ରହୁଛି। ମିଟୁକୁ କେବେ ପଞ୍ଜୁରୀ ମଧ୍ୟରେ ତ ଆଉ କେବେ ଖୋଲାରେ ଚାଲିବୁଲିବାର ଦୃଶ୍ୟ ଦେଖିବାକୁ ମିଳେ। ପଞ୍ଜୁରୀ ମଧ୍ୟେ ଆବଦ୍ଧ ମିଟୁ କେବେଠୁ ଉଡ଼ିବା ଭୁଲିଗଲାଣି। ଅନେକ ସମୟରେ ଡେଣା ଝାଡେ ହେଲେ ଉଡ଼ିଯିବାକୁ କେବେ ଦୁଃସାହସ କରିନାହିଁ।

ଭାରତର ଲୋକମାନେ ଶୁଆସାରୀକୁ ଘରେ ରଖିବାକୁ ଖୁସି ପାଆନ୍ତି। ବାସ୍ତବରେ ରଙ୍ଗବେରଙ୍ଗର ପକ୍ଷୀମାନଙ୍କୁ ପଞ୍ଜୁରୀ ମଧ୍ୟରେ ଆବଦ୍ଧ ରଖି ମଣିଷ ଖୁସି ଅନୁଭବ କରେ। ତା ଭଲ ପାଇବାକୁ ପଞ୍ଜୁରୀ ଆବଦ୍ଧରେ ଥିବା ଶୁଆସାରୀଙ୍କୁ ବାଣ୍ଟିବାକୁ ଚାହେଁ। ବଜାରରୁ ଫଳଫୁଲ କିଣି ତାକୁ ଖୁଆଇବାରେ ଯେଉଁ ଆନନ୍ଦ ପାଏ ସେକଥା ସେମାନଙ୍କୁ ହିଁ ଜଣା। ଅଧିକାଂଶ ମଣିଷ ନିଜଘରେ କିଛି ପଶୁପକ୍ଷୀଙ୍କ ରଖି ଆତ୍ମିକ ସୁଖ ଅନୁଭବ କରନ୍ତି। ଯଦି ଏଥିରୁ ମଣିଷ ଆନନ୍ଦ ନପାଆନ୍ତା ତେବେ ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ତାରଜାଲି ଆବଦ୍ଧ କରି ପଶୁପକ୍ଷୀମାନଙ୍କୁ ଆକର୍ଷଣର କେନ୍ଦ୍ରବିନ୍ଦୁ କରାଯାଆନ୍ତା ନାହିଁ। ମୁକ୍ତ ଆକାଶର ବିହଙ୍ଗକୁ ବନ୍ଦୀକରି ମଣିଷ ଯେଉଁ ଆନନ୍ଦ ଅନୁଭବ କରେ ତାର ହିସାବ କରିହେବନି। ଯାହାକିଛି କରୁଛି ମଣିଷ କେବଳ ନିଜର ଖୁସିପାଇଁ। ତା ଖୁସି ନିକଟରେ ଅନ୍ୟର ସ୍ୱାଧୀନତାର କୌଣସି ଅର୍ଥନାହିଁ। ଗାଁରେ ଛୋଟବେଳେ ବଣିଚଢ଼େଇ ଧରିବାପାଇଁ ତାଳଗଛ ବରଗଛରେ ଥିବା ଖୋପକୁ ଶିଢି ପକେଇ ସାଙ୍ଗମାନଙ୍କ ସହ ଚଢ଼ିବାର ଅନେକଥର ଦୁଃସାହସ କରି କେବେ ସଫଳ ପୁଣି କେବେ ବିଫଳ ହୋଇଛି।

ଉପର ମହଲା ବାଲକୋନୀରେ ମିଟୁକୁ ମାଉସୀ ଅତି ଯତ୍ନରେ ରଖନ୍ତି। ପ୍ରତିଦିନ ସକାଳୁ ଖାଇବାକୁ ଦେଇ ନିଜ କାମରେ ଲାଗି ପଡନ୍ତି। ସମୟେ ସମୟେ ମାଉସୀଙ୍କ ବ୍ୟସ୍ତତାପାଇଁ ମିଟୁ ଏକୁଟିଆ ଅନୁଭବ କରେ। ତାପାଖରେ କେହିନଥିଲେ ମାଉସୀଙ୍କୁ ମା ମା କହି ଡାକ ଛାଡେ ତାହା ଅନେକ ଥର ଶୁଣିଛି। ଖରାବେଳେ ତାକୁ ଗାଧୋଇ ପରିଷ୍କାର ପରିଚ୍ଛନ୍ନ କରି ତାକୁ କିଛି ସମୟ ପଞ୍ଜୁରୀମୁକ୍ତ କରନ୍ତି। ବିଚରା ମିଟୁ ମାଉସୀଙ୍କୁ ନିଜ ମା ଓ ପଞ୍ଜୁରୀକୁ ନିଜର ଦୁନିଆଭାବେ ଢେର୍ ଦିନ ହେବ ଗ୍ରହଣ କରିନେଇଛି। ତାର ସୁଖଦୁଃଖ ମାଉସୀଙ୍କ ହାତରେ। ବେଳେବେଳେ ଅଭିମାନ କରି ଚୁପଚାପ୍ ଶୋଇପଡେ। ଆମେ ରହିବା ପରଠୁ ମାଉସୀଙ୍କ ପରିବାର କୁଆଡେ ଦୂରସ୍ଥାନ କିମ୍ବା ବନ୍ଧୁବାନ୍ଧବ ଘର ବୁଲିବାକୁ ଗଲେ ମିଟୁକୁ ଆମ ପାଖରେ ଜିମା ଦେଇଯାନ୍ତି। ଅନେକ ସମୟରେ ମିଟୁକୁ ଖୋଲା ଛାଡ଼ି ତାସହ ମନୋରଞ୍ଜନ କରୁ। ସେ ବି ଆମ ପାଖରେ ଖୁସି ଅନୁଭବ କରେ। ତାର ଉପଯୁକ୍ତ ଯତ୍ନ ନେବାରେ ଆମ ପରିବାର କେବେ ଅବହେଳା କରେନାହିଁ। ବିଗତ ଗୋଟେ ବର୍ଷରୁ ଅଧିକ ସମୟ ହେଲାଣି ମିଟୁ ଟିକେ ଅବେହେଳିତ ହେଲାଭଳି ଲାଗେ। ମାଉସୀଙ୍କ ନାତି ଜନ୍ମ ହେବାର କିଛିଦିନ ପୂର୍ବରୁ ମିଟୁ ପ୍ରତି ଅନେକଟା ଧ୍ୟାନ କମିଯାଇଛି। ବାସ୍ତବରେ ମଣିଷ ଓ ମଣିଷ ଛୁଆଙ୍କ ଯତ୍ନ ତଥା ଲାଳନପାଳନ ଏକ କଷ୍ଟସାଧ ବ୍ୟାପାର। ଗାଈଗୋରୁ, ଛେଳିମେଣ୍ଢା ତଥା ଅନ୍ୟାନ୍ୟ ପଶୁପକ୍ଷୀଙ୍କୁ ଘାସକୁଟା, ପେଜତୋରାଣି ଦେଇ ବେକରେ ରସିବନ୍ଧି ସମ୍ଭାଳି ହୁଏ କିନ୍ତୁ ମଣିଷକୁ ନୁହେଁ। ମୁକ୍ତହୋଇ ବୁଲୁଥିବା ପ୍ରତିଟି ପ୍ରାଣୀ ନିଜ ମନର ରାଜା ଏକଥା କେଉଁ ଏକ ପାଠ ପୁସ୍ତକରେ 'ବଣ ଓ ବଣି' କବିତାରେ ବର୍ଣ୍ଣିତ। ମହୁଲ ଡାଳରେ ବସି ଥଣ୍ଟ ଘସୁଥିବା ବଣିକୁ କୁନା ସୁନା ପଞ୍ଜୁରୀର ଲୋଭ ଦେଖାଇ ସର ଓ ଲବଣୀ, ଫଳ ଆଦି କିଣି ଖୁଆଇବାର ମୋହରେ ବାନ୍ଧି ରଖିବାକୁ ସୂଚନା ଦେଇ ମଧ୍ୟ ନିରୁପାୟ ହେଲା। ଖୋଲା ଆକାଶରେ ଉଡିବୁଲିବାର ସୁଖ କଣ ସୁନାପଞ୍ଜୁରୀ ଓ ସୁସ୍ୱାଦୁ ବ୍ୟଞ୍ଜନ ଆଣିଦେବକି ଏକଥା ବଣିର ପ୍ରତ୍ୟୁତ୍ତର ଥିଲା। ମଣିଷର ପ୍ରେମ ଏକ ସ୍ୱାର୍ଥ ସମ୍ପନ୍ନ। ନିସ୍ୱାର୍ଥପର ପ୍ରେମ ଏ ସଂସାରେ ଅଛି କେଉଁଠି? ଲୁକାୟିତ ଅବସ୍ଥାରେ କେଉଁଠି ନା କେଉଁଠି ପ୍ରେମରେ ସ୍ୱାର୍ଥ ନିହିତ। ସବୁ ତ୍ୟାଗ ପଛରେ ମଣିଷର କିଛି ନା କିଛି ଉଦ୍ଦେଶ୍ୟ ଅନ୍ତର୍ଭୁକ୍ତ। ତାହା ମହତ୍ ହେଉକି ନିଜସ୍ୱାସବୁ କର୍ମ ମୂଳରେ ମାନସିକ ହେଉକି ଶାରିରୀକ ଆନନ୍ଦ ଜଡ଼ିତ। ମନର ମୂଳେ ଏ ଜଗତ। ତେଣୁ ଜାଗତିକ ଆନନ୍ଦ ଜଗତରେ ଥିବା ଜୀବ ଓ ଅଜୀବ ସହ ସଂଶ୍ଳିଷ୍ଟ। ତାହା କେବେ ପ୍ରକୃତି, ପୁଣି ପ୍ରକୃତି ମଧ୍ୟରେ ଥିବା ବିବିଧତାକୁ ନେଇ। ପ୍ରେମ ଚିରନ୍ତନ, ଶାଶ୍ୱତ ହୋଇପାରେ କିନ୍ତୁ ପ୍ରେମ କରୁଥିବା ଲୋକମାନଙ୍କର ପ୍ରେମ ଚିରନ୍ତନ ନୁହେଁ। ପ୍ରେମ ସ୍ୱାର୍ଥ ସହ ସର୍ତ୍ତମୂଳକ। ସନ୍ତାନ ସନ୍ତତିଙ୍କ ପ୍ରତି ପିତାମାତାଙ୍କର ଆବେଗକୁ ଯଦି ନିଶ୍ୱାର୍ଥ ପ୍ରେମ କହିବା ତାହା ସମ୍ପୂର୍ଣ୍ଣ ଭୁଲ। ପ୍ରତ୍ୟେକ ଜନ୍ମଦାତ୍ରି ସେ ମଣିଷ ହେଉକି ପଶୁପକ୍ଷୀ ସମସ୍ତଙ୍କ କ୍ଷେତ୍ରରେ ନିଜ ସନ୍ତାନସନ୍ତତିକୁ ନେଇ ଅହେତୁକ ଅନୁକମ୍ପାର ବ୍ୟାକୁଳତା ଦେଖିବାକୁ ମିଳେ। କାରଣ ନିଜ ଶରୀରପାଇଁ ଆମର ଅନେକ ଲୋଭ। ଶାରିରୀରୁ ଉତ୍ପତ୍ତି ଏକ ଶାରିରୀର ସୁରକ୍ଷା ଏକ ବୃହତ୍ ଦାୟିତ୍ୱ। ଏ ବିଶ୍ୱର ସମସ୍ତ ମାଙ୍କ ହୃଦୟରେ ନିଜ ଜନ୍ମିତ ସନ୍ତାନଙ୍କ ପ୍ରତି ଏକ ସ୍ୱତନ୍ତ୍ର ପ୍ରେମ ଯାହାର ନିଦର୍ଶନ ନିଆରା। ମିଟୁକୁ ଭଲ ପାଇବା ଓ ତା ମନକଥା ବୁଝିବା ଏକା କଥା ନୁହେଁ। ପଞ୍ଜୁରୀ ମଧ୍ୟେ ଆବଦ୍ଧ କରି ମଣିଷ କାହାକୁ ଭଲ ପାଇବାର ମାନେ କଣ? ଅନ୍ୟକୁ ଶାରିରୀକ କ୍ଳେଶଦେଇ ନିଜ ପ୍ରେମକୁ ଅଜାଡ଼ି ଦେଲେ ଲାଭ କଣ? ବଞ୍ଚିବାର ସ୍ୱାଧୀନତାରୁ ହିଁ ହୁଏ ପ୍ରେମର ଆରମ୍ଭ। ଆଜିବି ମିଟୁଭଳି କିଛି ପ୍ରାଣୀ ଏ ସଂସାରରେ ପଞ୍ଜୁରୀ ଭିତରେ ଆବଦ୍ଧ ହୋଇ ନିଜର ସ୍ୱାଧୀନତାକୁ ଭୁଲି ଗଲେଣି। କିଛି ନିରୀହ ଆଖିର ଲୁହରେ ପ୍ରେମ ଶବ୍ଦ ଅର୍ଥ ଏବେବି ଅବୁଝା।

**ଦର୍ଶନ ବିଭାଗ ମୁଖ୍ୟ**
**ବି.ଏନ.ଏମ.ଏ ମହାବିଦ୍ୟାଳୟ, ଭଦ୍ରକ**
**ମୋବାଇଲ୍:୮୮୯୫୩୪୧୦୩୩**

### ଏଆଇ ଇମ୍ପାକ୍ଟ ସମ୍ମିଳନୀକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

# ଏଆଇ ଏକ ସୁଯୋଗ, କିନ୍ତୁ ନିୟନ୍ତ୍ରଣ ରଖିବା ଉଚିତ

**ନୂଆଦିଲ୍ଲୀ, ୧୯।୨:** ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଆଇ ଇମ୍ପାକ୍ଟ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ସେ ଭାରତକୁ ଟେକ୍ନୋଲୋଜି ଏବଂ ଟ୍ୟାଲେଣ୍ଟର ଏକ ବଡ଼ କେନ୍ଦ୍ର ବୋଲି କହିଛନ୍ତି। ଏହାସହ ଏଆଇକୁ ନେଇ ନୂଆ ମନ୍ତ୍ର ଦେଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆମେ ଏଆଇ କ୍ଷେତ୍ରରେ ଆଗକୁ ବଢୁଛୁ। କିନ୍ତୁ ଏବେ ଏହାର ପ୍ରଭାବ ବାବଦରେ କିଛି ଜଣାପଡିବ ନାହିଁ। ପଥରକୁ ଘଷିଲେ ପ୍ରଥମେ ନିଆଁର ଏକ ଝଲକ ବାହାରେ। ଯାହା ସମସ୍ତେ ଜାଣି ପାରନ୍ତି ନାହିଁ। ଏହି ସାମାନ୍ୟ ନିଆଁର ଝଲକ ମାନବ ଇତିହାସରେ ଏକ ସଭ୍ୟତାର ଆରମ୍ଭ ଥିଲା। ଏଆଇ ମଧ ମାନବ ଇତିହାସରେ ଏପରି ଏକ ଟ୍ରାନ୍ସଫର୍ମେସନ୍ ବା ପଜିଟିଭ୍ ପରିବର୍ତ୍ତନ। ଏବେ ଆମେ ଯାହା ଦେଖୁଛେ ଏବଂ ଅନୁଭବ କରୁଛେ ତାହା ପ୍ରାରମ୍ଭିକ ପରିବର୍ତ୍ତନ। ପୂର୍ବରୁ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କିଛି ପରିବର୍ତ୍ତନ ହେଲେ ତାକୁ ବୁଝିବାକୁ ଦଶନ୍ଧି ଲାଗିଯାଉଥିଲା। କିନ୍ତୁ ଏବେ ମେସିନ୍ ଲର୍ଣ୍ଣିଂରେ ସବୁ କିଛି ସହଜ ହୋଇଯାଉଛି।

ମୋଦୀ ସମ୍ମିଳନୀରେ 'ମାନବ' ଭିଜନ୍ ଉପରେ ଫୋକସ କରିଛନ୍ତି। ସେ କହିଛନ୍ତି



ଯେ, ଏଆଇ ପାଇଁ ମଣିଷ କେବଳ ଡାଟା ପଏଣ୍ଟ ହୋଇ ନରହୁ। ମଣିଷମାନେ କଞ୍ଚାମାଲ ମଧ୍ୟରେ ସୀମିତ ନରୁହନ୍ତୁ। ତେଣୁ ଏଆଇକୁ ଲୋକତାନ୍ତ୍ରିକ ବା ଗଣତାନ୍ତ୍ରିକ ରୂପ ଦେବାକୁ ହେବ। ଏଆଇକୁ ଖୋଲା ଆକାଶ ବି ଦେବା ଦରକାର ତା ସହ ତାର ନିୟନ୍ତ୍ରଣକୁ ନିଜ ହାତରେ ରଖିବା ଉଚିତ।

ଏହାସହ ପ୍ରଧାନମନ୍ତ୍ରୀ ଜିପିଏସର ଉଦାହରଣ ଦେଇଥିଲେ। ଜିପିଏସ କେବଳ ଆମକୁ ରାସ୍ତା ଦେଖାଏ ହେଲେ ଗନ୍ତବ୍ୟସ୍ଥଳ ଠିକ୍ କରେନି। ସେହିପରି ଏଆଇକୁ ବ୍ୟବହାର କରାଯିବା ଦରକାର। ଏଆଇରେ ନୈତିକତାକୁ ଭୁଲିଯିବା ଉଚିତ ନୁହେଁ। ନିୟମରେ ସ୍ୱଚ୍ଛତା ରହିବା ଜରୁରୀ। ଏହାସହ ଦେଶର ସୁରକ୍ଷା ଏବଂ ସ୍ୱାୟତ୍ତତା ଯେପରି ସାଲିସ ନହୁଏ ତାହା ଉପରେ ଫୋକସ କରାଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଦୁନିଆରେ ଦୁଇ ପ୍ରକାର ଲୋକ ରହୁଛନ୍ତି। କିଛି ଲୋକଙ୍କୁ ଏଆଇରେ ଭୟ ନଜର ଆସୁଛି, ଆଉ କିଛି ଏହାକୁ ସୁଯୋଗ ଏବଂ ସୌଭାଗ୍ୟ ଭାବୁଛନ୍ତି। ଭାରତର ଲୋକଙ୍କୁ ଏଆଇରେ ସୌଭାଗ୍ୟ ଦେଖାଯାଉଛି। ଭାରତୀୟ କମ୍ପାନୀ ଏଆଇ ସମ୍ମିଳନୀରେ ଅନେକ ମଡେଲ୍ ଉପସ୍ଥାପନ କରିଛନ୍ତି। ଭାରତ ଏଆଇ କ୍ଷେତ୍ରରେ ଅନେକ ପରାମର୍ଶ ଦେଇ ନିଜର ଦକ୍ଷତାକୁ ପ୍ରମାଣିତ କରୁଛି। ଦେଶ ପାଖରେ ବିଭିନ୍ନତା, ଏକତା, ଯୁବଶକ୍ତି ଏବଂ ଗଣତନ୍ତ୍ର ସବୁ କିଛି ରହିଛି। ଭାରତ ଯେଉଁ ସମାଧାନ ବିକାଶ କରିବ ତାହା ସାରାବିଶ୍ୱ ପାଇଁ ଶୁଭଦାୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଏଆଇ ସମ୍ମିଟରେ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଅପିଲ୍

## ୧୫ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ୍ ମିଡିଆ ବ୍ୟାନ ହେଉ

**ନୂଆଦିଲ୍ଲୀ, ୧୯।୨:** ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ବିଶ୍ୱର ଅନେକ ପ୍ରମୁଖ ନେତା ଯୋଗଦେଇଛନ୍ତି। ଏହି ମଞ୍ଚରୁ ଅନେକ ଦେଶର ରାଷ୍ଟ୍ରମୁଖ୍ୟ ଓ ପ୍ରତିନିଧିମାନେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଭବିଷ୍ୟତ ଉପରେ ନିଜର ମତ ରଖିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଧ ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିଛନ୍ତି ଏବଂ ୧୫ ବର୍ଷରୁ କମ ବୟସର ପିଲାଙ୍କ ପାଇଁ ସୋସିଲ୍ ମିଡ଼ିଆ ବ୍ୟାନ୍ କରିବା ପାଇଁ ଅପିଲ କରିଛନ୍ତି।

ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬କୁ ସମ୍ବୋଧିତ କରି ଫ୍ରାନ୍ସ ରାଷ୍ଟ୍ରପତି କହିଥିଲେ, ଆପଣଙ୍କ ସୁନ୍ଦର ଦେଶରେ ଆମକୁ ଭବ୍ୟ ସ୍ୱାଗତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବହୁତ ବହୁତ ଧନ୍ୟବାଦ। ଆପଣଙ୍କ ଦ୍ୱାରା ଆୟୋଜିତ ଏହି ଏଆଇ ଇମ୍ପାକ୍ଟ ସମିଟରେ ଉପସ୍ଥିତ ହେବା ବଡ଼ ଖୁସିର କଥା। ଗତ ୧୦ ବର୍ଷ ମଧ୍ୟରେ ଦେଶରେ ବହୁତ କିଛି ପରିବର୍ତ୍ତନ ହୋଇଛି। ଦଶ ବର୍ଷ ପୂର୍ବେ, ମୁମ୍ବାଇର ଜଣେ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ବିକ୍ରେତା ପାଇଁ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପ୍ରାୟତଃ ଅସମ୍ଭବ ଥିଲା। ତାଙ୍କର କୌଣସି ଠିକଣା ନଥିଲା, କୌଣସି କାଗଜପତ୍ର ନଥିଲା, କିନ୍ତୁ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି।



ବର୍ତ୍ତମାନ ସେହି ବିକ୍ରେତା ଯେକୌଣସି ବ୍ୟକ୍ତିଙ୍କଠୁ ଫୋନ ମାଧ୍ୟମରେ ତୁରନ୍ତ ପେମେଣ୍ଟ ଗ୍ରହଣ କରିପାରୁଛନ୍ତି। ଏହା ଏକ ବିରାଟ ପରିବର୍ତ୍ତନ। ମାକ୍ରୋନ୍ କହିଛନ୍ତି ଯେ ଭାରତ ପ୍ରତିବର୍ଷ ଲକ୍ଷ ଲକ୍ଷ ଏଆଇଇ ଇଞ୍ଜିନିୟରଙ୍କୁ ତାଲିମ ଦିଏ। ୫ଲକ୍ଷ ଇଞ୍ଜିନିୟରଙ୍କ ସହିତ, ଭାରତରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଡେଭଲପର କମ୍ୟୁନିଟି ଅଛି। ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବାକୁ ଇଣ୍ଡିଆ ଏଆଇ ଶିଖର ସମ୍ମିଳନୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିବେଦନ କରିଥିଲେ। ସେ ଆହ୍ୱାନ ଦେଇ କହିଥିଲେ, ଫ୍ରାନ୍ସ ପୂର୍ବରୁ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇସାରିଛି। ଆମେ ଏହି ପଥ ଆରମ୍ଭ କରିସାରିଛୁ, ଏବଂ ଆମେ ଆଶା କରୁଛୁ ଯେ ପ୍ରଧାନମନ୍ତ୍ରୀ ମୋଦୀ ମଧ ଏହାକୁ ଅନୁସରଣ କରିବେ। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଦୁଇପାଦ ଆଗକୁ ବଢ଼ିବେ।



## ସଦନରେ ତମାଖୁ ଚୋବାଇଲେ ଉପମୁଖ୍ୟମନ୍ତ୍ରୀ ଘେରିଲେ ଆର୍‌ଜେଡି-କଂଗ୍ରେସ

**ପାଟଣା, ୧୯।୨:** ବିହାର ବିଧାନସଭା ଭିତରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଭାଷଣରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭାଇରାଲ ଭିଡିଓକୁ ନେଇ ବିରୋଧୀ ଦଳ ଏବେ ତାଙ୍କୁ ଟାର୍ଗେଟ କରୁଛନ୍ତି। ସେ ତମାଖୁ ସେବନ କରୁଥିବା ଅଭିଯୋଗର ଫାଇଦା ଆର୍‌ଜେଡି ଓ କଂଗ୍ରେସ ଉଭୟ ନେଉଛନ୍ତି। ଭାଇରାଲ ଭିଡିଓରେ, ସମ୍ରାଟ ଚୌଧୁରୀ ଗୋଟିଏ ହାତରେ ତାଙ୍କ ମୁହଁକୁ ଘୋଡ଼ାଇ ମୁହଁରେ କିଛି ଭର୍ତ୍ତି କରୁଥିବାର ଦେଖାଯାଉଛି। ଏନେଇ ଆରଜେଡି ଓ କଂଗ୍ରେସ ଦାବି କରିଛନ୍ତି, ସେ ଗୃହରେ ତମାଖୁ ଚୋବାଉଥିଲେ। କିନ୍ତୁ, ଭିଡିଓରେ ତାହା ସ୍ପଷ୍ଟ ଭାବରେ ଦେଖାଯାଉନାହିଁ। ଏହା ସତ୍ତ୍ୱେ, ବିରୋଧୀ ଏହାକୁ ନେଇ ବିବାଦ ଉଠାଇ ସୋସିଆଲ ମିଡିଆରେ ତାଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି। ଆର୍‌ଜେଡି ନିଜର ଏକ୍ସ ହ୍ୟାଣ୍ଡେଲରୁ ଭିଡିଓଟି ସେୟାର କରି ଲେଖିଛି ସଦନରେ ତମାଖୁ ଖାଇବାର ନିଞ୍ଜା କୌଶଳ। କ୍ୟାପସନ୍‌ରେ ଏକ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଦେଇଛି।। କଂଗ୍ରେସ ଏକ ଭୋଜପୁରୀ ଗୀତ ସହିତ ଭିଡିଓ କ୍ଲିପଟି ସେୟାର କରି କ୍ୟାପସନ୍ ଦେଇଛି, ବନାଭୋ ଖୈନି ରେ...। ଏହି ଭିଡିଓ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାରର ପ୍ରତିକ୍ରିୟା ସୃଷ୍ଟି କରିଛି।

### ତାମିଲନାଡୁ ରାଜନୀତିରେ ହଲଚଲ

## ଡିଏମଡିକେ ସହ ଶାସକ ଡିଏମକେର ମେଣ୍ଟ

**ଚେନ୍ନାଇ, ୧୯।୨:** ତାମିଲନାଡୁରେ କ୍ଷମତାସୀନ ଦ୍ରବିଡ ମୁନେତ୍ର କଜଗମ (ଡିଏମକେ) ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଦେସିୟା ମୁରପୋକ୍କୁ ଦ୍ରବିଡ କଜଗମ (ଡିଏମଡିକେ) ସହ ମେଣ୍ଟ ଘୋଷଣା କରିଛି। ଏହି ମେଣ୍ଟ ରାଜ୍ୟରେ ବିରୋଧୀ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ଲାଗି ଏବେ ଝଟକା ମନେ କରାଯାଉଛି। ଡିଏମଡିକେ ନେତା ପ୍ରେମଲତା ବିଜୟକାନ୍ତ ଗୁରୁବାର ଚେନ୍ନାଇରେ ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନଙ୍କୁ ଭେଟିବା ପରେ ଏହି ମେଣ୍ଟ ନେଇ ପୁଷ୍ଟି କରିଛନ୍ତି।

ଏ ନେଇ ପ୍ରେମଲତା ସୋସିଆଲ ମିଡିଆରେ ଫଟୋ ସେୟାର କରିଥିବା ବେଳେ ଆମକୁ ମିଳିତ ଦ୍ରବିଡ ଶାସନ ପ୍ରଣାଳୀକୁ କାୟମ ରଖିବାକୁ ପଡିବ ବୋଲି ଉଲ୍ଲେଖ କରିଛନ୍ତି। ସେ ଏହା ବି କହିଛନ୍ତି ଯେ ଆସନ ଭାଗବଣ୍ଟା ସୂଚନା ପରେ ଦିଆଯିବ, ତେବେ ମେଣ୍ଟକୁ ୨୦୦ରୁ ଅଧିକ ଆସନ ମିଳିବ ବୋଲି ସେ ଅନୁମାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଡିଏମଡିକେକୁ ସ୍ୱାଗତ କରି ଏହାର ସଂସ୍ଥାପକ ବିଜୟକାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଓ ପ୍ରେମଲତାଙ୍କୁ କହିଛନ୍ତି ଯେ ଲାଲ ଓ କଳାପତାକା ମିଶି ତାମିଲନାଡୁର ପ୍ରଗତିକୁ ଆହୁରି ଆଗକୁ ନେଇଯିବେ। ସେହିପରି ପ୍ରେମଲତା କହିଛନ୍ତି ଯେ ପାର୍ଟି



କାର୍ଯ୍ୟକର୍ତ୍ତାଙ୍କ ଇଛା ଅନୁସାରେ ଏହି ମେଣ୍ଟ କରିଛି। ମେଣ୍ଟ ବହୁତ ଆଗରୁ ହେବାର ଥିଲା। ବିଜୟକାନ୍ତ ଜୀବିତାବସ୍ଥାରେ ଦୁଇ ଦଳଙ୍କ ମଧ୍ୟରେ ବୁଝାମଣା ହୋଇଯାଇଥିଲା। ତେବେ ଡିଏମଡିକେ ସହ ମେଣ୍ଟକୁ ଡିଏମକେ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଏବେ ମନେ କରାଯାଉଛି। କାରଣ ଡିଏମଡିକେ ୨୦୧୧ ମସିହାରୁ ଅଖିଳ ଭାରତୀୟ ଅନ୍ନା ଦ୍ରବିଡ ମୁନେତ୍ର କଜଗମ (ଏଆଇଡିଏମକେ)ର ଏକ ସହଯୋଗୀ ଦଳ ଭାବେ ରହିଆସିଛି।

ତିରୁଚିରାପଲ୍ଲୀ, ପଦୁକୋଟ୍ଟଇ ଆଖପାଖ ଓ ମଧ ଜିଲ୍ଲାରେ ଡିଏମଡିକେର ମଜଭୁତ ସମର୍ଥନ ରହିଛି। ୨୦୧୧ ମସିହାରେ ଏହି ଦଳ ୨୯ଟି ଆସନ ଜିତିଥିଲା ଓ ଏହାର ଭୋଟ ପ୍ରତିଶତ ୭.୯ ଥିଲା। ତେବେ ୨୦୧୬ ଓ ୨୦୨୧ରେ ଏହି ଦଳ ଗୋଟେ ବି ଆସନ ଜିତି ପାରିନଥିଲା। କୁଡାଲୋର ଜିଲ୍ଲାର ବିରୁଧାଚଲମ ଓ ଭିଲ୍ଲୁପୁରମର ଋଷିବନ୍ଦିୟମ, କଲ୍ଲକୁରୁଚୀ ଓ ଉଲନ୍ଦୁରପେଟ ଡିଏମଡିକେର ଗଡ଼ ଭାବେ ଜଣାଶୁଣା। ଏଥିରେ ଡିଏମକେ ୨୦୧୬ ମସିହାରୁ ଋଷିବନ୍ଦିୟମକୁ ହାତେଇ ନେଇଛି। ହେଲେ ବିରୁଦ୍ଧାଚଲମକୁ ଗତ ୩ ଦଶନ୍ଧୀ ହେଲା ହାତେଇ ପାରିନି। ଏହି ମେଣ୍ଟରେ କଂଗ୍ରେସ ମଧ ସାମିଲ ରହିଛି। ଏଣୁ ପ୍ରତିଦ୍ୱନ୍ଦ୍ୱୀ ଦଳଙ୍କ ଭୋଟ ସେୟାର କମିପାରେ ବୋଲି ଆଶଙ୍କା କରାଯାଉଛି।

## ରାହୁଲଙ୍କ ସାଂସଦ ପଦ ରଦ୍ଦ ଦାବି

**ନୂଆଦିଲ୍ଲୀ, ୧୯।୨:** ସଂସଦର ବଜେଟ ଅଧିବେଶନ ବିଭିନ୍ନ ପ୍ରସଙ୍ଗକୁ ନେଇ ସରଗରମ୍ ରହିଥିବା ବେଳେ ବିଜେପି ସାଂସଦ ନିଶିକାନ୍ତ ଦୁବେ ରାହୁଲ ଗାନ୍ଧୀଙ୍କ ଭାଷଣକୁ ନେଇ ଆପତ୍ତି ଉଠାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ରାହୁଲ ମିଛ କହି ସଂସଦକୁ ଭ୍ରମିତ କରିବାକୁ ଚେଷ୍ଟା କରିଛନ୍ତି। ତେଣୁ ତାଙ୍କ ସାଂସଦ ପଦ ରଦ୍ଦ କରିବାକୁ ଦୁବେ ଏକ ସ୍ୱତନ୍ତ୍ର ପ୍ରସ୍ତାବ ଆଗତ କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ବାଚସ୍ପତିଙ୍କ ଦ୍ୱାରା ପ୍ରସ୍ତାବ ଗୃହୀତ ହେବା ପରେ, ମାର୍ଚ୍ଚ ୯ ରୁ ଆରମ୍ଭ ହେଉଥିବା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଏହି ମାମଲାକୁ ସ୍ୱାଧିକର କମିଟି, ଆଚରଣ ବିଧି କମିଟିକୁ ପଠାଯିବା ଉଚିତ କି ସିଧାସଳଖ ଗୃହରେ ଆଲୋଚନା କରାଯିବା ଉଚିତ ସେ ବିଷୟରେ ଲୋକସଭା ବାଚସ୍ପତିଙ୍କ ସହିତ ପରାମର୍ଶ କରି ନିଷ୍ପତ୍ତି ନିଆଯିବ ।

ରାଜନୈତିକ ବିଶେଷଜ୍ଞମାନେ କୁହନ୍ତି ଯେ ଏହି ପ୍ୟାନେଲଗୁଡ଼ିକ ଗଠନ ନ ହେବା ପ୍ରକ୍ରିୟାଗତ ଏବଂ ରାଜନୈତିକ ଦୃଷ୍ଟିକୋଣରୁ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲୋକସଭାରେ ସ୍ୱାଧୀକର କମିଟି ହେଉଛି ଏକ ସ୍ଥାୟୀ କମିଟି, ଯେଉଁଥିରେ ବାଚସ୍ପତିଙ୍କ ଦ୍ୱାରା ମନୋନୀତ ୧୫ ଜଣ ସଦସ୍ୟ ଥାଆନ୍ତି। ଏହି କମିଟି ସଂସଦ ଏବଂ ଏହାର ସଦସ୍ୟଙ୍କ ସ୍ୱାଧୀକର ଉଲ୍ଲଂଘନ କିମ୍ବା ଅବମାନନା ସମ୍ବନ୍ଧୀୟ ମାମଲାଗୁଡ଼ିକର ଯାଞ୍ଚ କରେ। ସାମ୍ବିଧାନିକ ବିଶେଷଜ୍ଞମାନେ କୁହନ୍ତି ଯେ, ଏହା ଏକ ଅର୍ଦ୍ଧ-ନ୍ୟାୟିକ କ୍ଷମତା ଭାବେ କାର୍ଯ୍ୟ କରେ, ସଂସଦର ଅବମାନନାର ତଦନ୍ତ କରେ ଏବଂ ସଦସ୍ୟମାନଙ୍କୁ ଭର୍ତ୍ସନା କିମ୍ବା ନିଲମ୍ବନ ଭଳି କାର୍ଯ୍ୟାନୁଷ୍ଠାନ ସୁପାରିସ କରେ। ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍‌କୁ ଲୋକସଭାର ପୂର୍ବତନ ସେକ୍ରେଟାରୀ ଜେନେରାଲ ତଥା ସମ୍ବିଧାନ ବିଶେଷଜ୍ଞ ପି ଡି ଟି ଆଚାରୀ ଏହି କମିଟି ଗଠନରେ ବିଳମ୍ବକୁ ଅସାଧାରଣ ବୋଲି କହିଛନ୍ତି। ସେ କହିଛନ୍ତି, ନୂତନ ସରକାର



ଆସିବା ମାତ୍ରେ କମିଟିଗୁଡ଼ିକ ଗଠନ କରାଯାଏ ।

ସ୍ୱତନ୍ତ୍ର କମିଟି ପରି ସ୍ଥାୟୀ କମିଟିଗୁଡ଼ିକ ସାଧାରଣତଃ ପ୍ରଥମେ ଗଠନ କରାଯାଏ, ତା'ପରେ ବିଭାଗ ସମ୍ବନ୍ଧୀୟ ସ୍ଥାୟୀ କମିଟିଗୁଡ଼ିକ ଗଠନ କରାଯାଏ। ଏସବୁ ସମିତି ଗଠନ ବିନା ସ୍ୱାଧୀକର ଭଙ୍ଗ ମାମଲା ପଠାଇବା ପାଇଁ ଯେକୌଣସି ପଦକ୍ଷେପ ବ୍ୟବହାରିକ ବାଧା ସୃଷ୍ଟି କରିପାରେ। ବିରୋଧୀ ନେତାମାନେ ଯୁକ୍ତି ବାଢ଼ିଛନ୍ତି ଯେ ଯେଉଁ କମିଟିଗୁଡ଼ିକ ଗଠନ ହୋଇନାହିଁ, ସେମାନଙ୍କୁ ସୁପାରିସ କରିବାର ସମ୍ଭାବନାକୁ ଆହ୍ୱାନ କରିବା ଗୃହରେ ଗଭୀର ହେଉଥିବା ଫାଟକୁ ଦର୍ଶାଉଛି। ବିରୋଧୀ ଦଳର ଜଣେ ବରିଷ୍ଠ ସାଂସଦ କହିଛନ୍ତି ଯେ, ସ୍ୱାଧୀକର କମିଟି ଗଠନ ନ କରିବା ସରକାରଙ୍କ ପ୍ରାଥମିକତାକୁ ଦର୍ଶାଉଛି।

## ୬ ହଜାର ଫୁଟ ଉଚ୍ଚରେ ସିଆରପିଏଫ ବେସ୍ କ୍ୟାମ୍ପ୍

**ଶ୍ରୀନଗର, ୧୯।୨:** ଆତଙ୍କବାଦୀଙ୍କୁ ନିସ୍ତାର ନାହିଁ। ଜମ୍ମୁ-କାଶ୍ମୀରରେ ସଫା ହେବେ ଆତଙ୍କବାଦୀ। ବଡ ଧରଣର ଆତଙ୍କବାଦୀ ଆକ୍ରମଣ ହେବନି। କାରଣ ୪୩ଟି ବେସ୍ କ୍ୟାମ୍ପ୍ କରିଛି ସିଆରପିଏଫ। ଲୁଚିଥିଲା ଆତଙ୍କବାଦୀଙ୍କୁ ନିପାତ କରିବାକୁ ଜୋରଦାର



ପ୍ରକ୍ରିୟା ଆରମ୍ଭ କରିଛି କେନ୍ଦ୍ରୀୟ ଅର୍ଦ୍ଧସାମରିକ ପୋଲିସ ଫୋର୍ସ। ଏପରିକି ୬ ହଜାର ପୁଟରୁ ଅଧିକ ଉଚ୍ଚତାରେ ବେସ୍ କ୍ୟାମ୍ପ୍ ପ୍ରସ୍ତୁତ କରାଯାଇଛି। ସିଆରପିଏଫର କହିବାନୁସାରେ, ୬ ହଜାର ଫୁଟ ଉଚ୍ଚତାରେ ବେସ୍ କ୍ୟାମ୍ପ୍ ତିଆରି କରାଯାଇଛି। ଏହାକୁ ମାଟି ଏବଂ ପଥରରେ ତିଆରି କୁଡିଆରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ମାରିବାରେ ବ୍ୟବହାର କରାଯିବ। କିଛି ଦିନ ଯାଏଁ ଯବାନମାନଙ୍କୁ କ୍ୟାମ୍ପରେ ରଖାଯିବ। ଯାହା ଆତଙ୍କବାଦ ଶେଷ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ୨୦୨୫ ଜୁଲାଇରେ ଏଠାରେ ପ୍ରଥମ ବେସ୍ କ୍ୟାମ୍ପ କରାଯାଇଥିଲା। ଏବେସୁଦ୍ଧା ୪୩ଟି କ୍ୟାମ୍ପ୍ ପ୍ରତିଷ୍ଠା କରାଯାଇଛି। ୨୬ଟି କ୍ୟାମ୍ପ କାଶ୍ମୀର ଅଞ୍ଚଳରେ ପ୍ରତିଷ୍ଠା କରାଯାଇଛି। ୧୭ଟି ଜମ୍ମୁରେ ରହିଛି। ପ୍ରତି ବେସ୍ କ୍ୟାମ୍ପରେ ସ୍ଥାନୀୟ ପୋଲିସ ସହ ସିଆରପିଏଫର ୨୦-୨୫ ଯବାନ ରହିଛନ୍ତି। ସିଆରପିଏଫ ଅଧିକାରୀଙ୍କ କହିବାନୁସାରେ, ପୁଲଓ୍ୱାମା ଆକ୍ରମଣ ଏବଂ ପହଲଗାମ୍ ଘଟଣା ପରେ ସୁରକ୍ଷାକୁ ଅଧିକ କଡାକଡି କରାଯାଉଛି। ଅନେକ ଜାଗାରେ ଅପରେସନ ବେସ୍ ନିର୍ମାଣ ହୋଇଛି। ପୂର୍ବରୁ ପହଲଗାମ୍ ଘଟଣାର ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଏହିପରି ବେସ୍ କ୍ୟାମ୍ପ୍ ପ୍ରତିଷ୍ଠା କରାଯାଇଥିଲା।



## ଦେଶର ବିଭିନ୍ନ ବିମାନବନ୍ଦରରେ ଚେକ୍-ଇନ୍ ସିଷ୍ଟମ ଫେଲ୍

**ମୁମ୍ବାଇ, ୧୯।୨:** ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦର ସମେତ ଦେଶର ଅନେକ ବିମାନବନ୍ଦରରେ ଗୁରୁବାର ସକାଳେ ହଠାତ୍ ଚେକ୍-ଇନ୍ ସିଷ୍ଟମ୍ ଫେଲ୍ ହୋଇଯାଇଥିଲା। ଫଳରେ ଯାତ୍ରୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ବିମାନବନ୍ଦରରେ ଅପେକ୍ଷା କରି ରହିବାକୁ ପଡ଼ିଥିଲା। କେତେକ ଯାତ୍ରୀ ବିଳମ୍ବ ଯୋଗୁଁ ସେମାନଙ୍କ ବିମାନ ଧରି ପାରିନଥିବା ଅଭିଯୋଗ ହୋଇଛି। ନାଭିଟେୟାର୍ ସର୍ଭରରେ ବୈଷୟିକ ତ୍ରୁଟି ଯୋଗୁଁ ସମସ୍ୟା ଦେଖାଯାଇଥିଲା। ବିମାନ ସଂରକ୍ଷଣ ଏବଂ ପ୍ରସ୍ଥାନ ନିୟନ୍ତ୍ରଣ କରୁଥିବା ନାଭିଟେୟାର ସମସ୍ୟା ଯୋଗୁ ସକାଳ ୬ଟା ୪୫ ମିନିଟରୁ ୭ଟା ୨୮ ମିନିଟ ଓ ପରେ ସକାଳ ୮ଟା ୧୦ ମିନିଟରୁ ୮ଟା ୨୫ ମିନିଟ୍ ପର୍ଯ୍ୟନ୍ତ ସମସ୍ୟା ରହିଥିଲା। ଭାରତରେ ଏୟାର ଇଣ୍ଡିଆ ବ୍ୟତୀତ ଅନ୍ୟ ସମସ୍ତ ଏୟାରଲାଇନ୍ସ ଏହି ସିଷ୍ଟମ୍ ବ୍ୟବହାର କରୁଛନ୍ତି। ଇଣ୍ଡିଗୋ, ଅକାସା ଏୟାର, ସ୍ପାଇସ୍‌ଜେଟ୍ ଏୟାରଲାଇନ୍ସର ବିମାନଗୁଡ଼ିକ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ। ଆମାଡିୟସ୍ ମାଲିକାନାରେ ଥିବା ନାଭିଟେୟାର, ମୁଖ୍ୟତଃ ବିଶ୍ୱବ୍ୟାପୀ କମ ମୂଲ୍ୟର ଏବଂ ହାଇବ୍ରିଡ ବାହକମାନଙ୍କୁ ସଂରକ୍ଷଣ, ଇନଭେଣ୍ଟାରି ଏବଂ ପ୍ରସ୍ଥାନ ନିୟନ୍ତ୍ରଣ ବ୍ୟବସ୍ଥା ପ୍ରଦାନ କରେ। ଏହି ସମସ୍ୟା ଯୋଗୁଁ ଦିଲ୍ଲୀ ବିମାନବନ୍ଦରରେ ପ୍ରବଳ ଭିଡ଼ ଦେଖାଯାଇଥିଲା। ଦିଲ୍ଲୀରେ ଏଆଇ ସମ୍ମିଳନୀ ଚାଲିଥିବା ଯୋଗୁଁ ବହୁ ହାଇପ୍ରୋଫାଇଲ ପ୍ରତିନିଧିଙ୍କ ଆଗମନକୁ ନେଇ ବିମାନବନ୍ଦର ଖୁବ୍ ଚଳଚଞ୍ଚଳ ରହିଥିଲା।

## ଭାଇ-ଭାଉଜଙ୍କୁ ନିର୍ମମ ହତ୍ୟା

**ଲକ୍ଷ୍ନୌ, ୧୯।୨:** ଉତ୍ତର ପ୍ରଦେଶର ସୀତାପୁର ଜିଲାରେ ଏକ ସାମାନ୍ୟ ଝଗଡ଼ା ରକ୍ତାକ୍ତ ସଂଘର୍ଷରେ ପରିଣତ ହୋଇଛି। ଜଣେ ଯୁବକ ତାଙ୍କ ଭାଉଜ ଏବଂ ଭାଇଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବଡ଼ ଭାଇ ହରିଶ (୪୦) ଏବଂ ତାଙ୍କ ସ୍ତ୍ରୀ ପୁନମ (୩୮)ଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ତୃତୀୟ ଭାଇ ରାମୁ ଗୁରୁତର ଆହତ ହୋଇଥିଲେ। ନୈମିଷାରଣ୍ୟ ଥାନା ଅଞ୍ଚଳ ଅନ୍ତର୍ଗତ ଠାକୁର ନଗର ଗାଁରେ ଏହି ଅଭାବନୀୟ ଘଟଣା ଘଟିଛି। ପୋଲିସ ମାମଲାର ତଦନ୍ତ କରୁଛି ଏବଂ ଅଭିଯୁକ୍ତ ଫେରାର୍ ଥିବା ଜଣାପଡ଼ିଛି। ରାତ୍ରୀଭୋଜନ ସମୟରେ ପାରିବାରିକ ଝଗଡ଼ା ଆରମ୍ଭ ହୋଇଥିଲା, ଯାହା ପରେ ସାନ ଭାଇ ମିଶ୍ରିଲାଲଙ୍କ ପୁଅ ଶ୍ୟାମୂ କ୍ରୋଧରେ ତାଙ୍କ ଉପରେ ଆକ୍ରମଣ କରିଥିଲା। ତାଙ୍କୁ ରକ୍ଷା କରିବାକୁ ଆସିଥିବା ହରିଶ ଏବଂ ତାଙ୍କ ସ୍ତ୍ରୀ ପୁନମ ଏହି ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ପରିବାର ସଦସ୍ୟ ଏବଂ ଗାଁ ଲୋକେ ସେମାନଙ୍କୁ ନୈମିଷାରଣ୍ୟର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)କୁ ନେଇଯାଇଥିଲେ, ଯେଉଁଠାରେ ଡାକ୍ତର ପୁନମଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସା ସମୟରେ ହରିଶଙ୍କର ମଧ ମୃତ୍ୟୁ ହୋଇଥିଲା, ଯେତେବେଳେ ରାମୁଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ହସ୍ପିଟାଲକୁ ରେଫର କରାଯାଇଥିଲା। ଏହି ଦୁଃଖଦ ଘଟଣା ସମଗ୍ର ଗାଁରେ ଶୋକର ଛାୟା ଖେଳାଇ ଦେଇଛି। ପରିବାର ସଦସ୍ୟଙ୍କ ଅନୁଯାୟୀ, ମୃତ ହରିଶଙ୍କର ଚାରି ଜଣ ଛୋଟ ପିଲା ଅଛନ୍ତି, ଯେଉଁମାନେ ସେମାନଙ୍କର ପିତାମାତା ଉଭୟଙ୍କୁ ହରାଇଛନ୍ତି।

## ମାଗଣା ଯୋଜନା ନେଇ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୯।୨:** ନିର୍ବାଚନ ପୂର୍ବରୁ ରାଜ୍ୟ ରାଜକୋଷ ଉପରେ ଚାପ ପକାଉଥିବା ଭଳି ମାଗଣା ଯୋଜନା (ଫ୍ରିବିଜ୍) ଘୋଷଣା କରିବା ଓ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତରକୁ ନେଇ ବିଭିନ୍ନ ରାଜ୍ୟର ରାଜନୈତିକ ଦଳଗୁଡ଼ିକୁ ସୁପ୍ରିମକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି। ସୁପ୍ରିମକୋର୍ଟ ଡିଏମକେ



ସରକାର ନେତୃତ୍ୱାଧୀନ ତାମିଲନାଡୁ ପାୱାର ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନ ଲିମିଟେଡର ଏକ ଆବେଦନର ଶୁଣାଣି କରି ଦେଶରେ ନିର୍ବାଚନ ପୂର୍ବରୁ ମାଗଣା ଯୋଜନା ଓ ନଗଦ ହସ୍ତାନ୍ତର କରାଯିବାର ଟ୍ରେଣ୍ଡ ବଢ଼ିବାରେ ଲାଗିଛି ବୋଲି କହିଥିଲେ। ଏହା କୌଣସି ଗୋଟିଏ ରାଜ୍ୟରେ ସୀମିତ ନାହିଁ। ଏହାଦ୍ୱାରା ଦେଶର ଆର୍ଥିକ ବିକାଶରେ ବାଧା ସୃଷ୍ଟି ହେବ ଓ ଲୋକମାନେ କାମ କରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ତାମିଲନାଡୁ ବିଦ୍ୟୁତ୍ ନିଗମ ଆବେଦନର ଶୁଣାଣି କରି କାହିଁକି ଶେଷ ମୁହୂର୍ତ୍ତରେ ଏକ ମାଗଣା ବିଦ୍ୟୁତ୍ ଯୋଜନା ଘୋଷଣା କରାଯାଇଥିଲା ବୋଲି ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ।

ଏହି ଯୋଜନା ଫଳରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ (ଡିସ୍କମ୍) ଶୁଳ୍କ ଏବଂ ବଜେଟ୍ ହିସାବକୁ ସଜାଡ଼ିବାକୁ ବାଧ ହୋଇଥିଲେ ବୋଲି ସୁପ୍ରିମକୋର୍ଟ କହିଥିଲେ। ଉପଭୋକ୍ତାଙ୍କ ଆର୍ଥିକ ସ୍ଥିତି ଉପରେ ଧାନ ନ ଦେଇ ସମସ୍ତଙ୍କୁ ମାଗଣା ବିଦ୍ୟୁତ ଦେବା ଘୋଷଣାକୁ ନେଇ କୋର୍ଟ ତୀବ୍ର ସମାଲୋଚନା କରିଥିଲେ। ମାଗଣା ସେବା ସଂସ୍କୃତିକୁ ସୁପ୍ରିମକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି। ଖଣ୍ଡପୀଠ କହିଥିଲେ ଯେ, ଏହା ଅର୍ଥନୈତିକ ବିକାଶରେ ବାଧା ଦିଏ ଏବଂ ଏପରି ନୀତିଗୁଡ଼ିକୁ ପୁନଃବିଚାର କରିବାର ସମୟ ଆସିଛି। ଟିକସଦାତାଙ୍କ ବ୍ୟତୀତ ଅନ୍ୟ କିଏ ଏହି ଯୋଜନାର ବ୍ୟୟଭାର ଉଠାଉଛି କି? ସରକାର ଏସବୁ ମାଗଣା ଯୋଜନା କରିବା ଅପେକ୍ଷା ରୋଜଗାର ସୃଷ୍ଟି ଉପରେ ଧାନ ଦେବା ଉଚିତ। ରାଜ୍ୟରେ ବିକାଶ ଉପରେ କମ୍ ଖର୍ଚ୍ଚ କରାଯାଉଛି ବୋଲି ପ୍ରଧାନ ବିଚାରପତି କହିଛନ୍ତି।

ସରକାରଙ୍କ ଉପରେ ବହୁ ପରିମାଣର ଋଣ ଥିବା ସତ୍ତ୍ୱେ ଏହା ମାଗଣା ଯୋଜନା ଆଣିବାକୁ ନେଇ ପ୍ରଧାନ ବିଚାରପତି ଚିନ୍ତା ପ୍ରକାଶ କରିଛନ୍ତି। ନଗଦ ଟଙ୍କା ବାଣ୍ଟିବା ଏବଂ ମାଗଣା ସୁବିଧା ପ୍ରଦାନ ନେଇ ଆର୍ଥିକ ବୁଦ୍ଧିମତା ଉପରେ ମଧ ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଅନେକ ରାଜ୍ୟ ରାଜସ୍ୱ କ୍ଷତିର ସମ୍ମୁଖୀନ ହେଉଛି। କର୍ମଚାରୀଙ୍କ ଦରମା ଓ ମାଗଣା ଯୋଜନାର ବୋଝ ଏତେ ବଢ଼ିଗଲାଣି ଯେ, ରାଜ୍ୟର ବିକାଶ ପାଇଁ ପାଣ୍ଠିର ଅଭାବ ଦେଖାଗଲାଣି। ବର୍ଷକରେ ରାଜସ୍ୱର ୨୫ ପ୍ରତିଶତ ବିକାଶ କାର୍ଯ୍ୟରେ କାହିଁକି ନ ଲଗାଯିବ ବୋଲି କୋର୍ଟ ପ୍ରଶ୍ନ କରିଥଲେ।




## ଡ୍ରଗ ସିଣ୍ଡିକେଟ୍‌ର ଲେଡି ଡନ୍ ନେହା ଗିରଫ

**ମୁମ୍ବାଇ, ୧୯।୨:** ଲରେନ୍ସ ବିଶ୍ନୋଇ ଗ୍ୟାଙ୍ଗର ଡ୍ରଗ୍ସ ସିଣ୍ଡିକେଟ୍‌ରେ ଜଡିତ ଥିବା ଅଭିଯୋଗରେ ପୁଲିସ ଜଣେ ମହିଳା ଡନ ଖୁସନୁମା ଅନସାରୀ ଓରଫ ନେହାଙ୍କୁ ଗିରଫ କରିଛି। ନେହା ହେଉଛନ୍ତି ଲରେନ୍ସ ବିଶ୍ନୋଇ ଗ୍ୟାଙ୍ଗର ଗ୍ନନମ୍ୟାନ୍ ବବି କବୁତରଙ୍କ ଗର୍ଲଫ୍ରେଣ୍ଡ। ସେ ଗ୍ୟାଙ୍ଗକୁ ଅସ୍ତ୍ରଶସ୍ତ୍ର ଯୋଗାଇଥିବା ଜଣାପଡ଼ିଛି। ବବି କବୁତର ଏସିଆର ଜଣେ ପ୍ରମୁଖ ଅସ୍ତ୍ରଶସ୍ତ୍ର ଚୋରା ଯୋଗାଣକାରୀ ତଥା ଭାରତର ସବୁଠାରୁ ବଡ଼ ବେଆଇନ ଅସ୍ତ୍ରଶସ୍ତ୍ର ବ୍ୟବସାୟୀ ସଲିମ ପିସ୍ତଲଙ୍କଠାରୁ ଅସ୍ତ୍ରଶସ୍ତ୍ର ସଂଗ୍ରହ କରୁଥିଲା।

ପାକିସ୍ତାନ ଆଇଏସ୍‌ଆଇ ପାଇଁ କାମ କରୁଥିବା ସଲିମ ପିସ୍ତଲ୍‌କୁ ନେପାଳ-ଭାରତ ସୀମାରୁ ଗିରଫ କରାଯାଇଛି। ସେ ମୁସେୱାଲା ହତ୍ୟାକାଣ୍ଡ ଠାରୁ ଆରମ୍ଭ କରି ଚଳଚ୍ଚିତ୍ର ଅଭିନେତ୍ରୀ ଦିଶା ପାଟନୀଙ୍କ ଘର ଉପରେ ଗୁଳିଚାଳନା, ଦିଲ୍ଲୀରେ କୁଖ୍ୟାତ ନାଦିର ଶାହ ହତ୍ୟା ମାମଲା ଓ ସୀଲମପୁର ଡବଲ ମର୍ଡର ପର୍ଯ୍ୟନ୍ତ ଗୁରୁତର ଅପରାଧରେ ଲରେନ୍ସ ବିଶ୍ନୋଇ ଓ ହାସିମ ବାବା ଗ୍ୟାଙ୍ଗକୁ ବେଆଇନ ଅସ୍ତ୍ରଶସ୍ତ୍ର ଯୋଗାଣରେ ବବି କବୁତରର ବଡ଼ ଲିଙ୍କ ଥିଲା।

ବବି କବୁତର ଓ ତାଙ୍କ ଗର୍ଲଫ୍ରେଣ୍ଡଙ୍କ ଦୁଇ ଜଣ ସହଯୋଗୀ ସ୍ପେଶାଲ ସେଲ କାଉଣ୍ଟର ଇଣ୍ଟେଲିଜେନ୍ସର ହେପାଜତରେ ଅଛନ୍ତି। ପ୍ରଥମେ ଚଣ୍ଡିଗଡ଼ର ଲେଡି ଡନ୍ ଦୀପା, ତାପରେ ଲେଡି ଡନ୍ ଜୋୟା ଖାନ ଆଉ ଏବେ ଲେଡି ଡନ ନେହା ଲରେନ୍ସ ବିଶ୍ନୋଇ ଗ୍ୟାଙ୍ଗ ଭିତରେ ବହୁତ ସକ୍ରିୟ ଅଛନ୍ତି। ବବି କବୁତରଙ୍କ ଗର୍ଲଫ୍ରେଣ୍ଡ ତଥା ଲେଡି ଡନ ଉତ୍ତର-ପୂର୍ବ ଦିଲ୍ଲୀରେ ଏକ ବିଉଟି ପାର୍ଲର ଚଳାନ୍ତି। ପାର୍ଲରର ଆବରଣ ତଳେ ବବି କବୁତର ଓ ତାଙ୍କ ଗ୍ୟାଙ୍ଗର କୁଖ୍ୟାତ କାର୍ଯ୍ୟକଳାପରେ ସେ ସାମିଲ ଥିଲେ। ବବି କବୁତରଙ୍କ ଗର୍ଲଫ୍ରେଣ୍ଡକୁ ଡ୍ରଗ୍ସ ସହ ଗିରଫ କରାଯାଇଛି। ବବିର ଦୁଇ ଜଣ ସହଯୋଗୀ, ମହମ୍ମଦ ରାଜି ଖାନ ଓ ଶାହବାଜଙ୍କୁ ମଧ ଗିରଫ କରାଯାଇଛି। ମହିପାଳପୁର ଫ୍ଲାଏଓଭର ନିକଟରେ ସେମାନଙ୍କୁ ଗିରଫ କରାଯାଇଛି। ହାସିମ ବାବା ଓ ଲରେନ୍ସ ଗ୍ୟାଙ୍ଗ ମଧ୍ୟରେ ଡ୍ରଗ୍ସ ସମ୍ପର୍କ ନେଇ ବବିଙ୍କ ଗର୍ଲଫ୍ରେଣ୍ଡ ମାଡାମ ଜହରକୁ ପଚରାଉଚରା କରାଯାଉଛି। ବବି ଓ ଲେଡି ଡନ୍ ସାତ ବର୍ଷ ଧରି ପରସ୍ପର ସହ ଜଡିତ ଅଛନ୍ତି। ପୂର୍ବରୁ, ହାସିମ ବାବାଙ୍କ ପତ୍ନୀ, ଲେଡି ଡନ୍ ଜୋୟା ମଧ ଗ୍ୟାଙ୍ଗର କାର୍ଯ୍ୟ ପରିଚାଳନା କରୁଥିଲେ। ସେ ଗିରଫ ହୋଇ ବର୍ତ୍ତମାନ ଜେଲ୍‌ରେ ଅଛନ୍ତି।

# ଧାନକିଣାକୁ ନେଇ ରାଜନୀତି କରୁଛନ୍ତି ବିରୋଧୀ: ସାମଲ




**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ):** ଧାନର ଅଭାବୀ ବିକ୍ରି ରୋକିବା ଓ ଚାଷୀ ତା'ର ଉଚିତ୍ ମୂଲ୍ୟ ପାଇବା ପାଇଁ ବିଜେପି ସବୁବେଳେ ପ୍ରୟାସ କରିଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ କୃଷି ଉପରେ ନିର୍ଭରଶୀଳ। ଧାନ ଅମଳରେ ଓଡ଼ିଶା ଗୋଟିଏ ସମୟରେ ୧୯ ନମ୍ବରରେ ଥିଲା ବେଳେ ଆଜି ଦ୍ୱିତୀୟ ସ୍ଥାନରେ ରହିଛି। ୨୦୧୪ରେ ଧାନ କ୍ୱିଣ୍ଟାଲ ପିଛା ୧୩୧୦ ଟଙ୍କା ଥିବା ବେଳେ ଏବେ ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାରରେ ଏହା ୩୧୦୦ ଟଙ୍କାରେ ପହଞ୍ଚିଛି। ଓଡ଼ିଶାରେ ବିଜେପି ସରକାର ଆସିବା ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ଖରିଫ ଓ ରବି ଫସଲକୁ ମିଶାଇ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କଠାରୁ ୨୭ ହଜାର କୋଟି ଟଙ୍କାର ପାଖାପାଖି ୯୨ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଥିଲା। ଆହୁରି ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ପିଏମ୍ କିଷାନ ଓ ସିଏମ୍ କିଷାନ ଯୋଜନାରେ ବାର୍ଷିକ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ବି ଦିଆଯାଉଛି। ଗତ ୧୮ ମାସରେ ଧାନକିଣା ପାଖାପାଖି ଦୁଇଗୁଣା ବଢ଼ିଛି। ଏପରି ସ୍ଥିତିରେ ବିଜେଡି ଓ କଂଗ୍ରେସ ଧାନକିଣା ପ୍ରସଙ୍ଗରେ ରାଜନୀତି କରି ଚାଷୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଅଭିଯୋଗ କରିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ।

**ଚାଷୀଙ୍କ ପାଖରେ ଧାନ ଥିବା ପର୍ଯ୍ୟନ୍ତ କିଣା ଚାଲିବ**

ସେ କହିଛନ୍ତି ଯେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଧାନକିଣା ପାଖାପାଖି ୯୫ ପ୍ରତିଶତ ଅତିକ୍ରମ କରିସାରିଛି। ଏବେ ବି ଧାନ କିଣା ଅବ୍ୟାହତ ରହିଛି। ପ୍ରଥମ, ଦ୍ୱିତୀୟ, ତୃତୀୟ ପର୍ଯ୍ୟାୟରେ ଟୋକନ ବ୍ୟବସ୍ଥା ଅନୁସାରେ ଧାନ କିଣାଯାଇଛି। ଆବଶ୍ୟକ ପଡ଼ିଲେ ଚତୁର୍ଥ ପର୍ଯ୍ୟାୟ ଟୋକନ ବି ପ୍ରଦାନ କରାଯିବ। ତେଣୁ କୌଣସି ଚାଷୀ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ଯେ ପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ଧାନ ଅଛି, ସରକାର ସେ ପର୍ଯ୍ୟନ୍ତ କିଣଶ ଜାରି ରଖିବେ ବୋଲି ଶ୍ରୀ ସାମଲ କହିଛନ୍ତି। ଏଥିସହ ଦୁଇ ବିରୋଧୀ ଦଳ କଦାପି ଚାଷୀମାନଙ୍କ ମଧ୍ୟରେ ବିଜେପି ସରକାର ବିରୋଧରେ କୌଣସି ନକାରାତ୍ମକ ଚିନ୍ତାଧାରା ସୃଷ୍ଟି କରିପାରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ବିଜେପି ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି କ୍ରମାଗତ ଭାବେ ପୂରଣ କରିଚାଲିଛି। ତେଣୁ ବିରୋଧୀ ଦଳ ମନଗଢ଼ା କଥା କହି କେବଳ ସରକାରଙ୍କୁ ବଦନାମ କରିବାକୁ ହୀନ ପ୍ରୟାସ କରୁଥିବା ଶ୍ରୀ ସାମଲ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ଶିବାଜୀ ମହାନ୍ତି, ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଉପସ୍ଥିତ ଥିଲେ।

# ଅଭିଭାଷଣ ବହି ଚିରିଲେ ରାମ କାଡାମ

● ମୁଖ୍ୟମନ୍ତ୍ରୀଙ୍କୁ ଜବାବ ଦେଲେ ବ୍ୟୋମକେଶ



**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ):** ଦୁଇ ଦିନ ଧରି ଜାରି ରହିଥିବା ବିଜେଡିର ପ୍ରତିବାଦ ଆଜି ଅପରାହ୍ଣ ଅଧିବେଶନରେ ବି ଜାରି ରହିଥିଲା। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍ତର ଦେଉଥିବା ବେଳେ ମଧ ବିଜେଡି ଓ କଂଗ୍ରେସ ବିଧାୟକମାନେ ପ୍ରତିବାଦ ଜାରି ରଖିଥିଲେ। ସେପଟେ ମୁଖ୍ୟମନ୍ତ୍ରୀ ମଧ ବିରୋଧୀ ଦଳ ନେତାଙ୍କୁ କଡ଼ା ସମାଲୋଚନା କରିଛନ୍ତି, ଯାହାର ଜବାବ ଦେଇଛନ୍ତି ବିଜେଡି ବିଧାୟକ ବ୍ୟୋମକେଶ ରାୟ। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଆସନ ଟଳମଳ, ତାଙ୍କ ସିଷ୍ଟମ ସମ୍ପୂର୍ଣ୍ଣ ଫେଲ ହୋଇଗଲାଣି। ସେ ଜାଣିନାହାନ୍ତି ତାଙ୍କ ସିଷ୍ଟମ ହାଇଜାକ ହୋଇଗଲାଣି। ସେ କ'ଣ ବିଜେଡି ଇକୋ ସିଷ୍ଟମ କଥା କହିବେ ବୋଲି ଶ୍ରୀ ରାୟ ପ୍ରଶ୍ନ କରିଛନ୍ତି। ନିଜ ମନ୍ତ୍ରୀଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣ ନାହିଁ। କେତେବେଳେ କେଉଁ ମନ୍ତ୍ରୀ କ'ଣ କହୁଛନ୍ତି, ଜଣା ନାହିଁ। ବିଭିନ୍ନ ସମୟରେ ମନ୍ତ୍ରୀମାନେ ଭିନ୍ନ ଭିନ୍ନ କଥା କହୁଛନ୍ତି। କେବଳ ଟଙ୍କା ସଂଗ୍ରହରେ ବିଜେପି ନେତାମାନେ ବ୍ୟସ୍ତ ବୋଲି ସେ ଅଭିଯୋଗ କରିଛନ୍ତି। ନବୀନ ପଟ୍ଟନାୟକ ଜଣେ ବିଶ୍ୱସ୍ତରୀୟ ନେତା। ସେ ଚାରି ଚାରିଟା ଆନ୍ତର୍ଜାତିକ ସ୍ତରର ବହି ଲେଖିଛନ୍ତି। ତାଙ୍କ ଉପରେ ସେ କ'ଣ ଆଙ୍ଗୁଳି ଉଠାଇବେ? ବିଜେଡିକୁ ଶୃଙ୍ଖଳା ଶିଖାଇବା ବନ୍ଦ କରନ୍ତୁ, ସେ ବିରୋଧୀ ଦଳରେ ଥିବା ବେଳେ ବାଚସ୍ପତିଙ୍କ ଉପରକୁ ଚପଲ ଓ ଡାଲି ଫିଙ୍ଗୁଥିଲେ। ସେକଥା ବୋଧହୁଏ ମୁଖ୍ୟମନ୍ତ୍ରୀ ଭୁଲିଯାଉଛନ୍ତି ବୋଲି ଶ୍ରୀ ରାୟ କହିଛନ୍ତି। ସେପଟେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ବେଳେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ରାଜ୍ୟପାଳଙ୍କ ଅଭିଭାଷଣରେ ସବୁ ମିଛ ଲେଖାଯାଇଛି ବୋଲି ଅଭିଯୋଗ କରିବା ସହ ଅଭିଭାଷଣ ବହିକୁ ଚିରିକି ଗୃହରେ ପକାଇଥିଲେ।

# ବଢ଼ିବ ଜିଲ୍ଲା ସହ ଉପଖଣ୍ଡ ସଂଖ୍ୟା



**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ):** ନୂଆ ଜିଲ୍ଲା ଗଠନ ପାଇଁ ପ୍ରସ୍ତାବ ମାଗିଛନ୍ତି ରାଜ୍ୟ ସରକାର। ପ୍ରସ୍ତାବ ଆସିଲେ ବିଚାର କରାଯିବ ବୋଲି ଆଜି ଗୃହରେ ଲିଖିତ ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ବର୍ତ୍ତମାନ ସୁଦ୍ଧା ୩୧ଟି ନୂଆ ଜିଲ୍ଲା ଗଠନ ପାଇଁ ଦାବିପତ୍ର ରାଜ୍ୟ ସରକାରଙ୍କର ହସ୍ତଗତ ହୋଇଛି। ଉପଯୁକ୍ତ ସମୟରେ ସରକାର ଏହା ଉପରେ ବିଚାର କରିବେ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ସେହିପରି ରାଜ୍ୟରେ ଆଗାମୀ ଦିନରେ ବଢ଼ିପାରେ ସବଡିଭିଜନ ବା ଉପଖଣ୍ଡ ସଂଖ୍ୟା। ନୂଆ କରି ୬୬ଟି ସବ୍‌ଡିଭିଜନ ବା ଉପଖଣ୍ଡ ଗଠନ ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ରହିଛି। ନୂଆ ଉପଖଣ୍ଡ ଗଠନ ପାଇଁ ଆସିଥିବା ପ୍ରସ୍ତାବଗୁଡ଼ିକର ସରକାର ବିଚାର କରୁଛନ୍ତି। ବରଗଡ଼, ଗଞ୍ଜାମ ଓ କୋରାପୁଟ ଜିଲ୍ଲାରୁ ସର୍ବାଧିକ ପ୍ରସ୍ତାବ ଆସିଛି ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଲକ୍ଷାଧିକ ଭୋଟର ବାଦ୍ ପଡ଼ିବା ଆଶଙ୍କା

**କୋଲକାତା, ୧୯।୨ (ସଂଚାର ବ୍ୟୁରୋ):** ଆଗାମୀ ଫେବୃଆରୀ ୨୮ ତାରିଖରେ ଏସ୍ଆଇଆର୍‌ର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ତେବେ, ଲକ୍ଷାଧିକ ଭୋଟରଙ୍କ ନାମ ତାଲିକାରୁ ବାଦ ପଡ଼ିପାରେ। ଚିଠା ତାଲିକା ପ୍ରକାଶିତ ହେବା ପରେ ୫୮ ଲକ୍ଷ ନାମ ବାଦ ପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଅନେକ ଶୁଣାଣିରେ ଅଂଶଗ୍ରହଣ କରି ଆବଶ୍ୟକ ଦସ୍ତାବେଜ ଦାଖଲ କରିଥିଲେ। କିନ୍ତୁ ଦାୟୀ ଅଧିକାରୀଙ୍କ ଭୁଲ ଯୋଗୁଁ ଲକ୍ଷାଧିକ ବୈଧ ଭୋଟରଙ୍କ ନାମ ବାଦ୍ ପଡ଼ିପାରେ। ଇଆର୍‌ଓ ଏବଂ ଏଇଆର୍‌ଓଙ୍କ ଭୁଲ ଯୋଗୁଁ ଲକ୍ଷ ଲକ୍ଷ ଡକ୍ୟୁମେଣ୍ଟ ଅପଲୋଡ୍ ହୋଇପାରିଲା ନାହିଁ। ଫଳସ୍ୱରୂପ, ସେହି ନାମ ଚୂଡ଼ାନ୍ତ ତାଲିକାରେ ରହିବ ନାହିଁ। ଅଭିଯୋଗ ହେଉଛି ଯେ ଅତି କମରେ ୧ ଲକ୍ଷ ୧୪ ହଜାର ଭୋଟରଙ୍କ ଦସ୍ତାବେଜ ଦାଖଲ ହୋଇନାହିଁ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଆଇଡି କାର୍ଡ ବାଧ୍ୟତାମୂଳକ




**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ):** ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କ୍ୟାମ୍ପସର ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ କଠୋର ନିର୍ଦ୍ଦେଶନାମା ଜାରି କରିଛନ୍ତି। ବର୍ତ୍ତମାନଠାରୁ ବିଶ୍ୱବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପରିଚୟ ପତ୍ର ବାଧ୍ୟତାମୂଳକ କରାଯାଇଛି। ନୂତନ ନିୟମ ଅନୁଯାୟୀ ବିଶ୍ୱବିଦ୍ୟାଳୟର ସୁରକ୍ଷା କର୍ମୀମାନେ ଯେକୌଣସି ସମୟରେ ଛାତ୍ରଛାତ୍ରୀଙ୍କ ପରିଚୟ ପତ୍ର ଯାଞ୍ଚ କରିପାରିବେ। ଯଦି କୌଣସି ବ୍ୟକ୍ତି ପରିଚୟ ପତ୍ର ଦେଖାଇବାରେ ବିଫଳ ହୁଅନ୍ତି ବା କ୍ୟାମ୍ପସରେ ରହିବାର ସଠିକ୍ କାରଣ ଦର୍ଶାଇ ନପାରନ୍ତି, ତେବେ ତାଙ୍କୁ 'ଅନଧିକାର ପ୍ରବେଶକାରୀ' ଭାବେ ଅଟକ ରଖାଯାଇ ତୁରନ୍ତ ପୋଲିସ ଜିମା ଦିଆଯିବ। ସେହିପରି ବିଶ୍ୱବିଦ୍ୟାଳୟ ପରିସରକୁ ନିଶାମୁକ୍ତ ରଖିବା ପାଇଁ ମଦ, ତମାଖୁ, ଇ-ସିଗାରେଟ୍ ଏବଂ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ଅଯଥା ବୁଲାବୁଲି କରିବା, କ୍ୟାମ୍ପସର ଶାନ୍ତି ଭଙ୍ଗ କରିବା ବା ଶୈକ୍ଷିକ ପରିବେଶ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଋଣ ଭାର, ୩୦ ବର୍ଷରେ ୭୦ ଗୁଣ

**ଭୁବନେଶ୍ୱର, ୧୯।୨:** ଗତ ୩୦ ବର୍ଷ ଭିତରେ ଓଡିଶାର ଋଣ ପରିମାଣ ପ୍ରାୟ ୭୦ଗୁଣରୁ ଅଧିକ ବଢ଼ିଥିଲେ ବି ଅନ୍ୟ ବହୁ ରାଜ୍ୟ ତୁଳନାରେ ରାଜ୍ୟର ଋଣ ଚାପ କମ୍ ରହିଛି। ଏଫଆରବିଏମ୍ ଆଇନ୍ ଅନୁଯାୟୀ ଜିଏସଡିପିର ୨୫ ପ୍ରତିଶତ ଭିତରେ ଋଣ ସୀମିତ ରହିବାକୁ ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୧୩.୦୬ ପ୍ରତିଶତ ହୋଇପାରେ ବୋଲି ଆର୍ଥିକ ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି।

ଏଠାରେ ଉଲ୍ଲେଖନୀୟ ଯେ ଓଡିଶାର ଜିଏସଡିପି ୨୦୦୫-୦୬ ବର୍ଷ ବେଳକୁ ୧ଲକ୍ଷ କୋଟି ଟଙ୍କାରୁ କମ୍ ଥିବାବେଳେ ୨୦୧୫-୧୬ରେ ତାହା ୩.୨୯ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା। ୨୦୨୫-୨୬ ବର୍ଷରେ ଏହା ୯.୮୮ ଲକ୍ଷ କୋଟି ଟଙ୍କା ହୋଇପାରେ ବୋଲି ଆର୍ଥିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଏହି ତଥ୍ୟ ମୁତାବକ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟର ଋଣ ବୋଝ ଜିଏସଡିପିର ୧୨.୩ ପ୍ରତିଶତ ଥିବାବେଳେ ୨୦୨୩-୨୪ ବର୍ଷରେ ତାହା ୧୧.୦୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୨୪-୨୫ ବର୍ଷରେ ଏହା ୧୨.୩ ପ୍ରତିଶତରେ ସୀମିତ ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୧୩.୬ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ମୋଟାମୋଟି ଭାବେ ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ଓଡିଶାର ଜିଏସଡିପି ୯.୮୮ ଲକ୍ଷ କୋଟି ଟଙ୍କା ହେବାକୁ ଥିବାବେଳେ ଋଣ ବୋଝ ୧,୩୪,୩୬୮ କୋଟି ଟଙ୍କାକୁ ଛୁଇଁପାରେ। ଋଣ ବାବଦ ସୁଧ ପ୍ରଦାନ କ୍ଷେତ୍ରରେ ଓଡିଶାର ସ୍ଥାନ ବେଶ୍ ଭଲ ରହିଛି। ରାଜ୍ୟର ମୋଟ ରାଜସ୍ୱ ଆୟର ୨.୮ ପ୍ରତିଶତ ସୁଧ ପରିଶୋଧ ବାବଦରେ ଓଡିଶା ଖର୍ଚ୍ଚ କରିବାକୁ ଯାଉଥିବାବେଳେ ପଞ୍ଜାବରେ ଏହା ସର୍ବାଧିକ ୨୨.୪ ପ୍ରତିଶତ ରହିଛି। କେରଳ, ତାମିଲନାଡୁ, ହରିଆନା ଭଳି ରାଜ୍ୟ ଏ କ୍ଷେତ୍ରରେ ସେମାନଙ୍କ ରାଜସ୍ୱ ଆୟର ୨୦ ପ୍ରତିଶତରୁ ଅଧିକ ଖର୍ଚ୍ଚ କରୁଛନ୍ତି। ପଶ୍ଚିମବଙ୍ଗ ଭଳି ପଡୋଶୀ ରାଜ୍ୟ ତାହାର ରାଜସ୍ୱ ଆୟର ୧୮.୩ ପ୍ରତିଶତ, ଛତିଶଗଡ ୬.୭ ପ୍ରତିଶତ, ଝାଡଖଣ୍ଡ ୫.୧ ପ୍ରତିଶତ ଓ ଆନ୍ଧ୍ରପ୍ରଦେଶ ୧୬.୧ ପ୍ରତିଶତ ଏ ବାବଦରେ ବ୍ୟୟ କରୁଥିବାବଳେ ଗୁଜୁରାଟ ବି ରାଜସ୍ୱପ୍ରାପ୍ତର ୧୨.୪ ପ୍ରତିଶତ ସୁଧ ସୁଝିବାରେ ବ୍ୟୟ କରୁଛି।

ରାଜ୍ୟର ଆର୍ଥିକ ନିଅଣ୍ଟ ଜିଏସ୍‌ଡିପିର ୩.୫ ପ୍ରତିଶତ ମଧ୍ୟରେ ସୀମିତ ରଖିବାପାଇଁ ଏଫ୍ଆରବିଏମ୍ ଆଇନ୍‌ରେ ଯେଉଁ କଟକଣା ରହିଛି ଏଯାବତ୍ ଓଡିଶା ତାହାର ଅନୁପାଳନ କରିଆସୁଛି। ଏଠାରେ ଉଲ୍ଲେଖନୀୟ ଯେ ଭାରତ ସରକାରଙ୍କ ଋଣ ବୋଝ ପ୍ରାୟ ୨୦୦ ଲକ୍ଷ କୋଟି ଟଙ୍କା ଥିବାବେଳେ ଦେଶର ବିଭିନ୍ନ ରାଜ୍ୟ ସରକାରଙ୍କ ଋଣ କରିବା ବି ୧୦୦ ଲକ୍ଷ କୋଟି ଟଙ୍କା ହେବାକୁ ଯାଉଛି। ଏଭଳି ସ୍ଥିତିରେ ତୁଳନାତ୍ମକ ଭାବେ ଓଡିଶାର ଋଣ ବୋଝ ବଢ଼ିଥିଲେ ମଧ ଅନ୍ୟ ରାଜ୍ୟ ତୁଳନାରେ କମ୍ ରହୁଛି।

# ସେଲିମଙ୍କ ବିରୁଦ୍ଧରେ ପ୍ରତୀକଙ୍କ କ୍ଷୋଭ

**କୋଲକାତା, ୧୯।୨ (ସଂଚାର ବ୍ୟୁରୋ):** ସିପିଏମର ଏକ ଅଂଶ ଏବେ ବି ତାଙ୍କୁ ଦଳର 'ସମ୍ପତ୍ତି' ବୋଲି ଭାବନ୍ତି। ଲୋକସଭା ନିର୍ବାଚନରେ ତାଙ୍କୁ ବିଶ୍ୱାସରେ ଡାଇମଣ୍ଡ ହାର୍ବର ଭଳି ଟିକେଟ୍ ଦିଆଯାଇଥିଲା। ଏଥର ସେହି ପ୍ରତୀକ ଉର 'ଛାଡ଼ପତ୍ର' ଖୋଜୁଛନ୍ତି। ବାମପନ୍ଥୀ ଶିବିରରୁ କୌଣସି ପ୍ରତିକ୍ରିୟା ମିଳିନାହିଁ ବୋଲି ନୁହେଁ, କିନ୍ତୁ ସିପିଏମ ଏବେ ବି ବ୍ୟବହାରିକ ଭାବରେ ନୀରବ। ଯୁବ ରାଜନେତା ବୁଝିପାରୁନାହାଁନ୍ତି ଯେ ସେ ନିଜକୁ ପୂର୍ବତନ ନୁହେଁ ବରଂ ବର୍ତ୍ତମାନର ବୋଲି କହିବା ଉଚିତ୍। ଦଳ ଛାଡିବାକୁ ଚିଠି ପଠାଇବା ପରେ, ବାମପନ୍ଥୀ ଅଧକ୍ଷ ବିମାନ ବସୁ ତାଙ୍କୁ ଫୋନ୍ କରିଥିଲେ। ସୂତ୍ର ଅନୁସାରେ, ପ୍ରତୀକ ଉର ବିମାନ ବାବୁଙ୍କ ସାମ୍ନା କରିବାକୁ ଆପତ୍ତି କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଧାଡ଼ିଏ କହି...

ଆଲୋଚନା ବେଳେ ବିବୃତି ରଖି ମୁଖ୍ୟମନ୍ତ୍ରୀ ଏଭଳି କଡ଼ା ଭାଷାରେ ବିରୋଧୀଙ୍କୁ ଜବାବ ଦେଇଛନ୍ତି।

ବିରୋଧୀ ଦଳ ଆଚରଣ ଉପରେ ସେ କହିଥିଲେ ଯେ ବିରୋଧୀ ଦଳର ସଦସ୍ୟମାନେ ଆଲୋଚନାରେ ଯୋଗଦାନ ନ କରି ପାଟିତୁଣ୍ଡ, ହୋହାଲ୍ଲା କରି ଗୃହକୁ ବାରମ୍ବାର ଅଚଳ କରୁଛନ୍ତି। ଗଣତାନ୍ତ୍ରିକ ପରମ୍ପରାରେ ବିରୋଧୀ ଦଳର ପ୍ରଶ୍ନ ପଚାରିବାର ଅଧିକାର ରହିଛି। କିନ୍ତୁ ଗତ ଦୁଇ ଦିନର କାର୍ଯ୍ୟକଳାପକୁ ଦେଖିଲେ ମନେହୁଏ, ସେମାନେ ଲୋକଙ୍କ ସ୍ୱରକୁ ବିଧାନସଭାରେ ରଖିବାକୁ ଚାହୁଁନାହାନ୍ତି। ସବୁଠାରୁ ପରିତାପର ବିଷୟ ଯେ, ବିରୋଧୀ ଦଳର ନେତାଙ୍କ ସହ ବିଭିନ୍ନ ବିରୋଧୀ ଦଳର ସଦସ୍ୟମାନେ ମଧ ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ଚୁପ୍‌ଚାପ୍ କକ୍ଷ ତ୍ୟାଗ କରି ଚାଲିଗଲେ। ଗତକାଲି ବିଭିନ୍ନ ଗଣମାଧମରେ ଖବର ଆସିଲା ଯେ ମୁଖ୍ୟ ବିରୋଧୀଦଳ କକ୍ଷତ୍ୟାଗ କରିବାକୁ ଚାହୁଁ ନଥିଲେ। କିନ୍ତୁ କଂଗ୍ରେସର କକ୍ଷତ୍ୟାଗ ଦେଖି କାଳେ ମୁଖ୍ୟ ବିରୋଧୀ ଦଳର ଛବି ଚାଲିଯିବ, ସେଥିପାଇଁ ଏକପ୍ରକାର ବାଧବାଧକତାରେ କକ୍ଷତ୍ୟାଗ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ତାଚ୍ଛଲ୍ୟ କରିଥିଲେ।

ବିରୋଧୀ ଦଳକୁ ସମାଲୋଚନା କରି ସେ କହିଥିଲେ ଯେ ବିଧାନସଭାକୁ ହଟ୍ଟଗୋଳ କରି ବନ୍ଦ କରିଦେଲେ, ସାଧାରଣ ଲୋକଙ୍କଠାରୁ ମୁଖ୍ୟ ବିରୋଧୀ ଦଳର ମାନ୍ୟତା ମିଳିଯିବ ନାହିଁ। ବିରୋଧୀ ଦଳର କିଛି ବରିଷ୍ଠ ନେତା ରାଜ୍ୟପାଳଙ୍କ ଅଭିଭାଷଣ ଆଲୋଚନାରେ ଭାଗ ନେବାକୁ ନିଜ ଦଳପତିଙ୍କୁ ମନର ଭାବ ଜଣାଇଥିଲେ। ସେମାନଙ୍କ ପରାମର୍ଶ ଶୁଣିଥିଲେ ହୁଏତ ବିରୋଧୀ ଦଳ ନେତାଙ୍କ ଦାୟିତ୍ୱହୀନତା ପଦାରେ ପଡ଼ି ନ ଥାଆନ୍ତା। ବିରୋଧୀ ଦଳ ଆଲୋଚନା ନ କରି ଗୋଟିଏ ମିଶନରେ କାମ କରୁଛନ୍ତି। ସେମାନଙ୍କ ମିଶନ ହେଉଛି ଭୋଟ ବ୍ୟାଙ୍କ ତିଆରି କରିବା। ଯେଉଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭୋଟରମାନେ ତାଙ୍କୁ ଭୋଟ ଦେଇ ନିର୍ବାଚିତ କଲେ, ସେଥିରୁ ସେମାନେ ଦୂରେଇଯାଉଛନ୍ତି। ବିକାଶ ନ କରି ୨୪ ବର୍ଷ ଧରି ସେମାନେ ଏକଛତ୍ରବାଦୀ ଶାସନ ଚଳାଇଥିଲେ। ୨୦୨୪ରେ ଲୋକେ ତାଙ୍କୁ ଉଚିତ ଜବାବ ଦେଇଛନ୍ତି ବୋଲି ଶ୍ରୀ ମାଝୀ କହିଥିଲେ।

ଓଡିଶା ବିଧାନସଭାରେ ଏକ ବିଚିତ୍ର ସ୍ଥିତି। ସାଧାରଣ ଭାବେ ବିରୋଧୀଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହୋଇ ନପାରି ଶାସକ ଦଳ ସୁଯୋଗ ଖୋଜନ୍ତି କିପରି ବିରୋଧି ଦଳକୁ ଚଳାଇ ନଦେବେ। କିନ୍ତୁ, ଏଠି ତ ପରିସ୍ଥିତି ଓଲଟା। ସରକାର ସବୁ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ, ହେଲେ ବିରୋଧି ଛତ୍ରଭଙ୍ଗ ଦେଉଛନ୍ତି। କଂଗ୍ରେସ ଯେତେବେଳେ କକ୍ଷତ୍ୟାଗ କରୁଛି, ବିରୋଧୀ ବିଜୁ ଜନତା ଦଳ ସେତେବେଳେ କକ୍ଷତ୍ୟାଗ କରୁଛି। ଏହା ବଡ଼ ଆଶ୍ଚର୍ଯ୍ୟ କଥା। ମାଛ ଯେପରି ଜଳରୁ ବାହାରି ଛଟପଟ ହୁଏ, ଏମାନେ ସେପରି ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି, ଯେଉଁମାନେ ଆଜି ସରକାରଙ୍କ ଇନପୁଟ ସବସିଡି ବିଷୟରେ ପ୍ରଶ୍ନ ଉଠାଉଛନ୍ତି, ସେମାନେ ବୋଧେ ଭୁଲି ଯାଉଛନ୍ତି, ବରଗଡର ସୋହେଲା ଠାରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦେବାପାଇଁ ଘୋଷଣା କରିଥିଲେ। 'ରାତ ଗୟୀ, ବାତ୍ ଗୟୀ' ନ୍ୟାୟରେ ପ୍ରତିଶ୍ରୁତି ପାଳନ କରିବାକୁ ଭୁଲିଗଲେ। କନ୍ତୁ ବିଜେପି ସରକାର ପ୍ରତିଶ୍ରୁତି ଭୁଲିନଥିଲା। ସରକାର ଗଠନର ୨୪ ମିନିଟରେ ସୋହେଲାରେ ଯୋଜନାର ଶୁଭାରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇ ୩୧ଶହ ଟଙ୍କା ଦିଆଯାଉଛି। ୨୪-ବର୍ଷିଆ ସରକାର ବିଧାନସଭାରେ ଧାନ କୁଇଣ୍ଟାଲ ପିଛା ୨୯ ଶହ ଟଙ୍କା କରିବାକୁ ବିଧାନସଭାରେ ପ୍ରସ୍ତାବ ପାରିତ କରି ଚୁପ ବସିଗଲେ। ରାଜ୍ୟ ସରକାରଙ୍କ ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ଓଡିଶା ଏବଂ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପରିକଳ୍ପିତ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ ହେବା। କେବଳ ଘୋଷଣା ନୁହେଁ, ଏଥିପାଇଁ ଏକ ସ୍ପଷ୍ଟ ଦିଶା ନିର୍ଦ୍ଦେଶ ସହ ରୋଡ ମ୍ୟାପ ବି ରାଜ୍ୟପାଳ ଉଲ୍ଲେଖ କରିଥିବା ସେ କହିଛନ୍ତି।

## ରାତିସାରା...

ଏହି ବଡି କ୍ୟାମେରାର ବ୍ୟବହାର ଫଳରେ ଅପରାଧ ରୋକିବା ସହ ଖିଲାପୀଙ୍କ ଉପରେ ଲଗାମ ଲାଗିପାରିବ। ପ୍ରାଥମିକ ଭାବେ ଖୋର୍ଦ୍ଧା ଓ ଭୁବନେଶ୍ୱର ଅବକାରୀ ଟିମ ଆରମ୍ଭ କରିଛି ଏପରି ଏକ ଅଭିନବ ପଦକ୍ଷେପ। ତେବେ ଏହି ବଡି କ୍ୟାମେରା ଖିଲାପକାରୀଙ୍କୁ ଧରିବାରେ କେତେଦୂର ସହାୟକ ହେବ, ତାହା ଦେଖିବାକୁ ବାକି ରହିଲା।

## ୩.୨୦ ଲକ୍ଷ କୋଟି...

ଯୋଜନା ବି ଆଣିପାରନ୍ତି ସରକାର। ଇନପୁଟ ସବସିଡି ଓ ସୁଭଦ୍ରା ଯୋଜନା ପାଇଁ ଅଧିକ ବ୍ୟୟବରାଦ ହେବାର ସମ୍ଭାବନା ରହିଛି। ସେହିଭଳି ଗ୍ରାମୀଣ ବିକାଶ ଓ ରୋଜଗାର ପାଇଁ ଅଧିକ ଅନୁଦାନ ଦେଇପାରନ୍ତି ମୁଖ୍ୟମନ୍ତ୍ରୀ। କ୍ୟାପିଟାଲ ରିଜନ ରିଂ ରୋଡ, ଅର୍ଥନୈତିକ କରିଡର ଭଳି ନୂଆ ଯୋଜନା ପାଇଁ ମଧ ବଜେଟରେ ବଡ଼ ବ୍ୟୟବରାଦ ହେବ। ଏଥିସହ ଭିତ୍ତିଭୂମି, ଶିଳ୍ପ ଓ ପରିବହନର କ୍ଷେତ୍ରରେ ନିଆଯାଇପାରେ ବଡ଼ ନିଷ୍ପତ୍ତି। ସର୍ବୋପରି ଚିରାଚରିତ ଭାବେ ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି କ୍ଷେତ୍ରକୁ ସୁଦୃଢ଼ କରିବାକୁ ଅଧିକ ଅନୁଦାନ ଦିଆଯିବ।

ସେହିପରି ଶାସକ ଦଳରେ ଚର୍ଚ୍ଚା ହେଉଛି ଯେ ଏଥର ରାଜ୍ୟ ସରକାର ଏକ ଐତିହାସିକ ବଜେଟ ଆଣିବାକୁ ଯୋଜନା କରୁଛନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥ ଏହି ବଜେଟ ଦ୍ୱାରା ପୂରଣ କରାଯିବ ବୋଲି କହିଛନ୍ତି କିଛି ବିଜେପି ବିଧାୟକ। ଅନ୍ୟପଟେ ବଜେଟ ବୃଦ୍ଧିକୁ କଟାକ୍ଷ କରିଛନ୍ତି ବିରୋଧୀ। ଖର୍ଚ୍ଚ କରିବାର ସାମର୍ଥ୍ୟ ନାହିଁ, ବଜେଟ୍ ବୃଦ୍ଧି କରି ଲାଭ କ'ଣ ବୋଲି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେହିଭଳି କଂଗ୍ରେସ କହିଛି ଯେ ବଜେଟ୍‌ର ପ୍ରତିଫଳନ ରାଜ୍ୟ ବିକାଶରେ ଦେଖିବାକୁ ମିଳୁନି।

## ଜାତୀୟ...

ପ୍ରତିଶତଠାରୁ ବି ଅଧିକ ରହିବ ବୋଲି ଆକଳନ କରାଯାଇଛି। ସେହିଭଳି ରାଜ୍ୟ ଅର୍ଥନୀତିର ଆକାର ୨୦୨୫-୨୬ ଆର୍ଥିକ ବର୍ଷରେ ୯.୯ ଲକ୍ଷ କୋଟି ହେବ, ଯାହାକି ୨୦୨୪-୨୫ ଆର୍ଥିକ ବର୍ଷର ୯ ଲକ୍ଷ କୋଟି ଟଙ୍କାଠାରୁ ୯.୫ ପ୍ରତିଶତ ଅଧିକ। ରାଜ୍ୟରେ ସରକାରୀ ଓ ବେସରକାରୀ ପୁଞ୍ଜିନିବେଶ ବଢ଼ିଥିବାରୁ ଆଗାମୀ ବର୍ଷରେ ଦ୍ରୁତ ଆର୍ଥିକ ବୃଦ୍ଧି ହେବ ବୋଲି ସରକାର ଦାବି କରିଛନ୍ତି। ସେହିଭଳି ୨୦୨୫-୨୬ର ଅଗ୍ରୀମ ଆକଳନ ଅନୁଯାୟୀ ରାଜ୍ୟର ମୁଣ୍ଡପିଛା ଆୟ ୯.୨ ପ୍ରତିଶତ ବୃଦ୍ଧି ପାଇ ୧ ଲକ୍ଷ ୮୬ ହଜାର ୭୬୧ରେ ପହଞ୍ଚିବ। ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ୬.୯ ପ୍ରତିଶତ ବୃଦ୍ଧି ପାଇଛି।

ଅର୍ଥ ବ୍ୟବସ୍ଥାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ଜାତୀୟ ହାରରୁ ଅଧିକ। ଜାତୀୟ ଅବଦାନ ୧୬.୮ ପ୍ରତିଶତ ଥିବାବେଳେ ରାଜ୍ୟର ଅବଦାନ ୧୯.୬ ପ୍ରତିଶତ ରହିଛି। କୃଷି ଏବଂ ଅନୁସଙ୍ଗିକ କ୍ଷେତ୍ରରେ ୨୦୨୫-୨୬ରେ ୫.୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି, ଯାହା ସର୍ବଭାରତୀୟ ସ୍ତରରେ ୩.୧ ପ୍ରତିଶତ ଥିଲା। ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନରେ ମଧ ରେକର୍ଡ ଅଭିବୃଦ୍ଧି ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ୧୪୩.୦୪ ଲକ୍ଷ ମେଟ୍ରିକ ଟନ୍ ଉତ୍ପାଦନ ହୋଇଥିବା ବେଳେ ୨୦୨୫-୨୬ରେ ଏହା ସର୍ବାଧିକ ୧୫୦.୫ ଲକ୍ଷ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୧୧୮.୬ ଲକ୍ଷ ମେଟ୍ରିକ ଟନ ଚାଉଳ ଉତ୍ପାଦନ ହୋଇଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୨.୮ ପ୍ରତିଶତ ଅଧିକ ଥିଲା। ଏହାଛଡ଼ା ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ଧାନ ଉତ୍ପାଦନର ୬୧ ପ୍ରତିଶତ ସରକାର କିଣିଥିବା ବେଳେ ୨୦୨୪-୨୫ରେ ୭୮ ପ୍ରତିଶତ ଧାନ ସରକାର ଚାଷୀଙ୍କଠାରୁ କିଣିଛନ୍ତି। ଜଳସେଚନ ଭିତ୍ତିଭୂମିରେ ଅଧିକ ନିବେଶ ଯୋଗୁଁ ରାଜ୍ୟରେ ଉଭୟ ଖରିଫ ଓ ରବି ଋତୁରେ ଜଳସେଚନ କ୍ଷମତା ୭୪.୨ ଲକ୍ଷ ହେକ୍ଟରରେ ପହଞ୍ଚିଛି ବୋଲି ସରକାର କହିଛନ୍ତି।

ନିରନ୍ତର ସରକାରୀ ଉଦ୍ୟମ ଯୋଗୁଁ ରାଜ୍ୟରେ ମାଛ, ଅଣ୍ଡା, ସାମୁଦ୍ରିକ ରପ୍ତାନୀ ଓ ଦୁଗ୍ଧ ଉତ୍ପାଦନ ଆଖିଦୃଶିଆ ଭାବେ ବଢ଼ିଛି। ଶିଳ୍ପ କ୍ଷେତ୍ରରେ ରାଜ୍ୟର ଅବଦାନ ୪୧.୩ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ୨୦୨୫ରେ ୨୪୪ଟି ନୂଆ ପ୍ରକଳ୍ପକୁ ସରକାର ମଞ୍ଜୁରୀ ଦେଇଥିଲେ। ଏଥିରେ ୫.୬୬ ଲକ୍ଷ କୋଟିର ନିବେଶ ପ୍ରସ୍ତାବ ଆସିଥିଲା। ଏହାଦ୍ୱାରା ୩.୫ ଲକ୍ଷ ଲୋକ ନିଯୁକ୍ତି ପାଇବେ ବୋଲି ଆକଳନ କରାଯାଇଛି। ରାଜ୍ୟରେ ପୁଞ୍ଜିନିବେଶ ବୃଦ୍ଧି ସହ ବିମାନ ଯୋଗାଯୋଗ ମଧ ସମ୍ପ୍ରସାରିତ ହୋଇଛି। ଗୋଟିଏ ଆନ୍ତର୍ଜାତିକ ଓ ୪ଟି ଘରୋଇ ବିମାନ ବନ୍ଦରରୁ ଦେଶର ୩୦ଟି ସହରକୁ ଯୋଗାଯୋଗ ହୋଇପାରୁଛି। ୨୦୨୪-୨୫ରେ ରାଜ୍ୟରୁ ଚଳାଚଳ କରୁଥିବା ବିମାନ ସଂଖ୍ୟା ୧୨ ଶହକୁ ବୃଦ୍ଧି ପାଇଛି। ଏଥିସହ ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା ଭିତ୍ତିଭୂମିର ବିକାଶ, ଅନୁସୂଚିତ ଜାତି ଓ ଜନଜାତି ବିକାଶରେ ହୋଇଥିବା ଅଭିବୃଦ୍ଧିକୁ ରିପୋର୍ଟରେ ଦର୍ଶାଇଛନ୍ତି ରାଜ୍ୟ ସରକାର।

## ସମ୍ବଲପୁର...

ଉତ୍ତମ ସଂଯୋଗୀକରଣ ଓ ପ୍ରଚୁର ସମ୍ପଦ ଯୋଗୁଁ ଏହାକୁ ଏକ 'ସିଇଆର୍' ଭାବେ ଗଢ଼ିବା ପାଇଁ ସବୁପ୍ରକାର ଯୋଗ୍ୟତା ରହିଛି। ଏଠାରେ ସଡ଼କ ଓ ରେଳପଥ ସହ ଝାରସୁଗୁଡ଼ା (ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର), ରାଉରକେଲା, ସମ୍ବଲପୁର (ଜମାଦାରପାଲି) ଓ ବରଗଡ଼ (ସତିଭଟା)ର ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅଞ୍ଚଳରେ ଥିବା ଦେବ୍ରିଗଡ଼, ଭୀମମଣ୍ଡଳୀ, ବେଦବ୍ୟାସ, ଖଣ୍ଡାଧାର ପ୍ରଧାନପାଟ ଭଳି ପର୍ଯ୍ୟଟନର ଯଥେଷ୍ଟ ସମ୍ଭାବନା ରଖୁଛି।

ଅନୁରୂପ ଭାବେ ଦ୍ୱିତୀୟତଃ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି, ଅନୁଗୋଳ-ଢେଙ୍କାନାଳ ରିଜିୟନ କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସାରା ଭାରତର ଆର୍ଥିକ ପ୍ରଗତି ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ଠିକ୍ ମଝି ଭାଗରେ ଅବସ୍ଥିତ ଏହି ଅଞ୍ଚଳ ଉପକୂଳର ବନ୍ଦର ଏବଂ ଖଣିଜ ସମୃଦ୍ଧ ପଶ୍ଚିମାଞ୍ଚଳକୁ ଯୋଡ଼ିବା ପାଇଁ ଏକ ମୁଖ୍ୟ ରାସ୍ତା ବା ପ୍ରବେଶ ପଥ ସଦୃଶ। ଏଠାରେ ପ୍ରଚୁର ପରିମାଣରେ କୋଇଲା, କ୍ରୋମାଇଟ୍ ଏବଂ ଲୁହା ପଥର ମିଳୁଥିବାରୁ ଏହା ଭାରୀ ଶିଳ୍ପ, ନୂତନ କାରଖାନା ଓ ସୌର ଶକ୍ତି ଭଳି ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ। ଅନୁଗୋଳରେ ଥିବା ନାଲକୋ, ଏନଟିପିସି କଣିହାଁ, ତାଳଚେରର ତାପଜ ବିଦ୍ୟୁତ କେନ୍ଦ୍ର ଏବଂ ମହାନଦୀ କୋଲଫିଲ୍ଡସ (ଏମସିଏଲ) ଭଳି ବଡ଼ ବଡ଼ ଅନୁଷ୍ଠାନ ରାଜ୍ୟକୁ ବିଦ୍ୟୁତ୍ ଓ ଶକ୍ତି ଯୋଗାଇବାରେ ମେରୁଦଣ୍ଡ ସାଜିଛନ୍ତି। ଅନୁଗୋଳ-ଢେଙ୍କାନାଳ ଅଞ୍ଚଳରେ ବ୍ରାହ୍ମଣୀ ନଦୀ ଦେଇ ନିକଟରେ ଘୋଷଣା କରାଯାଇଥିବା ୫ ନମ୍ବର ଜାତୀୟ ଜଳପଥ ପରିବହନ କ୍ଷେତ୍ରରେ ବିପ୍ଳବ ଆଣିବ। ଏହା ତାଳଚେର, କଳିଙ୍ଗନଗର ଓ ପାରାଦୀପ ମଧ୍ୟରେ ଖଣିଜ ଦ୍ରବ୍ୟର ଶସ୍ତା ପରିବହନ ପାଇଁ ରାସ୍ତା ଫିଟାଇବ। ଏହାବ୍ୟତୀତ ଢେଙ୍କାନାଳରେ ଇସ୍ପାତ ଏବଂ ପ୍ରତିରକ୍ଷା ସାମଗ୍ରୀ ତିଆରି କ୍ଷେତ୍ରରେ ନୂଆ ନୂଆ ପୁଞ୍ଜିନିବେଶ ହେଉଛି, ଯାହା ଶିଳ୍ପାୟନକୁ ଆଗକୁ ବଢାଇବାରେ ସହାୟକ ହୋଇଛି। ଅଞ୍ଚଳରେ ଆଇଜିଆଇଟି, ସାରଙ୍ଗ ଓ ଅନୁଗୋଳର ସ୍କିଲ୍ ଇଣ୍ଡିଆ ସେଣ୍ଟର ଯୁବକମାନଙ୍କୁ କାମ ପାଇଁ ଦକ୍ଷ କରୁଛି। ଏଥିସହ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, କପିଳାସ ଓ ସପ୍ତଶଯ୍ୟା ଭଳି ସୁନ୍ଦର ପର୍ଯ୍ୟଟନସ୍ଥଳୀଗୁଡ଼ିକ ସ୍ଥାୟୀ ଅର୍ଥନୈତିକ ବିକାଶ ପାଇଁ ସୁଯୋଗ ପ୍ରଦାନ କରୁଛି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଓ ଅନୁଗୋଳ-ଢେଙ୍କାନାଳ କ୍ଲଷ୍ଟର ରାଜ୍ୟର ମୋଟ ଜିଏସଡିପିରେ ୨୬ ପ୍ରତିଶତରୁ ଅଧିକ ଯୋଗଦାନ ରଖୁଛି। ଏହି ଅଞ୍ଚଳରେ ଜିସିସି ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ, ବସ୍ତ୍ରଶିଳ୍ପ ଏବଂ ଖାଦ୍ୟ ପ୍ରକ୍ରିୟାକରଣ (ବିଶେଷକରି ଲଘୁ ବନଜାତ ଦ୍ରବ୍ୟଭିତ୍ତିକ) କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶର ସୁଯୋଗ ରହିଛି। ଏଥିସହ ଏଠାରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ମଧ ଯଥେଷ୍ଟ ସମ୍ଭାବନା ରହିଛି। ଏହି ନୂତନ କରିଡରଗୁଡ଼ିକର ବିକାଶ ହେଲେ ଶିଳ୍ପାୟନ ଓ ବ୍ୟବସ୍ଥିତ ସହରୀକରଣ ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ଜନସାଧାରଣଙ୍କ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ' ପରିକଳ୍ପନା ଅନୁଯାୟୀ ଓଡ଼ିଶାର ପ୍ରତିଟି ଅଞ୍ଚଳର ବିକାଶ ଜରୁରୀ ଏବଂ ଆଲୋଚ୍ୟ ଦୁଇଟି ନୂତନ ସିଇଆର୍ ଗଠନ ହେଲେ ଶିଳ୍ପାୟନକୁ ଗତି ମିଳିବା ସହ ସହସ୍ରାଧିକ ସ୍ଥାନୀୟ ଯୁବକଯୁବତୀ ନିଯୁକ୍ତି ସୁଯୋଗ ପାଇବେ ବୋଲି କହିବା ସହ ଏହି ପ୍ରସ୍ତାବ ସମ୍ବନ୍ଧୀୟ ଏକ ବିସ୍ତୃତ 'କନସେପ୍ଟ ନୋଟ୍' ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

## ବିଜେପି ରିମୋଟ୍‌ରେ...

ଦେଉନାହାଁନ୍ତି। ଜୟନାରାୟଣଙ୍କ ଏଭଳି ବେଫିକର ବୟାନ ବିଜେଡି ନେତାଙ୍କ ଡ୍ରାମା ପାଇଁ ଦର୍ଶକ ଯୋଗାଇ ଦେଉଛି।

ତେବେ ବିଜେଡି ନେତାମାନେ ରିମୋଟ୍‌ରେ ପରିଚାଳିତ ହେଉଥିବା ବାରି ହେଉଥିଲେ ବି ସେମାନେ ୨୪ ପୂର୍ବରୁ ନିଜର ଷ୍ଟାଣ୍ଡ୍ ବଦଳାଇପାରିବେ ନାହିଁ। ଚର୍ଚ୍ଚା ହେଉଛି ବଜେଟ ଅଧିବେଶନର ପ୍ରଥମ ଦିନ ରାଜ୍ୟପାଳଙ୍କ ଅଭିଭାଷଣକୁ ପ୍ରଥମରୁ ବିରୋଧ କରି ଗୃହ ପରିତ୍ୟାଗ କରିବାକୁ ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିରୋଧୀ ଦଳ ଉପନେତାଙ୍କ ଉପରେ ଚାପ ପକାଇଥିଲେ। କିନ୍ତୁ ନିର୍ଦ୍ଦେଶ ମିଳି ନ ଥିବାରୁ ବିଜେଡି ବିଧାୟକମାନେ ଦୀର୍ଘ ସମୟ ଅଭିଭାଷଣ ଶୁଣିଥିଲେ। କଂଗ୍ରେସ କକ୍ଷତ୍ୟାଗ କରିବା ପରେ ବିଜେଡି ରାଜ୍ୟପାଳଙ୍କ ଅଭିଭାଷଣକୁ ବର୍ଜନ କରିବାକୁ ବାଧ ହେଲା।

ଆଜି ତୃତୀୟ ଦିନରେ ମଧ ବିଜେଡି ନେତାଙ୍କ ପ୍ରତିବାଦରେ ସେ ଆକ୍ରମଣାତ୍ମକ ଶୈଳୀ ନଥିଲା। ଷୋଡ଼ଶ ବିଧାନସଭାରେ ୯ ଜଣ କଂଗ୍ରେସ ବିଧାୟକ ଯାହା କରୁଥିଲେ, ସପ୍ତଦଶ ବିଧାନସଭାରେ ବିଜେଡିର ୪୮ ବିଧାୟକ ତାହା କରିପାରୁନାହାନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ବିଜେଡିର ଡ୍ରାମା ସ୍ପଷ୍ଟ ବାରି ହେଉଥିବା ବେଳେ କଂଗ୍ରେସର ଆଭିମୁଖ୍ୟ ମଧ ସମସ୍ତଙ୍କୁ ଚକିତ କରୁଛି। କଂଗ୍ରେସ ଆରମ୍ଭରୁ ବିଦ୍ୟୁତ ବିଲ ପ୍ରସଙ୍ଗକୁ ଉଠାଇବ ବୋଲି କହୁଥିଲା। ଗତ ତିନି ମାସ ଧରି କଂଗ୍ରେସ ବିଦ୍ୟୁତ ଶୁଳ୍କ ଓ ସ୍ମାର୍ଟ ମିଟରକୁ ନେଇ ବାରମ୍ବାର ପ୍ରଶ୍ନ ଉଠାଉଥିଲା। ତେଣୁ ସ୍ୱାଭାବିକ ଭାବେ ଦଳ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବ ବୋଲି ଆକଳନ କରାଯାଉଥିଲା। ହେଲେ ବିଜେଡି ପିଠିରେ ଲାଉ ହୋଇ କଂଗ୍ରେସ ବି କାହିଁକି ଧାନ ପ୍ରସଙ୍ଗରେ ଆନ୍ଦୋଳନ କରୁଛି, ତାହା ଖୋଦ ଦଳର ବିଧାୟକମାନେ ବି ବୁଝିପାରୁନାହାଁନ୍ତି। ଯୋଗାଣ ବିଭାଗର ମନମୁଖୀ କାର୍ଯ୍ୟରେ ଚାଷୀ ହନ୍ତସନ୍ତ ହେଉଛନ୍ତି, ଏଥିରେ ଦ୍ୱିମତ ନାହିଁ। ହେଲେ ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ନାଁରେ ଶାସକ ଦଳ ସହ ବିରୋଧୀ ଦଳ ବି ସାଲିସ କରୁଛି ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି। କାରଣ ସମୟ ଥିଲା ଏଇ ବିଧାନସଭାରେ ସରକାରଙ୍କୁ ବିଜେପି ଓ କଂଗ୍ରେସ ଧାନଠୁ ଡାଲି ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଆକ୍ତାମାକ୍ତା କରିଦେଇଥିଲେ। କେତେବେଳେ ଗୃହରେ ଅଭିଭାଷଣ ଚିରା ହୋଇଥିଲା ତ କେତେବେଳେ ବାଚସ୍ପତିଙ୍କ ପୋଡିୟମରେ ଡାଲି ରଖାଯାଇଥିଲା। ହେଲେ ବର୍ତ୍ତମାନର ବିରୋଧୀ ଦଳରେ ସରକାରୀ ଦଳକୁ ଅସ୍ତବ୍ୟସ୍ତ କରିଦେଲା ଭଳି ମାନସିକତା ଦେଖିବାକୁ ମିଳୁନି।

## ବିନା ଫିଟନେସରେ...

କରୁନାହାନ୍ତି ବୋଲି ମନେ ହେଉଛି। ନଚେତ୍ ସରକାରଙ୍କୁ କେହି ମାନୁନାହାନ୍ତି। ତେବେ ତୁରନ୍ତ ଫିଟନେସ ନ ଥିବା ବସ୍‌ଗୁଡ଼ିକୁ ବ୍ୟାନ କରାଯାଉ ବୋଲି ଶ୍ରୀ ଦାସ ଦାବି କରିଛନ୍ତି।

ଏହାର ଜବାବରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଡେଡଲାଇନ ଦେଲେ ଲୋକଙ୍କୁ ବାଧୁଛି। ତୁରନ୍ତ ଗାଡିର ଫିଟନେସ ନ କଲେ ପଞ୍ଜିକରଣ ବାତିଲ ହେବ। ଯାତ୍ରୀବାହୀ ବସ ହେଉ କି ସ୍କୁଲ ବସ, ଯାହାର ବି ଫିଟନେସ ନାହିଁ, ତା' ବିରୋଧରେ ଆକ୍ସନ ନିଆଯିବ। ପୂର୍ବରୁ ଆଖି ଦେଖି ଫିଟନେସ ଦିଆଯାଉଥିଲା, କିନ୍ତୁ ଏବେ ଏଟିଏସ୍ (ଅଟୋମେଟିକ ଟେଷ୍ଟିଂ ସେଣ୍ଟର) ଜରିଆରେ ଫିଟନେସ ପ୍ରମାଣପତ୍ର ଦିଆଯିବ।

ସେହିଭଳି ବିନା ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି)ରେ ପରିବହନ ବିଭାଗରେ ଗଡୁଛି ମାଳ ମାଳ ଗାଡ଼ି। କଥାଟି ବିଶ୍ୱାସ ହେଉନଥିଲେ ମଧ ଖୋଦ୍ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନା ବି ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ପରିବହନ ବିଭାଗ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟରେ ନିୟୋଜିତ ହୋଇଛି ମୋଟ୍ ୨୪୨ଟି ବିଭିନ୍ନ କିସମର ଯାନ। ସେଥିମଧ୍ୟରୁ ୪୪ଟି ଗାଡ଼ି ରାଜ୍ୟ ସରକାରଙ୍କର ନିଜସ୍ୱ ହୋଇଥିବା ବେଳେ ୧୯୮ଟି ଗାଡ଼ି ଭଡ଼ାରେ ଅଣାଯାଇଛି। ଏହିସବୁ ଯାନର ପିୟୁସିସି ଅବଧି ଗତ ବର୍ଷ ଡିସେମ୍ବର ୨୨ରୁ ଶେଷ ହୋଇସାରିଛି। ଅର୍ଥାତ ବିନା ପ୍ରମାଣପତ୍ରରେ ଏହି ଗାଡ଼ିଗୁଡ଼ିକ ସରକାରୀ ବାବୁଙ୍କୁ ବସାଇ ରାସ୍ତାରେ ଗଡୁଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାଯାଇଛି।

## ୬ ଗିରଫ...

ଅଗ୍ରୱାଲ ଓ ସୁରେଶ ଖେମକା। ସେମାନେ ସାଧାରଣ ଲୋକଙ୍କୁ ଅଧିକ ଟଙ୍କାର ଲୋଭ ଦେଖାଇ ଠକୁଥିଲେ। ଏହି ର୍‍ୟାକେଟ୍ କେବଳ ରାଉରକେଲାରେ ନୁହେଁ, ବରଂ ଓଡ଼ିଶା ବାହାରେ ମଧ ଜାଲ ବିଛାଇଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ଜେଇଇ ମେନ୍ ପରୀକ୍ଷାରେ ପ୍ରତୀକ୍ଷାଙ୍କ ଅସାଧାରଣ ସଫଳତା



**ଯାଜପୁର,୧୯।୨(ସଂଚାର ବ୍ୟୁରୋ):** ରତନପୁର (ଅଭୟପୁର ଗ୍ରାମପଞ୍ଚାୟତ), ଯାଜପୁରର ଗର୍ବିତ କନ୍ୟା ପ୍ରତିକ୍ଷା ରାଉତ ଜେଇଇ ମେନ୍ ପରୀକ୍ଷା (ଯାହା ଗତ ଜାନୁଆରୀ ୨୨ ତାରିଖରେ ଯାଜପୁର ର ଗରଡ଼ି ସ୍ଥିତ ଗରଡ଼ି ପଲିଟେକନିକ୍ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା) ୨୦୨୫–୨୬ ରେ ୯୮.୬୩୩% ଅଙ୍କ ଅର୍ଜନ କରି ଅଞ୍ଚଳରେ ଗୌରବ ଆଣିଛନ୍ତି। ସେ ଶ୍ରୀ ମନୋଜ କୁମାର ରାଉତ ଓ ଶ୍ରୀମତୀ ବବିତା ରାଉତଙ୍କ କନ୍ୟା। ତାଙ୍କ ପିତାମାତା ଡା. ଏ.ପି.ଜେ. ଅବଦୁଲ କଲାମ ଇଣ୍ଟରନ୍ୟାସନାଲ୍ ସ୍କୁଲ, ଜାମୁବନୀଆ, ଜାରକା, ଯାଜପୁରର ପ୍ରଧାନଶିକ୍ଷକ ଓ ସଭାପତି ଅଟନ୍ତି। ପ୍ରତିକ୍ଷାଙ୍କ ଏହି ଅସାଧାରଣ ସଫଳତା ତାଙ୍କର ଅକ୍ଷୟ ପରିଶ୍ରମ, ନିଷ୍ଠା ଓ ଦୃଢ଼ ସଂକଳ୍ପର ଫଳ। ତାଙ୍କ ସଫଳତାରେ ପରିବାର ସହିତ ସମଗ୍ର ଅଞ୍ଚଳ ଗର୍ବିତ ଅନୁଭବ କରୁଛି। ସ୍ଥାନୀୟ ବାସିନ୍ଦା, ଶିକ୍ଷାପ୍ରେମୀ ଓ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜଣାଇ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ଏହି ସଫଳତା ଯୁବପିଢ଼ି ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ଭାବେ ପ୍ରମାଣିତ ହେବ।

● ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

## ହିଞ୍ଜିଳିରେ ୨୯ ପରୀକ୍ଷାର୍ଥୀ ଅନୁପସ୍ଥିତ

**ହିଞ୍ଜିଳିକାଟୁ,୧୯।୨ (ସଂଚାର ବ୍ୟୁରୋ):** ମାଧମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା (ମାଟ୍ରିକ) ଆଜି ଠାରୁ ଆରମ୍ଭ ହୋଇଛି। ଛାତ୍ର ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା। ଏହା ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ମାତୃଭାଷାରେ ପରୀକ୍ଷା ଦେଲେ ଛାତ୍ରଛାତ୍ରୀ। ସକାଳ ୯ ଟାରୁ ସାଢେ ୧୧ ପର୍ଯ୍ୟନ୍ତ ପରୀକ୍ଷା ହୋଇଥିଲା। ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳ ଅନ୍ତର୍ଗତ ୧୦ଟି କେନ୍ଦ୍ରରେ ସମୁଦାୟ ୨୦୫୪ ଜଣ ପରୀକ୍ଷାର୍ଥୀ ଦେଇଛନ୍ତି। ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୩୧, ଏନଏସି ଉଚ୍ଚ ବିଦ୍ୟାଳୟ ୧୯୩, ଏସଏସଭିଏମ ହିଞ୍ଜିଳିକାଟୁ ୩୩୭, କଞ୍ଚୁରୁ ଉଚ୍ଚ ମାଧମିକ ବିଦ୍ୟାଳୟ ୧୭୪, ସାରୁ ଉଚ୍ଚ ବିଦ୍ୟାଳୟ ୧୦୩, ମକରଝୋଳ ଉଚ୍ଚ ବିଦ୍ୟାଳୟ ୧୮୧, ଗଣେଶ ବିଦ୍ୟାପୀଠ ଗଣ୍ଡଳା ଉଚ୍ଚ ବିଦ୍ୟାଳୟ ୧୭୫, ସାହାପୁର ଉଚ୍ଚ ବିଦ୍ୟାଳୟ ୧୩୪, ଭଗବତୀ ବିଦ୍ୟାପୀଠ ବୁରୁପୁଡ଼ା ୧୮୫, ପୋଡିଙ୍ଗି ହାଇସ୍କୁଲ ୨୧୨ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା କେନ୍ଦ୍ର ମଧକୁ ପ୍ରବେଶ କରିବା ପୂର୍ବରୁ ପରୀକ୍ଷାର୍ଥୀଙ୍କୁ କଡାକଡି ଯାଞ୍ଚ କରାଯାଇଥିଲା। ପ୍ରଥମ ଦିବସରେ ୨୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ନେଇ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚାନ୍ଦିନୀ ପଣ୍ଡା ସୂଚନା ଦେଇଛନ୍ତି। ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ରହିଛି। ପରୀକ୍ଷା କେନ୍ଦ୍ର ଗୁଡିକୁ କଡା ନଜର ରଖାଯିବା ସହ ପୋଲିସ ଜଗି ରହିଛନ୍ତି।

## ଗଛରେ ଗାମୁଛା ଲଗାଇ ଯୁବକଙ୍କ ଆତ୍ମହତ୍ୟା



**ବାଲିଶଙ୍କରା,୧୯।୨(ସଂଚର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାର ତଳସରା ଥାନା ଅନ୍ତର୍ଗତ ସଉନାମରା ପଞ୍ଚାୟତ ପ୍ରଧାନପଡ଼ା ଗ୍ରାମରେ ଜଣେ ଯୁବକଙ୍କ ଆତ୍ମହତ୍ୟା ଘଟଣା ଘଟିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଯଶିପ ସୋରେନ (୧୮) ନିଜ ଘର ଅଗଂଣରେ ଥିବା ଏକ ଆମ୍ବ ଗଛରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘଟଣାର ସଠିକ୍ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ତଳସରା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ଚିକିତ୍ସାଳୟକୁ ପଠାଇଥିବା ସୂଚନା ମିଳିଛି। ତଦନ୍ତ ଜାରି ରହିଛି।

## ହାଇୱା ଧକ୍କାରେ ଯୁବକ ଗୁରୁତର



**ହିଞ୍ଜିଳିକାଟୁ,୧୯।୨(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହର ସ୍ଥିତ ସିନେମା ହଲ ଛକ ନିକଟରେ ଏକ ହାଇୱା ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ଜଣକ ହେଲେ ବୁଗୁଡ଼ା ପଙ୍କଲବାଡି ଗ୍ରାମର କୁନା ଦୋରା। ସୂଚନା ଯେ, ବୁଗୁଡ଼ା ପଙ୍କଲବାଡି ଗ୍ରାମର କୁନା ଦୋରା ଓ ତାଙ୍କ ମା' ବାଇକ୍ ଯୋଗେ ପଙ୍କଲବାଡି ଗ୍ରାମରୁ ବ୍ରହ୍ମପୁର ଯିବା ସମୟରେ ଆସ୍କାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ବାଲି ବୋଝେଇ ହାଇୱା ସିନେମା ହଲ ଛକ ନିକଟରେ ଧକ୍କା ଦେଇଥିଲା। ଯାହା ଫଳରେ କୁନା ଦୋରା ଗୁରୁତର ହୋଇଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିବା ବେଳେ ହିଞ୍ଜିଳି ପୋଲିସ ଘଟଣାସ୍ଥଳରେ ପହଂଚି ଯୁବକଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଯୁବକ ଜଣକ ଅଧିକ ଗୁରୁତର ହୋଇଥିବାରୁ ଅଧିକ ଚିକିତ୍ସାପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ପୋଲିସ ବାଲି ବୋଝେଇ ହାଇୱାକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।

## କରଡ଼ା ଘାଟିରେ ଦୁର୍ଘଟଣା: ନିୟନ୍ତ୍ରଣ ହରାଇ ୫୦ ଫୁଟ ତଳକୁ ଖସିଲା ଟ୍ରକ



**ଫୁଲବାଣୀ,୧୯।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ରାଇକିଆ ବ୍ଲକର କରଡ଼ା ଘାଟିଠାରେ ନିୟନ୍ତ୍ରଣ ହରାଇ ଏକ ମହୁଲ ବୋଝେଇ ଟ୍ରକ ଘାଟିର ୫୦ ଫୁଟ ଘାଟି ତଳକୁ ଖସିଯାଇଛି। ଯିବା ଫଳରେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଟ୍ରକଟି ବଲାଙ୍ଗୀରରୁ ମହୁଲ ନେଇ କରଡ଼ା ଅଭିମୁଖେ ଯାଉଥିଲା। ଖବର ପାଇ ରାଇକିଆ ଅଗ୍ନିଶମ ବିଭାଗ ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରିବା ସହ ରାଇକିଆ ମେଡିକାଲରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ ଗାର୍ଡ ୱାଲ ନ ଥିବାରୁ ଅନେକ ସମୟରେ ଏହି ସ୍ଥାନରେ ଦୁର୍ଘଟଣାମାନ ଘଟୁଛି।

## ଜିଲ୍ଲାସ୍ତରୀୟ କୌଶଳ ତାଲିମ କାର୍ଯ୍ୟକ୍ରମ

**ବାଲିଶଙ୍କରା,୧୯।୨(ସଂଚର ବ୍ୟୁରୋ):** ସ୍ଥାନୀୟ ସଭାବନା ଭବନରେ କିଶୋରୀ ବାଳିକାଙ୍କୁ ଆଦ୍ୱିକା କାର୍ଯ୍ୟକ୍ରମ ଅଧିନ ରେ ଜିଲ୍ଲାସ୍ତରୀୟ କୌଶଳ ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଙ୍କ ଆନୁକୂଲ୍ୟ ରେ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଶିଶୁ ମଙ୍ଗଳ କମିଟି ଅଧକ୍ଷ ନନ୍ଦଲାଲ ନାଏକ, ଉପ ଆରକ୍ଷୀ ଅଧିକ୍ଷକ ରାଜେନ୍ଦ୍ର ସି ଆଲ ଉପସ୍ଥିତ ରହି ଏହି କର୍ମଶାଳାର ଶୁଭାରମ୍ଭ କରିଥିଲେ। କିଶୋରକିଶୋରୀଙ୍କ ସଶକ୍ତୀକରଣ ନିମିତ୍ତ ବିଭିନ୍ନ କୌଶଳ ତାଲିମ ଯଥା ବିତ୍ତିୟ ସାକ୍ଷରତା, ସାଇବର ସୁରକ୍ଷା, ଯୋଗାଯୋଗ ଓ ସୂକ୍ଷ୍ମ କୌଶଳ, କମ୍ପ୍ୟୁଟର ସମ୍ବନ୍ଧିତ ଜ୍ଞାନ, ଧନ୍ଦାମୂଳକ ନିଯୁକ୍ତିର ସୁଯୋଗ ସମ୍ବନ୍ଧ ରେ ଉପସ୍ଥିତ ପ୍ରଶିକ୍ଷିକା ତାଲିମ ପ୍ରଦାନ କରିଥିଲେ।

ଆକ୍ସନ ମୋଡ଼୍‌ରେ ଅସ୍ତରଙ୍ଗ ତହସିଲଦାର

# ବେଆଇନ ଇଟା ଭାଟି ଉପରେ ବୁଲିଲା ଜେସିବି



**କାକଟପୁର/ଅସ୍ତରଙ୍ଗ, ୧୯।୨ (ସଂଚାର ବ୍ୟୁରୋ):** ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ବେପରୁଆ ଭାବେ ଇଟା ଭାଟି ମାଲିକ। ଧୂଆଁରେ ପରିବେଶ ପ୍ରଦୂଷଣ ହେଉଛି। ଗ୍ରୀଷ୍ମ ଆଗମ ରୁ ହିଁ ଗରମ ଏବଂ ଗୁଳୁଗୁଳି ରେ ଜନଜୀବନକୁ ଅସ୍ତବ୍ୟସ୍ତ ହୋଇଯାଉଛି। ଯାହାକୁ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଆକ୍ସନ ମୋଡ଼ରେ। ଗୁରୁବାର ଅପରାହ୍ନ ତାଳଦା ପଞ୍ଚାୟତ ଅଞ୍ଚଳରେ ଥିବା ବେଆଇନି ଇଟା ଭାଟି ଭାଙ୍ଗି ମାଟିରେ ମିଶାଇଲେ ପ୍ରଶାସନ। ଖବର ମୁତାବକ ଗ୍ରୀଷ୍ମଋତୁ ତେଣୁ ଇଟାଭାଟି ଗୁଡ଼ିକ ଯୋଗୁଁ ପ୍ରଦୂଷଣ ସହ ତାପମାତ୍ରା ପରିମାଣରେ ମଧ ବୃଦ୍ଧି ପାଇବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପ୍ରଶାସନ ନିର୍ଦ୍ଦେଶ କ୍ରମେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶୀନୀ ପତି ଙ୍କ ନିର୍ଦ୍ଦେଶରେ ଗୁରୁବାର ମଧ୍ୟାହ୍ନ ରେ ପୁଲିସ ଫୋର୍ସ ଓ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ସହଯୋଗରେ ଚଢ଼ାଉ କରି ତାଳଦା ପଞ୍ଚାୟତ ରେ ଥିବା ୩ଗୋଟି ବେଆଇନ ଇଟାଭାଟି ଗୁଡିକୁ ଜେସିବି ସହାୟତା ଓ ଅଗ୍ନିଶମ ବାହିନୀ ମିଳିତ ଉଦ୍ୟମ ରେ ଭାଙ୍ଗି ନଷ୍ଟ କରାଯାଇଥିବା ସୂଚନା ମିଳିଛି।ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପତି ଏହି ଘଟଣା କୁ ନେଇ ପ୍ରତିକ୍ରିୟା ରେ କହିଛନ୍ତି ବେଆଇନି ଇଟା ଭାଟି ଚାଲୁଥିବା ଶହ ପ୍ରଦୂଷଣ ବିଭାଗର ନିୟମ କୁ ଉଲ୍ଲଘନ କରି ସରକାରୀ ଜମି ରେ ବେଆଇନି ଭାବେ ଇଟା ପ୍ରସ୍ତୁତ କରୁଥିଲେ। ଆଗାମୀ ଦିନ ରେ ଅନ୍ୟ ସ୍ଥାନରେ ଥିବା ଇଟା ଭାଟି ଭଙ୍ଗାଯିବ। ଗଢିଉଠିଥିବା ବେଆଇନି ଇଟା ଭାଟି କୁ ତହସିଲଦାର ପ୍ରିୟଙ୍କା ପ୍ରିୟ ଦର୍ଶନୀ ପତି, ଅତିରିକ୍ତ ତହସିଲଦାର ଅମିତ ରାୟ, ରାଜସ୍ୱ ତଦାରଖକାରୀ ଅଶୋକ କୁମାର ପ୍ରଧାନ, ରାଜସ୍ୱ ନିରୀକ୍ଷକ ବାଣୀଶ୍ରୀ ନାୟକ, ଅସ୍ତରଙ୍ଗ ଅଗ୍ନିଶମ ଷ୍ଟେସନଅଧିକାରୀ ପ୍ରହ୍ଲାଦ ରାୟ, ଅସ୍ତରଙ୍ଗ ଥାନା ପୁଲିସ ଙ୍କ ଉପସ୍ଥିତିରେ ଅଗ୍ନିସଂଯୋଗ ହୋଇଥିବା ଇଟା ଭାଟିକୁ ଜେସିବି ଓ ଅଗ୍ନିଶମ ବାହିନୀ ଜଳ ସିଞ୍ଚନ କରି ଭାଙ୍ଗିଥିଲେ। ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଏବଂ ସରକାରୀ ନିୟମ କାନୁନକୁ ଉଲ୍ଲଂଘନ କରି ବ୍ୟବସାୟ ପାଇଁ ଇଟା ନିର୍ମାଣ ଚାଲିଛି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ରାଜ୍ୟରେ ମାଟି ତିଆରି ଇଟା ଭାଟି ଉପରେ ନିଷେଧାଦେଶ ଜାରି କରିଛନ୍ତି। କେବଳ ଫ୍ଲାଇ ଆସରେ ଇଟା ନିର୍ମାଣକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥା ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ଇଟାର ଚାହିଦା ମେଣ୍ଟାଇବା ପାଇଁ ଫ୍ଲାଇ ଆସ ଇଟା ନିର୍ମାଣକୁ ସରକାର ପ୍ରୋତ୍ସାହନ ଦେବାକୁ ସବୁଜ ସଙ୍କେତ ଦେଇଛନ୍ତି। ଏହା ପୂର୍ବରୁ ଜନବସତି ଠାରୁ ୧କିଲୋମିଟର ଏବଂ ସର୍ବସାଧାରଣ ଯାତାୟାତ କରୁଥିବା ରାସ୍ତାର ୫ଶହ ମିଟର ମଧ୍ୟରେ ଇଟାଭାଟି ସ୍ଥାପନ ଉପରେ ସରକାର କଟକଣା ଜାରି କରିବା ସହିତ କେବଳ ସ୍ଥାୟୀ ଚିମିନି ଥିବା ଇଟାଭାଟି ସ୍ଥାପନ ପାଇଁ ଆଇନ ପ୍ରଣୟନ କରିଛନ୍ତି। ବେଆଇନ ଇଟାଭାଟି ବୃଦ୍ଧି ପାଉଥିବାରୁ ସରାକାରଙ୍କ ରାଜସ୍ୱ ହାନୀ ହେଉଛି।

## ରେଳ କରିଡର ଓ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମ୍ବନ୍ଧରେ ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିଧାୟିକା



**ବାଲିଆପାଳ,୧୯।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ର ଚୌମୁଖ ଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ନିମନ୍ତେ ରେଳ କରିଡର ଏବଂ ରାସ୍ତା ନିର୍ମାଣ ପାଇଁ କେତେ ପରିମାଣର ଜମି ର ଆବଶ୍ୟକତା ଅଛି, ସେଥି ମଧରୁ ସରକାରୀ ଓ ବେସରକାରୀ ଜମିର ପରିମାଣ କେତେ ଏବଂ କେତେ ସଂଖ୍ୟାକ ଘରୋଇ ଜମି କ୍ରୟ କରାଯାଇଛି, ଏଥି ସହିତ ଚୌମୁଖ ପଞ୍ଚାୟତରେ ରେଳ କରିଡର ଓ ରାସ୍ତା ନିର୍ମାଣ ପାଇଁ କେତେ ଜମି କିଣା ଯାଇଛି, ବାକି ଥିବା ମୋଟ ଜମି ଗୁଡିକ କେବେ ସୁଦ୍ଧା କିଣା ଯିବା ପାଇଁ ପ୍ରସ୍ତାବ ରହିଛି ଓ ଅଧିଗ୍ରହଣ ହୋଇଥିବା ଜମିର ସ୍ଥିତାବସ୍ଥା କଣ ରହିଛି ବୋଲି ଆଜି ବିଧାନସଭାର ବଜେଟ ଅଧିବେଶନର ଗୁରୁବାର ଦିନ ବିଧାୟିକା ସୁବାସିନୀଜେନା ପ୍ରଶ୍ନ ଉପସ୍ଥାପନ କରି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ସଡ଼କ ପଥ ନିର୍ମାଣ ପାଇଁ ୧୫ ଏକର ଜଙ୍ଗଲ ଜମି ଅଧିଗ୍ରହଣ ହେବାକୁ ଥିବା ବେଳେ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ଅନୁମତି ଅପେକ୍ଷାରେ ଅଛି। ସେହିପରି ୧୪. ୬୮ ଏକର ଭୂଦାନ ଯଜ୍ଞ ସମିତି ଅଧିନରେ ଥିବା ଜମି ଅଧିଗ୍ରହଣ ପ୍ରସ୍ତାବ ଜିଲ୍ଲା ନ୍ୟାୟାଳୟ ନିକଟରେ ବିଚାରଧୀନ ଅଛି। ଏଥିସହିତ ୭.୯୬ ଏକର ସରକାରୀ ଜମିରୁ ୬. ୩୧ ଏକର ଅଧିଗ୍ରହଣ ହୋଇଛି। ବେସରକାରୀ ୨୯ଏକର ଜମିରୁ ୧୭. ୩୧ଏକର ଜମି ଅଧିଗ୍ରହଣ ହୋଇଛି। ଏହିପରି ସମୁଦାୟ ଆବଶ୍ୟକୀୟ ୬୬.୬୪ ଏକର ଜମିରୁ ୨୩.୨୬ଏକର ଜମି ଅଧିଗ୍ରହଣ ହୋଇଛି। ଏହା ବ୍ୟତୀତ ରେଳ କରିଡର ପାଇଁ ଆବଶ୍ୟକୀୟ ୪୧୪.୫୮ଏକର ଜମିରୁ ୨୫୮.୦୧ଏକର ଅଧିଗ୍ରହଣ ହୋଇଛି।

● ଗହଣା ଦୋକାନୀଠୁଁ ଲୁଟ୍ ଘଟଣା ଭିନ୍ନ ମୋଡ଼

## ସିସି କ୍ୟାମେରାରେ ନେଇ ପୁଲିସର ତଦନ୍ତ



**ନିଳଗିରି,୧୯।୨ (ସଂଚାର ବ୍ୟୁରୋ):** ଗତ କାଲି ବୁଧବାର ରାତି ପ୍ରାୟ ୯.୨୯ ମିନିଟ୍ ସମୟରେ ସନ୍ତରାଗଡ଼ିଆ ବଜାରରେ ଥିବା କୃପାସିନ୍ଧୁ ଜୁଏଲାରୀର ମାଲିକ କୃପାସିନ୍ଧୁ ରଣା ଦୋକାନ ବନ୍ଦ କରି ନିଜ ବ୍ୟାଗ୍ ରେ ୩୭୫ଗ୍ରାମ ସୁନା ଅଳଙ୍କାର ନେଇ ଯାଉଥିବା ବେଳେ ହଠାତ୍ ଦୁଇଟି ବାଇକ୍ ରେ ୪ଜଣ ଯୁବକ ଆସି ବନ୍ଧୁକ ଦେଖାଇ ଲୁଟି ନେଇ ଫେରାର ହୋଇ ଯାଇଥିଲେ। ଖବର ପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣା ସ୍ଥଳରେ ଏସଡିପିଓ ପ୍ରମୋଦ ମଲ୍ଲିକ ଉକ୍ତ ରାତିରେ ବିଭିନ୍ନ ରାସ୍ତାରେ ପୋଲିସ ମୃତାୟନ କରି ଯାଞ୍ଚ କରିଥିଲେ। ଗୁରୁବାର ଦିନ ସାଇଣ୍ଟଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାର ତଦନ୍ତକାରି ଅଫିସର୍ ଖୋଦ୍ ଆଇ ଆଇ ସି ଗୋବର୍ଦ୍ଧନ ନାୟକ ଘଟଣା ସ୍ଥଳରୁ ବିଭିନ୍ନ ସି ସି, ଫୁଟେଜକୁ ସଂଗ୍ରହ କରିବା ପରେ ଫୁଟେଜ ଆଧାରରେ ତଦନ୍ତ ଆଗକୁ ଚାଲିଥିବା ବେଳେ ଫୁଟେଜ ରେ ଦୋକାନୀ, ତାଙ୍କ ପୁଅ, ମୂଲିଆ କୁ ନେଇ ଦ୍ୱନ୍ଦ ରେ ପୋଲିସ ପଡ଼ିଥିବା ବେଳେ ଦୋକାନୀ ପୁଲିସ ର ସନ୍ଦେହ ଘେରକୁ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡୁଛି।

## ଠିକ ସମୟରେ ଆସୁନାହାନ୍ତି ଶିକ୍ଷକ ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ



**ନବରଂଗପୁର/ଉମରକୋଟ,୧୯।୨(ସଂଚର ବ୍ୟୁରୋ):** ଶିକ୍ଷକ ମାନେ ଠିକ ସମୟରେ ସ୍କୁଲକୁ ନଆସିବାରୁ ତାତିଲେ ଗ୍ରାମବାସୀ ଏବଂ ସ୍କୁଲରେ ପକାଇଲେ ତାଲା ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୋପେନା ପଞ୍ଚାୟତ ର ତାରାଗାଁ ଗ୍ରାମର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ସୂଚନା ଅନୁଯାୟୀ ବିଦ୍ୟାଳୟ ରେ ମୋଟ ୧୩୫ ଛାତ୍ର ଛାତ୍ରୀ ରହିଥିବା ବେଳେ ୬ ଜଣ ଶିକ୍ଷକ ଅଛନ୍ତି ସେଥି ମଧରୁ ୨ ଜଣ ଶିକ୍ଷକ ଛୁଟିରେ ରହିଛନ୍ତି ଏବଂ ଜଣେ ସରକାରୀ କାର୍ଯ୍ୟରେ ନିୟୋଜିତ ରହିଛନ୍ତି କିନ୍ତୁ ଅନ୍ୟ ତିନି ଜଣ ଶିକ୍ଷକ ଠିକ ସମୟରେ ବିଦ୍ୟାଳୟ ଆସୁନଥିବା ପୂର୍ବ ରୁ ଅଭିଯୋଗ ରହିଥିଲେ ମଧ ଆଜି ଉକ୍ତ ଶିକ୍ଷକ ମାନେ ସ୍କୁଲକୁ ୧୧ ଘଣ୍ଟିକା ସମୟରେ ପିଲାଙ୍କୁ ପାଠ ପଢାଇବାକୁ ଆସିଥିଲେ ତେଣୁ ଗ୍ରାମବାସୀ ଉତକ୍ଷିପ୍ତ ହୋଇ ବିଦ୍ୟାଳୟ ର ମୁଖ୍ୟ ଗେଟରେ ତାଲା ପକାଇଛନ୍ତି।ଆଜି ବିଦ୍ୟାଳୟ ରେ ପିଲା ମାନେ ଉପସ୍ଥିତ ରହିଛନ୍ତି ଓ ବିଦ୍ୟାଳୟ ର ପାଚିକା ଓ ସହାୟିକା ରୋଷେଇ କରି ଖାଇବାକୁ ଦେଇଛନ୍ତି। ଶିକ୍ଷକ ମାନେ ବିଦ୍ୟାଳୟ କୁ ଠିକ ସମୟରେ ନ ଆସିବା କାରଣ ରୁ ଛାତ୍ର ଛାତ୍ରୀ ପାଠ ପଢାରେ ଅବହେଳା ଦେଖା ଯାଉଛି। ତେଣୁ ପିଲାଙ୍କୁ ପାଠ ପଢାଇବାରେ ଯେଉଁ ଶିକ୍ଷକ ମାନେ ଅବହେଳା କରୁଛନ୍ତି ସେହି ତିନିଜଣ ଶିକ୍ଷକଙ୍କୁ ଏହି ବିଦ୍ୟାଳୟରୁ ବଦଳି କରିବାକୁ ଦାବି କରିଛନ୍ତି।

ସାକ୍ଷୀଗୋପାଳ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ

## ୩୦ କିଲୋ ଅପମିଶ୍ରିତ ଖାଦ୍ୟ ନଷ୍ଟ, ଜରିମାନା ଆଦାୟ



**ସତ୍ୟବାଦୀ,୧୯।୨(ସଂଚାର ବ୍ୟୁରୋ),** ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସାକ୍ଷୀଗୋପାଳ ବଜାରରେ ଆଜି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ରାଜେଶ୍ୱରୀ ପତିଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍‌ରେ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ଏବଂ ସତ୍ୟବାଦୀ ଥାନାର ପୋଲିସ କର୍ମଚାରୀମାନେ ସାମିଲ ହୋଇ ସାକ୍ଷୀଗୋପାଳ ବଜାର ଏବଂ କଲେଜ ଛକରେ ଥିବା ବିଭିନ୍ନ ମିଠା ଦୋକାନ ଓ ହୋଟେଲ ଉପରେ ଏକ ଅତର୍କିତ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ବିକ୍ରି ହେଉଥିବା ଅସ୍ୱାସ୍ଥ୍ୟକର ତଥା ନିମ୍ନମାନର ପ୍ରାୟ ୩୦ କିଲୋଗ୍ରାମ ଖାଦ୍ୟ ପଦାର୍ଥକୁ ଜବତ କରାଯାଇ ନଷ୍ଟ କରାଯାଇଛି। ଖାଦ୍ୟ ସୁରକ୍ଷା ନିୟମର ଉଲ୍ଲଂଘନ କରିଥିବା ଅଭିଯୋଗରେ ସମ୍ପୃକ୍ତ ବ୍ୟବସାୟୀଙ୍କ ଠାରୁ ମୋଟ ୨୬, ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ନିକଟରେ ସତ୍ୟବାଦୀରେ ଫାଷ୍ଟ ଫୁଡ ଖାଇ କୁନି କୁନି ପିଲାମାନେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ଖାଦ୍ୟ ସୁରକ୍ଷା ବିଭାଗ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଥିଲା। ତେବେ ଆଜିର ଏହି କାର୍ଯ୍ୟାନୁଷ୍ଠାନ ଜନସାଧାରଣଙ୍କୁ ଏକ ପ୍ରକାର ଆଶ୍ୱସ୍ତ କରିଛି। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟାନୁଷ୍ଠାନ ପରେ ସ୍ଥାନୀୟ ଅସାଧୁ ବ୍ୟବସାୟୀଙ୍କ ମଧରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ସୁଧୀରଙ୍କୁ ଗଞ୍ଜାମ ନଗର ବିଜେଡିର ସଭାପତି ଦାୟିତ୍ୱ



**ଛତ୍ରପୁର,୧୯।୨ (ସଂଚାର ବ୍ୟୁରୋ):** ଗଞ୍ଜାମର ପରିଚିତ ଯୁବ ନେତା ସୁଧୀର କୁମାର ପାଢ଼ୀ ବର୍ତ୍ତମାନ ଗଞ୍ଜାମ ନଗର ସଭାପତି ଭାବେ ଦାୟିତ୍ୱ ତୁଲାଇବେ। ଏନେଇ ଗତକାଲି ବିଜୁ ଜନତା ଦଳ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇଛି। ଦଳୀୟ ମହଲରେ ଏହି ନିଷ୍ପତିକୁ ସ୍ୱାଗତ କରାଯାଇଥିବା ବେଳେ କର୍ମୀ ଓ ସମର୍ଥକମାନଙ୍କ ମଧରେ ନୂଆ ଉତ୍ସାହ ଦେଖାଯାଇଛି।ସୁଧୀର କୁମାର ପାଢ଼ୀ ଏକ ସୁ-ସଂଗଠକ ଓ କାର୍ଯ୍ୟକୁଶଳ ନେତା ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ।ପୂର୍ବରୁ ସେ ଗଞ୍ଜାମ ବ୍ଲକରେ ସଂସଦ ପ୍ରତିନିଧି ଏବଂ ଏହାସହ ସେ ବିଜୁ ଯୁବ ଜନତା ଦଳର ଗଞ୍ଜାମ ନଗର ସଭାପତି ଭାବେ ଦାୟିତ୍ୱ ତୁଲାଇଛନ୍ତି।ତାଙ୍କର ନେତୃତ୍ୱରେ ଗଞ୍ଜାମ ନଗରରେ ବିଜେଡି ଆହୁରି ଶକ୍ତିଶାଳୀ ହେବ ଓ ସଂଗଠନ ଗତି ପାଇବ ବୋଲି ସାଧାରଣ ମହଲରେ ମତ ପ୍ରକାଶ ପାଇଛି।ଏହି ଦାୟିତ୍ୱ ପାଇଁ ସେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ପୂର୍ବତନ ସ୍ଥାନୀୟ ବିଧାୟକ ସୁବାସ ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବ୍ରାଉନ ସୁଗାର ଜବତ, ୩ ଗିରଫ



**ପାରାଦ୍ୱୀପ,୧୯।୨ (ସଂଚାର ବ୍ୟୁରୋ):** ପାରାଦ୍ୱୀପ ଲକ୍ ଥାନା ପୋଲିସ କୁ ମିଳିଛି ବଡ଼ ସଫଳତା। ଦୁଇଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ ସୁଗାର ସହିତ ତିନିଜଣ ବ୍ୟବସାୟୀ ଙ୍କୁ ଗିରଫ କରିଛି ପୋଲିସ। ଗତ କିଛି ଦିନ ହେଲା ପାରାଦ୍ୱୀପ ର ଦୋଛକି, ଜିରୋ ପଏଣ୍ଟ, ପାରାଦ୍ୱୀପ ଗଡ଼, ଚୂନ ଗାଁ, ଭୂତ୍ରୁମୁଣ୍ଡାଇ, ଚଉମୁହାଣୀ ପ୍ରଭୃତି ଅଞ୍ଚଳରେ ବ୍ରାଉନ ସୁଗାର ବ୍ୟବସାୟ ବୃଦ୍ଧି ପାଉଥିବା ବେଳେ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ତେବେ ଲକ୍ ଥାନା ଆଇଆଇସି ରଶ୍ମିରଞ୍ଜନ ଦାସ ଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଚଉମୁହାଣୀ ନିକଟରେ ଚଢ଼ାଉ କରି ତିନିଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଡିଆ ଗ୍ରାମର ବିକ୍ରମ ପ୍ରଧାନ ଓ ରଞ୍ଜିତ ପ୍ରଧାନ, ଚଉମୁହାଣୀ ଗ୍ରାମର ବିଶ୍ୱଜିତ ଜେନା ସେମାନଙ୍କ ନିକଟରୁ ୨୧.୪୧ ଗ୍ରାମ ବ୍ରାଉନ ସୁଗାର ଜବତ କରାଯିବା ସହିତ ତିନୋଟି ଫୋନ୍ ଓ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି। ଜବତ ବ୍ରାଉନ ସୁଗାର ର ଆନୁମାନିକ ମୂଲ୍ୟ ୨ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି।

## ୧୪ସେଣ୍ଟରରେ ୨୪୦୫ ପରୀକ୍ଷାର୍ଥୀ ଦେଲେ ପରୀକ୍ଷା

● ୬୨ ପରୀକ୍ଷାର୍ଥୀ ଅନୁପସ୍ଥିତ



**ନୀଳଗିରି,୧୯।୨(ସଂଚାର ବ୍ୟୁରୋ),** ଆଜିଠାରୁ ସାରା ରାଜ୍ୟରେ ମେଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଆସନ୍ତା ମାର୍ଚ୍ଚ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣା ପଡ଼ିଛି। ତେବେ ଆଜି ସକାଳ ୯ ଘଟିକାରୁ ପରୀକ୍ଷା ଆରମ୍ଭ ହୋଇଥିଲା ବେଳେ, ସକାଳ ୮, ୧୫ ମିନିଟ ସମୟରେ ପରୀକ୍ଷା ସେଣ୍ଟର କୁ ପରୀକ୍ଷାର୍ଥୀ ଙ୍କୁ ଲାଇନ ଅନୁସାରେ ପ୍ରବେଶ କରିଥିଲେ।ପରେ ପରୀକ୍ଷାର୍ଥୀ ସିଟ ରେ ବସିବା ପରେ ସକାଳ ୮, ୪୫ ମିନିଟ ରେ ଖାତା ଦିଆଯାଇଥିଲା। ଖାତାରେ ନାମ, ରୋଲ ନମ୍ବର, ସେଣ୍ଟର ନମ୍ବର ପୂରଣ ପରେ ସକାଳ ୯ଘଟିକା ରେ ପ୍ରଶ୍ନ ପତ୍ର ଦିଆଯାଇଥିଲା। ପରୀକ୍ଷା ଶେଷ ହେବା ପରେ ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ରେ ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ଦେବାପାଇଁ ୨୪୬୭ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ୧୪ସେଣ୍ଟର ରେ ୨୪୦୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୬୨ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆସିନଥିଲେ। ନୀଳଗିରି ବ୍ଲକ, ଏନଏସି ମିଶାଇ୧୨ଟି ସେଣ୍ଟର ହୋଇଥିଲା ବେଳେ ଔପଦା ବ୍ଲକ ର ଈଶ୍ୱରପୁର ଓ ସନ୍ତରା ଗଡ଼ିଆ ସେଣ୍ଟର ମିଶାଇ ୧୪ଟି ସେଣ୍ଟର କୁ ନେଇନୋଡାଲ ସେଣ୍ଟର ଟି ନୀଳଗିରି କୈଳାଶ ଚନ୍ଦ୍ର ହାଇସ୍କୁଲ ରେ ନୋଡାଲ ସେଣ୍ଟର ଦ୍ୱାରା ପରିଚାଳିତ ହେଉଥିଲା ବେଳେ ଉକ୍ତ ନୋଡାଲ ସେଣ୍ଟର ଦାୟତ୍ୱ ରେ କୌଶିକ କୁମାର ଦାସ ଥିଲେ। ସୁପରଭିଜନ ପାଇଁ ଏବିଓ ଓ ଶିକ୍ଷକ ମିଶି ସମୁଦାୟ ୧୪ ଜଣ ପର୍ଯ୍ୟବେକ୍ଷକ ନିୟୋଜିତ ଥିବାବେଳେ୧୧୨ରୁ ଉର୍ଦ୍ଧ୍ୱ ଶିକ୍ଷକଶିକ୍ଷୟତ୍ରୀ ଦାୟିତ୍ୱ ଥିଲେ।

## ବିଶିଷ୍ଟ ସମାଜସେବୀ ବରିଷ୍ଠ ନାଗରିକ ଯାମିନୀକାନ୍ତ ପଟ୍ଟନାୟକଙ୍କ ପରଲୋକ

**ଜଗତସିଂହପୁର,୧୯।୨(ସଂଚର ବ୍ୟୁରୋ):** ଜିଲ୍ଲା ୨୨ ମୌଜାସ୍ଥିତ ବାଗଲପୁର ଗ୍ରାମର ଜାମିନୀକାନ୍ତ ପଟ୍ଟନାୟକ(ଗୁଲୁ ଭାଇ) ଙ୍କର ୮୯ ବର୍ଷ ବୟସରେ କଟକର ଏକ ଘରୋଇ ଡାକ୍ତରଖାନାରେ ତା ୧୮/୨/୨୬ ରିଖ ସନ୍ଧ୍ୟା ୭. ୩୦ ମିନିଟ ସମୟରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ୭୦ ବର୍ଷ ଧରି କଟକରେ ଅବସ୍ଥାନ କରିବାସହ ବହୁ ସାମାଜିକ ଏବଂ ଧର୍ମାନୁଷ୍ଠାନ ସହ ଜଡିତ ରହି ସାମାଜିକ କାର୍ଯ୍ୟକ୍ରମମାନ କରି ଆସୁଥିଲେ। ସେ ଜଣେ ସରଳ, ସଚୋଟ, ସ୍ନେହୀ, ମେଳାପୀ ଅମାୟିକ, ସତ୍ୟବାଦୀ, ଧର୍ଯ୍ୟବାନ ଓ ବିଚ୍ରାବନ୍ତ ପୁରୁଷ ଥିଲେ। ସୂଚନାଯୋଗ୍ୟ ଶ୍ରୀଯୁକ୍ତ ପଟ୍ଟନାୟକ ଓଡ଼ିଶାର ପୂର୍ବତନ ରାଜସ୍ୱ ମନ୍ତ୍ରୀ ବାଂକବିହାରୀ ଦାସ ଏବଂ ଓଡିଶା ହାଇକୋର୍ଟର ପୂର୍ବତନ ଏ ଜି ବାରିଷ୍ଟର ଗୋବିନ୍ଦ ଦାସଙ୍କ ସଢୁ ଅଟନ୍ତି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ତିନି ସାନ ଭାଇ, ସାନ ଭାଇବୋହୁ, ପୁତ୍ର, ପୁତ୍ରବଧୂ, ପୁତୁରା, ପୁତୁରା ବୋହୁ, ଝିଅ ଜ୍ୱାଇଁ ନାତି, ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ୬ ବର୍ଷ ପୂର୍ବରୁ ତାଙ୍କ ପତ୍ନୀ ବିଳାସମଞ୍ଜରୀଙ୍କ ଦେହାନ୍ତ ହୋଇଥିଲା।

## ଜୀବିକା ନେଲା ଜୀବନ,ବାପା ଝିଅଙ୍କ ମୃତଦେହ ଉଦ୍ଧାର



**ବୈପାରୀଗୁଡା,୧୯।୨(ସଂଚର ବ୍ୟୁରୋ):** ଜୀବିକା ପାଇଁ ଜୀବନ ହାରିଲେ ଗୋଟିଏ ପରିବାର ୪ ସଦସ୍ୟ। ଦୁଇ ଙ୍କ ଶବ ମିଳିଥିବା ବେଳେ ଏବେ ବି ଆଉ ଦୁଇ ସଦସ୍ୟ ଙ୍କ କୌଣସି ପତ୍ତା ମିଳୁନାହିଁ। ଏଭଳି ଏକ ଦୁଖଃଦ ଘଟଣା ଦେଖିବାକୁ ମିଳିଛି ବୈପାରୀଗୁଡା ଥାନା ଅନ୍ତର୍ଗତ ଦଣ୍ଡାବାଡ଼ି ପଞ୍ଚାୟତ ରେ। ଦଣ୍ଡାବାଡ଼ି ଗ୍ରାମର ଲଳିତ ପୂଜାରୀ ଦଣ୍ଡାବାଡି ରାମଗିରି ଗୁପ୍ତେଶ୍ୱର ଦେଇ ଯାଇଥିବା ସବେରୀ ନଦୀ କୁ ଯାଇ ମାଛ ଧରି ତାହାକୁ ବିକ୍ରି କରି ପରିବାର ପଷଣ କରେ। ମାଛ ଧରିବା ପାଇଁ ଘରୁ ବାହାରିଲେ ୪ ରୁ ୬ ଦିନ ରୁହେ ଏବଂ ପରେ ଘରକୁ ଫେରେ। ଏବଂ ଏହି ଥର ମଧ ନିଜ ସ୍ତ୍ରୀ ଗୁରି ପୂଜାରୀ ଏବଂ ଦୁଇ ନାବାଳିକା ଝିଅ ତୁଳାବତୀ ଏବଂ ଗେଲିଙ୍କୁ ଧରି ୧ ତାରିଖରେ ସପରିବାର ଘରୁ ବାହାରିଥିଲେ ସାଙ୍ଗରେ ରୋଷେଇ କରି ଖାଇବା ପାଇଁ ଆସବାବ ପତ୍ର ମଧ ଧରି କି ଯାଇଥିଲେ। ସବୁଥର ଗଲେ କିଛି ଦିନ ରହି ଫେରି ଆସୁଥିଲେ କିନ୍ତୁ ଏହି ଥର ୧୫ ଦିନ ବିତିଲା ହେଲେ ଫେରି ନଥିଲେ ତେଣୁ ପରିବାର ବର୍ଗ ସ୍ଥାନୀୟ ଦଣ୍ଡାବାଡି ସରପଞ୍ଚଙ୍କୁ ଜଣାଇବା ସହ ଖୋଜା ଖୋଜି ଆରମ୍ଭ କରିଥିଲେ ଏବଂ ବାଦୁଡ଼ିପାହାଡ଼ ନିକଟ ନଦୀ କୂଳ ରୁ ଚପଲ ଏବଂ ଆସବାବ ପତ୍ର ଥିବା ସୂଚନା ପାଇଥିଲେ କିନ୍ତୁ ଲଳିତ କି ପରିବାର ଙ୍କ କୌଣସି ଖୋଜ ଖବର ନାହିଁ ତେଣୁ ବୈପାରୀଗୁଡା ଥାନା ରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ବୈପାରୀଗୁଡା ପୁଲିସ ଘଟଣାକୁ ଗୁରୁତର ସହ ନେଇ ଜିଲ୍ଲା ଅନୁସନ୍ଧନୀକାରୀ ଦଳ ଏବଂ ଅଗ୍ନିଶମ କର୍ମଚାରୀଙ୍କୁ ନେଇ ଖୋଜିବା ଆରମ୍ଭ କଲେ କିନ୍ତୁ କୌଣସି ସୂଚନା ମିଳିଲା ନାହିଁ କିନ୍ତୁ ଗତ କାଲି ରାତିରେ ତେନ୍ତୁଳିଗୁମା ନଦୀ କୁଳରେ ଜଣେ ଯୁବକ ଏବଂ ଛୋଟ ଝିଅର ଗଳିତ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ବୈପାରୀଗୁଡା ପୋଲିସ ଙ୍କୁ ସୂଚନା ଦେଇଥିଲେ ଏବଂ ପୋଲିସ ଯାଇ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଦୁଇ ଶବଙ୍କୁ ଉଦ୍ଧାର କରି ଚିହ୍ନଟ କରିଥିଲେ ଏବଂ ସେ ଦୁଇ ଶବ ଲଳିତ ପୂଜାରୀ ଏବଂ ଝିଅ ତୁଳାବତୀ ପୂଜାରୀଙ୍କ ବୋଲି ଜାଣିବା ପରେ ଆଜିର ଶବ ବ୍ୟବଛେଦ କରି ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏହା ସହ ଅନ୍ୟ ଦୁଇ ଗୁରି ଏବଂ ଗେଲିର ଅନୁସନ୍ଧାନ ଚାଲି ଥିବା ପ୍ରକାଶ କରିଥିଲେ।

## କାଗଜରେ ସୀମିତ ରହିଗଲା ଉନ୍ନୟନ | ଅଟକିଲା ଐତିହ୍ୟ ପ୍ରକଳ୍ପ, ପ୍ରଶାସନ ନୀରବ

**ଯାଜପୁର,୧୯।୨(ସଂଚାର ବ୍ୟୁରୋ):** ଯାଜପୁରର ଐତିହ୍ୟ ଓ ଗୌରବ ସହ ଜଡିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଏବେ ଅବହେଳାର ଶିକାର ହୋଇପଡ଼ିଛି। ଐତିହ୍ୟ, ପରମ୍ପରା ଓ ସ୍ୱାଭିମାନର ପ୍ରତୀକ ଭାବେ ମହାରାଜା ଯଯାତି କେଶରୀଙ୍କ ସ୍ମୃତିରେ ଏକ ଆଧୁନିକ ପାର୍କ ନିର୍ମାଣ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିଲା। ବିଚିତ୍ରପୁର ପଞ୍ଚାୟତର ଗୋଖନା ନିକଟସ୍ଥ ସଢ଼େଇ ପୋଖରୀକୁ ଉନ୍ନତ କରି ସେଠାରେ ପାର୍କ ସହିତ ମହାରାଜାଙ୍କ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନର ଯୋଜନା ରହିଥିଲା। ଏହା ଯାଜପୁରକୁ ପର୍ଯ୍ୟଟନ ମାନଚିତ୍ରରେ ଏକ ନୂତନ ପରିଚୟ ଦେବ ବୋଲି ସ୍ଥାନୀୟ ଲୋକମାନେ ଆଶା କରିଥିଲେ।କିନ୍ତୁ ତିନି ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ପ୍ରକଳ୍ପର କୌଣସି ଦୃଶ୍ୟମାନ ଅଗ୍ରଗତି ହୋଇନାହିଁ। ପ୍ରତିମୂର୍ତ୍ତି ତିଆରି ହୋଇଥିଲେ ମଧ ସେଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ପ୍ରତିମୂର୍ତ୍ତି ସ୍ଥାପନ ସ୍ଥଳୀ ଏବେ ଅସାମାଜିକ କାର୍ଯ୍ୟକଳାପର ଆଡାସ୍ଥଳୀରେ ପରିଣତ ହୋଇଥିବା ଦେଖାଯାଉଛି। ମଦ ବୋତଲ, ଗଞ୍ଜେଇ, ବ୍ରାଉନ ସୁଗର ସହ ବିଭିନ୍ନ ଅପତ୍ତିଜନକ ସାମଗ୍ରୀ ସେଠାରେ ପଡ଼ିଥିବା ସ୍ଥାନୀୟମାନେ ଅଭିଯୋଗ କରୁଛନ୍ତି। ସଢ଼େଇ ପୋଖରୀ ଚାରିପାଖରେ ଉଚ୍ଛେଦ କାର୍ଯ୍ୟ ମଧ ହୋଇଥିଲା, କିନ୍ତୁ ପାର୍କ ନିର୍ମାଣ କାମ ଆଗକୁ ବଢ଼ିନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ଦିନକୁ ଦିନ ବଢୁଛି।ଏହି ପ୍ରକଳ୍ପକୁ ନେଇ ଆଉ ଗୁରୁତର ଅଭିଯୋଗ ମଧ ସାମ୍ନାକୁ ଆସିଛି। ପ୍ରତିମୂର୍ତ୍ତି ନିର୍ମାଣ ଖର୍ଚ୍ଚକୁ ବାଦ ଦେଲେ ଅନ୍ୟ ଅର୍ଥକୁ ଏନସି କଲେଜକୁ ସ୍ଥାନାନ୍ତର କରାଯାଇଥିବା କୁହାଯାଉଛି। ପ୍ରାୟ ତିନି ବର୍ଷ ପୂର୍ବରୁ ଏହି ଅର୍ଥ ସ୍ଥାନାନ୍ତର ହୋଇଥିବା ଅଭିଯୋଗ ରହିଛି। କାରଣ ଭାବେ କୁହାଯାଇଥିଲା ଯେ ଏନସି କଲେଜରୁ +୨ ବିଭାଗକୁ ଅଲଗା କରି ନୂତନ ସ୍ଥାନରେ କଲେଜ ଭବନ ନିର୍ମାଣ କରାଯିବ।ପରବର୍ତ୍ତୀକାଳରେ ବିରଜା ମନ୍ଦିର ନିକଟସ୍ଥ ଆଲିବାଗ ପଡ଼ିଆରେ +୨ କଲେଜ ଭବନ ନିର୍ମାଣ ହୋଇଥିଲେ ମଧ ସେଠାରେ ଏପର୍ଯ୍ୟନ୍ତ ପାଠପଢ଼ା ଆରମ୍ଭ ହୋଇପାରିନାହିଁ। ଫଳରେ ଏହା ଏକ "ଭୂତ କୋଠି" ଭଳି ପରିତ୍ୟକ୍ତ ଅବସ୍ଥାରେ ରହିଥିବା ସ୍ଥାନୀୟ ଲୋକମାନେ କହୁଛନ୍ତି।

# ୩ୟ ଦିନରେ ବି ଚାଲିପାରିଲାନି ବିଧାନସଭା



ବିରୋଧୀଙ୍କ ହଟ୍ଟଗୋଳ ଜାରି

**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ):** ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଧାନର ଅଭାବୀ ବିକ୍ରିକୁ ନେଇ ଗୃହ ମଧ୍ୟରେ ଜୋରଦାର ହଟ୍ଟଗୋଳ କରିବା ଯୋଗୁଁ ଆଜି ବି ବିଧାନସଭାରେ ପୂର୍ବାହ୍ନରେ କୌଣସି କାର୍ଯ୍ୟ ହୋଇପାରିନାହିଁ। ପ୍ରଶ୍ନକାଳ ଓ ଶୂନ୍ୟକାଳରେ ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଗୃହ ମଧ୍ୟରେ ବ୍ୟାନର ଓ ପୋଷ୍ଟର ପ୍ରଦର୍ଶନ କରିବା ସହ ସରକାରବିରୋଧୀ ଧ୍ୱନିମାନ ଦେଇଥିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।

ଆଜି ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ଉଭୟ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ହାତରେ ପୋଷ୍ଟର, ବ୍ୟାନର ଆଦି ଧରି ଗୃହ ମଧ୍ୟକୁ ଆସିଥିଲେ। ଧାନର ଅଭାବୀ ବିକ୍ରି ନେଇ ସେମାନେ ବିଭିନ୍ନ ସ୍ଲୋଗାନ୍‌ମାନ ଦେଉଥିବା ସମୟରେ ବିଧାୟିକା ସଞ୍ଜଳି ମୁର୍ମୁଙ୍କ ପ୍ରଶ୍ନର ଉତ୍ତର ରଖିବା ପାଇଁ ବାଚସ୍ପତି ସୁରମା ପାଢ଼ୀ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଡାକିଥିଲେ। କିନ୍ତୁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଉତ୍ତର ରଖିଥିଲେ ମଧ୍ୟ ପ୍ରବଳ ହଟ୍ଟଗୋଳ ଯୋଗୁଁ ତାହା ଶୁଣାଯାଇନଥିଲା। ବାଚସ୍ପତି ଶ୍ରୀମତୀ ପାଢ଼ୀ ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେଥିପ୍ରତି ବିରୋଧୀ ଦଳର ସଦସ୍ୟମାନେ କର୍ଣ୍ଣପାତ ବି କରି ନ ଥିଲେ। ପ୍ରବଳ ହଟ୍ଟଗୋଳ ଯୋଗୁଁ ବାଚସ୍ପତି ଗୃହକୁ ପ୍ରଥମେ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ପୁର୍ନବାର ଗୃହ କାର୍ଯ୍ୟ ଆରମ୍ଭ ମାତ୍ରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ପୂର୍ବ ଭଳି ଗୃହ ମଧ୍ୟରେ ବିରୋଧ ପ୍ରଦର୍ଶନ କରିଥିଲେ। ହଟ୍ଟଗୋଳ ଚାଲିଥିବା ବେଳେ ଶୂନ୍ୟ କାଳରେ ୪ ଜଣ ବିଧାୟକ କହିବାର ସୁଯୋଗ ପାଇଥିଲେ। ବିଜେପି ବିଧାୟକ ଜଲେନ ନାୟକ ପିଇବା ପାଣି ପ୍ରସଙ୍ଗ ଉଠାଇଥିବା ବେଳେ ମନୋରଞ୍ଜନ ଦ୍ୟାନସମାନ୍ତରାୟ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ ଉଠାଇ ପାଠ ପଢ଼ାଇବା ପାଇଁ ଅବସରପ୍ରାପ୍ତ ଶିକ୍ଷକ ମିଳୁନଥିବା କହିଥିଲେ। ବିଜେପି ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ନୀଳମାଧବ ମନ୍ଦିରର ବିକାଶ ପ୍ରତି ସରକାର ଧ୍ୟାନ ଦେବାକୁ କହିଥିଲେ।

ଏହାଛଡ଼ା ବିଜେପି ବିଧାୟକ ଅମରେନ୍ଦ୍ର ଦାସ କହିଥିଲେ ଯେ ଜଗତ୍‌ସିଂହପୁର ଜିଲ୍ଲାରେ ବାଲିଘାଟ ସଂଖ୍ୟା ୧୬ରୁ ବଢ଼ି ୨୭ରେ ପହଞ୍ଚିଥିବା ବେଳେ ଟେଣ୍ଡର ବାବଦ ଅର୍ଥ ଆଦାୟ ହୋଇପାରୁନାହିଁ। ଲିଜ୍‌ଧାରୀମାନେ ୧୮ ପ୍ରତିଶତ ଜିଏସ୍‌ଟି ବି ଦେଉନାହାନ୍ତି। ନିଲାମଧାରୀଙ୍କ ଉପରେ ଟଙ୍କା ପଡ଼ି ରହୁଛି। ଅନ୍ୟ ପକ୍ଷରେ ବାଲି ପରିବହନ ଯୋଗୁଁ ରାସ୍ତାଘାଟ ଓ ପୋଲ ଆଦି ଖରାପ ହେବାରେ ଲାଗିଛି। ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ଦାସ ଦାବି କରିଥିଲେ। ବାଚସ୍ପତିଙ୍କ ଅନୁରୋଧ ସତ୍ତ୍ୱେ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନ ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ବେଳେ ମଧ୍ୟ ବିଜେଡି ଓ କଂଗ୍ରେସ ବିଧାୟକମାନେ ହଟ୍ଟଗୋଳ କରିଥିଲେ।

## ।ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା।

# ପରୀକ୍ଷା କେନ୍ଦ୍ର ଓ ବୋର୍ଡ଼ କାର୍ଯ୍ୟାଳୟ ବୁଲିଲେ ସଚିବ



**କଟକ, ୧୯।୨ (ସଂଚାର ବ୍ୟୁରୋ):** ଆଜି ରାଜ୍ୟବ୍ୟାପୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ ଆରମ୍ଭ ହୋଇଛି। ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷା ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜି ପରୀକ୍ଷାର ପ୍ରଥମ ଦିନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର୍ ତଥା ଶାସନ ସଚିବ ଡା. ଏନ୍. ତିରୁମାଲା ନାୟକ ଭୁବନେଶ୍ୱରର ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିଛନ୍ତି। ଏଥିସହ କଟକସ୍ଥିତ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ ମଧ୍ୟ ସେ ପରିଦର୍ଶନ କରିଛନ୍ତି। ଡା ନାୟକ ସମସ୍ତ ପରୀକ୍ଷା ପରିଚାଳନା ପ୍ରସ୍ତୁତି ତଥା ସିଟିଂ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ପ୍ରଶ୍ନପତ୍ର ବଣ୍ଟନ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗଗୁଡ଼ିକର ସମୀକ୍ଷା କରିଛନ୍ତି। ଶିକ୍ଷକଶିକ୍ଷୟିତ୍ରୀ, କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ, ପର୍ଯ୍ୟବେକ୍ଷକ ଓ ଜିଲ୍ଲା ଅଧିକାରୀଙ୍କ ସହ ଆଲୋଚନା କରି ସମନ୍ୱୟ ଓ ପରୀକ୍ଷା ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ଉପରେ ବି ଗୁରୁତ୍ୱାରୋପ କରାଯାଇଛି। ସେହିପରି ବିଭାଗୀୟ ଶାସନ ସଚିବ ମାଧ୍ୟମିକ ଶିକ୍ଷା ପରିଷଦର କମାଣ୍ଡ କଣ୍ଟ୍ରୋଲ୍ ରୁମ୍ ପରିଦର୍ଶନ କରି ପରୀକ୍ଷା ପରିଚାଳନାର ସମସ୍ତ ପ୍ରକ୍ରିୟା ସମୀକ୍ଷା କରିଛନ୍ତି। ଶାନ୍ତିପୂର୍ଣ୍ଣ ଓ ତ୍ରୁଟିମୁକ୍ତ ପରୀକ୍ଷା ସୁନିଶ୍ଚିତ କରିବା ନେଇ ସମସ୍ତ ନିରୀକ୍ଷଣ ଓ ସମନ୍ୱୟ ବ୍ୟବସ୍ଥାର ମଧ୍ୟ ଡା. ନାୟକ ସମୀକ୍ଷା କରିଛନ୍ତି।

ସୂଚନାନୁସାରେ, ରାଜ୍ୟରେ ୫ ଲକ୍ଷ ୪୬ ହଜାର ୮୭୫ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଓ ମଧମାକୁ ମିଶାଇ ମୋଟ ୫ ଲକ୍ଷ ୬୧ ହଜାର ୯୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଏଥିପାଇଁ ସମସ୍ତ ଜିଲ୍ଲାରେ ମୋଟ ୩୩୨ଟି ନୋଡାଲ୍ ସେଣ୍ଟର, ୩୦୮୨ଟି ପରୀକ୍ଷା କେନ୍ଦ୍ର ରହିଛି। ପରୀକ୍ଷାର ସୁଗମ ପରିଚାଳନା ପାଇଁ ରାଜ୍ୟବ୍ୟାପୀ ୭୨ଟି ଜିଲ୍ଲାସ୍ତରୀୟ ଫ୍ଲାଇଂ ସ୍କ୍ୱାଡ୍ ଓ ୩୭ଟି ବିଏସଇ ଫ୍ଲାଇଂ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ଏଥିସହ ପରୀକ୍ଷା ପରିଚାଳନାର ତଦାରଖ କରିବା ଓ ନିର୍ଦ୍ଦେଶାବଳୀ ପାଳନ ସୁନିଶ୍ଚିତ କରିବା ପାଇଁ ୩୦୮୨ଟି ପରୀକ୍ଷା କେନ୍ଦ୍ରରେ ଜଣେ ଜଣେ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଛି।

● ଘରୋଇ ହସ୍ପିଟାଲରେ ଚିକିତ୍ସା ଆବେଦନ ଖାରଜ

## ଜେଲ ମାନୁଆଲ ଅନୁଯାୟୀ ବିକ୍ରମଙ୍କ ଚିକିତ୍ସା କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ) :** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ବିଜେଡି ନେତା ବିକ୍ରମ ପଣ୍ଡାଙ୍କୁ ଝଟକା । ଘରୋଇ ହସ୍ପିଟାଲରେ ଚିକିତ୍ସା ଆବେଦନକୁ ଖାରଜ କଲେ ବ୍ରହ୍ମପୁର ଏଡିଜେ-୩ କୋର୍ଟ। ଜେଲ ମାନୁଆଲ ଅନୁଯାୟୀ ବିକ୍ରମଙ୍କ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବିକ୍ରମଙ୍କ ଅପରେସନ୍ ହେବ। ଚିକିତ୍ସା ଓ ଅସ୍ତ୍ରୋପଚାର ସମୟରେ ଉପସ୍ଥିତ ରହିପାରିବେ ଘର ଲୋକ। ଗଲ୍ ବ୍ଲାଡର ଷ୍ଟୋନ ଅପରେସନ ପାଇଁ ବିକ୍ରମ ପଣ୍ଡା ସମ୍ମତି ଦେଇସାରିଛନ୍ତି।

## ବୋଲଗଡ଼ ବିଡିଓଙ୍କ ବିରୋଧରେ ସ୍ମାରକପତ୍ର

**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକର ବିଡ଼ିଓ ସୁମନ ସୁଧା କୁଣ୍ଡୁଙ୍କ ଦ୍ୱାରା ଅଗଣତାନ୍ତ୍ରିକ ଓ ପକ୍ଷପାତ ଆଚରଣ, ପ୍ରଶାସନିକ ଅନିୟମିତାକୁ ନିନ୍ଦା କରିଛି ବିଜେଡି। ବୋଲଗଡ଼ ବ୍ଲକରେ ଘଟୁଥିବା ଘଟଣାକୁ ନେଇ ଗଭୀର ଚିନ୍ତା ପ୍ରକାଶ କରାଯିବା ସହ ଏହା ପଞ୍ଚାୟତ ସ୍ତରରେ ଲୋକତାନ୍ତ୍ରିକ କାର୍ଯ୍ୟ ପ୍ରଣାଳୀ ପାଇଁ କ୍ଷତିକାରକ ବୋଲି ଦଳ ପକ୍ଷରୁ କୁହାଯାଇଛି। ଗତ ୮ ଦିନ ଧରି ବିଭିନ୍ନ ରାଜନୈତିକ ଦଳର ନିର୍ବାଚିତ ପ୍ରତିନିଧିମାନେ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ସାଧାରଣ ବିକାଶମୂଳକ ସମସ୍ୟାଗୁଡ଼ିକୁ ଉଠାଇଆସୁଛନ୍ତି। ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ଗଣତାନ୍ତ୍ରିକ ଉପାୟରେ ଚାଲିଛି। ବିଡିଓଙ୍କ କାର୍ଯ୍ୟକୁ ବିରୋଧ କରି ବିଜେଡି ଗଣମାଧ୍ୟମ ସଂଯୋଜକ ଲେନିନ୍ ମହାନ୍ତି, ପ୍ରିୟବ୍ରତ ମାଝୀ, ନାରାୟଣ ଜେନା ଓ ରୀତାଞ୍ଜଳି ପ୍ରଧାନଙ୍କ ସମେତ ଏକ ପ୍ରତିନିଧିମଣ୍ଡଳୀ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପିଡିଡିଆରଡିଏଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରି ତୁରନ୍ତ ହସ୍ତକ୍ଷେପ ପାଇଁ ଦାବି କରିଛନ୍ତି।

# ଅଭିଯୁକ୍ତ ବୁଝୁଥିବା ଭାଷାରେ ଲିଖିତ ଭାବେ ଜଣାଇବ ପୁଲିସ

ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



**କଟକ, ୧୯।୨ (ସଂଚାର ବ୍ୟୁରୋ):** ଅଭିଯୁକ୍ତଙ୍କୁ ଗିରଫ ପୂର୍ବରୁ ତାଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି ବୋଲି କହିଦେଲେ ହେବନାହିଁ। ଗିରଫ ବା ଅଟକ ପୂର୍ବରୁ ପୁଲିସ ଅଭିଯୁକ୍ତଙ୍କୁ ଗିରଫଦାରୀର କାରଣ ସଂକ୍ରାନ୍ତରେ ଲିଖିତ ଭାବେ ଜଣାଇବା ସହ ଏନେଇ ତାଙ୍କର ଏକ ସମ୍ମତିପତ୍ର ଆଣିବାକୁ ପଡ଼ିବ। ଅଭିଯୁକ୍ତ ଯେଉଁ ଭାଷା ବୁଝୁଥିବେ, ସେହି ଭାଷାରେ ପୁଲିସ୍ ତାଙ୍କୁ ଗିରଫଦାରୀର କାରଣ ସଂକ୍ରାନ୍ତରେ ଜଣାଇବାକୁ ବାଧ ବୋଲି ହାଇକୋର୍ଟ ଆଜି ଏକ ଜାମିନ ମାମଲାର ରାୟ ପ୍ରକାଶ କରିବା ଅବସରରେ ନିର୍ଦ୍ଦେଶ ଦେଇଛନ୍ତି।

ନୟାଗଡ଼ ଜିଲ୍ଲା ମାନ୍ଧାତାପୁର ଅଞ୍ଚଳରେ ହୋଇଥିବା ଏକ ବ୍ୟାଙ୍କ୍ ଲୁଟ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ପ୍ରମୋଦ ନାୟକ ଏବଂ ଶିବ ଡାକୁଆଙ୍କୁ ଜାମିନ ପ୍ରଦାନ କରିବା ସମୟରେ ହାଇକୋର୍ଟର ବିଚାରପତି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଗିରଫଦାରୀ ସମୟରେ ପୁଲିସ ଅଧିକାରୀମାନେ ଏହି ନିୟମକୁ ଅନୁସରଣ କରୁ ନ ଥିବାରୁ ଅନେକ ଦୁର୍ଦ୍ଧାନ୍ତ ଅପରାଧୀ ଜାମିନରେ ଖସିଯାଉଥିବାରୁ ଏନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। କୋର୍ଟ ଏହିଭଳି ଅନେକ କେସ ଦେଖୁଛନ୍ତି, ଯେଉଁଥିରେ ପୁଲିସ ଅଧିକାରୀମାନେ ଗିରଫଦାରୀ ସମୟରେ ନିୟମକୁ ଅନୁସରଣ କରୁନାହାନ୍ତି। ଏନେଇ ଗୃହ ବିଭାଗ ସଚିବ ଓ ପୁଲିସ ଡିଜି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ୍ ଅଧିକାରୀଙ୍କୁ ଏହି ଆଇନ ସଂକ୍ରାନ୍ତରେ ଅବଗତ କରିବା ଲାଗି ସ୍ୱତନ୍ତ୍ର ତାଲିମ୍ ଦେବାକୁ ହାଇକୋର୍ଟ ଗୃହ ବିଭାଗ ସଚିବ ଓ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶର ନକଲକୁ ଉଭୟ ଅଧିକାରୀଙ୍କୁ ପ୍ରଦାନ କରିବା ସକାଶେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ ଉଭୟ ଅଭିଯୁକ୍ତ ନୟାଗଡ଼ର ଏକ ବ୍ୟାଙ୍କରୁ ୨୭ ଲକ୍ଷ ଟଙ୍କା ଲୁଟ କରିଥିଲେ। ନୟାଗଡ଼ ସଦର ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ନିମ୍ନ ଅଦାଲତରୁ ଜାମିନ ଖାରଜ ହେବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପଦ୍ମପୁର ତହସିଲଦାରଙ୍କୁ ନିଲମ୍ବିତ କଲେ ସରକାର



**ବରଗଡ଼, ୧୯।୨ (ସଂଚାର ବ୍ୟୁରୋ) :** ବରଗଡ଼ ଜିଲା ପଦ୍ମପୁର ତହସିଲଦାର ବିପିନ କୁମାର ପ୍ରଧାନଙ୍କୁ ଦୁର୍ନୀତି ଅଭିଯୋଗରେ ନିଲମ୍ବନ କରିଛନ୍ତି ରାଜ୍ୟ ସରକାର। ଜିଲାପାଳଙ୍କ ରିପୋର୍ଟ ଆଧାରରେ ପଦ୍ମପୁରର ତହସିଲଦାରଙ୍କୁ ନିଲମ୍ବନ କରାଯାଇଛି। ରାଜସ୍ୱ ବିଭାଗରେ କୌଣସି ପ୍ରକାର ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ଏହି ପରିପ୍ରେକ୍ଷୀରେ ଚେତାବନୀ ଦେଇଛନ୍ତି ମାନ୍ୟବର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସୂଚନାଯୋଗ୍ୟ, ରାଜସ୍ୱ ସଚିବ ଡଃ ଅରବିନ୍ଦ ପାଢ଼ୀ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ ବୋଲି ଏଇ ନିକଟରେ ବିଭାଗର ସମସ୍ତ କାର୍ଯ୍ୟାଳୟକୁ ନିର୍ଦ୍ଦେଶନାମା ଜାରି କରିଥିଲେ।

## ୪୦ ହଜାର ଲାଞ୍ଚନେଇ ଭିଜିଲାନ୍ସ ଜାଲରେ ସୋର ତହସିଲଦାର



**ସୋର, ୧୯।୨ (ସଂଚାର ବ୍ୟୁରୋ) :** ଓଡ଼ିଶା ଭିଜିଲାନ୍ସ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲେଶ୍ୱର ଜିଲା ସୋର ତହସିଲଦାରଙ୍କୁ ଗିରଫ କରିଛି। ଜବତ ହୋଇଥିବା ପଥର ବୋଝେଇ ଟ୍ରକ୍ ଛାଡ଼ିବା ପାଇଁ ଲାଞ୍ଚ ନେଉଥିବା ବେଳେ ସେ ଧରାପଡ଼ିଛନ୍ତି। ଗୁରୁବାର ଅପରାହ୍ନରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ଏବଂ ତାଙ୍କ ସହଯୋଗୀ ଦୟାନିଧି ଜେନାଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଛି। ଜଣେ ଟ୍ରକ୍ ମାଲିକଙ୍କ ଠାରୁ ୪୦,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଏହି ଚଢ଼ାଉ କରାଯାଇଥିଲା। ତହସିଲଦାର ମଲ୍ଲିକ ଗତ ୧୧ ଫେବୃଆରୀରୁ ପଥର ବୋଝେଇ ୫ଟି ଟ୍ରକକୁ ଅଟକ ରଖିଥିଲେ। ଏହି ଟ୍ରକ୍‌ଗୁଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର ନ କରିବା ଏବଂ ମୋଟା ଅଙ୍କର ଜରିମାନାରୁ ବଞ୍ଚାଇବା ପାଇଁ ସେ ୧ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଟ୍ରକ୍ ମାଲିକ ଏତେ ଟଙ୍କା ଦେବାକୁ ଅସମର୍ଥ ପ୍ରକାଶ କରିବାରୁ, ମୂଲଚାଲ ପରେ ୪୦,୦୦୦ ଟଙ୍କାକୁ କମାଯାଇଥିଲା। ଏ ନେଇ ଟ୍ରକ୍ ମାଲିକ ଭିଜିଲାନ୍ସକୁ ସୂଚନା ଦେଇଥିଲେ। ଗୁରୁବାର ନିଜ ସହଯୋଗୀଙ୍କ ଜରିଆରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଉଭୟଙ୍କୁ ଧରିଥିଲା। ଉଭୟଙ୍କ ନିକଟରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଗିରଫ ପରେ ତହସିଲଦାର ଦୈତାରୀ ମଲ୍ଲିକଙ୍କ ସମ୍ପତ୍ତିର ଯାଞ୍ଚ ପାଇଁ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ତଲାସି କରାଯାଉଛି। ଏହି ମାମଲାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

## ମେୟର ସୁବାସ ସିଂଙ୍କୁ ଟାର୍ଗେଟ୍ କଲେ ସୋଫିଆ



**କଟକ, ୧୯।୨ (ସଂଚାର ବ୍ୟୁରୋ) :** କଟକରେ ଜଣ୍ଡିସ୍ କାୟା ବିସ୍ତାର କରିବା ପ୍ରସଙ୍ଗରେ ମେୟର ସୁବାସ ସିଂଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ। ସେ କହିଛନ୍ତି, ନିଜ ସ୍ୱାର୍ଥ ପାଇଁ ଗୋଟିଏ ଏଜେନ୍ସିକୁ ବାରମ୍ବାର ଟେଣ୍ଡର ଦିଆଯାଉଛି। ଏନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। କଟକରେ ଏବେ ୨୦ ପରିବାର ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ନାଳ ନର୍ଦ୍ଦମା ସଫା ହେଉନି। ପିଇବା ପାଣିରେ ଡ୍ରେନ୍ ପାଣି ମିଶୁଥିବା ସୋଫିଆ କହିଛନ୍ତି। ଧାନ ମଣ୍ଡି ଓ ଚାଷୀ ସମସ୍ୟାକୁ ନେଇ ବି ପ୍ରତିକ୍ରିୟା ରଖିଛନ୍ତି ବିଧାୟିକା। ସରକାର ଲୋକଙ୍କ କଥା ଶୁଣୁନାହାନ୍ତି ବୋଲି କହିଛନ୍ତି ସୋଫିଆ ।

## (୬ ଓଡ଼ିଆ ଫସି ରହିବା ଘଟଣାରେ ସରକାରଙ୍କ ତତ୍ପରତା)

# ଉଦ୍ଧାର ପାଇଁ ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖିଲେ



**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ):** ସୁଦୂର ଥାଇଲାଣ୍ଡରେ ୬ ଜଣ ଓଡ଼ିଆ ଶ୍ରମିକ ଫସି ରହିଥିବା ବେଳେ ସେମାନେ ମୁକ୍ତି ପାଇବା ପାଇଁ ଆକୁଳ ନିବେଦନ କରିଥିବା ବେଳେ ଆଜି ରାଜ୍ୟ ସରକାର ଏନେଇ ତତ୍ପରତା ଦେଖାଇଛନ୍ତି। ଉକ୍ତ ଶ୍ରମିକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ରାଜ୍ୟ ସରକାର ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖି ଏ ସଂକ୍ରାନ୍ତରେ ଅବଗତ କରିଛନ୍ତି। ପ୍ରିନ୍ସପାଲ୍ ରେସିଡେଣ୍ଟ କମିଶନର ଓ ଲେବର କମିଶନରଙ୍କ ପକ୍ଷରୁ ଏହି ଚିଠି ଲେଖାଯାଇଥିବା ବେଳେ ଘଟଣା ଉପରେ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି।

ଖବରରୁ ପ୍ରକାଶ ଯେ ରାଜକନିକା ବ୍ଲକ୍ ଜୟନଗର ପଞ୍ଚାୟତ କୁଜିପୁର ଗାଁର ଉମାକାନ୍ତ ସାହୁଙ୍କ ପୁଅ ଯଶୋବନ୍ତ, ନୂଆଗାଁର ରବୀନ୍ଦ୍ର ମଲିକଙ୍କ ପୁଅ ଜୟନ୍ତ, ବରାଡ଼ିଆ ପଞ୍ଚାୟତ ଉପୁଲାଇ ଗାଁର ଫକୀର ଚରଣ ରାଉତଙ୍କ ପୁଅ ପ୍ରଶାନ୍ତ, କାଟଣାବଣିଆଁ ପଞ୍ଚାୟତ କାଟଣାବଣିଆ ଗାଁର ହରିହର ବେହେରାଙ୍କ ପୁଅ ହେମନ୍ତ ଓ ଚାନ୍ଦବାଲି ବ୍ଲକ୍ କୌଡ଼ିଆପାଳ ଗାଁର ସନାତନ ସାହୁଙ୍କ ପୁଅ ମନୋରଞ୍ଜନ ପରିବାର ପ୍ରତିପୋଷଣ ଲାଗି ଗତ ବର୍ଷ ଅଗଷ୍ଟରେ ଉତ୍ତରପ୍ରଦେଶ ଗୋରଖପୁର ଅଞ୍ଚଳର ଓମ୍ ପ୍ରକାଶ ଓ ଜୟ ପ୍ରକାଶ ପ୍ଲାଏଉଡ୍ କମ୍ପାନୀରେ କାମ କରିବା ସକାଶେ ଦୁଇ ଜଣ ଦଲାଲ୍‌ଙ୍କ ମାଧ୍ୟମରେ ଟୁରିଷ୍ଟ ଭିସା ଯୋଗେ ଥାଇଲାଣ୍ଡର ଚାନ ବୁରୀ ଅଞ୍ଚଳକୁ ଯାଇଥିଲେ। ଏହି ଦଲାଲମାନେ ସେମାନଙ୍କୁ ମାସିକ ୨୫ ହଜାର ଟଙ୍କା ପାରିଶ୍ରମିକ କାମ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇ ସାଥୀରେ ନେଇଯାଇଥିଲେ। ସମ୍ପୃକ୍ତ ଯୁବକମାନେ ସେଠାରେ ପାଖାପାଖି ୩ ମାସ ମଧ୍ୟ କାମ କରିଥିଲେ। ପ୍ରଥମ ତିନି ମାସ ସେମାନଙ୍କୁ ଠିକ୍ ଭାବେ ପାରିଶ୍ରମିକ ମିଳିଥିଲା। କିନ୍ତୁ ପରେ ଗତ ୪ ମାସ ହେବ ସେମାନଙ୍କୁ ଆଉ ପାରିଶ୍ରମିକ ମିଳିନାହିଁ। ଅଧିକନ୍ତୁ କମ୍ପାନୀର ମାଲିକ ମଧ୍ୟ ଉକ୍ତ ଓଡ଼ିଆ ଶ୍ରମିକମାନଙ୍କ ଭିସା ନେଇଯାଇଛନ୍ତି। ଏପରିକି ଗତ କିଛି ଦିନ ହେଲା ସେମାନଙ୍କୁ ଖାଇବାକୁ ମଧ୍ୟ ଦିଆଯାଇନାହିଁ। ସେମାନଙ୍କ ପାଖରେ ଟଙ୍କା ନ ଥିବାରୁ ଦେହ ଖରାପ ହେଲେ ବି ସେମାନେ ଔଷଧ ଟିକେ ବି ଖାଇ ପାରୁନାହାନ୍ତି। ଏପରି ସ୍ଥିତିରେ ସେମାନଙ୍କୁ ତୁରନ୍ତ ଏହି ବିପତ୍ତିରୁ ରକ୍ଷା କରିବା ସକାଶେ ଉକ୍ତ ୬ ଜଣ ଯୁବକ ନିବେଦନ କରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ଦିଗରେ ପଦକ୍ଷେପ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି।

● ଏନ୍‌ଏଚ୍ ଓ ଆର୍‌ଓବି ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା

## ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ):** ଯୋଗାଯୋଗ ଓ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ୀକରଣ ଲକ୍ଷ୍ୟରେ ରାଜ୍ୟରେ ଅନେକଗୁଡ଼ିଏ ଜାତୀୟ ରାଜପଥ (ଏନ୍‌ଏଚ୍) ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଜାତୀୟ ରାଜପଥ ପ୍ରକଳ୍ପ ଗୁଡିକର ସମୀକ୍ଷା ବୈଠକ କରି ଜମି ଅଧିଗ୍ରହଣ, ଜଙ୍ଗଲ ଜମି ଅନୁମୋଦନ ଏବଂ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସମ୍ପୃକ୍ତ ଜିଲ୍ଲାପାଳ, ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ୧୧୧ କିମି ଦୀର୍ଘ କ୍ୟାପିଟାଲ ରିଜିଅନ୍ ରିଂ ରୋଡ୍ ପ୍ରକଳ୍ପ, ୨୧ କିମି ଦୈର୍ଘ୍ୟବିଶିଷ୍ଟ କଟକ-କନ୍ଦରପୁର ରାସ୍ତା, ୧୭ କିମି ବଂଗପାଳ-ଗୋଡ଼ିବନ୍ଧ ରାସ୍ତା, ୩୫ କିମି ଦୈର୍ଘ୍ୟବିଶିଷ୍ଟ ସମ୍ବଲପୁର ବାଇପାସ ରାସ୍ତା, ୧୬୦ କିମିର ଦୀର୍ଘ ଉପକୂଳ ରାଜପଥ ପ୍ରକଳ୍ପକୁ ଆଗେଇନେବା ସହ ଆଗାମୀ ଦିନରେ ଆସିବାକୁ ଥିବା ପ୍ରମୁଖ ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଥିଲା। ଏଥିସହ କଟକ-ଅନୁଗୁଳ, ଡୁବୁରୀ-ଚଣ୍ଡିଖୋଲ, ଚଣ୍ଡିଖୋଲ-ପାରାଦୀପ, ଏନ୍‌ଏଚ୍ ୪୯ ଅନ୍ତର୍ଗତ ବାହାରଗୋଡ଼ା-ସିଂହାର ରାସ୍ତା ଓ ନିର୍ମାଣ ବିଭାଗ ଅଧୀନରେ କରାଯାଉଥିବା ୩୨ଟି ପ୍ରକଳ୍ପରେ ଆସୁଥିବା ସମସ୍ୟା ଓ ଏହାର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ଅନେକ ସ୍ଥାନରେ ଜମି ଅଧିଗ୍ରହଣ ନେଇ ଆସୁଥିବା ସମସ୍ୟାକୁ ଜିଲ୍ଲାପାଳଙ୍କ ନେତୃତ୍ୱରେ ସମାଧାନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ବିଭିନ୍ନ ରେଲୱେ ଓଭରବ୍ରିଜ (ଆରଓବି) ପ୍ରକଳ୍ପର ଅଗ୍ରଗତି ସହ ଏଥିରେ ପ୍ରକଳ୍ପର ସ୍ଥିତି, ଅଗ୍ରଗତି ଓ ନିର୍ମାଣ ସମୟରେ ଆସୁଥିବା ବିଭିନ୍ନ ପ୍ରତିବନ୍ଧକ ବିଷୟରେ ଆଲୋଚନା ହୋଇଥିଲା। ସବୁ ନିର୍ମାଣାଧୀନ ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଥିବାରୁ ଏହାକୁ କାର୍ଯ୍ୟକାରୀ କରିବାକୁ ସେ ତାଗିଦ କରିଛନ୍ତି।

ଗଞ୍ଜେଇ ବୋଝେଇ ଟ୍ରକ୍ ଧରିଲା ଅନୁଗୋଳ ପୁଲିସ

## ୬୩ ବସ୍ତା ଗଞ୍ଜେଇ ଜବତ, ଟ୍ରକ୍ ମାଲିକ ଗିରଫ



**ଅନୁଗୋଳ, ୧୯।୨ (ସଂଚାର ବ୍ୟୁରୋ) :** ଅନୁଗୁଳ ପୋଲିସକୁ ବଡ଼ ସଫଳତା। ଗଞ୍ଜେଇ ବୋଝେଇ ଟ୍ରକ୍ ଜବତ। ଟ୍ରକରେ ଥିଲା ୬୩ ବସ୍ତା ଗଞ୍ଜେଇ। ୬୩ ବସ୍ତା ଗଞ୍ଜେଇ ସହ ଟ୍ରକ୍ ମାଲିକ ଗିରଫ। ଜବତ ଗଞ୍ଜେଇର ପରିମାଣ ୧୫ କ୍ୱିଣ୍ଟାଲ ୭୩ କିଲୋଗ୍ରାମ। ଆନୁମାନିକ ମୂଲ୍ୟ ଦେଢ଼ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ସୂଚନା ଅନୁସାରେ, ଗଞ୍ଜେଇ ବେପାରୀ ତଥା ଟ୍ରକର ମାଲିକ ଗଞ୍ଜେଇକୁ କନ୍ଧମାଳରୁ ଆଣି ଝାଡ଼ଖଣ୍ଡ ଓ ବିହାରକୁ ପଠାଇବାକୁ ଯୋଜନା କରିଥିଲା।

**୧୫ କୁଇଣ୍ଟାଲ୍ ୭୩ କିଲୋଗ୍ରାମ ଗଞ୍ଜେଇ ଜବତ**
**ଆନୁମାନିକ ମୂଲ୍ୟ ଦେଢ଼ କୋଟି ଟଙ୍କାରୁ ଉର୍ଦ୍ଧ୍ୱ**

ଗଞ୍ଜେଇ ବୋଝେଇ ଟ୍ରକ ଶିଳ୍ପାଞ୍ଚଳ ଥାନା ଅଧୀନସ୍ଥ ଜେଏସପିଏଲ ଫେଜ୍-୨ ନିକଟରେ ଥିବା ସମୟରେ ଖବର ପାଇଥିଲା ଅନୁଗୁଳ ଜିଲ୍ଲା ପୁଲିସ। ଅନୁଗୁଳ ଏସପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପୋଲିସର ସ୍ପେଶାଲ୍ ସ୍କ୍ୱାଡ୍ ଓ ନିଶା ଥାନା ପୁଲିସ ମିଳିତ ଭାବେ ଚଢ଼ାଉ କରି ଟ୍ରକରୁ ଗଞ୍ଜେଇ ଜବତ କରିଛନ୍ତି ।

# କର୍ତ୍ତବ୍ୟରେ ଅବହେଳା ପାଇଁ ଜେଲର୍ ସନ୍ତୋଷିନୀ ସସ୍‌ପେଣ୍ଡ୍



**କଟକ, ୧୯।୨ (ସଂଚାର ବ୍ୟୁରୋ) :** କର୍ତ୍ତବ୍ୟରେ ଅବହେଳା ପାଇଁ ଶେଷରେ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି ବିବାଦୀୟ ଜେଲର ସନ୍ତୋଷିନୀ ଦାଶ। କଣ୍ଟାବାଞ୍ଜି ଉପକାରାଗାରର ଜେଲର-କମ-ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷିନୀ ଦାଶଙ୍କୁ ନିଲମ୍ବନ କରାଯାଇଛି। ଚୌଦ୍ୱାରରୁ କଣ୍ଟାବାଞ୍ଜିକୁ ବଦଳି ହୋଇଥିଲେ ହେଁ ସେ କାର୍ଯ୍ୟରେ ଯୋଗ ଦେଇ ନଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଛୁଟିରେ ଥିବା କହିଥିଲେ ମଧ୍ୟ କର୍ତ୍ତବ୍ୟରେ ଅବହେଳା ଓ ଅସଦାଚରଣ ପାଇଁ ଜେଲ୍ ଡିଜି ସୁଶାନ୍ତ ନାଥ ତାଙ୍କୁ ସସ୍‌ପେଣ୍ଡ୍ କରିଛନ୍ତି। ନିଲମ୍ବନ ସମୟରେ ତାଙ୍କର ମୁଖ୍ୟାଳୟ ସମ୍ବଲପୁର ସର୍କଲ ଜେଲ୍‌ରେ ରହିବ। ସନ୍ତୋଷିନୀ ଦାଶଙ୍କ ନିଲମ୍ବନ ପୂର୍ବରୁ ଗଣମାଧ୍ୟମ ସହ ଆଲୋଚନା ବେଳେ ଜେଲ୍ ଡିଜି ସୁଶାନ୍ତ ନାଥ ବିଭାଗର ଅନେକ ଅପାରଗତାକୁ ସ୍ୱୀକାର କରିଛନ୍ତି। ଡିଜି କହିଛନ୍ତି ଯେ, ରାଜ୍ୟରେ ଜଣେ ବି ଜେଲ୍ ଅଧିକାରୀ କିମ୍ବା କର୍ମଚାରୀ ପଦକ ପାଇବାକୁ ଯୋଗ୍ୟ ବିବେଚିତ ହେଉନାହାନ୍ତି। ଚଳିତ ବର୍ଷ ପ୍ରାୟ ୩୦ ଜଣ କର୍ମଚାରୀଙ୍କ ବିରୋଧରେ ବିଭିନ୍ନ ମାମଲା ଚାଲିଛି। ଚୌଦ୍ୱାର ଜେଲ୍‌ରେ ଜଣେ ମହିଳା କଏଦୀଙ୍କ ସୁନା ଚୋରି ହେବା ଓ ତା'ର ରଫାଦଫା ପାଇଁ ୧ ଲକ୍ଷ ୯୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବା ଘଟଣାରେ ଡିଜି କ୍ଷୋଭ ପ୍ରକାଶ କରିଛନ୍ତି। ତତ୍କାଳୀନ ଜେଲ୍ ଅଧୀକ୍ଷକ ରେଜିଷ୍ଟର୍ ତଦାରଖ କରିବାରେ ତ୍ରୁଟି କରିଥିଲେ ଏବଂ ଏହି ଟଙ୍କା କେଉଁ ପାଣ୍ଠିରୁ ଦିଆଗଲା, ସେ ନେଇ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

'ଅପରେସନ ସାଇବର କବଚ ଅଭିଯାନ'ର ସପ୍ତମ ଦିନ

# ୨୦ ଗିରଫ, ୩୨ ଜଣଙ୍କୁ ନୋଟିସ୍



**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ):** ସାଇବର ଅପରାଧ ନେଟୱର୍କକୁ ଧ୍ୱଂସ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ 'ଅପରେସନ ସାଇବର କବଚ ଅଭିଯାନ' ଆରମ୍ଭ ହୋଇଥିବା ବେଳେ ଆଜି ସପ୍ତମ ଦିନରେ ସମ୍ବଲପୁର, ରାଉରକେଲା ଓ ଝାରସୁଗୁଡ଼ା ପୁଲିସ୍‌କୁ ଉଲ୍ଲେଖନୀୟ ସଫଳତା ମିଳିଛି। ଦିନକ ଭିତରେ ପୁଲିସ୍ ୨୦ ଜଣଙ୍କୁ ଗିରଫ କରିବା ସହ ୩୨ ଜଣଙ୍କୁ ଆଇନଗତ ନୋଟିସ୍ ପଠାଇଛି। ସେହିପରି ଏହି ଘଟଣାରେ ପୁଲିସ ୩୦୦ରୁ ଅଧିକ ସନ୍ଦେହଜନକ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ସହ ସେଥିମଧ୍ୟରୁ ୧୪୦ଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୧୧୦ କୋଟି ୩୦ ଲକ୍ଷରୁ ଅଧିକ ଟଙ୍କା କାରବାର ହୋଇଥିବା ସମ୍ପର୍କରେ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହାଛଡ଼ା ୫୨ଟି ଆକାଉଣ୍ଟ ଜରିଆରେ ୭୫ କୋଟି ୩୬ ଲକ୍ଷ ଟଙ୍କା କାରବାର ହୋଇଛି। ସେହିପରି ରାଉରକେଲା ପୁଲିସ ଜିଲ୍ଲା ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ କ୍ରିକେଟ୍ ବେଟିଂ ସିଣ୍ଡିକେଟ୍‌କୁ ପୁଲିସ ସଫଳତାର ସହ ଧ୍ୱଂସ କରିଛି। ଝାରସୁଗୁଡ଼ା ଜିଲ୍ଲା ପୁଲିସ ଏକ ସଂଗଠିତ ସାଇବର ସିଣ୍ଡିକେଟ୍‌ର ପର୍ଦ୍ଦାଫାସ କରିଛି। ଏହି ମାମଲାରେ ୧୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ଅଦ୍ୟାବଧି 'ଅପରେସନ ସାଇବର କବଚ' ଅଭିଯାନରେ ସମଗ୍ର ରାଜ୍ୟରେ ମୋଟ ୧,୧୬୬ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏହା ସହ ବେନାମୀ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୮୨ଟି, ଚେକ୍ ଉଠାଣ ସମ୍ପର୍କିତ ୫ଟି ଓ ନକଲି ସିମ୍ ପିଓଏସ୍ ସମ୍ପର୍କିତ ୩ଟି ସାଇବର ମାମଲା ରୁଜୁ କରାଯାଇଛି। ସମୁଦାୟ ୮୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ନୂତନ ମାମଲା ଓ ୨୯ଟି ପୁରୁଣା ଏଫ୍‌ଆଇଆର୍ ସହ ସମ୍ପୃକ୍ତ ୨୯୩ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ବି ଜାରି କରାଯାଇଛି।

## ପୁଲିସ ପାଖକୁ ଯିବାରୁ ହଣା ଖାଇଲେ ମହିଳା

**ଭୁବନେଶ୍ୱର, ୧୯।୨ (ସଂଚାର ବ୍ୟୁରୋ):** ଥାନାରେ ଅଭିଯୋଗ କରିବାରୁ ଜଣେ ମହିଳା ବ୍ୟବସାୟୀଙ୍କୁ ରାସ୍ତା ଉପରେ କଟୁରୀରେ ହାଣି ରକ୍ତାକ୍ତ କରିଦେଇଛି ଦୁର୍ବୃତ୍ତ। ସୂଚନାନୁଯାୟୀ, ସହିଦ ନଗର ତାରିଣୀ ବସ୍ତିର କନକଲତା ସାହୁ ସତସଙ୍ଗ ବିହାର ପାର୍କ ନିକଟରେ ଏକ ମକା ଦୋକାନ କରି ପେଟ ପୋଷନ୍ତି। ଗତକାଲି ତାଙ୍କ ପାଖରୁ ମୋବାଇଲ୍ ଏବଂ ଟଙ୍କା ଚୋରି ହୋଇଥିଲା। ଏନେଇ ସେ ସହିଦ ନଗର ଥାନାରେ ଏତଲା ଦେଇଥିଲେ। ପୁଲିସ ପାଖକୁ କାହିଁକି ଗଲୁ ବୋଲି କହି ଦୁର୍ବୃତ୍ତ ଜଣକ ଆଜି ସନ୍ଧ୍ୟାରେ କନକଲତାଙ୍କୁ ଦୋକାନକୁ ଆସୁଥିବା ସମୟରେ ଏକ ଧାରୁଆ କଟୁରୀରେ ମରଣାନ୍ତକ ଆକ୍ରମଣ କରିଥିଲା। ଦୁର୍ବୃତ୍ତର କଟୁରୀ ଚୋଟରେ କନକଲତା ଗୁରୁତର ଭାବେ ଆହତ ହୋଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ଶୁକ୍ରବାର ୨୦ ଫେବୃଆରୀ ୨୦୨୬
BUSINESS

## ଏଆଇ ସମିଟରେ ମୁକେଶ ଅମ୍ବାନୀଙ୍କ ଘୋଷଣା

# ଡାଟା ଭଳି ଶସ୍ତା ହେବ ଏଆଇ



ନୂଆଦିଲ୍ଲୀ, ୧୯।୨: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଘୋଷଣା କରିଛନ୍ତି ଯେ, ଜିଓ ଯେଉଁଭଳି ଭାବରେ ଦେଶରେ ଡାଟାକୁ ଶସ୍ତା କରିଥିଲା, ଠିକ ସେହିପରି ଏବେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)କୁ ମଧ୍ୟ ସାଧାରଣ ଭାରତୀୟଙ୍କ ପାଖରେ ସୁଲଭ ଦରରେ ଉପଲବ୍ଧ କରାଯିବ। ଏଥିସହିତ ସେ କହିଛନ୍ତି ଯେ, 'ଭାରତ ବୁଦ୍ଧିମତ୍ତାକୁ ଭଡାରେ ନେଇପାରିବ ନାହିଁ' ଏବଂ ଜିଓ ଦେଶକୁ ଇଣ୍ଟରନେଟ୍ ଯୁଗ ପରେ ବର୍ତ୍ତମାନ 'ଇଣ୍ଟେଲିଜେନ୍ସ ଯୁଗ' ସହିତ ଯୋଡ଼ିବ।

ଏହି ଦିଗରେ ଜିଓ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆଗାମୀ ସାତ ବର୍ଷରେ ୧୦ ଲକ୍ଷ କୋଟି ଟଙ୍କା ନିବେଶ କରିବେ। ଏହି ନିବେଶ ଭାରତରେ ଶକ୍ତିଶାଳୀ ଏଆଇ ଭିତ୍ତିଭୂମି ସୃଷ୍ଟି କରିବା ସହ ଆଗାମୀ ଦଶକଗୁଡିକ ପାଇଁ ଆର୍ଥିକ ଦୃଢ଼ତା ସୁନିଶ୍ଚିତ କରିବାର ଉଦ୍ଦେଶ୍ୟରେ କରାଯିବ ବୋଲି ସେ କହିଛନ୍ତି। କମ୍ପାନୀ ଜାମନଗରରେ ପର୍ଯ୍ୟାୟକ୍ରମେ ମଲ୍ଟି-ଗିଗାୱାଟ୍ ଏଆଇ-ରେଡି ଡାଟା ସେଣ୍ଟର ପାର୍କ ବିକଶିତ କରୁଛି। ୨୦୨୬ ଶେଷ ମଧ୍ୟରେ ୧୨୦ ମେଗାୱାଟ୍ କ୍ଷମତା ଆରମ୍ଭ କରିବାର ଲକ୍ଷ୍ୟ ରହିଛି, ଯାହାକୁ ପରବର୍ତ୍ତୀକାଳରେ ଗିଗାୱାଟ୍ ସ୍ତର ପର୍ଯ୍ୟନ୍ତ ବଢ଼ାଯିବ। ଏହି ସମ୍ପୂର୍ଣ୍ଣ ଭିତ୍ତିଭୂମି ସବୁଜ ଶକ୍ତି (ଗ୍ରିନ୍ ଏନର୍ଜି) ଉପରେ ଆଧାରିତ ହେବ। ସେହିପରି ଜିଓ ଏହାର ନେଟୱର୍କ ଜରିଆରେ ସମଗ୍ର ଦେଶରେ ଏଭଳି କମ୍ପ୍ୟୁଟିଂ କ୍ଷମତା ଉପଲବ୍ଧ କରାଇବ, ଯାହା ଦ୍ୱାରା ଏଆଇ ସେବାଗୁଡିକ ଅଳ୍ପ ଖର୍ଚ୍ଚରେ ଏବଂ ଦ୍ରୁତ ଗତିରେ ଲୋକମାନଙ୍କ ପାଖରେ ତଥା ଦୋକାନ, କ୍ଷୁଦ୍ର ବ୍ୟବସାୟ, ସ୍କୁଲ୍, ହସ୍ପିଟାଲ୍ ଓ ଚାଷଜମି ପର୍ଯ୍ୟନ୍ତ ପହଞ୍ଚିପାରିବ।

ଅମ୍ବାନୀ ଜୋର ଦେଇ କହିଛନ୍ତି ଯେ ଜିଓ ଏଆଇ ଭାରତୀୟ ଭାଷାମାନଙ୍କରେ କାମ କରିବ, ଯାହା ଫଳରେ ଚାଷୀ, ଯୁବକ, ଛାତ୍ରଛାତ୍ରୀ ଓ ଛୋଟ ବ୍ୟବସାୟୀମାନେ ନିଜ ଭାଷାରେ ଏହାର ଲାଭ ନେଇପାରିବେ। ଏହି କ୍ରମରେ ଶିକ୍ଷା ପାଇଁ ଜିଓ ଶିକ୍ଷା ଏଆଇ, ସ୍ୱାସ୍ଥ୍ୟ ପାଇଁ ଜିଓ ଆରୋଗ୍ୟ ଏଆଇ, କୃଷି ପାଇଁ ଜିଓ କୃଷି ଏବଂ ସାଧାରଣ ବ୍ୟବହାର ପାଇଁ ଜିଓ ଭାରତ ଆଇକ୍ୟୁ ପରି ପ୍ଲାଟଫର୍ମ ପ୍ରସ୍ତୁତ କରାଯାଇଛି, ଯାହା ସ୍ଥାନୀୟ ଭାଷାରେ ଏଆଇ ଆଧାରିତ ସହାୟତା ଉପଲବ୍ଧ କରାଇବ। ମୁକେଶ ଅମ୍ବାନୀ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ, ଯଦି ପ୍ରଯୁକ୍ତି ସୁଲଭ ଏବଂ ଦେଶର ଆବଶ୍ୟକତା ଅନୁରୂପ ବିକଶିତ କରାଯିବ ତେବେ ଭାରତ ଏକବିଂଶ ଶତାବ୍ଦୀରେ ଅଗ୍ରଣୀ ଏଆଇ ଶକ୍ତି ହୋଇପାରିବ। ଜିଓର ଏହି ଘୋଷଣାଗୁଡିକରୁ ସଂକେତ ମିଳୁଛି ଯେ, କନେକ୍ଟିଭିଟି ପରେ ବର୍ତ୍ତମାନ କମ୍ପାନୀ ଏଆଇକୁ ପରବର୍ତ୍ତୀ ଜାତୀୟ ଭିତ୍ତିଭୂମି ଭାବେ ଗଢ଼ି ତୋଳିବା ଦିଗରେ ଆଗକୁ ବଢୁଛି।

ଏଆଇକୁ ନେଇ ଆସୁଥିବା ଚିନ୍ତାଗୁଡିକ ବିଷୟରେ ମୁକେଶ ଅମ୍ବାନୀ କହିଛନ୍ତି ଯେ, "ଏଆଇ ସେହି ମନ୍ତ୍ର ଯାହା ପ୍ରତ୍ୟେକ ଯନ୍ତ୍ରକୁ ଦ୍ରୁତ, ଉତ୍ତମ ଓ ସ୍ମାର୍ଟ ଉପାୟରେ କାମ କରିବାର ଶକ୍ତି ଦେଇଥାଏ। ମୁଁ ଏଆଇକୁ ଆଧୁନିକ 'ଅକ୍ଷୟ ପାତ୍ର' ଭାବେ ଦେଖୁଛି, ଯାହା ଅସରନ୍ତି ପୋଷଣ ପ୍ରଦାନ କରିପାରିବ। ଏଆଇ ନିଯୁକ୍ତି ନେବ ନାହିଁ, ବରଂ ଉଚ୍ଚ-ଦକ୍ଷତା ବିଶିଷ୍ଟ କାର୍ଯ୍ୟକ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି କରିବ। ନିଜ ସମ୍ବୋଧନର ପ୍ରାରମ୍ଭରେ ମୁକେଶ ଅମ୍ବାନୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଜନକୁ ପ୍ରଶଂସା କରି କହିଛନ୍ତି ଯେ, ଏଆଇ-ଆଧାରିତ ବିକାଶର ଏହି ପଦକ୍ଷେପ ୨୦୪୭ ମଧ୍ୟରେ ଭାରତକୁ ବିକଶିତ ରାଷ୍ଟ୍ର କରିବାର ଜାତୀୟ ଲକ୍ଷ୍ୟକୁ ନୂତନ ଗତି ଦେବ। ସେ କହିଛନ୍ତି ଯେ, ଏହି ପଦକ୍ଷେପ କେବଳ ଭାରତ ପାଇଁ ନୁହେଁ, ବରଂ ଗ୍ଲୋବାଲ୍ ସାଉଥର ଦେଶମାନଙ୍କ ପାଇଁ ମଧ୍ୟ ଏକ ପ୍ରେରଣାଦାୟକ ମଡେଲ୍ ହୋଇପାରିବ।



## କର୍ଣ୍ଣାଟକରେ ଶୁଖିଲା ଲଙ୍କା ଦାମ ୭୮ ହଜାର ପାର୍

ବେଙ୍ଗାଲୁରୁ, ୧୯।୨: ଶୁଖିଲା ଲଙ୍କା ଏବେ ଆହୁରି କନ୍ଦାଇବ। ରାଗରେ ନୁହେଁ, ବରଂ ଦର ବୃଦ୍ଧିରେ। ଶୁଖିଲା ଲଙ୍କାର ଦାମ ଏବେ ୭୮ ହଜାର ଟଙ୍କାରେ ପହଞ୍ଚିଛି। ଏମିତି ସ୍ଥିତି ଦେଖା ଦେଇଛି ଦକ୍ଷିଣ ରାଜ୍ୟ କର୍ଣ୍ଣାଟକରେ। ଚଳିତ ବର୍ଷ ସୁଖିଲା ଲାଲ ଲଙ୍କା ଚାଷ କମି ଯାଇଥିବାରୁ ଦାମ କ୍ୱିଣ୍ଟାଲ ୭୮ ହଜାର ଟଙ୍କା ପାର୍ କଲାଣି। କର୍ଣ୍ଣାଟକରେ ଶୁଖିଲା ଲଙ୍କା ଦର ମହରଗ ପାଲଟିଛି। ଚାଷ କମ୍ ହୋଇଥିବାରୁ ଉତ୍ପାଦ କମିବା ପରେ ଦର ଏତେ ମହଙ୍ଗା ହେଲାଣି ଯେ ଲୋକଙ୍କୁ କିଣିବାକୁ ଡର ଲାଗିଲାଣି। ସୀମିତ ଯୋଗାଣ ଏବଂ ଘରୋଇ ଏବଂ ରପ୍ତାନି ବଜାରରେ ପ୍ରବଳ ଚାହିଦା ଯୋଗୁ ଉଚ୍ଚମାନର ଶୁଖିଲା ଲାଲ ଲଙ୍କାର ମୂଲ୍ୟ ରେକର୍ଡ ସ୍ତରକୁ ପହଞ୍ଚିଛି। ଏହି ଋତୁରେ, ଉଚ୍ଚମାନର ଲଙ୍କାର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ₹୭୮,୦୦୦ ଅତିକ୍ରମ କରିଛି, ଯାହା ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ବ୍ୟାଦଗୀ କଡ୍ଡି କିଷମର ଲଙ୍କା ଦାମ ଅଧିକ ବୃଦ୍ଧି ପାଇଛି। ମଣ୍ଡିଗୁଡ଼ିକରେ ଡିସେମ୍ବର ଠାରୁ ଏପର୍ଯ୍ୟନ୍ତ ଲଙ୍କା ଆମଦାନୀ କମ ରହିଛି। ହୁବଲୀ ମଣ୍ଡିରେ ବର୍ତ୍ତମାନ ସୁଦ୍ଧା ଶୁଖିଲା ଲଙ୍କା ଆମଦାନୀ ୫୫,୪୩୬ କ୍ୱିଣ୍ଟାଲ ରହିଛି। ତେଣୁ ଦର କ୍ୱିଣ୍ଟାଲ୍ ୮୦୦ରୁ ୭୮,୨୧୧ ଟଙ୍କା ହୋଇଛି। ଗତ ବର୍ଷ ସମାନ ସମୟ ମଧ୍ୟରେ, ବଜାରକୁ ୯୪,୭୨୦ କ୍ୱିଣ୍ଟାଲ ଲଙ୍କା ଲଙ୍କା ଆସିଥିଲା ଏବଂ ମୂଲ୍ୟ ପ୍ରତି କ୍ୱିଣ୍ଟାଲ ₹୧,୦୦୦ ରୁ ₹୪୬,୧୧୧ ପର୍ଯ୍ୟନ୍ତ ଥିଲା। ମଣ୍ଡିକୁ ଆସିବା ପ୍ରାୟ ୪୦ ପ୍ରତିଶତ ହ୍ରାସ ପାଇବା ଯୋଗୁ ମୂଲ୍ୟ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। କର୍ଣ୍ଣାଟକ ରାଜ୍ୟ ମସଲା ବିକାଶ ବୋର୍ଡର ତଥ୍ୟ ଅନୁଯାୟୀ, ରାଜ୍ୟରେ ଶୁଖିଲା ଲାଲ ଲଙ୍କା ଚାଷ ମୋଟ କ୍ଷେତ୍ରଫଳ ପ୍ରାୟ ୭୯,୧୫୨ ହେକ୍ଟରକୁ ହ୍ରାସ ପାଇଛି। ତେବେ ଆନୁମାନିକ ଉତ୍ପାଦନ ୧.୫୮ ଲକ୍ଷ ମେଟ୍ରିକ୍ ଟନ୍ ବୋଲି ଆକଳନ କରାଯାଇଛି। ଏହା ଗତ ପାଞ୍ଚ ବର୍ଷ ମଧ୍ୟରେ ସର୍ବନିମ୍ନ। ଚାଷ କମ ଯୋଗ ଉତ୍ପାଦନ କମ ଓ ଡିମାଣ୍ଡରେ ବୃଦ୍ଧି ଦରଦାମକୁ ଆକାଶ ଛୁଆଁ କରିଦେଇଛି।

# ୭୪% ଘର କିଣିଛନ୍ତି ମିଲେନିଆଲ୍ସ ଓ ଜେନ-ଜି



ନୂଆଦିଲ୍ଲୀ, ୧୯।୨: ପୂର୍ବରୁ ସାଧାରଣ ଭାରତୀୟ ପରିବାର ପ୍ରଥମେ ପଇସା ସଞ୍ଚୟ କରତା'ପରେ ଘର କିଣ, ଏହି ନୀତି ଅନୁସରଣ କରୁଥିଲେ। ହେଲେ ବର୍ତ୍ତମାନ,ଚାକିରି ପାଇବା ମାତ୍ରେ ଘର କିଣିବା ଧାରା ଆରମ୍ଭ ହୋଇଯାଇଛି। ଆଉ ଏହି ଟ୍ରେଣ୍ଡ ମିଲେନିଆଲ୍ସ ଓ ଜେନ୍-ଜିଙ୍କ ଠାରେ ଅଧିକ ଦେଖାଯାଉଛି। ଦେଶରେ ୭୪% ବିକ୍ରି ହୋଇଥିବା ଘର କିଣିଛନ୍ତି ୩୫ବର୍ଷରୁ କମ୍ ବୟସର ଲୋକେ। ଏକ ସର୍ଭେରେ ଏହି ରୋଚକ କଥା ସାମ୍ନାକୁ ଆସିଛି।

ଭାରତର ଜେନ୍-ଜିଙ୍କୁ ଏବେ ଘାରିଛି ଘର କିଣା ନିଶା। ଦେଶରେ ୭୪% ବିକ୍ରି ହୋଇଥିବା ଘର କିଣିଛନ୍ତି ୩୫ ବର୍ଷରୁ କମ୍ ବୟସର ଲୋକେ। ଏହି କ୍ରେତାଙ୍କ ମଧ୍ୟରୁ ୩୨% ହେଉଛନ୍ତି ୨୫ ବର୍ଷରୁ କମ୍ ବୟସର। ହୋମଲୋନ ଏଗ୍ରୀଗେସନ ଓ ଡିଷ୍ଟ୍ରିବ୍ୟୁସନ ପ୍ଲାଟଫର୍ମର ବେସିକ ହୋମ ଲୋନ ସର୍ଭେ 'ଘର କା ସପ୍ନା କୈଶା ପୂରା କରତା ହେ ଭାରତ'? ରିପୋର୍ଟରେ ସାମ୍ନାକୁ ଆସିଛି।

ସର୍ଭେ ଅନୁଯାୟୀ, ଉଚ୍ଚ ଆୟକାରୀମାନେ ଘର ଇଏମଆଇ ପାଇଁ ସେମାନଙ୍କର ବାର୍ଷିକ ଆୟର ୫୦% ପର୍ଯ୍ୟନ୍ତ ଦେବାକୁ ଇଚ୍ଛୁକ। ଡିଜିଟାଲ୍ ପ୍ଲାଟଫର୍ମରେ ଦ୍ରୁତ ପ୍ରକ୍ରିୟାକରଣ କମ ବୟସର କ୍ରେତାମାନଙ୍କୁ ଅଧିକ ଆକର୍ଷିତ କରୁଛି। ତଥାପି, ସେମାନେ ଅତି କମରେ ୫୦ ବର୍ଷ ପୁରୁଣା ଏବଂ ବିଶ୍ୱସ୍ତ ଆର୍ଥିକ ସଂସ୍ଥାରୁ ଋଣ ନେବାକୁ ପସନ୍ଦ କରୁଛନ୍ତି। ସର୍ଭେ ଅନୁଯାୟୀ ଏହି ୬ ବର୍ଷ ମଧ୍ୟରେ ଗୃହ କ୍ରେତାଙ୍କ ହାରାହାରି ବୟସ ୩୮ ରୁ ୩୪ ବର୍ଷକୁ ହ୍ରାସ ପାଇଛି।

ଏହି ସର୍ଭେ ବିଭିନ୍ନ ବୟସ ଗୋଷ୍ଠୀର ୨୩ ହଜାର ଲୋକଙ୍କ ଉପରେ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୧%ଙ୍କ ବାର୍ଷିକ ଆୟ ୫୦ ଲକ୍ଷ ଟଙ୍କାରୁ ଅଧିକ ଥିଲା। ଏହା ବ୍ୟତୀତ ୨୯%ଙ୍କ ଆୟ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ, ୨୦%ଙ୍କ ଆୟ ୫ ରୁ ୧୦ ଲକ୍ଷ ଟଙ୍କା, ୭%ଙ୍କ ଆୟ ୧୧ ରୁ ୨୦ ଲକ୍ଷ ଟଙ୍କା, ୪%ଙ୍କ ଆୟ ୨୧ ରୁ ୩୫ ଲକ୍ଷ ଟଙ୍କା ଏବଂ ୯%ଙ୍କ ଆୟ ୩୬ ରୁ ୪୦ ଲକ୍ଷ ଟଙ୍କା ଥିଲା। ଏମାନଙ୍କ ମଧ୍ୟରୁ ୯୧% ପୁରୁଷ ଏବଂ ୯% ମହିଳା ଥିଲେ। ଘର କିଣିବାରେ ମହିଳାଙ୍କ ଅଂଶ ନିରନ୍ତର ବୃଦ୍ଧି ପାଉଛି। ୨୦୨୪ ମସିହାରେ ଶ୍ରେଷ୍ଠ ସହରଗୁଡ଼ିକରେ ମହିଳାମାନେ ୧.୨୯ ଲକ୍ଷ ଆବାସିକ କାରବାର କରିଥିଲେ। ଏହି ସହରଗୁଡ଼ିକରେ ମୋଟ କାରବାରର ଏହା ୧୪% ଥିଲା।

# ଗୁଗୁଲ ଲଞ୍ଚକଲା ପିକ୍ସେଲ ୧୦ଏ



ନୂଆଦିଲ୍ଲୀ, ୧୯।୨: ଗୁଗଲ ଏହାର ଏଆଇ ସ୍ମାର୍ଟଫୋନ୍ ପିକ୍ସେଲ ୧୦ଏକୁ ଭାରତରେ ଲଞ୍ଚ କରିଛି। କମ୍ପାନୀ ଏହାକୁ ଏଆଇ-ସିରିଜ୍ ସ୍ମାର୍ଟଫୋନ୍ ବୋଲି କହୁଛି। କାରଣ ଫ୍ଲାଗସିପ୍ ଲେବଲର ଏଆଇ ଏକ୍ସପିରିଏନ୍ସ ଦେବାକୁ ଏହାକୁ ଡିଜାଇନ କରାଯାଇଛି। ଏହା ବାଦ୍ ଅଧିକ ସମୟ ପର୍ଯ୍ୟନ୍ତ ଚାର୍ଜ ରଖୁଥିବା ଶକ୍ତିଶାଳୀ ବ୍ୟାଟେରୀ ସାଂଗକୁ ଅନ୍ୟାନ୍ୟ ଫିଚର୍ସ ରହିଛି। ପିକ୍ସେଲ ୧୦ଏର ମୂଲ୍ୟ ୪୯,୯୯୯ ଟଙ୍କା ରଖାଯାଇଥିବା ବେଳେ ବର୍ତ୍ତମାନ ଏହାର ପ୍ରି ଅର୍ଡର ଖୋଲାଯାଇଛି। ଏଂବ ମାର୍ଚ୍ଚ ୬ ତାରିଖରୁ ଫୋନ୍ର ବିକ୍ରି ଆରମ୍ଭ ହେବ। ପିକ୍ସେଲ ୧୦ ଲାଇନଅପ୍ ସହିତ ଲଞ୍ଚ୍ ହୋଇଥିବା ଏହି ସ୍ମାର୍ଟୋଫନ୍‌ରେ ସୁଲଭ ମୂଲ୍ୟରେ ମହଙ୍ଗା ଏଆଇ ଫିଚର୍ସ ଦିଆଯାଇଛି। ପିକ୍ସେଲ ୧୦ଏର ପ୍ରମୁଖ ଆକର୍ଷଣର କେନ୍ଦ୍ର ହେଉଛି ଏହାର ଗୁଗୁଲ ଏଆଇ। ଏହି ଫୋନ୍‌ରେ କ୍ୟାମେରା କୋଚ୍ ଦିଆଯାଇଛି। ଯାହା ୟୁଜର୍ସଙ୍କୁ ଭଲ ଫଟୋ ଉଠାଇବାକୁ ରିୟଲ ଟାଇମ୍ସ ଗାଇଡାନ୍ସ କରିବାରେ ସହଯୋଗ କରିଥାଏ। କ୍ୟାମେରାରେ ଦିଆଯାଇଥିବା ଅଟୋ ବେଷ୍ଟ ଟେକ୍ ଅପସନ ବେଷ୍ଟ ଏକ୍ସପ୍ରେସନ ସହ ୨୦ରୁ ଅଧିକ ଲୋକର ଗ୍ରୁପର ଭଲ ଫଟୋ ଉଠାଇ ପାରିବ। ଅନ୍ୟ ପିକ୍ସେଲ ଡିଭାଇସ ପରି ଏଥିରେ ବି ରେଗୁଲାଲାର ପିକ୍ସେଲ ଡ୍ରପ୍ସ ଦିଆଯାଇଛି। ଫୋନ୍ର ହାର୍ଡୱେୟାର ଦେଖିଲେ ଏଥିରେ ୬.୩ ଇଞ୍ଚର ଆକ୍ଟୁଆ ଡିସ୍‌ପ୍ଲେ, ଯାହାର ପିକ୍ ବ୍ରାଇଟନେସ ୩୦୦୦ ନିଟ୍ସ ପର୍ଯ୍ୟନ୍ତ ରହିଛି। ପିକ୍ସିଲ ସିରିଜ୍ ଏ ଫୋନ୍‌ଗୁଡ଼ିକର ଏହାର ଡିସ୍‌ପେଲ ସବୁଠାରୁ ଉଜ୍ଜ୍ୱଳ। ତେଣୁ ଟାଣ ଖରାରେ ବି ମୋବାଇଲ ଅପରେଟ କରିବାରେ କୌଣସି ଅସୁବିଧା ହେବ ନାହିଁ। ପିକ୍ସେଲ ୧୦ଏରେ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ଦିଆଯାଇଛି। ଥରେ ଚାର୍ଜ କଲେ ଏହା ୩୦ ଘଣ୍ଟାରେ ଲଗାତର ବ୍ୟାଟେରୀ ବ୍ୟାକଅପ ଦେବ ବୋଲି କମ୍ପାନୀ ଦାବି କରିଛି। ୩୦ୱାଟ୍ ୱାୟର୍ଡ ଓ ୧୦ ୱାଟ୍ର ୱାୟରଲେସ୍ ଚାର୍ଜିଂ ସପୋର୍ଟ ରହିଛି। ସେହିପରି ସ୍ମାର୍ଟଫୋନ୍ ସୁରକ୍ଷା ଫିଚର୍ସ କଥା କହିଲେ, ଏଥିରେ ଆଇପି୬୮ ରେଟିଂ। ଗରିଲା ଗ୍ଲାସ ୭ଆଇ ୪ଏନଏମ ବ୍ୟାଜେଲ୍ସ ଦିଆଯାଇଛି। ସାମସଙ୍ଗ ପରି ଏଥିରେ ମଧ୍ୟ ୭ ବର୍ଷର ଓଏସ୍ ଏବଂ ସପ୍ଟୱେୟାର ଅପଡେଟ୍ ଦେବ ବୋଲି କମ୍ପାନୀ ଦାବି କରିଛି। ପିକ୍ସେଲ ୧୦ଏ ରେ ୧୦୦ ପ୍ରତିଶତ ଆଲୁମିନିୟମ ଫ୍ରେମ୍, ୮୧ ପ୍ରତିଶତ ପୁନଃଚକ୍ରଣ କରାଯିବାକୁ ଥିବା ପ୍ଲାଷ୍ଟିକ୍ ବ୍ୟାକ୍ ଏବଂ ପୁନଃଚକ୍ରଣ ହେଇପାରୁଥିବା କୋବାଲ୍ଟ, ତମ୍ବା, ସୁନା ଏବଂ ଟଙ୍ଗଷ୍ଟନ୍ ବ୍ୟବହାର କରାଯାଇଛି। ଫଳରେ ଏହା ଗୁଗୁଲର ଏପର୍ଯ୍ୟନ୍ତ ସବୁଠାରୁ ସ୍ଥାୟୀ ଏ-ସିରିଜ୍ ଡିଭାଇସ୍ ବୋଲି କୁହାଯାଉଛି।

## ଠକେଇ ମାମଲାରେ ସୁପ୍ରିମକୋର୍ଟଙ୍କୁ ଅନିଲ ଅମ୍ବାନୀଙ୍କ ବଡ଼ ପ୍ରତିଶ୍ରୁତି

# ବିନାଅନୁମତିରେ ଦେଶ ଛାଡିବିନି

ନୂଆଦିଲ୍ଲୀ ୧୯।୨: ରିଲାଏନ୍ସ (ଏଡିଏଜି) ଚେୟାରମ୍ୟାନ ଅନିଲ ଅମ୍ବାନୀ ସୁପ୍ରିମକୋର୍ଟରେ ଆଫିଡେଭିଟ୍ ଦାଖଲ କରିଛନ୍ତି। ସେ ୪୦,୦୦୦ କୋଟି ଟଙ୍କାର କଥିତ ବ୍ୟାଙ୍କିଙ୍ଗ ଓ କର୍ପୋରେଟ ଠକେଇ ମାମଲାରେ କହିଛନ୍ତି ଯେ ବିନା କୌଣସି ପୂର୍ବ ଅନୁମତିରେ ଦେଶ ଛାଡିବେନି। ସେ ଏହା ବି ପ୍ରତିଶ୍ରୁତି ଦେଇଛନ୍ତି ଯେ ତଦନ୍ତକାରୀ ସଂସ୍ଥାଙ୍କୁ ପୂର୍ଣ୍ଣ ସହଯୋଗ କରିବେ। ଏହି ଠକେଇ ମାମଲା ଅନିଲ ଧିରୁଭାଇ ଅମ୍ବାନୀ ଗ୍ରୁପ (ଏଡିଏଜି) ସମ୍ପର୍କିତ, ଯାହା ଉପରେ ବଡ଼ ଧରଣର ଫଣ୍ଡ ଡାୟଭର୍ସନ ଓ ଆର୍ଥିକ ଗଡବଡ଼ିର ଆରୋପ ଲାଗିଛି। ସୁପ୍ରିମକୋର୍ଟରେ ଅନିଲ ଅମ୍ବାନୀ ଦାଖଲ କରିଥିବା ତାଙ୍କ ଆଫିଡେଭିଟରେ କହିଛନ୍ତି ଯେ 'ମୁଁ ଶପଥ କରି କହୁଛି ଜୁଲାଇ ୨୦୨୫ରେ ତଦନ୍ତ ଆରମ୍ଭ ହେବା ପରଠାରୁ ମୁଁ ଭାରତ ଛାଡି ନାହିଁ କି ନିକଟ ଭବିଷ୍ୟତରେ ମୋର ବିଦେଶ ଯିବାର କୌଣସି ଉଦ୍ଦେଶ୍ୟ ନାହିଁ'। ତେବେ ଯଦି କୌଣସି ଜରୁରି କାମରେ ଭାରତ ବାହାରକୁ ଯିବାକୁ ପଡେ ତେବେ ତା ପୂର୍ବରୁ କୋର୍ଟଙ୍କ ଅନୁମତି ନେବେ। ଅମ୍ବାନୀ ଏହି ଆଫିଡେଭିଟ୍ ପୂର୍ବତନ ବ୍ୟୁରୋକ୍ରାଟ ଇ.ଏସ୍ ଶର୍ମାଙ୍କ ପିଟିସନର ଜବାବରେ ଦାଖଲ କରିଛନ୍ତି।

ଶର୍ମା ତାଙ୍କ ଜନସ୍ୱାର୍ଥ ମାମଲାରେ ଏଡିଏଜି ଓ ଏହା ସମ୍ପର୍କିତ କମ୍ପାନୀଙ୍କ ବିରୋଧରେ କଥିତ ୪୦,୦୦୦ କୋଟି ଟଙ୍କା ଠକେଇ ମାମଲାର ନିରପେକ୍ଷ, ବିନା ପାତର ଅନ୍ତରରେ ଓ ତୁରନ୍ତ ଯାଞ୍ଚ ଦାବି କରିଛନ୍ତି। ଶର୍ମା ଆବେଦନରେ ଅଭିଯୋଗ କରିଛନ୍ତି ଯେ ସମୂହର କେତେକ ୟୁନିଟ୍ ପାଣ୍ଠି ଏଣେତେଣେ କରିବା ସହ ଖାତାରେ ଗଡ଼ବଡ଼ କରିଛନ୍ତି। ଆଫିଡେଭିଟରେ ଅମ୍ବାନୀ କହିଛନ୍ତି ଯେ ତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଫେବୃଆରୀ ୨୬ ତାରିଖରେ ହାଜର ହେବାକୁ ଡାକିଛନ୍ତି ଓ ସେ ସେହି ତାରିଖରେ ହେବାକୁ ଥିବା ଯାଞ୍ଚରେ ସାମିଲ ହେବେ। ସେ କହିଛନ୍ତି ଯେ ପୂର୍ଣ୍ଣ ବିଶ୍ୱସ୍ତତାର ସହ ସେ ଏଜେନ୍ସୀଙ୍କୁ ତଦନ୍ତରେ ସହଯୋଗ କରୁଛନ୍ତି, ଯାହା ଆଗକୁ ଜାରି ରଖିବା ସହିତ ପ୍ରକ୍ରିୟାର ପାରଦର୍ଶିତା ସୁନିଶ୍ଚିତ କରିବେ। ଏହା ପୂର୍ବରୁ ସୁପ୍ରିମକୋର୍ଟ ଫେବୃଆରୀ ୪ ତାରିଖରେ ସିବିଆଇ ଓ ଇଡିଙ୍କୁ ତାଗିଦ କରି ବିନା କାରଣରେ ତଦନ୍ତ ବିଳମ୍ବ କରୁଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ।

ଏଥିରେ ଶର୍ମା ଯେତେବେଳେ ଅମ୍ବାନୀ ଦେଶ ଛାଡି ଦେଇ ପାରନ୍ତି ବୋଲି ସନ୍ଦେହ କଲେ ସେତେବେଳେ ଅନିଲ ଅମ୍ବାନୀଙ୍କ ପକ୍ଷରୁ କୋର୍ଟରେ ବରିଷ୍ଠ ଓକିଲ ମୁକୁଲ ରହତୋଗୀ ସେ ବିନା ଅନୁମତିରେ ଦେଶ ଛାଡିବେନି ବୋଲି କୋର୍ଟଙ୍କୁ ଭରସା ଦେଇଛନ୍ତି। ତେବେ ୨୬ ଫେବୃଆରୀ ହାଜିରି ଓ ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଏହି ହାଇପ୍ରୋଫାଇଲ ମାମଲାର ଦିଗ ନିର୍ଦ୍ଧାରଣ କରିବ।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

# କାକଟପୁର ପୁଲିସ ପକ୍ଷରୁ ବିଭିନ୍ନ ଦୋକାନ ଯାଞ୍ଚ

- ମିଳୁଛି, ହେଲେ ୫ଟଙ୍କାର ପୁଡିଆ ୭ରେ
- ଗୁଟଖା, ପାନ ମସଲା ବ୍ୟାନ ଏମିତି
- କାହା ପକେଟକୁ ଯାଉଛି ୨ ଟଙ୍କା ?

**କାକଟପୁର/ଅସ୍ତରଙ୍ଗ, ୧ ୯।୨ (ସଂଚାର ବ୍ୟୁରୋ):** ମୁଖ୍ୟ ବଜାର ବଡ଼ ବଡ଼ ଗ୍ରୋସରୀ ଦୋକାନ ଛାଡି ଦୋକାନ ରେ ପୁଲିସ ର ଅଚାନକ ଚଢ଼ାଉ। ଯାହାକୁ ନେଇ ସାଧାରଣ ରେ ଅସନ୍ତୋଷ ଦେଖିବାକୁ ମିଳିଛି।ସାଧାରଣତଃ ଗୁଟଖା ପାଉଚ ଗୋଟାକ ୫ଟଙ୍କାରେ ମିଳୁଥିଲା। ଏବେ ସମାନ ପାଉଚ ୩ଟାକୁ ୨୦ଟଙ୍କାରେ ବିକ୍ରି ହେଉଛି। ସେହିଭଳି ୧୦ଟଙ୍କା ରେ ୬ଟା ପାନ ମସଲା ପୁଡିଆ ହେଉଥିଲା। ଏବେ ଦୁଇଟା କମିଯାଇଛି। ୧୦ଟଙ୍କାରେ ୪ଟି ଦେଉଛନ୍ତି ଦୋକାନୀ। ସପ୍ତାହେ ପୂର୍ବରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗୁଟଖା ଓ ପାନ ମସଲା ଉତ୍ପାଦ ଓଡିଶାରେ ବିକ୍ରି ନିଷେଧ କରିବା ପରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଏ ଅବସ୍ଥା ଦେଖାଦେଇଛି। ମହତ ଉଦେଶ୍ୟ ନେଇ ସରକାର ନିଷେଧାଦେଶ ଜାରୀ କରିଥିବା ବେଳେ ଏହି ଉତ୍ପାଦ କୁ ନେଇ ଏବେ କଳାବଜାରୀ ଆରମ୍ଭ ହୋଇଯାଇଛି। ଯାହାକୁ ନେଇ ବାରମ୍ବାର ଖବର ପ୍ରକାଶିତ ପରେ ପୁରୀ ଜିଲ୍ଲା କାକଟପୁର ପୁଲିସ ତରଫରୁ କାକଟପୁର ମେଡିକାଲ ଛକ ଓ ମୂଳାଗଡ଼ ଛକରେ ସନ୍ଧ୍ୟା ସମୟରେ ପୋଲିସ ତରଫରୁ ଯାଞ୍ଚ ହୋଇଛି। କିନ୍ତୁ କାକଟପୁର ମୁଖ୍ୟ ବଜାର ରେ ଥିବା ବଡ଼ ବଡ଼ ଗ୍ରୋସରୀ ଦୋକାନ ଗୁଟଖା ମହଜୁଦ କରିଥିବା ବେଳେ ଛୋଟ ଦୋକାନ ରେ ଅଚାନକ ଚଢ଼ାଉ ସମସ୍ତ ଙ୍କୁ ସନ୍ଦେହ ସୃଷ୍ଟି କରିଛି।ଖାଲି ଫରକ ଏତିକି, ଆଗରୁ



ଦୋକାନରେ ଝୁଲାଇ ରଖୁଥିଲେ, ଏବେ ଲୁଚାଇ ରଖି କାରବାର କରୁଛନ୍ତି। ଅର୍ଥାତ ଗୁଟଖା, ପାନ ମସଲା ପୁଡିଆର ଉତ୍ପାଦନ, ବଜାରୀ କରଣ ଉପରେ ବ୍ୟାନର କୌଣସି ପ୍ରଭାବ ପଡୁନି। ଅନ୍ୟ ପଟେ ବ୍ୟାନବିଜ୍ଞପ୍ତି ପରେ ଗୁଟଖା ଓ ପାନ ମସଲା ପାଇଁ ଗ୍ରାହକ ଦେଉଥିବା ଅତିରିକ୍ତ ୨ରୁ ୩ଟଙ୍କା କାହା ପକେଟ କୁ ଯାଉଛି ବୋଲି ପ୍ରଶ୍ନ ଉଠିଲାଣି। ସରକାର ଘୋଷଣା କରିବା ଏବଂ ଏହାର କାର୍ଯ୍ୟ କାରିତା ରେ ଆକାଶ ପାତାଳ ଫରକ ଦେଖିବାକୁ ମିଳିଛି। କମ୍ପାନୀ ତିଆରି ଗୁଟଖା କୁ ବାଦ ଦେଲେ ମଧ ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ କାକଟପୁର ବଜାରରେ ବିପୁଳ ତମାଖୁ ଯୁକ୍ତ ପାନ ମସଲା ବିକ୍ରି ହେଉଛି। ଅସ୍ତରଙ୍ଗ, କାକଟପୁର ଅଞ୍ଚଳବାସୀ ଏହାର ମୁଖ୍ୟ ଉପଭୋକ୍ତା। ସରକାର ଙ୍କ ନିଷେଧା ଦେଶ ସତ୍ତ୍ୱେ ଏହାର କଳାବଜାର ପାଇଁ ବାଟ ଖୋଲି ଯାଇଛି। ନାମୀ କମ୍ପାନୀର ଗୁଟଖା ଓ ପାନ ମସଲା ଭଳି ସ୍ଥାନୀୟ ଉତ୍ପାଦନ ମୂଲ୍ୟ ବୃଦ୍ଧି ହୋଇଛି। ୫ଟଙ୍କାରେ ବିକ୍ରି ହେଉଥିବା ଗୁଟଖା ୭ଟଙ୍କା ହୋଇଥିବା ବେଳେ ୧ଟଙ୍କା ୭୫ପଇସାରେ ମିଳୁଥିବା ପାନ ମସଲା ଏବେ ୨ଟଙ୍କା ୫୦ପଇସା ହୋଇଯାଇଛି। ସାଧାରଣ ବୁଦ୍ଧିଜୀବୀ କହିଛନ୍ତି, ଏନଫୋର୍ସମେଣ୍ଟ ଏଜେନ୍ସୀ ଗୁଡିକ ଏ ଦିଗରେ ତତ୍ପରତା ଦେଖାଇବା ଆବଶ୍ୟକ ବୋଲି ସେ କହିଛନ୍ତି। ୨୦୧୩ମସିହାରେ ରାଜ୍ୟରେ ଗୁଟଖା ନିଷେଧ ଘୋଷଣା ହୋଇଥିଲା। ଗୁଟଖା ନିଷେଧ ପରେ କମ୍ପାନୀ ଗୁଡିକ ବ୍ୟବସାୟ ଜାରୀ ରଖିବାକୁ ଉତ୍ପାଦ ମଧ୍ୟରୁ ନିକୋଟିନ କୁ ପୃଥକ କରି ବଜାର ରେ ବିକ୍ରି କରିଥିଲେ। ଫଳରେ ଗୁଟଖା ବ୍ୟାନର କିଛି ମାନେ ରହିଲାନି।

## ଯାଜପୁରର ୧୫୧ କେନ୍ଦ୍ରରେ ୨୬, ୩୬୭ ପରୀକ୍ଷାର୍ଥୀଙ୍କ ଉପସ୍ଥିତି

- ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା, କଡ଼ା ସୁରକ୍ଷାରେ ଶାନ୍ତିପୂର୍ଣ୍ଣ ପରୀକ୍ଷା

**ଯାଜପୁର, ୧ ୯।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଆଜିଠାରୁ ଆରମ୍ଭ ହୋଇଛି ରାଜ୍ୟର ସବୁଠାରୁ ବଡ଼ ଶିକ୍ଷାଗତ ପରୀକ୍ଷା—ମାଟ୍ରିକ୍। ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ, ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ପରୀକ୍ଷା ପାଇଁ ଜିଲ୍ଲାର ୧୫୧ଟି ପରୀକ୍ଷା କେନ୍ଦ୍ରରେ ସକାଳୁ ହିଁ ଉତ୍ସାହ ଓ ଉତ୍କଣ୍ଠାର ପରିବେଶ ଦେଖାଯାଇଥିଲା।ଜିଲ୍ଲାରେ ମୋଟ ୨୭, ୦୦୧ ଜଣ ପରୀକ୍ଷାର୍ଥୀ ନାମଲେଖାଇଥିବା ବେଳେ ପ୍ରଥମ ଦିନରେ ୨୬, ୩୬୭ ଜଣ ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। କେତେକ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସୂଚନା ମିଳିଛି।ପ୍ରଥମ ଦିନରେ ମାତୃଭାଷା ବିଷୟର ପରୀକ୍ଷା ହୋଇଥିବାରୁ ଅଧିକାଂଶ ଛାତ୍ରଛାତ୍ରୀ ଆତ୍ମବିଶ୍ୱାସ ସହ କେନ୍ଦ୍ରକୁ ପହଞ୍ଚିଥିଲେ। ପରୀକ୍ଷା ପୂର୍ବରୁ ବିଭିନ୍ନ କେନ୍ଦ୍ର ବାହାରେ ଅଭିଭାବକମାନଙ୍କ ଭିଡ଼ ଦେଖାଯାଇଥିଲା। ଅନେକ ସ୍ଥାନରେ ପିଲାମାନେ ଶେଷ ମୁହୂର୍ତ୍ତର ପୁନରାବୃତ୍ତି କରୁଥିବା ଚିତ୍ର ମଧ ଦେଖିବାକୁ ମିଳିଥିଲା।ପରୀକ୍ଷାକୁ ନକଲମୁକ୍ତ ଓ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବିସ୍ତୃତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରତ୍ୟେକ କେନ୍ଦ୍ରରେ ପୁଲିସ୍ ବ୍ୟବସ୍ଥା, ମୋବାଇଲ୍ ସ୍କ୍ୱାଡ୍, ଫ୍ଲାଇଂ ସ୍କ୍ୱାଡ୍ ଓ ମ୍ୟାଜିଷ୍ଟ୍ରେଟ ଙ୍କୁ ନିୟୋଜିତ କରାଯାଇଥିଲା। କେତେକ ସଂବେଦନଶୀଳ କେନ୍ଦ୍ରରେ ବିଶେଷ ନଜରଦାରି ମଧ ରହିଥିଲା।ପରୀକ୍ଷା ପରେ ବହୁ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ସାଧାରଣ ଓ ସହଜ ଥିବା କଥା କହିଥିଲେ। ଶିକ୍ଷାବିତ୍ମାନ କହିଛନ୍ତି ଯେ, ପ୍ରଥମ ଦିନ ଭଲ ଯାଇଥିବାରୁ ପିଲାମାନଙ୍କ ମନୋବଳ ବଢ଼ିବ।ସମଗ୍ର ଜିଲ୍ଲାରେ ପ୍ରଥମ ଦିନର ପରୀକ୍ଷା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିବା ବେଳେ ଆଗାମୀ ଦିନଗୁଡ଼ିକୁ ନେଇ ପ୍ରଶାସନ ସତର୍କ ରହିଥିବା ସୂଚନା ମିଳିଛି।

## ୩ ବର୍ଷ ପରେ କାର୍ଯ୍ୟକ୍ଷମ ହେବ ଆମିଷ ବଜାର



**ଫୁଲବାଣୀ, ୧ ୯।୨ (ସଂଚର ବ୍ୟୁରୋ):** ଲୋକଙ୍କ ସୁବିଧା ପାଇଁ ସରକାର ନିର୍ମାଣ କରୁଛନ୍ତି ଅନେକ ପ୍ରକଳ୍ପ ଏଥିପାଇଁ ରାଜକୋଷରୁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ଅଥଚ ଅନେକ ପ୍ରକଳ୍ପ ବ୍ୟବହାରରେ ଲାଗି ପାରୁନି ଅବ୍ୟବହୃତ ହୋଇ ପଡ଼ି ରହି ନଷ୍ଟ ହୋଇଯାଉଛି ଯେମିତି ଫୁଲବାଣୀ ପୌର ପରିଷଦ ଦ୍ୱାରା ସହର ଉପକଣ୍ଠରେ ନିର୍ମିତ ହୋଇଥିଲା ଆମିଷ ବଜାର ତିନି ବର୍ଷ ହେଲା ନିର୍ମାଣ ସରିଛି ମାତ୍ର ବ୍ୟବହାର ଯୋଗୁଁ ହୋଇ ପାରିନାହିଁ ଖୁବ ଶୀଘ୍ର ଏହି ଆମିଷ ବଜାର କାର୍ଯ୍ୟକ୍ଷମ ହେବାକୁ ଯାଉଥିବା କୁହାଯାଉଛି। ଫୁଲବାଣୀ ସହରର ବିଭିନ୍ନ ସ୍ଥାନରେ ମାଛ ମାଂସ ବିକ୍ରିକୁ ବନ୍ଦ କରି ଗୋଟିଏ ଜାଗାରେ ସମସ୍ତ ଆମିଷ ଦ୍ରବ୍ୟ ବିକ୍ରି ପାଇଁ ଏହି ବଜାର ନିର୍ମାଣ କରାଯାଇଥିଲା। ୨୦୨୨ ସ୍ୱାୟତ୍ତ ଶାସନ ଦିବସ ଅବସରରେ ତତ୍କାଳୀନ ଅଧକ୍ଷା ସ୍ମିତାରାଣୀ ମହାନ୍ତି ଏହାର ଉଦ୍‌ଘାଟନ କରିଥିଲେ ଏହି ଆମିଷ ବଜାର ଗୃହ ପାଇଁ ଖର୍ଚ୍ଚ ହୋଇଛି ପ୍ରାୟ ଦେଢ଼ କୋଟି ଟଙ୍କା କିନ୍ତୁ ବିଭିନ୍ନ କାରଣ ଦେଖାଇ ସେଠାକୁ ଯିବା ପାଇଁ ରାଜି ହେଉ ନାହାନ୍ତି ଆମିଷ ବେପାରୀ। ମୁଖ୍ୟ ସହରଠୁ ଦୂର ଏବଂ ବିଭିନ୍ନ ଭିତିଭୂମି ଜନିତ ସମସ୍ୟା ପାଇଁ ନୂତନ ଆମିଷ ବଜାରକୁ ଯିବାପାଇଁ ଅମଙ୍ଗ ହେଉଛନ୍ତି ବ୍ୟବସାୟୀ। ଅବ୍ୟବହୃତ ହୋଇ ପଡ଼ି ରହିବାରୁ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଏହି ଆମିଷ ବଜାର ସହରର ବିଭିନ୍ନ ସ୍ଥାନରେ ତଥା ରାସ୍ତା କଡ଼ରେ ଚାଲିଛି ଆମିଷ ବିକ୍ରି ଏଜେଓ ହାଇସ୍କୁଲ ଖେଳପଡ଼ିଆ ଏବେ ସହରର ମୁଖ୍ୟ ମାଛ ବଜାରରେ ପରିଣତ ହୋଇଛି।

## ପରଲୋକ ପରେ ପାଖି ମାଡିଲେନି ଜାତିଭାଇ, ସାହା ହେଲେ ଶ୍ମଶାନ ବନ୍ଧୁ



**ସୁନ୍ଦରଗଡ଼, ୧ ୯।୨ (ସଂଚର ବ୍ୟୁରୋ):** କାହାଣି ପରି ଲାଗୁଥିବା ଏକ ଘଟଣା ଘଟିଛି ଟାଉନ ଥାନା ଅନ୍ତର୍ଗତ ଶଙ୍କରା ଗ୍ରାମରେ। ସଦର ଥାନା ଅନ୍ତର୍ଗତ ମେଘଡେଗା ଗ୍ରାମ ର ନରୋତ୍ତମ ମଗରଙ୍କ ଝିଅ ସୁରେଖା ମଗର ଘରୁ ପଳାୟନ କରି ଭଷ୍ମା ଥାନା ଅନ୍ତର୍ଗତ ମହିପାନି ଗ୍ରାମର ଗଣେଶ ମହାଭରାଙ୍କୁ ପ୍ରେମ ବିବାହ କରିଥିଲେ। ଗଣେଶ ଓ ସୁରେଖା ଉଭୟ ଅଲଗା ଜାତିର ହୋଇ ଥିବାରୁ ସୁରେଖାଙ୍କ ପରିବାର ଲୋକ ସମସ୍ତ ସମ୍ପର୍କ ଛିନ୍ନ କରି ଦେଲେ। ସୁରେଖା ଓ ଗଣେଶଙ୍କ ଔରସରୁ ଏକ ପୁଅ ଓ ଝିଅ ଅଛନ୍ତି। କିଛିଦିନ ସମ୍ପର୍କ ଠିକଠାକ ଚାଲିବା ପରେ ଗତ ୨୦୨୪ ରେ ସ୍ୱାମୀ ସ୍ତ୍ରୀ ଙ୍କ ମଧରେ ମନାନ୍ତର ହେବାରୁ ଗଣେଶଙ୍କୁ ଛାଡିଦେଇ ସୁରେଖା ସବୁଦିନ ପାଇଁ ନିଜ ବାହାଘରକୁ ଚାଲି ଆସିଲେ। ପରିବାର ମଧ ତାଙ୍କୁ ଆପଣାଇ ଘରେ ରଖିଥିଲେ। କିନ୍ତୁ ଗତବର୍ଷ ସୁରେଖାଙ୍କୁ ନିଜର କକା ପୁଅ ଭାଇ ବିଶୋକ ମଗର ଘରୁ ଧରି ପଳାୟନ କଲା। ଏହା ଜଣାପଡ଼ିବା ପରେ ଅନେକ ଖୋଜା ଖୋଜି କରିବା ପରେ ମଧ ଉଭୟଙ୍କୁ ପରିବାର ଲୋକ ପାଇ ନଥିଲେ। ଏପଟେ ଭାଇ ଭଉଣୀ ଭିତରେ ଏହି ପାପ ସମ୍ପର୍କକୁ ନେଇ ତାଙ୍କ ପରିବାରକୁ ଅନେକ ଲୋକହସା ଓ ହୀନସ୍ତା ହେବାକୁ ପଡ଼ିଲା। ଗତ ୧୭ ଫେବୃଆରୀ ଦିନ ସୁରେଖାଙ୍କ ଶବ ଶଙ୍କରାର ଏକ ପୋଖରୀରେ ଭାସୁଥିବା ଟାଉନ ପୋଲିସକୁ ଖବର ମିଳିଥିଲା। ଟାଉନ ଥାନାର ତଦନ୍ତକାରି ଅଧିକାରୀ ଏସଆଇ ସୁନିଲ ମହନ୍ତ ଅନେକ ଖୋଜ ଖବର ପରେ ମେଘଡେଗାର ନରୋତ୍ତମ ମଗରଙ୍କ ଝିଅ ସୁରେଖା (୩୫) ବୋଲି ଚିହ୍ନଟ କରିଥିଲେ ଓ ନରୋତ୍ତମକୁ ଖବର ଦେଇଥିଲେ। ନରୋତ୍ତମ ଆସି ଝିଅର ଶବକୁ ଚିହ୍ନଟ କରିଥିଲେ ମଧ ଶବ ନେବା କୁ ସିଧା ସିଧା ମନା କରିଦେଇ ଥିଲେ। ଜୟଜଗନ୍ନାଥ ଟ୍ରକର୍ସ ଆସୋସିଏସନ ତରଫରୁ ଶବ ସଂସ୍କାର ସକାଶେ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିଲା।

## ପାଣିକୋଇଲିର ନେମ୍ ଆଣ୍ଡ ଫେମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ପାଳନ



**ଯାଜପୁର ରୋଡ, ୧ ୯।୨ (ସଂଚାର ବ୍ୟୁରୋ):** ପାଣିକୋଇଲି ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ନେମ ଆଣ୍ଡ ଫେମ ପବ୍ଲିକ ସ୍କୁଲର ୭ତମ ବାର୍ଷିକ ଉତ୍ସବ ଏକ ବର୍ଣାଢ୍ୟ ପରିବେଶରେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ସ୍କୁଲର ଅଧକ୍ଷା ମମତା ପଣ୍ଡା'ଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନବୋଦୟ ବିଦ୍ୟାଳୟର ପ୍ରିନସିପାଲ ଅଭିମନ୍ୟୁ ଭଟ, ସଂମ୍ମାନିତ ଅତିଥି ଭାବେ ସ୍କୁଲର ପ୍ରତିଷ୍ଠାତା ଶ୍ରୀ ବନୋଜ ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ,ଯାଜପୁର ରୋଡ ଅଗ୍ନିଶମ ଅଧିକାରୀ ତାପସ ମନ୍ତ୍ରୀ ,ସିଆରସି କେଶବ ଚନ୍ଦ୍ର ସେଠି,ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ କୁ ଉଦଘାଟନ କରିବା ସଂଗେ ସଂଗେ ପିଲାମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ସ୍କୁର ଉତରୋତର କାମନା କରିଥିଲେ। ପିଲାମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାରେ ନୃତ୍ୟ ଓ୍ ଗୀତ ପରିବେଷଣ କରାଯାଇଥିଲା ଏବଂ ଏଥି ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ଦ୍ୱାରା ପୁରସ୍କୃତ କରାଯାଇଥିଲା। ପିଲାମାନଙ୍କର ଉଜ୍ଜଳ ଭବିଷ୍ୟତ ଓ୍ ଭଲ ମଣିଷ ଟିଏ କରି ଗଢି ତୋଳିବାରେ ପ୍ରମୁଖ ଭୂମିକା ପିତା ମାତା ଓ୍ ପରେ ଗୁରୁ ଅତିଥି ମାନେ ବକ୍ତବ୍ୟ ରଖିଥିଲେ । ପିଲାମାନେ ପାଠ ପଢିବା ସହିତ ନିଜଭିତରେ ରହିଥିବା ଅନ୍ତର୍ନିହିତ ଲୁକାୟିତ ପ୍ରତିଭାକୁ ସମାଜରେ ଉଜାଗର କରିବା ପାଇଁ ଏହି ବାର୍ଷିକ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସ୍କୁଲ ପ୍ରତିଷ୍ଠାତା ବନୋଜ ଜେନା ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଅଙ୍ଗନବାଡି କର୍ମୀଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକଦିବସୀୟ ତାଲିମ୍

**ଫୁଲବାଣୀ, ୧ ୯।୨ (ସଂଚର ବ୍ୟୁରୋ):** ଫିରିଙ୍ଗିଆ ସମ୍ମିଳିତ ଶିଶୁ ବିକାଶ ପ୍ରକଳ୍ପ (ଆଇସିଡିଏସ୍) କାର୍ଯ୍ୟାଳୟରେ ବାଲ ରକ୍ଷା ଭାରତ ଙ୍କ ପକ୍ଷରୁ ଅଙ୍ଗନବାଡି କର୍ମୀମାନଙ୍କ ପାଇଁ ଏକ ଦିବସୀୟ ଦକ୍ଷତା ବୃଦ୍ଧି ତାଲିମ୍ କାର୍ଯ୍ୟକ୍ରମ ସଫଳଭାବେ ଅନୁଷ୍ଠିତ ହୋଇଛି। ଏହି ତାଲିମ୍ ମନୋଜ କୁମାର ମିଶ୍ର ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୨୫୦ ରୁ ଅଧିକ ଅଙ୍ଗନବାଡି କର୍ମୀ ଅଂଶଗ୍ରହଣ କରି ନିଜ ଦକ୍ଷତା ଓ ଜ୍ଞାନକୁ ସୁଦୃଢ଼ କରିଥିଲେ। ତାଲିମରେ ଶିଶୁଙ୍କ ପ୍ରଥମ ୧୦୦୦ ଦିନର ଗୁରୁତ୍ୱ, ଟୀକାକରଣ ପ୍ରକ୍ରିୟା, ପୋଷଣ ଓ ବୃଦ୍ଧି ପରିଚାଳନା, ଭିଏଚଏସଏନଡି (ଭିଏଚ୍‌ଏସ୍‌ଏନ୍‌ଡି) ର ଗୁଣବତ୍ତା ବୃଦ୍ଧି, ଆଦର୍ଶ ଭିଏଚ୍‌ଏସ୍‌ଏନ୍‌ଡିର ମାନଦଣ୍ଡ, ଏବଂ ଓଋଉ ମେଟେରିଆଲ୍‌ର ସଠିକ ବ୍ୟବହାର ଇତ୍ୟାଦି ମୁଖ୍ୟ ବିଷୟରେ



ବ୍ୟାପକ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିବେଦିତା ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିନ୍ମୟୀ ପ୍ରଭା ଗନ୍ତାୟତ ସହିତ ଟିକିନା ରାଣୀ ସ୍ୱାଇଁ, ସୋନାଲି ସାହୁ ଓ ଏ ଏନ ଏମ ଝିଲ୍ଲୀ ନାୟକ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ୍ କାର୍ଯ୍ୟକ୍ରମକୁ ସଫଳ କରିବାରେ ସଞ୍ଜୟ କୁମାର ରାଉତ, ହୋସନା ଅକ୍ତାରୀ, ଶିବାନୀ ପାଣିଗ୍ରାହୀ, ନିରୁପମା ତାଣ୍ଡି, ଦୀପ୍ତି ପତି, ଓବେଦ ସିଂ, ଅଶୋକ ଦିଗାଲ, ଭୂପତି ବେହେରା, ପ୍ରିୟତମା ନାୟକ, ପପୁନ ସାହୁ ଓ ସମସ୍ତ ସୁପରଭାଇଜର ଦିଦିମାନେ ଉପସ୍ଥିତ ଥିଲେ ଏବଂ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ। ଏହି ତାଲିମ୍ ମାଧମରେ ଅଙ୍ଗନବାଡି କର୍ମୀମାନେ ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ସୁରକ୍ଷାରେ ନିଜ ଭୂମିକାକୁ ଆହୁରି ଦୃଢ଼ କରିବା ପାଇଁ ପ୍ରେରିତ ହୋଇଥିଲେ। ସମାଜର ସ୍ୱାସ୍ଥ୍ୟ ଓ ପୋଷଣ ଉନ୍ନତି ପାଇଁ ଏପରି ପ୍ରଶିକ୍ଷଣ ଆଗାମୀଦିନରେ ମଧ ଜାରି ରହିବ ବୋଲି ଆଶା ପ୍ରକାଶ କରାଯାଇଛି।

## କୁଜଙ୍ଗ ବଜାର ପରିବା ବ୍ୟବସାୟୀ ସଙ୍ଘର କର୍ମକର୍ତ୍ତା ନିର୍ବାଚନ ଶେଷ

**ପାରାଦ୍ୱୀପ, ୧ ୯।୨ (ସଂଚାର ବ୍ୟୁରୋ):** କୁଜଙ୍ଗ ବଜାର ସ୍ଥିତ ବାବା ଆଖଣ୍ଡଳମଣି ପରିବା ବ୍ୟବସାୟୀ ସଂଘ ର ନୂତନ କର୍ମକର୍ତ୍ତା ମାନଙ୍କୁ ବିପୁଳ ସ୍ୱାଗତ ଓ ସମ୍ବର୍ଦ୍ଧନା।



ଦୀର୍ଘ ୨୦ବର୍ଷ ପରେ ସଂଘ ର ନିର୍ବାଚନ ହୋଇଛି। ଏଥିରେ ସଭାପତି ଭାବେ ସମ୍ଭୁ ନାଥ ନିର୍ବାଚିତ ହୋଇଥିବା ବେଳେ ସଂପାଦକ ଭାବେ ପୁନର୍ବାର ସନ୍ତୋଷ କୁମାର ରାଉତ ନିର୍ବାଚିତ ହୋଇଛନ୍ତି।ପନିପରିବା ବ୍ୟବସାୟ ପାଇଁ କୁଜଙ୍ଗ ଅଞ୍ଚଳ ପ୍ରସିଦ୍ଧି ରହିଛି। ପାରାଦୀପ ଠାରୁ ଆରମ୍ଭ କରି ରାହାମା ଓ ଆଖପାଖ ପଞ୍ଚାୟତ କୁଜଙ୍ଗ ପରିବା ହାଟ ଉପରେ ନିର୍ଭର କରିଥାନ୍ତି।ହେଲେ ଏହି ପରିବା ବ୍ୟବସାୟୀ ମାନଙ୍କ ବିଭିନ୍ନ ସମସ୍ୟା ଲାଗି ରହିଛି। ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ଠାରୁ ଆରମ୍ଭ କରି ଦୋକାନ ପିଣ୍ଡିର ମରାମତି ଓ ବିଭିନ୍ନ ମୌଳିକ ସମସ୍ୟା ରହିଛି। ଦୀର୍ଘଦିନ ର ସମସ୍ୟା କୁ ସୁଧାର ଆଣିବା ପାଇଁ ପ୍ରଶାସନ କୁ ଅନୁରୋଧ କରିବେ ବୋଲି ନବ ନିର୍ବାଚିତ ସଭାପତି ସମ୍ଭୁ ନାଥ କହିଛନ୍ତି। ଦୀର୍ଘ ୨୦ବର୍ଷ ପରେ ସଂଘର ସଭାପତି କୁ ପରିବର୍ତ୍ତନ କରାଯାଇଥିବା ବେଳେ ପରିବା ବ୍ୟବସାୟୀ ମାନେ ସଂଘ କାର୍ଯ୍ୟାଳୟ ରେ ସମସ୍ତ ନବ ନିର୍ବାଚିତ କର୍ମକର୍ତ୍ତା ଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ସମସ୍ତ ପରିବା ବ୍ୟବସାୟୀ ମାନେ ଉତ୍ସାହିତ ଅଛନ୍ତି ବୋଲି ସଂଘର ସମ୍ପାଦକ କହିଛନ୍ତି।

## ଜିଲ୍ଲାର ୬୭ କେନ୍ଦ୍ରରେ ୧୧ ହଜାର ପରୀକ୍ଷାର୍ଥୀ ଦେଉଛନ୍ତି ପରୀକ୍ଷା

**ଫୁଲବାଣୀ, ୧ ୯।୨ (ସଂଚର ବ୍ୟୁରୋ):** ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା ଓ ପରୀକ୍ଷା ପାଇଁ କାନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅନୁସାଙ୍ଗିକ ସୁବିଧା ମଧ କରାଯାଥିବା ବେଳେ ପରୀକ୍ଷା କେନ୍ଦ୍ର ମାନଙ୍କରେ ସୁରକ୍ଷା ବ୍ୟବସ୍ଥା କୁ ମଧ କଡ଼କଡ଼ି କରାଯାଇଛି ଓ ତେବେ ଶିକ୍ଷା ବିଭାଗର ସୂଚନା ଅନୁଯାୟୀ, ଚଳିତ ବର୍ଷ କନ୍ଧମାଳ ଜିଲାର ୨୧୪ ଉଚ୍ଚ ବିଦ୍ୟାଳୟର ସମୁଦାୟ ୧୧, ୭୧୭ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଏମାନଙ୍କ ମଧରେ ୧୦, ୯୪୨ ଜଣ ରେଗୁଲାର ମାଟ୍ରିକ ପରୀକ୍ଷାର୍ଥୀ ରହିଥିବା ବେଳେ ୧୫୫ ଜଣ ମଧମା ଓ ୫୭୫ ଜଣ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ରହିଛନ୍ତି। ସେମାନଙ୍କ ମଧରୁ ୩୯ ଜଣ ଏକ୍ସ ରେଗୁଲାର ଓ ୬ ଜଣ ପତ୍ର ବିନିମୟ ପାଠ୍ୟକ୍ରମର ପରୀକ୍ଷାର୍ଥୀ ରହିଛନ୍ତି। ଜିଲାରେ ସମୁଦାୟ ୬୭ଟି ପରୀକ୍ଷା କେନ୍ଦ୍ର ଖୋଲା ଯାଉଛି। ପ୍ରଶ୍ନପତ୍ର ସୁରକ୍ଷିତ ରଖିବାକୁ ୧୬ଟି ନୋଡାଲ ସେଣ୍ଟର ବ୍ୟବସ୍ଥା କରାଯାଇଛି। ବାଲିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଜି. ଉଦୟଗିରି ହବାକ ହାଇସ୍କୁଲ, କେ. ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ, ସାରଙ୍ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ, ଖଜୁରୀପଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଫିରିଙ୍ଗିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ ଏଜେଓ ହାଇସ୍କୁଲ, ରାଇକିଆ ସେଣ୍ଟ କ୍ୟାଥେରିନ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ଚିହ୍ନଟ କରାଯାଇଥିବା ବେଳେ ଚକାପାଦ, ଦାରିଙ୍ଗବାଡି, ବ୍ରାହ୍ମଣୀ ଗାଁ, କୋଟଗଡ଼, ଗୋଚ୍ଛାପଡା, ବେଲଘର ଓ ତୁମୁଡିବନ୍ଧ ଥାନାରେ ପ୍ରଶ୍ନପତ୍ର ରଖିବା ବ୍ୟବସ୍ଥା କରାଯାଇଛି।

## ନିଶା ମୁକ୍ତ ଭାରତ ପାଇଁ ସଚେତନତା କାର୍ଯ୍ୟକ୍ରମ



**ବୈଶିଙ୍ଗ, ୧ ୯।୨ (ସଂଚର ବ୍ୟୁରୋ):** ଭାରତ ସରକାରଙ୍କ ଯୁବ ଏବଂ କ୍ରୀଡା ବିଭାଗର ସହାୟତାରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବେତନଟୀ ଆନୁକୂଲ୍ୟରେ ନିଶା ମୁକ୍ତ ଭାରତ ଗଠନ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ସଂଚାଳିକା ବିକେ ସାବିତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବେତନଟୀ ଜଳ ସେଚନ ବିଭାଗର ଏସ ଡି ଓ ଲକ୍ଷ୍ମଣ କୁମାର ମାଝୀ, ମୁଖ୍ୟ ବକ୍ତା ଭାବରେ ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼କ୍ଟର ରମାକାନ୍ତ ସିଂହ, ଭାରତୀୟ ରେଡକ୍ରସ ସୋସାଇଟିର ଭାଇସ ପେଟ୍ରୋନ ଡ଼କ୍ଟର ରମାକାନ୍ତ ମହାନ୍ତ ଯୋଗଦାନ କରିନିଶା ଦ୍ରବ୍ୟ ସେବନର କୁପରିମାଣ ବିଷୟରେ ସଚେତନତା ସୃଷ୍ଟି କରିଥିଲୋ ନିଶା ନିବାରଣ ସଦଭାବନା ଭବନ ନିକଟରୁ ବାହାରି ହୀରାଲାଲ ହାଇସ୍କୁଲ, ଆମ୍ବଯୋଡ଼ା, ଆଗୁଆଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଗୁଆଡ଼, ଦୁର୍ଗାପୁର ହାଇସ୍କୁଲ, ଦୁର୍ଗାପୁର, ରଙ୍ଗପାଣି ସରକାରୀ ହାଇସ୍କୁଲ, ରଙ୍ଗପାଣି, ଶାଳଗାଁ ଉଚ୍ଚ ବିଦ୍ୟାଳୟ, ଶାଳ ଗାଁର ଛାତ୍ର ଛାତ୍ରୀ ଏବଂ ନୁଣୁ କୁଆ, ଆଗ୍ରିଆ, ନାଖରା, ଆଡିଆ ସାହି, ପାଟଳିପୁରାର ସର୍ବ ସାଧାରଣ ଗ୍ରାମବାସୀ ମାନଙ୍କୁ ନିଶାଦ୍ରବ୍ୟ ସେବନର ଅପକାରିତା ବିଷୟରେ ବିଶଦ ଭାବରେ ବୁଝାଇ ଥିଲେ । ପାଟଳିପୁରା ଗୀତା ପାଠଶାଳାର ସଂଚାଳିକା ବିକେ ମମତାଙ୍କର ନେତୃତ୍ୱରେ ଏଡଭୋକେଟ ବିକେ ସତ୍ୟବାନ, ବିକେ ନମିତା, ବିକେ ଦିବ୍ୟ, ବିକେ ରବି, ବିକେ ଛତିଶ ପ୍ରମୁଖ ବିଭିନ୍ନ ବିଦ୍ୟାଳୟ ଏବଂ ଗ୍ରାମ କୁ ଯାଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ । ଉଦଘାଟନ ସଭାକାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବ୍ରହ୍ମାକୁମାରିଜ ସଂଗଠନର ଜିଲ୍ଲା ସହ ସଂଚାଳିକା ବିକେ ବନିତା।

## ସରକାରୀ ନିୟମକୁ ବେଖାତିର କରି, ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ମନମାନି

**ମାହାଙ୍ଗା, ୧ ୯।୨ (ସଂଚର ବ୍ୟୁରୋ):** ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କୁନି କୁନି ପିଲାମାନଙ୍କ ନିମନ୍ତେ ଅଙ୍ଗନୱାଡି କେନ୍ଦ୍ର ଖୋଲିଛନ୍ତି ହେଲେ ଏଭଳି ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି ଯେଉଁ କେନ୍ଦ୍ରରେ ଅନିୟମିତତା ହେବା, ଅନେକ ସମୟରେ ବିଳମ୍ବରେ କେନ୍ଦ୍ର ଖୋଲା ଯିବା ସହ କର୍ମୀଙ୍କ ଦେଖାମିଳୁନାହିଁ ଓ ଏଭଳି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ପଲ୍ଲିସାହି ପଞ୍ଚାୟତ ସ୍ଥିତ ତୁଳସୀପୁର ଅଙ୍ଗନୱାଡି କେନ୍ଦ୍ରରେ ଓ ଏହି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ଚିତ୍ର ରେଖା ବେଦାନ୍ତ ଓ ସହାୟିକା ୯ଟା ୫୫ ପର୍ଯ୍ୟନ୍ତ କେନ୍ଦ୍ରକୁ ଆସି ନ ଥିଲେ ଓ ଯାହା ଫଳରେ ୯ଟା ୫୫ ପର୍ଯ୍ୟନ୍ତ କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି ଓ ସରକାରଙ୍କ ନିୟମ ଅନୁଯାୟୀ ୯ଟାରେ କେନ୍ଦ୍ର ଖୋଲା ଯାଇ ୧ ଟା ରେ ବନ୍ଦ ହୋଇଥାଏ ଓ ଯାହାକି ସରକାରଙ୍କ ନିୟମ କୁ କେନ୍ଦ୍ରର କର୍ମୀ ଓ ସହାୟିକା ଅଣଦେଖା କରିବା ସହ ସମ୍ପୂର୍ଣ୍ଣ ଭାବେ ଫୁ କରି ଦେଉଛନ୍ତି! ଏହି କେନ୍ଦ୍ରରେ କିଶୋରୀ ମାନଙ୍କ ଅଣ୍ଡା ଓ କୁନି କୁନି ପିଲାଙ୍କ ବାବଦକୁ ଅଣ୍ଡା ସଠିକ ଭାବେ ଦିଆଯାଉଛି କି ନାହିଁ ତାହା ତଦନ୍ତ କଲେ ଜଣାପଡ଼ିବ ଓ ସେହିପରି ପିଲାମାନଙ୍କୁ ସକାଳ ଜଳଖିଆ ଓ ରୋଷେଇ ଖାଦ୍ୟ ସଠିକ ଭାବେ ଦେଉଛନ୍ତି କି ନାହିଁ ତାହା ତଦନ୍ତ ସାପେକ୍ଷ! ଦାୟିତ୍ୱରେ ଥିବା ସୁପର ଭାଇଜର କିପରି ଭାବେ ତଦନ୍ତ କରୁଛନ୍ତି ତାହାକୁ ନେଇ ବଡ଼ ପ୍ରଶ୍ନ ଉଠିଛି ଓ ସେହିପରି ସିଡିପିଓ ଗୁରୁବାରୀ ସିଂହଙ୍କୁ ଯୋଗାଯୋଗ କରିବାରୁ ଯଦି କେହି ଅଙ୍ଗନୱାଡି କର୍ମୀ କି ସହାୟିକା କାର୍ଯ୍ୟରେ ଅବହେଳା କରିଥିବେ ତେବେ ମୋର ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ଜଣାଇବି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ଟୁକପଳାସିଆ ଜଙ୍ଗଲରୁ ହାତୀ ଛୁଆର ମୃତଦେହ ଉଦ୍ଧାର

**ବାରିପଦା, ୧ ୯।୨ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ରସଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ମୋରଡ଼ା ବ୍ଲକ ର ଟୁକପଳାସିଆ ଜଙ୍ଗଲରୁ ଏକ ହାତୀ ଛୁଆର ମୃତଦେହକୁ ଆଜି ବନବିଭାଗ ଉଦ୍ଧାର କରିଅଛି। ଛୁଆ ହାତୀର ବୟସ ପାଖାପାଖୀ ଏକ ରୁ ଦେଢ଼ ମାସ ହେବ ବୋଲି ଅନୁମାନ କରାଯାଉଅଛି। ଆଜି ଅପରାହ୍ନରେ ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇଥିବାବେଳେ ହାତୀଛୁଆଟି ମରିପଡ଼ିଥିବାର ଦେଖି ବନବିଭାଗ କୁ ଖବର ଦେଇଥିଲେ। ଖବର ପାଇ ବାରିପଦା ବନଖଣ୍ଡ ଅଧିକାରୀ ଙ୍କ ସମେତ ରସଗୋବିନ୍ଦପୁର ରେଞ୍ଜର ଏବଂ ଅନ୍ୟ ବନବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ହାତୀଛୁଆ ର ମୃତ ଦେହ ଉଦ୍ଧାର କରିଛନ୍ତି। ସୂଚନା ଯୋଗ୍ୟକି ବିଗତ କିଛି ଦିନ ହେବ ଏକ ତେର ଟିକିଆ ଝାଡ଼ଖଣ୍ଡୀ ହାତୀପଲ ଉକ୍ତ ଅଞ୍ଚଳରେ ଡେରା ପକାଇଛନ୍ତି। ତେଣୁ ଉକ୍ତ ହାତୀପଲ ରେ ଥିବା ଦନ୍ତାହାତୀ ର ଆକ୍ରମଣରେ ହାତୀ ଛୁଆର ମୃତ୍ୟୁ ଘଟିଥିବାର ଅନୁମାନ କରାଯାଉଅଛି। ତେବେ ଏ ବାବଦରେ ବନବିଭାଗ ପକ୍ଷରୁ ତଦନ୍ତ ଜାରିରହିଅଛି।

## ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ, ଶାଖାର ସାଙ୍ଗଠନିକ ବୈଠକ

**ବାରିପଦା, ୧ ୯।୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ମୁର୍ଗାବାଡିଠାରେ ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚ, ମୟୁରଭଞ୍ଜ ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି



ରାଜ୍ୟ ମଞ୍ଚ ଉପାଧକ୍ଷ ଅଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୟୁରଭଞ୍ଜ ଶାଖାର ସଦସ୍ୟ ମାନେ ଉପସ୍ଥିତ ରହି ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ଜନ ସଚେତନତା ଜାଗରଣ ଉପରେ ଆଲୋକପାତ କରିଥିଲେ । ଗତବର୍ଷ ମାନଙ୍କରେ ଜିଲ୍ଲପାଳ, ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ତଥା ବ୍ଲକ ସ୍ତରୀୟ ପଦାଧିକାରୀଙ୍କୁ ଭେଟି ସଂଗଠନ ସାଧାରଣ ଲୋକଙ୍କ ଅନେକ ସମସ୍ୟାର ସମାଧାନ ଦିଗରେ ସହାୟକ ହୋଇପାରିଛି ବୋଲି କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲୋ ଆଗାମୀ ଦିନରେ ସଂଘର ଆଭିମୁଖ୍ୟକୁ ସଫଳ କରିବା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ମୁକ୍ତେଶ୍ୱର ଜୀଉ- ସଭାପତି, ବିଭୁତି ଭୂଷଣ ସଦୁଆଳ- କାର୍ଯ୍ୟକାରୀ ସଭାପତି, ଆଲୋକ କୁମାର ରଣା, ହରିନାରାୟଣ ମିଶ୍ର ଓ ଦିଲ୍ଲୀପ କୁମାର ଦାସ - ଉପ ସଭାପତି, ସୁନୀଲ କୁମାର ହୋତା - ସମ୍ପାଦକ, ରାଧାଗୋବିନ୍ଦ ବେହେରା - କୋଷାଧକ୍ଷ ଏବଂ ଉପଦେଷ୍ଟା ଭାବେ ସଞ୍ଜୟ କୁମାର ଷଡ଼ଙ୍ଗୀ, ଦିଲ୍ଲୀପ କୁମାର ପଣ୍ଡା, ଭାନୁପ୍ରତାପ ଭଞ୍ଜଦେଓ, ଉଦୟନାଥ ଦେ ତଥା ମହିଳା ମଞ୍ଚ ସଂଯୋଜିକା ଭାବେ ରଞ୍ଜିତା ବେହେରାଙ୍କୁ ଚୟନ କରାଯାଇଥିଲା ।

## ଗଡ଼ିଲା ଜୁନଗଡ଼ ରୋଡ୍-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍

### ହାଓଡ଼ା-ଟିଟଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍‌କୁ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ

**କଳାହାଣ୍ଡି, ୧ ୯।୨ (ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ହାଓଡ଼ା-ଟିଟଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି। ଏହି ସମ୍ପ୍ରସାରଣ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲ୍ଲାର ଜନସାଧାରଣଙ୍କ ପାଇଁ ଅଧିକ ଯାତ୍ରୀ ସୁବିଧା, ଉନ୍ନତ ସୁଗମତା ଏବଂ ନୂତନ ସୁଯୋଗ ଆଣିବ। ଜୁନାଗଡ଼ ରୋଡ୍ ଏବଂ ଟିଟଲାଗଡ଼



ମଧ୍ୟରେ ବିସ୍ତାରିତ ଅଂଶର ଉଦଘାଟନୀ ରେଳ କୁ ଆଜି ଜୁନାଗଡ଼ ରୋଡ୍ ଷ୍ଟେସନରେ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ମାନ୍ୟବର ସାଂସଦ, ଲୋକସଭା, କଳାହାଣ୍ଡି, ଶ୍ରୀମତୀ ମାଳବିକା ଦେବୀ ଏହି ଅବସରରେ ଯୋଗ ଦେଇଥିଲେ। ମାନ୍ୟବର ସାଂସଦ, ଶ୍ରୀମତୀ ମାଳବିକା ଦେବୀ ଭବାନୀପାଟଣା ପର୍ଯ୍ୟନ୍ତ ଉଦଘାଟନୀ ଟ୍ରେନ୍ ରେ ଯାତ୍ରା କରିଥଲେ। ନିୟମିତ ସେବା:- ଟ୍ରେନ୍ ନମ୍ବର ୧୨୮୭୧ (ହାଓଡ଼ା-ଟିଟଲାଗଡ଼ ଏକ୍ସପ୍ରେସ୍) ଏବେ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ଚାଲିବ, ଯାହା ୨୧.୦୨.୨୦୨୬ ରୁ ହାଓଡ଼ାରୁ ଆରମ୍ଭ ହେବ। ଟ୍ରେନ ନମ୍ବର ୧୨୮୭୨ (ଟିଟଲାଗଡ଼-ହାଓଡ଼ା ଏକ୍ସପ୍ରେସ୍) ୨୨.୦୨.୨୦୨୬ ରୁ ଜୁନାଗଡ଼ ରୋଡରୁ ଆରମ୍ଭ ହେବ। ସମ୍ପ୍ରସାରିତ ହାଓଡ଼ା-ଟିଟଲାଗଡ଼ - ଜୁନାଗଡ଼ ରୋଡ ଇସ୍ପାତ ଏକ୍ସପ୍ରେସ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ କେସିଙ୍ଗା, ଲାଞ୍ଜିଗଡ଼ ରୋଡ ଏବଂ ଭବାନୀପାଟଣା ଷ୍ଟେସନରେ ରହଣି କରିବ ଓ ହାଓଡ଼ା ଏବଂ ଟିଟଲାଗଡ଼ ମଧ୍ୟରେ ସମସ୍ତ ବିଦ୍ୟମାନ ରହଣି ଏବଂ ସମୟ ଅପରିବର୍ତ୍ତିତ ରହିବ। ଟ୍ରେନଟି ହାଓଡ଼ା ଏବଂ ଟିଟଲାଗଡ଼ ମଧ୍ୟରେ ଏକ ସୁପରଫାଷ୍ଟ ଏକ୍ସପ୍ରେସ ଏବଂ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ ଏକ ମେଲ/ଏକ୍ସପ୍ରେସ ସେବା ଭାବରେ କାର୍ଯ୍ୟ କରିବ। ପୂର୍ବରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଗରିମା ତିୱାରୀ ଅତିଥି ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ସ୍ୱାଗତ କରିଥିଲେ। ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣ, ଅଧିକାରୀ, କର୍ମଚାରୀ ଏହି କାର୍ଯ୍ୟକ୍ରମର ସାକ୍ଷୀ ଥିଲେ।

# ରକ୍ତ ସଞ୍ଚାଳନରେ ଉନ୍ନତ ଆଣିବା ପାଇଁ କରନ୍ତୁ ଯୋଗାସନ



**ଶୀତ ଋତୁରେ ଶାରୀରିକ କାର୍ଯ୍ୟକଳାପ ହ୍ରାସ ପାଏ। ଆମେ ଅଧିକାଂଶ ସମୟ ବସି କିମ୍ବା କମ୍ବଳ ତଳେ ଶୋଇ ରହିଥାଉ। ଏହା ରକ୍ତ ସଞ୍ଚାଳନକୁ ଧୀର କରିଦିଏ। ଏହା ବ୍ୟତୀତ, ଥଣ୍ଡା ପାଗ ରକ୍ତବାହୀ ନଳୀଗୁଡ଼ିକୁ ସଙ୍କୁଚିତ କରିଦିଏ, ଯାହା ରକ୍ତ ସଞ୍ଚାଳନକୁ ଆହୁରି ମନ୍ଥର କରିଦିଏ। କିନ୍ତୁ ପ୍ରତିଦିନ କିଛି ସରଳ ଯୋଗ ଆସନ ଅଭ୍ୟାସ କରି, ରକ୍ତ ସଞ୍ଚାଳନକୁ ପୁଣି ଉନ୍ନତ କରାଯାଇପାରିବ।**

**ତାଡାସନ:** ଏହା ଏକ ଅତି ସରଳ ଯୋଗ ଆସନ ଯାହା ସାରା ଶରୀରରେ ରକ୍ତ ସଞ୍ଚାଳନକୁ ବୃଦ୍ଧି କରେ। ଏହା ଶରୀରର ପୋଷ୍ଟରରେ ମଧ୍ୟ ଉନ୍ନତି ଆଣିଥାଏ।

**ଶ୍ୱାନ ଆସନ:** ଏହି ଆସନ ଶୀତକାଳୀନ ବିରୋଧାଭାସ ଭାବରେ ବିବେଚନା କରାଯାଏ। କାରଣ ଏହା ମୁଣ୍ଡ ଏବଂ ହୃଦୟକୁ ସୁସ୍ଥ ରଖେ। ଏହା ମୁଣ୍ଡର ରକ୍ତ ପ୍ରବାହ ବୃଦ୍ଧି କରେ ଏବଂ ଶୀତକାଳୀନ ଆଳସ୍ୟରୁ ମୁକ୍ତି ଦିଏ।

**ଭୁଜଙ୍ଗାସନ:** ଛାତି ଏବଂ ଫୁସଫୁସ ଖୋଲିବା ପାଇଁ ଏହା ଏକ ଉତ୍କୃଷ୍ଟ ଆସନ। ଏହା ମେରୁଦଣ୍ଡକୁ ନମନୀୟ କରିଥାଏ ଏବଂ ଶ୍ୱାସକ୍ରିୟା ପ୍ରଣାଳୀକୁ ଶକ୍ତିଶାଳୀ କରିଥାଏ, ରକ୍ତରେ ଅମ୍ଳଜାନ ବୃଦ୍ଧି କରିଥାଏ।

**ବୀରଭଦ୍ରାସନ:** ଏହି ଆସନ ଶରୀରରେ ଉଷ୍ମତା ସୃଷ୍ଟି କରେ, ଯାହା ଶୀତଦିନେ ଅତ୍ୟନ୍ତ ଜରୁରୀ। ଏହା ଗୋଡ଼ ଏବଂ ବାହୁର ମାଂସପେଶୀକୁ ସକ୍ରିୟ କରିଥାଏ ଏବଂ ହୃଦସ୍ପନ୍ଦନକୁ ସାମାନ୍ୟ ବୃଦ୍ଧି କରିଥାଏ, ଯାହା ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ।

**ସର୍ବାଙ୍ଗାସନ:** ଏହି ଆସନ ସମଗ୍ର ଶରୀରର ସିଷ୍ଟମକୁ ପୁନଃସ୍ଥାପିତ କରେ। ଏହା ଗୁରୁତ୍ୱାକର୍ଷଣ ବିରୁଦ୍ଧରେ ଗୋଡରୁ ହୃଦୟ ଏବଂ ମସ୍ତିଷ୍କକୁ ରକ୍ତ ପଠାଏ, ରକ୍ତ ସଞ୍ଚାଳନ ଉନ୍ନତ କରେ ଏବଂ ଚର୍ମରେ ଚମକ ଆଣିଥାଏ।

# କୋଲେଷ୍ଟ୍ରୋଲ ଥିଲେ ଅଣ୍ଡା ଖାଇବା ମନା



କଥାରେ ଅଛି 'ସନଡେ ହୋ ୟା ମନଡେ ରୋଜ୍ ଖାଓ ଅଣ୍ଡେ। କାରଣ ଅଣ୍ଡାକୁ ପ୍ରାୟ ଛୋଟ ଛୁଆଠାରୁ ଆରମ୍ଭ କରି ବଡ଼ ଲୋକମାନେ ମଧ୍ୟ ଖାଇବାକୁ ବହୁତ ପସନ୍ଦ କରିଥାନ୍ତି। ଏଥିସହ ହେଲଥ ଏକ୍ସପର୍ଟମାନେ ବି ଏହାକୁ ପ୍ରତିଦିନ ଖାଇବାକୁ ପରାମର୍ଶ ଦେଇଥାନ୍ତି। ଅଣ୍ଡା ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ। ଏଥିରେ ପ୍ରୋଟିନ୍, କ୍ୟାଲସିୟମ୍, ଫୋଲିକ୍ ଏସିଡ୍, ଆମିନୋ ଏସିଡ୍ ଏବଂ ଫସଫରସ୍ ଇତ୍ୟାଦି ପ୍ରଚୁର ପରିମାଣରେ ମିଳିଥାଏ, ଯାହା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ। ଅଣ୍ଡା ଖାଇବା ଦ୍ୱାରା ହାଡ ମଜବୁତ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ। ଯେଉଁମାନେ ସୁସ୍ଥ ଏବଂ ପ୍ରୋଟିନ୍ ଆବଶ୍ୟକ କରନ୍ତି ସେମାନଙ୍କ ପାଇଁ ଏହା ଖୁବ୍ ଲାଭଦାୟକ ହୋଇଥାଏ। କିନ୍ତୁ କଥାରେ ଅଛି ଅତି ଲେମ୍ବୁ ଚିପୁଡ଼ିଲେ ପିତା। ଠିକ ସେହି ପରି ଅଧିକ ଅଣ୍ଡା ଖାଇବାକୁ ମଧ୍ୟ ବାରଣ କରାଯାଇଛି। ଅଧିକ ଅଣ୍ଡା ଖାଇବା ଦ୍ୱାରା ବ୍ଲଡ ସୁଗାର ଲେବଲ ବଢ଼ାଇବା ସହିତ କ୍ୟାନ୍ସରର ସମ୍ଭାବନା ଥାଏ। ବାସ୍ତବରେ ଅଧିକ ଅଣ୍ଡା ଖାଇବା ଦ୍ୱାରା କଣ ହୁଏ ଆସନ୍ତୁ ଜାଣିବା।

କେଉଁମାନେ ଖାଇବେନି ଅଣ୍ଡା: ଅଣ୍ଡା ଖାଇଲେ କ୍ୟାନ୍ସର ହେବାର ସମ୍ଭାବନା ଥାଏ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଏବେ ଯାଏ ଏହାକୁ ନେଇ ସଠିକ ରିପୋର୍ଟ ସାମ୍ନାକୁ ଆସିନାହିଁ। ସେହି ଲୋକ ଅଣ୍ଡାର ଅତ୍ୟଧିକ ବ୍ୟବହାରରୁ ଦୂରେଇ ରହିବା ଉଚିତ୍, ଯେଉଁମାନଙ୍କର କିଡନୀ ସମସ୍ୟା ଥାଏ। ହାଇ କୋଲେଷ୍ଟ୍ରୋଲ ହାର୍ଟ ଆଟାକର ଗୋଟେ କାରଣ ବୋଲି କୁହାଯାଏ। ଅଣ୍ଡାରେ ଥିବା ପ୍ରୋଟିନ, ଫ୍ୟାଟ ଇତ୍ୟାଦି କୋଲେଷ୍ଟ୍ରୋଲକୁ ବଢ଼ାଇଥାଏ। ଯାହା ହାର୍ଟ ପାଇଁ କ୍ଷତିକାରକ ହୋଇଥାଏ। ତେଣୁ ଅଧିକା ଅଣ୍ଡା ଖାଇଲେ ଏହି ସମସ୍ୟା ସୃଷ୍ଟି ହୋଇପାରେ। ଡାଇବେଟିସ ରୋଗୀ ଅଣ୍ଡା ଖାଇବେ ନା ନାହିଁ। ଏହାକୁ ନେଇ ଅନେକ ଚର୍ଚ୍ଚା ହୁଏ। କିଛି ଡାକ୍ତର ଅଣ୍ଡା ନ ଖାଇବାକୁ କହିଥାନ୍ତି। କିନ୍ତୁ ଅଣ୍ଡା ଅଧିକ ଖାଇବା ଠିକ୍ ନୁହେଁ। ଯଦି ଆପଣ ଅଣ୍ଡା ଖାଇବାକୁ ଚାହୁଁଛନ୍ତି, ତେବେ ଥରେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ପରେ ହିଁ ଏହାକୁ ଖାଆନ୍ତୁ। କେହି କେହି କୁହନ୍ତି ଅଣ୍ଡା ଖାଇବା ଦ୍ୱାରା ମୋଟାପଣ ବଢ଼େ। କିନ୍ତୁ ଏହା ଭୁଲ। ଅଣ୍ଡାର କେସର ନ ଖାଇ ଧଳା ଅଂଶ ଖାଇଲେ ଦେହ ପାଇଁ ଭଲ ହୋଇଥାଏ। ଏହା ଖାଇବା ଦ୍ୱାରା ଅଧିକ ସମୟ ଯାଏ ପେଟ ଭର୍ତ୍ତି ହୋଇ ରହେ ଏବଂ ଭୋକ କମ୍ ହୁଏ।

ଏଥିସହ ଜାଣିରଖନ୍ତୁ ଯେ, ଅଣ୍ଡାର ପ୍ରକୃତି ଗରମ। ଯଦି ଆପଣଙ୍କର ଡାଇରିଆ ସମସ୍ୟା ଅଛି, ତେବେ ଭୁଲରେ ମଧ୍ୟ ଅଣ୍ଡା ଖାଆନ୍ତୁ ନାହିଁ। କାରଣ ଅଣ୍ଡା ଖାଇବା ଦ୍ୱାରା ପେଟ ଖରାପ ହୋଇପାରେ। ଅଣ୍ଡାର ଅତ୍ୟଧିକ ବ୍ୟବହାର ହେତୁ ଶରୀରର କୋଲେଷ୍ଟ୍ରଲ ସ୍ତର ବଢ଼ିଥାଏ। ତେଣୁ ଯେଉଁମାନଙ୍କର କୋଲେଷ୍ଟ୍ରଲ ସ୍ତର ଅଧିକ, ସେମାନେ ଏହାର ବ୍ୟବହାରରୁ ଦୂରେଇ ରହିବା ଉଚିତ୍। ବିଶେଷକରି ଅଣ୍ଡାର ହଳଦିଆ ଅଂଶ। ଯଦି ଆପଣ ଏହାକୁ ସେବନ କରନ୍ତି, ତେବେ ଏହା କୋଲେଷ୍ଟ୍ରଲର ସମସ୍ୟାକୁ ଆହୁରି ବଢ଼ାଇପାରେ। ଯଦି ଆପଣଙ୍କର ପାକସ୍ଥଳୀ ସମ୍ବନ୍ଧୀୟ ସମସ୍ୟା ଯେପରିକି ହଜମ, କୋଷ୍ଠକାଠିନ୍ୟ ଇତ୍ୟାଦି ଭଳି ଅସୁବିଧା ରହିଛି ତେବେ ଅଣ୍ଡା ଖାଇବାରୁ ଦୂରେଇ ରୁହନ୍ତୁ। ଏଥିସହ ଯଦି ଆପଣମାନଙ୍କର ଏହି ସମସ୍ୟା ହେଉଛି, ତେବେ ଅଣ୍ଡାରୁ ଦୂରେଇ ରୁହନ୍ତୁ।

# ଛୋଟା ଛୋଟ କଥାରେ ରାଗିଯାଉଛନ୍ତି କି ?

ଯଦି ଆପଣ ଛୋଟ ଛୋଟ କଥାରେ ରାଗିଯାଉଛନ୍ତି, ତେବେ ହୋଇଯାଆନ୍ତୁ ସାବଧାନ, ନଚେତ୍ ଭୋଗିପାରନ୍ତି ଅନେକ ସମସ୍ୟା। ଯାହା ଆପଣ କେବେ ଭାବି ବି ନଥିବେ। ଏକ ଗବେଷଣାରୁ ଜଣାପଡିଛି ଯେ ମାତ୍ର ଆଠ ମିନିଟ୍ ତୀବ୍ର କ୍ରୋଧ ଶରୀରର ରକ୍ତବାହୀ ନଳୀକୁ ପ୍ରଭାବିତ କରିପାରେ। ବୈଜ୍ଞାନିକଙ୍କ ଅନୁଯାୟୀ, ଏହି ଅଳ୍ପ ସମୟର କ୍ରୋଧ ପରେ ରକ୍ତବାହୀ ନଳୀଗୁଡ଼ିକର ବିସ୍ତାର କ୍ଷମତା ପ୍ରାୟ ଅଧା ହ୍ରାସ ପାଇଥାଏ ଏବଂ ଏହି ପ୍ରଭାବ ପ୍ରାୟ ୪୦ ମିନିଟ୍ ପର୍ଯ୍ୟନ୍ତ ରହିଥାଏ। ଏହାର ଅର୍ଥ ହେଉଛି କ୍ରୋଧ କେବଳ ଏକ ଭାବପ୍ରବଣ ପ୍ରତିକ୍ରିୟା ନୁହେଁ ବରଂ ହୃଦୟ ପାଇଁ ଏକ ଶାରୀରିକ ବିପଦ ମଧ୍ୟ ସୃଷ୍ଟି କରିପାରେ। ତେବେ ଆସନ୍ତୁ ଜାଣିବା ଯେ ଏହା ଆପଣଙ୍କ ଶରୀରକୁ କିପରି ପ୍ରଭାବିତ କରେ। କ୍ରୋଧ ଅନ୍ୟ ନକାରାତ୍ମକ ଭାବନା ଅପେକ୍ଷା ହାର୍ଟ ଉପରେ ଭିନ୍ନ ଏବଂ ଅଧିକ ଶକ୍ତିଶାଳୀ ଭାବରେ ଚାପ ପକାଇଥାଏ। ଯେତେବେଳେ ଆମେ କ୍ରୋଧିତ ହେଉ, ଶରୀରରେ କର୍ଟିସୋଲ ଏବଂ ଆଡ୍ରେନାଲିନ୍ ଭଳି ଚାପ ହରମୋନ୍ ଦ୍ରୁତ ଗତିରେ ବୃଦ୍ଧି ପାଏ। ଏହି ହରମୋନ୍ ଧମନୀଗୁଡ଼ିକର ଭିତର ଆବରଣକୁ ସଙ୍କୁଚିତ କରିଥାଏ, ଯାହା ରକ୍ତ ପ୍ରବାହକୁ ପ୍ରଭାବିତ କରିଥାଏ ଏବଂ ରକ୍ତଚାପ ବୃଦ୍ଧି କରିଥାଏ। ଅଧିକ ସମୟ ରାଗିବା ଦ୍ୱାରା, ଏହା ପ୍ଲାକ୍ ଜମା, ହୃଦଘାତ କିମ୍ବା ଷ୍ଟ୍ରୋକର ଆଶଙ୍କା ବଢ଼ାଇପାରେ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ କ୍ରୋଧକୁ ହାଲୁକା ଭାବରେ ନେବା ଭଲ ନୁହେଁ। ଯଦି ଜଣେ ବ୍ୟକ୍ତି ପ୍ରାୟତଃ ଚିଡ଼ିଚିଡ଼ା ହୁଅନ୍ତି କିମ୍ବା ଛୋଟ ଛୋଟ କଥାରେ କ୍ରୋଧିତ ହୁଅନ୍ତି, ତେବେ ତାଙ୍କୁ ଚାପ ପରିଚାଳନା କୌଶଳ ଗ୍ରହଣ କରିବା ଉଚିତ। ଗଭୀର ନିଶ୍ୱାସ ପ୍ରଶ୍ୱାସ, ନିୟମିତ ବ୍ୟାୟାମ, ଯୋଗ କିମ୍ବା ଧ୍ୟାନ ଭଳି କୌଶଳ ହୃଦୟକୁ ସୁରକ୍ଷା ଦେବାରେ ସାହାଯ୍ୟ କରିପାରେ। ଆବଶ୍ୟକ ହେଲେ, ପରାମର୍ଶଦାତା କିମ୍ବା ଚିକିତ୍ସକଙ୍କ ସହ କଥା ହେବା ମଧ୍ୟ ଲାଭଦାୟକ ହୋଇପାରେ।



# ଖାଲିପେଟରେ ସକାଳୁ ଖାଆନ୍ତୁ କଳାଜୀରା



ଭାରତ ମସଲାଯୁକ୍ତ ସମୃଦ୍ଧି ଦେଶ। ଯାହାର ଖାଦ୍ୟ-ପାନୀୟ ପାଇଁ ଭାରତ ଖୁବ୍ ପ୍ରସିଦ୍ଧ। ଭାରତୀୟ ଖାଦ୍ୟରେ ବ୍ୟବହାର ହେଉଥିବା ମସଲା କେବଳ ସ୍ୱାଦକୁ ବଢାଇ ନଥାଏ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ଆମେ ରୋଷେଇରେ ବ୍ୟବହାର କରୁଥିବା ଅନେକ ମସଲା ଆମ ସ୍ୱାସ୍ଥ୍ୟ ଉପଯୋଗୀ ହୋଇଥାଏ। ରୋଷେଇ ଘରେ ଥିବା ଏହି ମସଲା ଖାଇବା ଦ୍ୱାରା ମେଦବହୁଳତା ହ୍ରାସ କରିବା ସହ ଡାଇବେଟିସ୍ ଏବଂ ବ୍ଲଡ ପ୍ରେସରକୁ ନିୟନ୍ତ୍ରଣରେ ରଖିଥାଏ। କଳାଜୀରା ଏପରି ଏକ ମସଲା ଯାହାକୁ ଔଷଧ ଭାବେ ବ୍ୟବହାର କରାଯାଇଥାଏ। କଳାଜୀରା ଦେଖିବାକୁ ଖୁବ୍ ଛୋଟ ହୋଇଥିଲେ ମଧ୍ୟ ଏହା ଆମକୁ ଅନେକ ଲାଭ ପ୍ରଦାନ କରିଥାଏ। ଆୟୁର୍ବେଦ ଅନୁସାରେ କଳାଜୀରା ଆମ ସୁସ୍ଥ ଶରୀର ପାଇଁ ମହୋଷଧି ଭାବେ କାମ କରେ। ଖାଲିପେଟରେ ଏହାକୁ ଖାଇବା ଦ୍ୱାରା ଆମ ଶରୀର ପାଇଁ ଅଧିକ ପ୍ରଭାବଶାଳୀ ହୋଇଥାଏ। ଏଥିରେ ଅନେକ ଗୁଣ ରହିଛି ଯାହା ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ତେବେ ଆସନ୍ତୁ ଏହା କେଉଁ ସବୁ ଲାଭ ପ୍ରଦାନ କରିଥାଏ ସେ ସମ୍ପର୍କରେ ଜାଣିବା।

**ଡାଇବେଟିସ୍:** କଳାଜୀରାରେ ମଧୁମେହ ବିରୋଧୀ ଗୁଣ ରହିଛି। ଯାହା ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ। ଏହା ଶରୀରରେ ଇନସୁଲିନର ସମ୍ବେଦନଶୀଳତାକୁ ବଢାଇଥାଏ। ତେଣୁ କଳାଜୀରା ଡାଇବେଟିସ୍ ପେସେଣ୍ଟଙ୍କ ପାଇଁ ବେଷ୍ଟ ହୋଇଥାଏ ବୋଲି ବିବେଚନା କରାଯାଏ।

**ଓଜନ ହ୍ରାସ କରେ:** କଳାଜୀରାରେ ଥିବା ଗୁଣ ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଖାଲିପେଟରେ ଉଷୁମ ପାଣି ଏବଂ ମହୁ ସହିତ ଏହାକୁ ମିଶାଇ ଖାଇବା ଦ୍ୱାରା ଶରୀରରେ ଜମା ହୋଇ ରହିଥିବା ଅତିରିକ୍ତ ଚର୍ବି ହ୍ରାସ କରିଥାଏ।

**ହାର୍ଟ ଓ କୋଲେଷ୍ଟ୍ରୋଲ ପାଇଁ ଲାଭଦାୟକ:** ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରିବା ଏବଂ ଭଲ କୋଲେଷ୍ଟ୍ରଲକୁ ବୃଦ୍ଧି କରିବାରେ କଳାଜୀରା ସାହାଯ୍ୟ କରିଥାଏ। ଏଥିରେ ଓମେଗା ୩ ଫ୍ୟାଟି ଏସିଡ୍ ଥାଏ। ଯାହା ହାର୍ଟ ପାଇଁ ଲାଭଦାୟକ ହୋଇଥାଏ। ଏହାକୁ ନିୟମିତ ସେବନ କରିବା ଦ୍ୱାରା ହାର୍ଟ ଆଟାକ୍ ଭଳି ଆଶଙ୍କାକୁ କମାଇଥାଏ।

**କ୍ୟାନସରକୁ ରୋକେ:** କଳାଜୀରାରେ କ୍ୟାନସର ରୋଗ ପ୍ରତିରୋଧୀ ଗୁଣ ରହିଛି। ଯାହା କ୍ୟାନସର କୋଷର ବୃଦ୍ଧିକୁ ରୋକିଥାଏ। ସକାଳେ ଖାଲିପେଟରେ କଳାଜୀରା ଖାଇବା ଦ୍ୱାରା ଶରୀର ଉପରେ ବହୁତ ପ୍ରଭାବଶାଳୀ ପ୍ରଭାବ ପଡିଥାଏ। ଏହା କ୍ୟାନସର ସହିତ ଲଢେଇ କରିବା ପାଇଁ ଖୁବ୍ ଉପଯୋଗୀ।

**ସ୍ମୃତି ଶକ୍ତିକୁ ବଢାଏ:** କଳାଜୀରା ସେବନ ଏକଗ୍ରତା ବୃଦ୍ଧି କରିଥାଏ। କଳାଜିରାକୁ ମହୁ ସହିତ ସେବନ କରିବା ଦ୍ୱାରା ଆଲଜାଇମର ଭଳି ରୋଗର ଚିକିତ୍ସା ମଧ୍ୟ ହୋଇପାରେ। ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଭାଇରାଲ୍ ଗୁଣ ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ମଜବୁତ କରିଥାଏ। ଆସ୍ଥମା ଏବଂ ଦୀର୍ଘଦିନ ଧରି ଲାଗି ରହିଥିବା କାଶରୁ ଏହା ମୁକ୍ତି ମଧ୍ୟ ଦେଇଥାଏ। ଗ୍ୟାସ୍ ଓ କୋଷ୍ଠକାଠିନ୍ୟରେ ପୀଡିତ ଲୋକମାନଙ୍କ ପାଇଁ ଏହା ଉତ୍ତମ ବିକଳ୍ପ। ଏହାକୁ ନିୟମିତ ସେବନ କରନ୍ତୁ। ମାସକ ଭିତରେ ଏହାର ପ୍ରଭାବ ଦେଖିବାକୁ ପାଇବେ।

**କେଶ ଓ ଚର୍ମ ପାଇଁ ଲାଭକାରୀ:** କଳାଜୀରାରେ ଥିବା ଗୁଣ ସ୍କିନ୍ ଏବଂ କେଶ ପାଇଁ ଲାଭକାରୀ ହୋଇଥାଏ। ଏହାର ତେଲ ପ୍ରସ୍ତୁତ କରି ଲଗାଇବା ଦ୍ୱାରା କେଶ ଝଡିବାରୁ ରୋକିବା ସହ କେଶ ମୂଳକୁ ମଜବୁତ କରିଥାଏ।

# ଔଷଧୀୟ ଗୁଣରେ ଭରପୁର ପାନମଧୁରୀ ଚା'

ଆମ ରୋଷେଇ ଘରେ ଏମିତି ଅନେକ କିଛି ଜିନିଷ ରହିଛି ଯାହା ଆମ ପାଇଁ ଖୁବ୍ ଲାଭଦାୟକ। ଅନେକ ରୋଷେଇ ସାମଗ୍ରୀ ଆମର ସ୍ୱାସ୍ଥ୍ୟଗତ ସମସ୍ୟାକୁ ଚୁଟକିରେ ଦୂର କରିଥାଏ। ସେହି ସବୁ ମଧ୍ୟରୁ ପାନମଧୁରୀ ଅନ୍ୟତମ। ପାନମଧୁରୀରେ ବହୁ ଔଷଧୀୟ ଗୁଣ ରହିଛି। ଯାହା ଆମ ଶରୀର ପାଇଁ ପ୍ରଭାବଶାଳୀ ହୋଇଥାଏ। ଆଚାରଠାରୁ ଆରମ୍ଭ କରି ମାଉଥ୍ ଫ୍ରେସନର୍ ଭାବେ ପାନମଧୁରୀ ଲୋକେ ଖାଇଥାନ୍ତି। ଯାହା ପାଟି ଦୁର୍ଗନ୍ଧଠାରୁ ଦୂରରେ ରଖେ। ଏଣୁ ପ୍ରାୟତଃ ସମସ୍ତେ ଏହାକୁ ବ୍ୟବହାର କରିଥାନ୍ତି। ପାନମଧୁରୀରେ କପର, ପୋଟାସିୟମ୍, କ୍ୟାଲସିୟମ୍, ଜିଙ୍କ୍, ମାଙ୍ଗାନିଜ୍, ଆଇରନ୍, ସେଲେନିୟମ୍, ମ୍ୟାଗ୍ନେସିୟମ୍ ସହ ଆଣ୍ଟି ଇନଫ୍ଲାମେଟୋରୀ, ଆଣ୍ଟି ମାଇକ୍ରୋବିୟଲ ଏବଂ ଆଣ୍ଟି ଅକ୍ସିଡେଣ୍ଟ ମଧ୍ୟ ପ୍ରଚୁର ପରିମାଣରେ ରହିଛି। ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ କରିଥାଏ। ସାଧାରଣତଃ ପାନମଧୁରୀ ଏବଂ ଏହାର ପାଣି ଲାଭକାରୀ ହୋଇଥାଏ ବୋଲି ଆମେ ଜାଣିଛେ। ସେହିପରି ଏହି ପାନମଧୁରୀର ଚା' ମଧ୍ୟ ଆମ ଶରୀର ପାଇଁ ଫଳପ୍ରଦ ହୋଇଥାଏ। ବିଶେଷ କରି ଓଜନ କମାଇବାକୁ ଚାହୁଁଥିବା ଲୋକମାନେ ପାନମଧୁରୀର ଚା' ପିଇପାରିବେ। ପାନମଧୁରୀ ଚା' ଅନେକ ପେଟ ଜନିତ ସମସ୍ୟାକୁ ଦୂର କରିଥାଏ। ଏହା ଥକାପଣ ଭଳି ସମସ୍ୟାକୁ ମଧ୍ୟ ରୋକିବାରେ ସହାୟକ କରେ। ତେବେ ଆସନ୍ତୁ ଏହି ପାନମଧୁରୀ ଚା' ପିଇବାର ଲାଭ ସମ୍ପର୍କରେ ଜାଣିବା।

**ପେଟ ଦରଜ ଏବଂ ଗ୍ୟାସରୁ ମୁକ୍ତି:** ପାନମଧୁରୀରେ ଆନେଥୋଲ ଭଳି ତତ୍ତ୍ୱ ରହିଛି। ଯାହା ପେଟ ମାଂସପେଶୀକୁ ଆରାମ ଦେଇଥାଏ। ଅନ୍ତନଳୀ ସମସ୍ୟାରୁ ମୁକ୍ତି କରିଥାଏ। ଖାଇବା ପରେ ଭାରୀ ଅନୁଭବ ହେଉଥିଲେ ଏହାକୁ ଆପଣମାନେ ଖାଇପାରିବେ। ମହିଳାମାନଙ୍କ ପିରିୟଡର୍ସ ପାଇଁ ଏହା ମଧ୍ୟ ଏକ ଉତ୍ତମ ଉପଚାର।

**ଥକ୍କାପଣ ଏବଂ ଆଳସ୍ୟ ଦୂର କରେ:** ପାଚନ ପ୍ରକ୍ରିୟାରେ କୌଣସି ସମସ୍ୟା ଥିଲେ ପାନମଧୁରୀର ଚା' ପିଅନ୍ତୁ। ପାନମହୁରୀ ଚା' ପିଇବା ଦ୍ୱାରା ମେଟାବୋଲିଜିମ ବୃଦ୍ଧି ପାଇଥାଏ। ଯାହା ଆପଣଙ୍କୁ ତୁରନ୍ତ ଶକ୍ତି ପ୍ରଦାନ କରେ। ଥକ୍କାପଣ ଏବଂ ଆଳସ୍ୟ ଦୂର କରିବା ପାଇଁ ଖୁବ୍ ପ୍ରଭାବଶାଳୀ। ଏହା ଆଣ୍ଟିଅକ୍ସିଡାଣ୍ଟ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ଆପଣଙ୍କୁ ହାଲୁକା ଅନୁଭବ କରାଇଥାଏ।

**ଓଜନ ହ୍ରାସ କରେ:** ବର୍ତ୍ତମାନ ସମୟରେ ଓ୍ୱେଟଲସ୍ ଉପରେ ସମସ୍ତେ ଗୁରୁତ୍ୱ ଦେଉଛନ୍ତି। ଯଦି ଆପଣ ଓଜନ କମାଇବାକୁ ଚାହାଁନ୍ତି ତେବେ ଏହି ସମସ୍ୟା ପାଇଁ ପାନମଧୁରୀ ଚା' ବେଷ୍ଟ ହୋଇଥାଏ। ଯାହାକୁ ପିଇବା ଦ୍ୱାରା ଭୋକକୁ କମାଇଥାଏ। ଏଥିସହ ଅନାବଶ୍ୟକ କ୍ୟାଲୋରୀ ଗ୍ରହଣରୁ ମଧ୍ୟ ମୁକ୍ତି ଦେଇଥାଏ। ଯାହା ଶରୀରରୁ ବିଷାକ୍ତି ପଦାର୍ଥ ବାହାର କରି ଓଜନ କମ୍ କରିବାର ଯାତ୍ରାକୁ ସହଜ କରିଦେଇଥାଏ।

**ଶ୍ୱାସକ୍ରିୟାକୁ ଠିକ୍ ରଖେ:** ପାନମହୁରିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଅଛି। ଯାହା ଫୁସଫୁସ ଏବଂ ଶ୍ୱାସକ୍ରିୟା ପାଇଁ ଭଲ ବୋଲି ପ୍ରମାଣିତ ହୋଇଛି। କଫ, କାଶ ହେବା ଦ୍ୱାରା ଶ୍ୱାସଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ଚା' ପିଇବା ଫଳରେ ଏହି ସବୁ ସମସ୍ୟାରୁ ରକ୍ଷା କରିଥାଏ। ଏହା ଆସ୍ଥମା ଭଳି ସମସ୍ୟାରୁ ମଧ୍ୟ ଆରାମ ଦେଇଥାଏ।

**ସ୍କିନ୍ ସମସ୍ୟାରେ ଉନ୍ନତି:** ପାନମଧୁରୀ ଚା' ଖାଲି ସ୍ୱାସ୍ଥ୍ୟ ପାଇଁ ନୁହେଁ ବରଂ ସ୍କିନ୍ ପାଇଁ ମଧ୍ୟ ବହୁ ଫଳପ୍ରଦ ହୋଇଥାଏ। ଯଦି ଆପଣଙ୍କର କିଛି ସ୍କିନ୍ ସମସ୍ୟା ଦେଖାଦେଉଛି ତେବେ ଆପଣ ନିଶ୍ଚିତ ଭାବରେ ଏହାକୁ ପିଇପାରିବେ । ଯାହା ଆପଣଙ୍କ ସ୍କିନ୍ ସମସ୍ୟାରୁ ଉପଶମ ଦେବ। ଉଜ୍ଜଳ ତ୍ୱଚା ପାଇଁ ପାନମଧୁରୀ ଚା' ବେଶ୍ ଉପଯୋଗୀ। ଏହାକୁ ଖାଇବା ଦ୍ୱାରା ତ୍ୱଚାରେ ଜମା ହୋଇଥିବା ମଇଳାକୁ ବାହାର କରି ଚେହେରାରେ ଗ୍ଲୋ ଆଣିଥାଏ।



## ବେତନଟୀ ବ୍ଲକରୁ ୧୮୨୯ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଲେ

**ବୈଶିଙ୍ଗା,୧୯।୨ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଫେବୃଆରୀ ୧୯ ତାରିଖ ଠାରୁ ଆରମ୍ଭ ହୋଇଥିବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ବେତନଟୀ ବ୍ଲକ ରେ ସୁରୁଖୁରୁରେ ସମାପନ ହୋଇଥିବାର ଯାଇଛି। ଏହି ବ୍ଲକ ଅନ୍ତର୍ଗତ ୧୧ ଗୋଟି ପରୀକ୍ଷା କେନ୍ଦ୍ର ରେ ୧୮୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ୧୮୨୯ ଜଣ ପରୀକ୍ଷା ଦେଇଥିବା ଓ ୨୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ତନ୍ମଧ୍ୟରୁ ଜନତା ସରକାରୀ ହାଇସ୍କୁଲ ସନ୍ତରା ରେ ୧୫୬ ଜଣ ରୁ ୧୫୫ ଜଣ, ସତ୍ୟସାଇ ସରକାରୀ ହାଇସ୍କୁଲ ଖୁଣ୍ଟାପୁର ରେ ୧୨୨ ଜଣ ରୁ ୧୧୪ ଜଣ, ଅଁଳା ସରକାରୀ ହାଇସ୍କୁଲ ରେ ୧୨୩ ଜଣ ରୁ ୧୨୨ ଜଣ, ମୁନିଲାଲ ସରକାରୀ ହାଇସ୍କୁଲ ବୈଶିଙ୍ଗା ରେ ୧୮୨ ରୁ ୧୮୨ ଜଣ, କେସିଏସଏନ ସରକାରୀ ହାଇସ୍କୁଲ ପାଟଲିପୁରା ରେ ୧୫୮ ରୁ ୧୫୭ ଜଣ, ପଞ୍ଚାୟତ ହାଇସ୍କୁଲ ଗଡ଼ଦେଉଳିଆ ରେ ୨୩୦ ରୁ ୨୩୦ ଜଣ, ସରକାରୀ ବାଳିକା ହାଇସ୍କୁଲ ବେତନଟୀ ରେ ୧୮୭ ରୁ ୧୮୫ ଜଣ, ପିଏମଶ୍ରୀ ଏମ୍ ପିସି ହାଇସ୍କୁଲ ବେତନଟୀ ରେ ୧୮୫ ରୁ ୧୭୮ ଜଣ, ସରକାରୀ ବାଳିକା ହାଇସ୍କୁଲ ନହଣ୍ଡାଶୋଳ ରେ ୧୯୮ ରୁ ୧୯୮ ଜଣ, ସିଦ୍ଧେଶ୍ୱର ହାଇସ୍କୁଲ ଛଚିନାପଦା ରେ ୧୫୧ ରୁ ୧୪୮ ଜଣ, ବ୍ରହ୍ମପୁରା ସରକାରୀ ହାଇସ୍କୁଲ ରେ ୧୬୧ ରୁ ୧୬୦ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ସିଦ୍ଧେଶ୍ୱର ହାଇସ୍କୁଲ ଛଚିନାପଦା ରେ ୧୪୮ ଜଣ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ୧୦୪ ଜଣ ସାଧାରଣ ବିଦ୍ୟାଳୟ ଓ ୪୪ ଜଣ ସଂସ୍କୃତ ମଧ୍ୟମା ବର୍ଗର ଅଟନ୍ତି। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳା ସହ ପରିଚାଳିତ କରିଥିବାରୁ ଏହି ପରୀକ୍ଷା ସହ ଜଡ଼ିତ ଥିବା ସମସ୍ତ ଶିକ୍ଷକ ଭାଇ ଓ ଭଉଣୀ ମାନଙ୍କୁ ଓଷ୍ଟା ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

## ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଫୁଲବାଣୀ,୧୯।୨(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ଅନ୍ତର୍ଗତ ରୁଡୁଙ୍ଗିଆ ପଞ୍ଚାୟତ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରୁଡୁଙ୍ଗିଆ ପଞ୍ଚାୟତ ର ସରପଞ୍ଚ ଶ୍ରୀମତୀ ପିଙ୍କି ପ୍ରଧାନ, ମୁଖ୍ୟବକ୍ତା ଭାବେ ରୁଡୁଙ୍ଗିଆ ଗିରିଜନ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁବାଷ ଚନ୍ଦ୍ର ସାମଲ, ସମ୍ମାନିତ ଅତିଥି ଭାବେ ସମାଜ ସେବୀ କ୍ଲେଶ ପ୍ରଧାନ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ର ସଭାପତି କୁମର ପରାସେଠ, ରୁଡୁଙ୍ଗିଆ ସ୍ଥିତ କରୁମୁଣ୍ଡା ର ଜାଭିଏର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଫାଦେର ଭିନ ସେନ୍ତ ଭେଙ୍ଗରା, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ସୋମନାଥ ପ୍ରଧାନ, ବିଦ୍ୟାଳୟ ର ପଞ୍ଚସଖା ଶିକ୍ଷା ସେତୁ ର ସଭାପତି ସୁଧାଂଶୁ ପ୍ରଧାନ, ରୁଡୁଙ୍ଗିଆ ପଞ୍ଚାୟତ ସମିତି ସଭ୍ୟ ଦାନିଏଲ ପ୍ରଧାନ, ବାଲିଗୁଡା ବ୍ଲକ ଶିକ୍ଷକ ସଂଘ ର ସଭାପତି ପଦ୍ମ ଚରଣ ତ୍ରିପାଠୀ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ର ଯୁଗ୍ମ ସମ୍ପାଦକ ଉତ୍କଳ କେଶରୀ ବିବାର, କଟ୍ରିକିଆ କ୍ଲଷ୍ଟର ର ସିଆରସିସି ସାବତ ପ୍ରଧାନ ପ୍ରମୁଖ ଯୋଗ ଦେଇ ଦୀପ ଧୂପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ଅଭିଭାବକ ତଥା ଗୋଷ୍ଠୀ ସହଯୋଗ ରେ ଏକ ଶିକ୍ଷାନୁଷ୍ଠାନ ର ଉତ୍ତରୋତର ବୃଦ୍ଧି ହୋଇଥାଏ ବୋଲି ବକ୍ତବ୍ୟ ରଖିବା ସହ ଏକ ଶୃଙ୍ଖଳିତ ନାଗରିକ ହେବାପାଇଁ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ ନିରଞ୍ଜନ ବେହେରା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷକ ସନାତନ ପରିଛା ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ।

## ସିଦ୍ଧି ବିନାୟକ ଟ୍ରଷ୍ଟ ଓ ଜୟଦେବ ବିକାଶ ମଞ୍ଚ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



**ବାଲିପାଟଣା,୧୯।୨(ସଂଚାର ବ୍ୟୁରୋ):** ବାଲିପାଟଣା ଆଳେଶି ଶାସନ ଗୋପୀନାଥ କ୍ଲବ ପରିସରରେ ସିଦ୍ଧି ବିନାୟକ ଟ୍ରଷ୍ଟ ଓ ଜୟଦେବ ବିକାଶ ମଞ୍ଚ ପକ୍ଷରୁ ଆଜି ଏକ ମାଗଣା ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ଅନୁଭବୀ ଡାକ୍ତରମାନଙ୍କ ଦ୍ୱାରା ସାଧାରଣ ରୋଗ, ରକ୍ତଚାପ, ଡାଇବେଟିସ, ଚକ୍ଷୁ ଓ ଦାନ୍ତ ସମ୍ପର୍କିତ ରୋଗର ପରୀକ୍ଷା କରାଯାଇଥିଲା। ରୋଗୀମାନଙ୍କୁ ମାଗଣା ଔଷଧ ବଣ୍ଟନ ସହ ଆବଶ୍ୟକୀୟ ପରାମର୍ଶ ମଧ ଦିଆଯାଇଥିଲା। ଚକ୍ଷୁ ରୋଗୀ ମାନଙ୍କୁ ମାଗଣାରେ ଆବଶ୍ୟକ ଚଷମା ପ୍ରଦାନ କରାଯାଇଥିଲା। ଶିବିରରେ ଶତାଧିକ ଲୋକ ଉପସ୍ଥିତ ରହି ଏହି ସେବାର ଲାଭ ନେଇଥିଲେ। ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ସାଧାରଣ ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବା ବୋଲି ଟ୍ରଷ୍ଟ ଅଧକ୍ଷ ସତ୍ୟପ୍ରିୟ ବେହେରା କହିଛନ୍ତି। ଟ୍ରଷ୍ଟର ସଭାପତି ଓ କର୍ମକର୍ତ୍ତାମାନେ କହିଥିଲେ ଯେ ଭବିଷ୍ୟତରେ ମଧ ଏପରି ସାମାଜିକ ସେବାମୂଳକ କାର୍ଯ୍ୟକ୍ରମ ଜାରି ରଖାଯିବ।ଏହି ଅବସରରେ ଟ୍ରଷ୍ଟ ସଦସ୍ୟ, ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସେବାଭାବୀମାନଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଆହୁରି ସଫଳ କରିଥିଲା।

## ଟ୍ରାକ୍ଟର ପଛପଟୁ ଧକ୍କା ଦେଇ ଓଲଟିଲା ଯାତ୍ରୀବାହି ବସ୍



**ଧାମନଗର,୧୯।୨ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଧୀନ କୁଳେଇପଦା ଓ ଆରଡ଼ିର ମଧବର୍ତ୍ତୀ ସ୍ଥାନରେ ଭଦ୍ରକ ଆଖଣ୍ଡଳମଣି ୨୦ ନମ୍ବର ଜାତୀୟ ରାଜପଥରେ ଆଜି ମଧାହ୍ନ ରେ ଜୟ ମାତାଦୀ ନାମକ ଘରୋଇ ବସ୍ ଆଖଣ୍ଡଳମଣି ଅଭିମୁଖେ ଯାଉଥିବା ସମୟରେ କୌଣସି କାରଣରୁ ବ୍ରେକ ଫେଲ ହୋଇ ଭାରସମ୍ୟ ହରାଇ ଆଗରେ ଯାଉଥିବା ଏକ ବାଲି ବୋଝେଇ ଟ୍ରାକ୍ଟର ପଛପଟୁ ଧକ୍କା ଦେଇ ରାସ୍ତା ତଳକୁ ଓଲଟିପଡ଼ିଛି। ଏହି ଦୁର୍ଘଟଣାରେ ବସ୍‌ରେ ଥିବା ୩୨ ଜଣ ଯାତ୍ରୀଙ୍କ ମଧ୍ୟରୁ ୪ ଜଣ ଯାତ୍ରୀଓ ବସ୍ କଣ୍ଡକ୍ଟର ଆହତ ହୋଇ ଆରଡ଼ି ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ଚିକିତ୍ସିତ ହେଉଥବା ବେଳେ ଜଣେ ମହିଳାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଦୁର୍ଘଟଣାସ୍ଥଳରେ ଆରଡ଼ି ଫାଣ୍ଡି ଅଧିକାରୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଓ ସ୍ଥାନୀୟ କୁଳେଇପଦା, ଆରଡ଼ି, ପହଣା ଆଦି ଗ୍ରାମର ଯୁବକମାନେ ସେଠାରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ।

## ବିଶ୍ୱବିଦ୍ୟାଳୟରେ ବିଶ୍ୱ ନୃତତ୍ତ୍ୱ ଦିବସ ପାଳନ



**ଖଲ୍ଲିକୋଟ,୧୯।୨(ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ବିଶ୍ୱ ନୃତତ୍ତ୍ୱ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭାଗ ମୁଖ୍ୟ ଶ୍ରୀମତୀ ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଭାଗ ମୁଖ୍ୟ ଶ୍ରୀମତୀ ସାହୁ ବିଶ୍ୱ ନୃତତ୍ତ୍ୱ ଦିବସ ପାଳନର ଆଭିମୁଖ୍ୟ ଓ ଉପଯୋଗିତା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ନାତକୋତ୍ତର ପରିଷଦ ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ନୃତତ୍ତ୍ୱ ଏକ ବ୍ୟାପକ ବିଷୟ ଏବଂ ଏହି ଦିବସ ପାଳନ କରିବା ଦ୍ୱାରା ନୃତତ୍ତ୍ୱକୁ ଏକ ବିଶ୍ୱ ଦୃଷ୍ଟିରେ ଉପଲବ୍ଧି କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକ ଯୋଗଦେଇ ନୃତତ୍ତ୍ୱ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଏପରି ଉଦ୍ୟମ ନିମନ୍ତେ ବିଭାଗକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଉପକୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର ଯୋଗଦେଇ ବିଶ୍ୱ ନୃତତ୍ତ୍ୱ ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମଂଚାସୀନ ଅନ୍ୟତମ ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟ ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ ଓଡ଼ିଶାର ଆଦିମ ଜନସମ୍ପ୍ରଦାୟଙ୍କ ସମ୍ପର୍କରେ ବର୍ଣ୍ଣନା କରିବା ସହ ଏପରି ଦିବସ ପାଳନ ସେହି ଜନ ସମ୍ପ୍ରଦାୟ ସମ୍ପର୍କରେ ସଚେତନତା ବୃଦ୍ଧି କରିବ ବୋଲି କହିଥିଲେ। ଆଜିର କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀରେ ବିଭାଗର ଅଧାପିକା ଡ. ରଶ୍ମିରେଖା ଦାଶ, ଡ. ଭାଗ୍ୟଶ୍ରୀ ସାହୁ, ଅଧାପିକା ଅନ୍ୱେଷକ୍ଷ ନାୟକ ଓ କାର୍ଯ୍ୟାଳୟ କର୍ମଚାରୀ ଶ୍ରୀଯୁକ୍ତ ଅନାଦି ବେହେରା ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ନୃତତ୍ତ୍ୱ ସମ୍ପର୍କିତ ପ୍ରଦର୍ଶନୀର ଆୟୋଜନ ଏବଂ ବିଭିନ୍ନ ଜନଜାତିଙ୍କ ବେଶ ପୋଷାକ ପରିଧାନ କରିବା ଖୁବ ଆକର୍ଷଣୀୟ ହୋଇଥିଲା।

# ୬ ମାସ ହେଲାଣି ଏଟିଏମ୍ ବନ୍ଦ

**କୋରାପୁଟ,୧୯।୨ (ସଂଚାର ବ୍ୟୁରୋ):** ଦଶମନ୍ତପୁର ବ୍ଲକର ୧୬ଟି ପଞ୍ଚାୟତରେ ଅଚ ଳ ହୋଇପଡ଼ିଛି ଏସ୍‌ବିଆଇ ଏଟିଏମ୍ । ୬ ମାସରୁ ଅଧିକ ସମୟ ହେଲାଣି ଏହା ଖରାପ ହୋଇପଡ଼ିଥିବା ବେଳେ ଏଯାଏଁ ଏହାକୁ ସଚଳ କରାଯାଇନି। କି ନୂଆ ଏଟିଏମ୍ ବସିଯାଇନି । ଫଳରେ ଟଙ୍କା ଉଠାଇବାକୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ପୂର୍ବରୁ ଏଠି ଷ୍ଟେଟ୍ ବ୍ୟାଙ୍କର ଏଟିଏମ୍ ଥିଲା । ଏବେ କୁଆଡ଼େ ଗାଏବ ହୋଇଯାଇଛି। ଫଳକ ବି ନାହିଁ। ସଟର୍‌ରେ ଝୁଲୁଛି ତାଲା । ଇଂରାଜୀରେ ସୁନ୍ଦର ଭାବେ ଲେଖା ହୋଇଛି, ଅସ୍ଥାୟୀ ଭାବେ ଏଟିଏମ୍ ବନ୍ଦ ଅଛି, ଅନ୍ୟ ଏଟିଏମ୍ ବ୍ୟବହାର କରନ୍ତୁ । କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର ୧୬ଟି ପଞ୍ଚାୟତର ଲୋକ ଗୋଟିଏ ଏସ୍‌ବିଆଇ ଏଟିଏମ୍ ଉପରେ ନିର୍ଭର କରୁଥିଲେ। ଯାହା ୬ ମାସରୁ ଅଧିକ ସମୟ ହେଲାଣି ବନ୍ଦ ପଡ଼ିଛି। ଫଳରେ ବ୍ୟାଙ୍କରେ ପ୍ରବଳ ଭିଡ଼ ଲାଗୁଛି। ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନରେ ଛିଡ଼ା ହେବାକୁ ପଡୁଛି। ବାଧ ହୋଇ କୋରାପୁଟ, କାକରିଗୁମ୍ମା, ଟିକିରି ଆଦି ଅଞ୍ଚଳକୁ ଯାଇ ଟଙ୍କା ଉଠାଉଛନ୍ତି ଲୋକ । ଦଶମନ୍ତପୁରରେ ସବୁ ସ୍ଥାନରେ ନେଟ୍‌ୱର୍କ ଆସୁନଥିବାରୁ ଅଧିକାଂଶ ଲୋକ ଡିଜିଟାଲ ସିଷ୍ଟମ ବ୍ୟବହାର କରନ୍ତି ନାହିଁ। ଅତି ଜରୁରୀ ସମୟରେ ନଗଦ ଟଙ୍କା ପାଇଁ କିଓସ୍କ ସେଣ୍ଟରକୁ ଯିବାକୁ ପଡ଼ୁଛି। ଆଉ ନିରୀହ ଆଦିବାସୀଙ୍କୁ ଭୁଆଁ ବୁଲାଉଛନ୍ତି ସେଣ୍ଟର ଅଧିକାରୀ। ହଜାରକୁ ଶହେ ଟଙ୍କା ଚାର୍ଜ ଦେଇ ଲୋକ ପଇସା ଉଠାଉଛନ୍ତି। ଏଟିଏମ୍‌କୁ ସଚଳ କରିବା ନେଇ ଅନେକ ଥର ବ୍ରାଞ୍ଚ ମ୍ୟାନେଜରଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନି । ଏସ୍‌ବିଆଇ କେନ୍ଦ୍ରୀୟ ବ୍ୟବସାୟ କାର୍ଯ୍ୟାଳୟ ଜୟପୁରର କ୍ଷେତ୍ରୀୟ ପରିଚାଳକ କହିଛନ୍ତି, କେଉଁଠି ଏଟିଏମ୍ ଖରାପ ହୋଇଛି, କେଉଁ ଅଞ୍ଚଳରେ ବସିବ ତାହାର ଦାୟିତ୍ୱ ଏଜେନ୍ସିକୁ ଦିଆଯାଇଛି। କିନ୍ତୁ ଲାଭ ମିଳୁନଥିବାରୁ ଏଜେନ୍ସି ରକ୍ଷଣାବେକ୍ଷଣ କରୁନାହିଁ। ତୁରନ୍ତ ଏହାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ।



## ପୁଲିସ ଜନସମ୍ପର୍କ ଶିବିରକୁ ସାଇକେଲରେ ଗଲେ ଏସପି



**ନବରଙ୍ଗପୁର/ଉମରକୋଟ,୧୯।୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ ଥିବା ତୋହରାର ତାଲପାଣି ଠାରେ ନବରଙ୍ଗପୁର ପୋଲିସ ଦ୍ୱାରା ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲପାଣିକୁ ଯିବା ପାଇଁ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ସନ୍ଦୀପ ସମ୍ପତ ମାଡ଼କର ଆସିଥିଲେ ନିଜ ଗାଡ଼ିରେ। କିନ୍ତୁ ଗାଁକୁ ରାସ୍ତା ନଥିବା ଦେଖି ଗାଡ଼ିରୁ ଓହ୍ଲାଇ ସାଇକେଲରେ ଗାଁକୁ ଯାଇଥିଲେ। ଏହି ଶିବିରରେ ଏସପିଙ୍କ ସହ ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ଶବର, ଉମରକୋଟ ଥାନା ଅଧିକାରୀ ବିପିନ କୁମାର ବାଗ, ଝରୀଗାଁ ଥାନା ଅଧିକାରୀ ରଚିତା ମାଡକାମୀ, ଏସଆଇ ଅକ୍ଷୟ ମିଶ୍ରଙ୍କ ସହ ଅନ୍ୟ ମାନେ ଯୋଗ ଦେଇଥିଲେ।

# ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୯।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଦିନିଆ ଜିଲ୍ଲା ସ୍ତରୀୟ ଗ୍ରୀଷ୍ମ ପ୍ରବାହ ପରିଚାଳନା ଉପରେ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ। ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଆଗାମୀ ଗ୍ରୀଷ୍ମ ଦିନରେ ତାଙ୍କର ଦାୟିତ୍ୱ କଣ ଏବଂ ସେମାନେ କେମିତି ପ୍ରସ୍ତୁତ ଅଛନ୍ତି ତାହାର ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ଉପସ୍ଥିତ ଥିଲେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ବୀରମହାରାଜପୁର ସୁରେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ରହି ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଜିଲ୍ଲାର ସମସ୍ତ ସମ୍ବନ୍ଧୀୟ ଅଧିକାରୀ ମାନେ ମଧ ଏଥିରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ରାଜେଶ କୁମାର ସାହୁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଗତ ଅକ୍ଟୋବର ମାସରେ ହୋଇଥିବା ବିପର୍ଯ୍ୟୟ ମୁକାବିଲା ଏବଂ ସେଥିପାଇଁ ପ୍ରସ୍ତୁତି ବିଷୟ ବସ୍ତୁ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତାରେ କୃତ ହୋଇଥିବା ମୋଟ ୯ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଡ଼. ସାହୁ କହିଥିଲେ ଯେ ଜିଲ୍ଲାର ସମସ୍ତ ବିଭାଗ ସମନ୍ୱୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା କରିବା ଉଚିତ। ସମସ୍ତେ ନିଜ ନିଜର ଦାୟିତ୍ୱ ନିର୍ବାହ କଲେ ଆମେ ଜିଲ୍ଲାରେ ଅନେକ ଲୋକଙ୍କୁ ସୁରକ୍ଷା ଦେଇପାରିବା ଓ ଅଂଶୁଘାତ ସଂଖ୍ୟା ହ୍ରାସ କରିପାରିବା। ଆଗାମୀ ଦିନରେ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ବିଦ୍ୟାଳୟରେ ପାଠପଢ଼ାର ସମୟରେ ପରିବର୍ତ୍ତନ କରାଯିବ। ସମସ୍ତ ସମ୍ବନ୍ଧିତ ବିଭାଗ ସବୁ ପ୍ରକାରର ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବା ପାଇଁ ଜିଲ୍ଲାପାଳ କହିଛନ୍ତି।

## ରାଜ୍ୟ ବିଜେଡ଼ି ସଭାପତିଙ୍କୁ ଧନ୍ୟବାଦ ହେଲେ କୃତଜ୍ଞତା, ପୂର୍ବତନ ବିଧାୟକ



**ନୀଳଗିରି,୧୯।୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ଓ ଏନଏସି ରେ ବିଜେଡି ସଭାପତିଙ୍କ ନାମ ଘୋଷଣା ହୋଇଛି। ଏହି କ୍ରମରେ ନୀଳଗିରିରେ ଯୁବ କର୍ମୀଙ୍କ ଉପରେ ସୁପ୍ରିମୋ ନବୀନ ପଟ୍ଟନାୟକ ଗୁରୁ ଦାଇତ୍ୱ ଦେଇଛନ୍ତି। ନୀଳଗିରି ବ୍ଲକ ସଭାପତି ଭାବେ ରାଜୀବ ଦାସବାବୁ ଓ ନଗର ସଭାପତି ଭାବେ ଅଚ୍ୟୁତ ଚରଣ ପ୍ରଧାନ ଓ ଔପଦା ବ୍ଲକ ପାଇଂ ଉଦୟ. କୁମାର ସ ଙ୍କ ନାମ ଘୋଷଣା କରିଛନ୍ତି। ଏନେଇ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ନୀଳଗିରି ବିଜେଡି କାର୍ଯ୍ୟାଳୟ ରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଔପଦା ବ୍ଲକ ର ବରିଷ୍ଠ ନେତା କେଶବ ମୁଦୁଲିଙ୍କ ବାସଭବନ ରେ କାର୍ଯ୍ୟକର୍ତ୍ତା ଙ୍କ ଉପସ୍ଥିତ ରେ ସମ୍ବର୍ଦ୍ଧିତ କରା ଯାଇଥିଲା। ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ସିଆଡ଼ିମାଳ ଗ୍ରା:ପ ସରପଞ୍ଚ ସୁରଥ ସିଂ, ଉପେନ୍ଦ୍ର ନାୟକ, ରମା ସିଂ, ଭଗବାନ ସେଠୀ, ଗଙ୍ଗା ସିଂ, ସୁନୀଲ ପ୍ରଧାନ, ଚକ୍ରଧର ବେହେରା, ସଦାଶିବ ପଣ୍ଡା, ତପନ ଗାଆଣ, ବସନ୍ତ ବେଜ, ଜଗବନ୍ଧୁ ପୁଥାଳ, ଅଧିକାରୀ ପରିଡା, ଉପେନ୍ଦ୍ର ସ୍ୱାଇଁ, ଉଦୟ. ପରିଡା, ବାସୁଦେବ ବିଶ୍ୱାଳ, ଯୁବନେତା ନିଲୁ ବିଶ୍ୱାଳ ପ୍ରମୁଖ ରାଜୀବ ଓ ଅଚ୍ୟୁତ, ଉଦୟ ଙ୍କୁ ପୁଷ୍ପଗୁଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

## ନୀଳକଣ୍ଠେଶ୍ୱରଙ୍କ ପୀଠରେ ୨୪ ପ୍ରହର ସମାପନ

**ବାଲିପାଟଣା,୧୯।୨(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ସରାଟ ମୌଜାର ଆରାଧ୍ୟ ଦେବତା ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ପୀଠରେ ୨୪ ପ୍ରହର ନାମ ସଂକୀର୍ତ୍ତନ ସମାପନ ହୋଇଛି। ରବିବାର ପବିତ୍ର ଶିବରାତ୍ରି ଓ ଜାଗର ଅମାବାସ୍ୟା ଅବସରରେ ଏକଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ୨୪ ପ୍ରହର ଲାଗି କଳସ ସ୍ଥାପନ ଓ ଶୁଭାଧିବାସ ହୋଇଥିଲା। ସୋମବାର, ମଙ୍ଗଳବାର, ବୁଧବାର ୩ ଦିନ ' ହରେ କୃଷ୍ଣ ହରେ ରାମ ' ଅଖଣ୍ଡ ମହାମନ୍ତ୍ର ଜପରେ ପୀଠ କମ୍ପି ଉଠିଥିଲା। ବାଗଲପୁର ସଂକୀର୍ତ୍ତନ ମଣ୍ଡଳୀ ଅଧିବାସ ଓ ନଗର କୀର୍ତ୍ତନ ନାମ ତୁଲାଇ ଥିଲେ। ଖୋର୍ଦ୍ଧା ନିରାକାରପୁର ସୀତାରାମ ରାମ ମଣ୍ଡଳୀ, କାଶୀପୁର ରଘୁନାଥ କୀର୍ତ୍ତନ ମଣ୍ଡଳୀ, ବୋଲଗଡ଼ ମାନକୁମାରୀ ମଣ୍ଡଳୀ, ବୋଲଗଡ଼ ଏକ ଡାଲିଆ ମଣ୍ଡଳୀ, ମଦୁରା ବାବା



ଲକ୍ଷ୍ମୀ ନୃସିଂହ, ଛେନୁଅ ବାବା ବେଲେଶ୍ୱର, ଦହିଜଙ୍ଗ, ରେସିଙ୍ଗା, ବେରୁଆଁ ଶାସନ ବାସୁଦେବ ସଂକୀର୍ତ୍ତନ ମଣ୍ଡଳୀ, ଚିଲିକା ଶ୍ରୀ ଚୈତନ୍ୟ ମହିଳା ମଣ୍ଡଳୀ, ଗଡ଼ିସା ଗଦା ଲକ୍ଷ୍ମୀ ନୃସିଂହ କୀର୍ତ୍ତନ ମଣ୍ଡଳୀ, କାସିଆ ଶାସନ, ବଳଙ୍ଗା ଭଗବତ ବାସୁଦେବ ମଣ୍ଡଳୀ, ସୀତାରାମ ମଣ୍ଡଳୀ, ବଳଙ୍ଗା ଗଡ଼ବକ୍ତପୁର, ତୋଟା ପଲ୍ଲା ମା ମଙ୍ଗଳା, ରଣପୁର ଆମ୍ବ ଝର ନିମାପଡା, କୋଣାର୍କ ବେରବୋଇ, ବିଲସାହି, କେତକୀ ପାଟଣା, ପଦ୍ମପୁର ବାଇଶି ବାଟି ପ୍ରଭୃତି ପ୍ରାୟ ୩୦ ଉର୍ଦ୍ଧ୍ୱ ମଣ୍ଡଳୀ ନାମ କୀର୍ତ୍ତନ ରେ ଯୋଗ ଦେଇଥିଲେ। ଗୁରୁବାର ନଗର ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

# ୮ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଲେ ୧୩୨୫ ଉପସ୍ଥିତ

### ଅନୁପସ୍ଥିତ ଥିଲେ ୩୯ ଜଣ ପରୀକ୍ଷାର୍ଥୀ



**ଲାଞ୍ଜିଗଡ଼,୧୯।୨(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକର ୮ ଗୋଟି ପରୀକ୍ଷା କେନ୍ଦ୍ରରେ ଗୁରୁବାର ମାଟ୍ରିକ ପରୀକ୍ଷା ଦେଲେ ୧୩୬୪ ଜଣ ଛାତ୍ର ଛାତ୍ରୀ।କପି ରୋକିବାକୁ ନୂଆ ଫର୍ମୁଲା ସ୍ୱରୂପ ଦେଢ଼ଘଣ୍ଟା ପୂର୍ବରୁ ପରୀକ୍ଷା ହଲକୁ ଯାଇଥିଲେ ପରୀକ୍ଷାର୍ଥୀ।ଅର୍ଥାତ ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ସାଢ଼େ ୭ଟାରେ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ହଲକୁ ଛଡାଯାଇଥିଲା। ଲାଞ୍ଜିଗଡ଼ ବ୍ଲକର ୮ ଗୋଟି ପରୀକ୍ଷା କେନ୍ଦ୍ର ମଧ୍ୟରେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଲାଞ୍ଜିଗଡ଼, ପୋଖରିବନ୍ଧ ଓ ଲାଞ୍ଜିଗଡ଼ରୋଡ ଉଚ୍ଚ ବିଦ୍ୟାଳୟର ୧୮୩ ଜଣ ଛାତ୍ରଛାତ୍ରୀ, ଲାଞ୍ଜିଗଡ଼ ଉଚ୍ଚ ବିଦ୍ୟାଳୟରେ ୧୬୭ ଜଣ ଛାତ୍ରଛାତ୍ରୀ, ଲାଞ୍ଜିଗଡ଼ ଏସଏସଡି ଉଚ୍ଚ ବିଦ୍ୟାଳୟରେ ୨୬୪ ଜଣ ଛାତ୍ର ଛାତ୍ରୀ, ଲାଞ୍ଜିଗଡ଼ରୋଡ ଉଚ୍ଚ ବିଦ୍ୟାଳୟରେ ୧୪୪ ଜଣ ଛାତ୍ର ଛାତ୍ରୀ, ବେନଗାଁ ଉଚ୍ଚ ବିଦ୍ୟାଳୟରେ ୧୧୬ ଜଣ ଛାତ୍ରଛାତ୍ରୀ, ମୃଷାନାଳ ଉଚ୍ଚ ବିଦ୍ୟାଳୟରେ ୧୧୫ ଜଣ ଛାତ୍ରଛାତ୍ରୀ, ମଧୁପୁର ଉଚ୍ଚ ବିଦ୍ୟାଳୟରେ ୧୯୨ ଜଣ ଛାତ୍ରଛାତ୍ରୀ ଏବଂ ଯୋଡ଼ାବନ୍ଧ ଉଚ୍ଚ ବିଦ୍ୟାଳୟରେ ୧୮୩ ଜଣ ଛାତ୍ରଛାତ୍ରୀ ସମେତ ମୋଟ ୧୩୬୪ ଜଣ ପରୀକ୍ଷାର୍ଥୀଙ୍କ କେନ୍ଦ୍ର ଚୟନ ହୋଇଥିଲା। ଶୁକ୍ରବାର ପ୍ରଥମ ଦିନରେ ଓଡ଼ିଆ ପରୀକ୍ଷା ଥିବାବେଳେ ୧୩୬୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୨୫ ଜଣ ପରୀକ୍ଷା ଦେଇଥିବା ବେଳେ କୌଣସି କାରଣରୁ ୩୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଲାଞ୍ଜିଗଡ଼ ବ୍ଲକର ୮ ଗୋଟି ପରୀକ୍ଷା କେନ୍ଦ୍ରର ନୋଡାଲ ସେଣ୍ଟର ଭାବେ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ କରାଯାଇଥିବା ବେଳେ ନୋଡାଲ ଅଫିସର ଭାବେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର, ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର ଏବଂ ଶିକ୍ଷା ବିଭାଗ ବିଇଓ ରୁଷିଆ ମେହେର ଦାୟିତ୍ୱରେ ଥିବା ବେଳେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ୨୪ ଘଣ୍ଟିଆ ପୋଲିସ ପହରା ଦେଉଥିବା ଲାଞ୍ଜିଗଡ଼ ଶିକ୍ଷା ବିଭାଗ ବିଇଓ ରୁଷିଆ ମେହେରଙ୍କ ଠାରୁ ସୂଚନା ମିଳିଛି।

# ଠିକାଦାରଙ୍କୁ ହତ୍ୟା ଉଦ୍ୟମ, ଯୁବକ ଗିରଫ

### ଦୁଇ ଦେଶୀ ପିସ୍ତଲ ସହ ଗୁଳି ଜବତ



**କଳାହାଣ୍ଡି,୧୯।୨(ସଂଚାର ବ୍ୟୁରୋ):** ଭବାନୀପାଟଣା ସହରରେ ମଙ୍ଗଳବାର ରାତିରେ ଏକ ସପିଂମଲ୍‌ର ଘରୋଇ ଠିକାକାମକୁ କେନ୍ଦ୍ର କରି ଜଣେ ଠିକାଦାରଙ୍କ ଉପରକୁ ଗୁଳିମାଡ଼ ହୋଇଛି। ହେଲେ ସୌଭାଗ୍ୟବଶତଃ ଠିକାଦାର ବଞ୍ଚିଯାଇଛନ୍ତି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଅର୍କବାହାଲିପଡ଼ାର ଯଶୋବନ୍ତ ନାଏକକୁ ଗିରଫ କରିଛି। ଅନ୍ୟ ଦୁଇ ଯୁବକଙ୍କୁ ଅଟକ ରଖିଛି। ଅଭିଯୁକ୍ତ ନିକଟରୁ ୨ ଟି ଦେଶୀ ପିସ୍ତଲ, ମାଗାଜିନ, ୪ଟି ଗୁଳି, ସ୍କୁଟର ଏବଂ ମୋବାଇଲ ଫୋନ୍ ଜବତ କରାଯାଇଛି। ଏସ୍‌ପି ନାଗରାଜ ଦେବରକୋଣ୍ଡା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ, ଗତ ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ସ୍ଥାନୀୟ ମନ୍ଦାର ବଗିଚାପଡ଼ାର ପ୍ରଦୀପ ନିଆଲ ଏକ ମଲ୍ ନିର୍ମାଣ ପାଇଁ ମାଟି ଖୋଳିବା କାମର ଟେଣ୍ଡର ନେଇ ସ୍ଥାନୀୟ ସହରର ଦୟାନିଧି ଛକ ନିକଟରେ କାମ କରାଉଥିଲେ।ଏହି ସମୟରେ ଯଶୋବନ୍ତ ସେଠାରେ ପହଞ୍ଚି ପ୍ରଦୀପଙ୍କୁ ଧମକ ଦେଇଥିଲେ। ବିନାନୁମତିରେ କେହି କାମ କରିପାରିବେ ନାହିଁ ବୋଲି କହି ଦାଦାବଟି ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଅଭିଯୁକ୍ତ ପ୍ରଦୀପଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଗୁଳିକରିବାକୁ ଉଦ୍ୟମ କରିଥିବା ବେଳେ ସେଠାରେ ଉପସ୍ଥିତ ଅନ୍ୟ ଜଣେ ପ୍ରତ୍ୟକ୍ଷଦର୍ଶୀ ଅଭିଯୁକ୍ତର ହାତକୁ ଉପରକୁ ଠେଲି ଦେଇଥିଲେ। ଫଳରେ ବଡ଼ ଅଘଟଣ ଟଳି ଯାଇଥିଲା। ଏନେଇ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଅଭିଯୁକ୍ତଠାରୁ ଦୁଇଟି ଦେଶୀ ପିସ୍ତଲ ଜବତ ହେବା ଜିଲ୍ଲାରେ ବେଆଇନ ପିସ୍ତଲ କାରବାର ଚାଲିଥିବା ସଙ୍କେତ ମିଳିଛି। ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଯଶୋବନ୍ତ ନିକଟରୁ ଜବତ ପିସ୍ତଲ ଓ ଗୁଳିର ଚେର ବିହାର ପର୍ଯ୍ୟନ୍ତ ଲମ୍ବିଛି। ଅପରାଧୀ ଦାଦାବଟି ଆଦାୟ, ଟେଣ୍ଡର ଫିକ୍ସିଂ ଏବଂ ହତ୍ୟା ଉଦ୍ୟମ ଭଳି ଅପରାଧରେ ଏହାକୁ ବ୍ୟବହାର କରୁଛନ୍ତି।

## ଅଷ୍ଟମ ବାଟାଲିୟନର ମୁହାଣ ସଫେଇ କାର୍ଯ୍ୟକ୍ରମ



**ଛତ୍ରପୁର,୧୯।୧୨(ସଂଚାର ବ୍ୟୁରୋ):** ବିରଳ ଅଲିଭ୍ ରିଡ୍ଲେ କଇଁଛମାନଙ୍କର ସାମୁହିକ ଅଣ୍ଡାଦାନ ପର୍ବର ସମୟ ପାଖେଇ ଆସୁଥିବାରୁ ସେମାନଙ୍କର ମନପସନ୍ଦର ଅସ୍ଥାୟୀ ଅଣ୍ଡାଦାନ କ୍ଷେତ୍ର ଋଷିକୁଲ୍ୟା ରିଭର ମାଉଥ ନିକଟବର୍ତ୍ତୀ ପୋଡ଼ାମପେଟା ସମୁଦ୍ରତଟ ଅଞ୍ଚଳରେ ଏକ ସ୍ୱେଚ୍ଛାକୃତ ସଫେଇ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ସଫେଇ ଅଭିଯାନ ଛତ୍ରପୁର ଅଷ୍ଟମ ବାଟାଲିୟନ ର ପୋଲିସ କର୍ମଚାରୀମାନେ ଓ ଟାଟା ଷ୍ଟିଲ ଙ୍କ ମିଳିତ ଆନୁକୂଲ୍ୟରେ ସଫଳତାର ସହ ସମ୍ପାଦିତ ହୋଇଥିଲା। ଅଷ୍ଟମ ବାଟାଲିୟନର କମାଣ୍ଡାଣ୍ଟ ଶ୍ରୀ ଶାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ଡେପୁଟୀ କମାଣ୍ଡାଣ୍ଟ ଯଶୋବନ୍ତ ସେଠୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପବିତ୍ର ମୋହନ ମୁଣ୍ଡା, ହାବିଲଦାର ସିପାହୀ ଶାଖା ସଂଘର ସଭାପତି ଯଶୋବନ୍ତ ସ୍ୱାଇଁଙ୍କ ସହିତ ପ୍ରାୟ ୧୨୦ ଜଣ ପୋଲିସ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍‌ର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀମତୀ ରାଜେଶ୍ୱରୀ ଗୌଡ଼ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ। ସେହିପରି ଋଷିକୁଲ୍ୟା ସମୁଦ୍ର କଇଁଛ ସୁରକ୍ଷା ସମିତି ର ସମ୍ପାଦକ ରବୀନ୍ଦ୍ର ସାହୁ ମଧ ଯୋଗଦେଇ କଇଁଛମାନଙ୍କ ସୁରକ୍ଷା ଓ ସଚେତନତା ବିଷୟରେ ମତ ପ୍ରକାଶ କରିଥିଲେ। ଏହି ଅଭିଯାନ ମାଧମରେ ସମୁଦ୍ରତଟରୁ ପ୍ଲାଷ୍ଟିକ, ପଲିଥିନ ଓ ଅନ୍ୟାନ୍ୟ ଅବଶିଷ୍ଟ ପଦାର୍ଥ ସଫା କରାଯାଇ କଇଁଛମାନଙ୍କ ପାଇଁ ଏକ ସୁରକ୍ଷିତ ଓ ପରିଚ୍ଛନ୍ନ ଅଣ୍ଡାଦାନ ପରିବେଶ ସୃଷ୍ଟି।

# ରେଞ୍ଜରଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଓ ବିଭାଗୀୟ ତଦନ୍ତ ଦାବି



**ନୀଳଗିରି,୧୮।୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଅବସ୍ଥାପିତ କୁଲଡିହା ହାତୀ ଆଭୟାରଣ୍ୟ ଭାରପ୍ରାପ୍ତ ରେଞ୍ଜର ତଥା ଏ.ସି.ଏଫ୍ ସୁବ୍ରତ ବେହେରାଙ୍କ ବିରୋଦ୍ଧରେ ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ ଓ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ନୀଳଗିରି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଦାବି କରିବା ସହିତ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ଜଙ୍ଗଲ ପରିବେଶ ମାନ୍ୟବର ମନ୍ତ୍ରୀ ଗଣେଶ ଲାଲ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ, ବାଲେଶ୍ୱର ସାଂସଦ, ନୀଳଗିରି ବିଧାୟକ, ମାନ୍ୟବର ଜଙ୍ଗଲ ବିଭାଗର ପ୍ରମୁଖ ସଚିବ, ପିସିସିଏଫ, ଆରସିସିଏଫ, ବାଲେଶ୍ୱର ଜିଲ୍ଲାପାଳ ଙ୍କୁ ଚିଠି ଲେଖିଥିବା ଜଣା ପଡ଼ିଛି। ବାଲେଶ୍ୱର ଜିଲ୍ଲା ଅଧୀନ ନୀଳଗିରି ସବ୍-ଭିଜନ୍ ଯାହାକି ଏକ ଗଡ଼ଜାତ ଅଞ୍ଚଳ ଅଟେ। ଏହି ଗଡ଼ଜାତ ଅଞ୍ଚଳରେ କୁଲଡିହା ହାତୀ ସେଞ୍ଚୁରୀ ବାଲେଶ୍ୱର ଜିଲ୍ଲା କାହିଁକି ସମଗ୍ର ଓଡ଼ିଶାର ଏକ ପ୍ରସିଦ୍ଧ ହାତୀ ସେଞ୍ଚୁରୀ ଅଟେ। ଏଠାରେ ଭାରପ୍ରାପ୍ତ ରେଞ୍ଜର ତଥା.ସି.ଏଫ୍. ସୁବ୍ରତ ବେହେରା ନୀଳଗିରି ସ୍ଥିତ ତାଙ୍କ ଅଫିସ୍‌ରେ ବହୁ ସମୟରେ ନରହି ଭୁବନେଶ୍ୱରରେ ମିଟିଂ ଅଛି କହି ନିଜ ଘରକୁ ପଳାଇ ଯାଉଛନ୍ତି। କୁଲଡ଼ିହା ବନାଞ୍ଚଳକୁ ଅଧିକାଂଶ ସମୟରେ ଯାଆନ୍ତି ନାହିଁ। କୁଲଡିହା ଜଙ୍ଗଲ ମଧ୍ୟରେ ଥିବା ବାଲେଶ୍ୱର ଜିଲ୍ଲାର ଏକମାତ୍ର ଜଙ୍ଗଲ ଭିତିକ ଇକୋ-ଟୁରିଜିମ୍ ସେଣ୍ଟର ରକ୍ଷଣାବେକ୍ଷଣର ବ୍ୟବସ୍ଥା ନକରି ଏହାକୁ ରିପ୍ୟାରିଂ ଆଳ ଦେଖାଇ ଦାୟିତ୍ୱ ତୁଟାଇବା ଆଳରେ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଏଠାକୁ ବହୁ ଟୁରିଷ୍ଟ ଆସୁଥିଲେ। ଏହାକୁ ବନ୍ଦ କରିବା ହେତୁ ନୀଳଗିରି ବାସୀଙ୍କର ବହୁକ୍ଷତି ହେଉଥିବା ବେଳେ ଏହା ଦ୍ୱାରା ନୀଳଗିରି ଗଡ଼ଜାତର ସ୍ୱାଭିମାନ ଉପରେ ଆଞ୍ଚଆସୁଛି। ସେ ଏଠାରେ ହାତୀ ଶିକାରୀ ଓ ଜଙ୍ଗଲ ଜୀବଜନ୍ତୁ ଓ ପକ୍ଷୀ ଶିକାରୀମାନଙ୍କ ସହିତ ହାତ ରଖି ଅନେକ ଆଦିବାସୀ ଓ ନିରିହ ବ୍ୟକ୍ତିଙ୍କ ଉପରେ ଅତ୍ୟାଚାର କରୁଅଛନ୍ତି, ଯେଉଁଥିପାଇଁ ଖୁବ୍ ନିକଟରେ ଆଦିବାସୀମାନେ ମିଳିତ ପ୍ରତିବାଦ କରିବାକୁ ଯାଉଛନ୍ତି। କୁଲଡିହା ଜଙ୍ଗଲରେ ସେ ଆସିବା ଠାରୁ କିଛି ଉନ୍ନୟନ ମୂଳକ କାର୍ଯ୍ୟ ହେଉନାହିଁ। ହରିଣ ମାନଙ୍କ ପାଇଁ ଘାସଚାଷ ହେଉନି। ରାସ୍ତା ମରାମତି ହେଉନି। ପୋଖରୀ ତଡ଼ା ରାସ୍ତାରେ ମୋରମ ବିଛା ହେଉନାହିଁ। ସେ ବାବଦରେ ଏଆଇ କେମେରା ଖଞ୍ଜିବାରେ ସରକାର ଦେଉଥିବା ସମସ୍ତ ଟଙ୍କାର ସିଂହଭାଗ ଜାଲ ଭାଉଚର କରି ଅର୍ଥକୁ ଆତ୍ମସାତ୍ କରୁଛନ୍ତି। ଏବେ ବାଲେଶ୍ୱର ଆସିଥିବା ନୂତନ ଡି.ଏଫ୍.ଓ.ଙ୍କ ଉଦ୍ୟମରେ ସି.ସି. କ୍ୟାମେରା ସାହାଯ୍ୟରେ ଏଠାରେ କେତେକ ଜଙ୍ଗଲ ଶିକାରୀମାନଙ୍କୁ ଧରାଯାଇଛି। ଏହା ପୁଣି ଏହି ରେଞ୍ଜର ଅନ୍ୟ ଅଧସ୍ତନ କର୍ମଚାରୀ ଏବଂ ଅନ୍ୟ ରେଞ୍ଜର ଅଫିସରଙ୍କ ସହାୟତାରେ ଡି.ଏଫ୍.ଓ.ଙ୍କ ଉଦ୍ୟମରେ ହେଉଛି।